# ଧରିତ୍ରୀ DHARITRI

ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୨୩/୨୦୨୨ (୧୬ ପୃଷ୍ଠା) | Sambalpur, Friday, December 23/2022 | Page 16 ₹ 7.00 | ★★

୧୯ଶ ଭାଗ ୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 19 ISSUE 8 | ମୂଲ୍ୟ ₹୭/-




**ବେଷ୍ଟ ଅଭିନେତା ଅଭିଷେକ୍**

ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନଙ୍କୁ ଶ୍ରେଷ୍ଠ ଅଭିନେତା ବର୍ଗରେ ଫିଲ୍ମ ଫେୟାର ଓଟିଟି ଆୱାର୍ଡସ୍‌ରେ ସମ୍ମାନିତ କରାଯାଇଛି।

୧୪

୧୬

**ବାର ବର୍ଷ ପରେ ଉନାଡ୍‌କଟ୍**

ବାର ବର୍ଷ ପରେ ଭାରତୀୟ ଟେଷ୍ଟ କ୍ରିକେଟ ଦଳକୁ ଫେରିଛନ୍ତି ପେସ୍ ବୋଲର ଜୟଦେବ ଉନାଡ୍‌କଟ୍।



# ଓ୍ୱାର୍ଡର ପରୀକ୍ଷାରେ ପ୍ରବଳ ବିଶୃଙ୍ଖଳା

## ଚାକିରି ସରକାରୀ, ଦେବେ ଘରୋଇ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ରାଜ୍ୟର ୪୦୩ ଜେଲ ଓ୍ୱାର୍ଡର ପଦବୀ ଲାଗି ଗୁରୁବାରଠାରୁ ପରୀକ୍ଷା ଆରମ୍ଭ ହୋଇଛି। ଏହି ପରୀକ୍ଷା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ହେଲେ ପରୀକ୍ଷା ଆରମ୍ଭ ଦିନରୁ ହିଁ ବିଭ୍ରାଟ ଦେଖାଦେଇଛି। ପରୀକ୍ଷାର୍ଥୀଙ୍କୁ ସକାଳ ୮ଟା ସମୟରେ ରିପୋର୍ଟିଂ କରିବାକୁ ସମୟ ଦିଆଯାଇଥିଲା। ସେମାନେ ୯ଟାରୁ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ଦେଇଥାଆନ୍ତେ ବୋଲି ତାଙ୍କୁ ମିଳିଥିବା ଆଡ୍‌ମିଟ୍ କାର୍ଡରେ ଉଲ୍ଲେଖ ଥିଲା। ହେଲେ ପରୀକ୍ଷା କେନ୍ଦ୍ରରେ ୨୦୦ ଜଣ ପିଲା ପରୀକ୍ଷା ଦେବାକୁ ଥିବା ବେଳେ ସେଠାରେ ମୋଟ ୧୦୦ଟି କମ୍ପ୍ୟୁଟର ରହିଥିଲା। ଫଳରେ ବାକି ପିଲାମାନେ ପରୀକ୍ଷା ଦେଇପାରି ନ ଥିଲେ। ଏହାକୁ ନେଇ ପିଲାଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଥିଲା। ଏଭଳି ସ୍ଥିତିରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ମଧ୍ୟ ସ୍ୱାଭାବିକ। ଯଦି ପରୀକ୍ଷା ପାଇଁ ଡକାଯାଇଥିବା ପିଲାଙ୍କ ଲାଗି ଆବଶ୍ୟକ ଅନୁଯାୟୀ କମ୍ପ୍ୟୁଟର ନ ଥିଲା ତେବେ ସେମାନଙ୍କୁ କାହିଁକି ଗୋଟିଏ ସମୟରେ ଡକାଯାଇଥିଲା ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଏହି ପରୀକ୍ଷାକୁ ପରିଚାଳନା କରିବା ଲାଗି ଟେଣ୍ଡର ପାଇଥିବା ସିଲିକନ ଟେକ୍ ଲାବ୍ ଲିମିଟେଡ କମ୍ପାନୀର ଭୂମିକା ମଧ୍ୟ ବର୍ତ୍ତମାନ ସନ୍ଦେହ ଘେରକୁ ଆସିଛି। କାରଣ ସିଲିକନ ଟେକ୍ ଲାବ୍ ଲିମିଟେଡ୍ କମ୍ପାନୀ ଜରିଆରେ ପ୍ରିଜନ ରିକ୍ରୁଟମେଣ୍ଟ ବୋର୍ଡ ଓ୍ୱାର୍ଡର ପରୀକ୍ଷା ରାଜ୍ୟରେ କରାଉଛି। ଆଶ୍ଚର୍ଯ୍ୟର କଥା ଏହିକି ଯେ, ଏହି କମ୍ପାନୀ ପରୀକ୍ଷା ପତ୍ର ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ର କେଉଁଠାରେ ହେବ ଏବଂ ପିଲାଙ୍କୁ ଆଡମିଟ୍ କାର୍ଡ ଦେବା ପର୍ଯ୍ୟନ୍ତ ସବୁକିଛି କରାଉଛି। ତେଣୁ ଜେଲ ଓ୍ୱାର୍ଡର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀର ପରୀକ୍ଷା ପାଇଁ ଯଦି ପରୀକ୍ଷା କେନ୍ଦ୍ରରେ ପିଲାଙ୍କୁ ଯେତେବେଳେ ସମୟ ଦିଆଯାଇଛି ସେଥିରେ ତ୍ରୁଟି ରହେ, ତେବେ ଏହାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। କାରଣ ହାଣ୍ଡିରୁ ଗୋଟିଏ ଭାତ ଚିପିଲା ଭଳି ଉକ୍ତ କମ୍ପାନୀର ପ୍ରାରମ୍ଭିକ କାର୍ଯ୍ୟ ଦେଖିଲେ ସବୁକିଛି ବୁଝାପଡୁଛି। ଅନ୍ୟପଟେ ଏହି କମ୍ପାନୀ ଜାଲ୍ ଦସ୍ତାବିଜ ଦେଇ ଟେଣ୍ଡର ହାତେଇଥିବା ଅନ୍ୟ ଏକ ଘରୋଇ କମ୍ପାନୀ ପୂର୍ବରୁ ଅଭିଯୋଗ କରିଥିଲା। ଏନେଇ ଧରିତ୍ରୀ ପକ୍ଷରୁ ମଧ୍ୟ ଗତ ନଭେମ୍ବର ୧୧ ତାରିଖରେ 'ଚାକିରି ସରକାରୀ, ଦେବେ ଘରୋଇ' ଶୀର୍ଷକ ଖବର ପ୍ରକାଶ ପାଇଥିଲା।

ଅନ୍ୟପଟେ ରାଜ୍ୟର ଅନେକ ପରୀକ୍ଷାକେନ୍ଦ୍ରରେ ସମସ୍ୟା ସୃଷ୍ଟି ହୋଇଛି। ହେଲେ ରାଜଧାନୀର ଏକ ଘରୋଇ କଲେଜରେ ଅତ୍ୟନ୍ତ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରୀକ୍ଷା ଦେବାକୁ ଆସିଥିବା କେତେଜଣ ପିଲା ଗୁରୁତର ଅଭିଯୋଗ କରି କହିଛନ୍ତି ଯେ, ଯେଉଁ ଶିକ୍ଷାନୁଷ୍ଠାନଠାରେ ସରକାରୀ ପଦବୀ ଲାଗି ପରୀକ୍ଷା କରାଯାଏ ସେଠାକୁ ଉକ୍ତ କଲେଜରେ ପଢୁଥିବା ପିଲାଙ୍କୁ ସେହି ସମୟରେ ଯିବାକୁ ଅନୁମତି ମିଳି ନ ଥାଏ। ଯେଉଁମାନେ ପରୀକ୍ଷା ପରିଚାଳନା ଲାଗି ଥିଲେ ସେମାନେ ଅତ୍ୟନ୍ତ ଖରାପ ବ୍ୟବହାର ଦେଖାଇଥିଲେ। ବୋଧହୁଏ ସେମାନେ ଅଭିଜ୍ଞତା ନ ଥିବା ବେସରକାରୀ ଅଧ୍ୟାପକ, ଯେଉଁମାନେ ☞ପୃଷ୍ଠା-୪

# ଆସିଲା କୋଭିଡ୍

## ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ



- ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବାକୁ ପରାମର୍ଶ
- କୋଭିଡ୍ ପରୀକ୍ଷା ବଢ଼ାଇବା ସହ ପ୍ରିକଶନ ଡୋଜ୍ ଲାଗି ପ୍ରୋତ୍ସାହିତ କରିବାକୁ ନିର୍ଦ୍ଦେଶ
- ଅନ୍ତର୍ଜାତୀୟ ବିମାନଯାତ୍ରୀଙ୍କ କୋଭିଡ୍ ପରୀକ୍ଷା ହେବ

ନୂଆଦିଲ୍ଲୀ,୨୨।୧୨

ଚାଇନା ସମେତ ବିଶ୍ୱର ବିଭିନ୍ନ ଭାଗରେ କୋଭିଡ୍ ମହାମାରୀ ପୁଣିଥରେ ଲେଉଟିଛି। କୋଭିଡ୍ ମହାମାରୀ ଚାଇନାରେ ଭୟଙ୍କର ରୂପ ଧାରଣ କରିଛି। ସେଠାର ହସ୍ପିଟାଲଗୁଡ଼ିକରେ ରୋଗୀ ଭର୍ତ୍ତି ହୋଇଥିବା ବେଳେ ଶବ ରଖିବା ଲାଗି ହସ୍ପିଟାଲ ଶବାଗାର ଏବଂ କ୍ରିମେଟୋରିୟମରେ ଜାଗା ନାହିଁ। ବିଭିନ୍ନ ଦେଶରେ ସଂକ୍ରମଣ ବଢୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦେଶର କୋଭିଡ୍ ସ୍ଥିତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ଦେଶରେ କୋଭିଡ୍ ସ୍ଥିତିରେ ଆତ୍ମସନ୍ତୋଷ ନ ହୋଇ ସର୍ଭିଲାନ୍ସ ବ୍ୟବସ୍ଥା ବିଶେଷ କରି ଅନ୍ତର୍ଜାତୀୟ ବିମାନବନ୍ଦରଗୁଡ଼ିକରେ କଟକଣା ଜୋର୍‌ଦାର କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ପ୍ରସ୍ତୁତି, ଲଜିଷ୍ଟିକ୍ସ, ଟିକାକରଣ ଅଭିଯାନର ସ୍ଥିତି ଏବଂ ନୂଆ କୋଭିଡ୍ ଭାରିଆଣ୍ଟ ଓ ଜନସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ମୋଦି ସମୀକ୍ଷା କରିଥିଲେ। ପ୍ରତ୍ୟେକ ଗହଳି ସ୍ଥାନରେ ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ପରସ୍ପରଠାରୁ ସାମାଜିକ ଦୂରତା ବଜାୟ ରଖିବା ଆଦି କୋଭିଡ୍ ନିୟମାବଳୀ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ବିଶେଷ କରି ଆଗକୁ ବଡ଼ଦିନ ଏବଂ ନୂଆବର୍ଷ ଆସୁଥିବାରୁ ଅଧିକ ସତର୍କ ରହିବାକୁ କୁହାଯାଇଛି। ସେହିପରି ବହୁବିଧ ରୋଗ ଥିବା ଏବଂ ବରିଷ୍ଠ ନାଗରିକଙ୍କୁ କୋଭିଡ୍ ଟିକାର ପ୍ରିକଶନ ଡୋଜ୍ ନେବା ଲାଗି ପ୍ରୋତ୍ସାହିତ କରିବା, କୋଭିଡ୍ ପରୀକ୍ଷା ଏବଂ ଜିନୋମ୍ ସିକ୍ୱେନ୍ସିଂକୁ ପ୍ରଧାନମନ୍ତ୍ରୀ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟଗୁଡ଼ିକୁ ଆଇଏନ୍‌ଏସ୍‌ଏସିଓଜି ଜିନୋମ ସିକ୍ୱେନ୍ସିଂ ଲାବରେଟୋରିକୁ ଅଧିକରୁ ଅଧିକ ନମୁନା ପଠାଇବାକୁ ପରାମର୍ଶ ଦିଆଯାଇଛି।

ଯଦି କୋଭିଡ୍‌ର ନୂଆ ଭାରିଆଣ୍ଟ ଭାରତରେ ସଂକ୍ରମିତ ହେଉଥାଏ ତେବେ ଶୀଘ୍ର ଚିହ୍ନଟ ଦ୍ୱାରା ଏହାକୁ ରୋକାଯାଇପାରିବ। ଏଥିପାଇଁ ଆବଶ୍ୟକ ଜନସ୍ୱାସ୍ଥ୍ୟ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ସତର୍କ କରାଇଦେଇ କହିଛନ୍ତି, କୋଭିଡ୍ ଏପର୍ଯ୍ୟନ୍ତ ଯାଇନାହିଁ। ତେଣୁ ଆମକୁ ସ୍ଥିତି ଉପରେ କଡ଼ା ନଜର ରଖିବାକୁ ହେବ। ☞ପୃଷ୍ଠା-୪

# ଭୟଭୀତ ନ ହେବାକୁ ପରାମର୍ଶ

### ନୂଆ ଭାରିଆଣ୍ଟ

- ଆଜି ଲୋକସେବା ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ
- ଆସିପାରେ ନୂଆ ଗାଇଡ୍‌ଲାଇନ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

କିଛି ମାସ ବିରାମ ପରେ ପୁଣି କୋଭିଡ୍-୧୯ ସଂକ୍ରମଣ ଭୟ ଘାରିଲାଣି। ଓମିକ୍ରନର ସବ୍‌ଭାରିଆଣ୍ଟ ବିଏଫ୍.୭ ଯୋଗୁ ଚାଇନାରେ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଓଡ଼ିଶାରେ ମଧ୍ୟ ଏହି ଭୂତାଣୁ ସଂକ୍ରମିତ ଚିହ୍ନଟ ହେଲେଣି। ଆଗାମୀ ଦିନରେ ଯେପରି ଏହି ଭୂତାଣୁ ସଂକ୍ରମଣ ଅଧିକ ନ ବ୍ୟାପିବ ସେଥିଲାଗି ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ଏ ନେଇ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି। ସମ୍ଭାବ୍ୟ ସଂକ୍ରମଣକୁ ଦେଖି ଆଗୁଆ କି ପ୍ରକାର ପଦକ୍ଷେପ ନିଆଯିବ ସେ ନେଇ ବୈଠକରେ ନିଷ୍ପତ୍ତି ନିଆଯିବ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଆଞ୍ଚଳିକ ମେଡିକାଲ ଗବେଷଣା କେନ୍ଦ୍ର (ଆର୍‌ଏମ୍‌ଆର୍‌ସି) ଅଧିକାରୀ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ ସାଇନ୍ସ ଏବଂ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକର କର୍ତ୍ତୃପକ୍ଷମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମିଳିଥିବା ସୂଚନା ଅନୁଯାୟୀ ଅନ୍ୟ ଦେଶରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ପ୍ରସ୍ତୁତ ହେବ।

ରାଜ୍ୟ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ଯେ କୋଭିଡ୍‌ର ନୂଆ ଭାରିଆଣ୍ଟ କେବଳ ଚାଇନାରେ ବ୍ୟାପୁଛି। ଏହା ଅର୍ଥ ନୁହେଁ ଯେ ଭାରତରେ ବ୍ୟାପିବ ନାହିଁ। ଭାରତରେ ମଧ୍ୟ ଏହି ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି। ଏହାକୁ ନେଇ ଲୋକମାନେ ଆତଙ୍କିତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଜଣେ ବ୍ୟକ୍ତିଙ୍କଠାରେ ନୂଆ ଭାରିଆଣ୍ଟ ଠାବ କରାଯାଇଛି। ଗତ ସେପ୍ଟେମ୍ବର ୩୦ ତାରିଖରେ ସେହି ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ତେବେ ସେହି ସଂକ୍ରମିତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ନ ଥିଲା। ଏହି ଭାରିଆଣ୍ଟର ମୃତ୍ୟୁ ହାର କମ୍। ସଂକ୍ରମଣକୁ ଦୃଷ୍ଟିରେ ରଖାଯାଇ ସରକାରଙ୍କ ☞ପୃଷ୍ଠା-୪

# ନାଜାଲ ଟିକାକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୨।୧୨

ବିଶ୍ୱରେ କୋଭିଡ୍ ମହାମାରୀ ପୁଣିଥରେ ଭୟ ସୃଷ୍ଟି କରିଥିବାବେଳେ ନାଜାଲ ଭାକ୍ସିନ୍‌କୁ ଭାରତ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହା ଦେଶରେ କୋଭିଡ୍ ଟିକାକରଣ ଅଭିଯାନକୁ ଆଗେଇ ନେବାରେ ସହାୟକ ହେବ। ଇଞ୍ଜେକଶନରେ ଦିଆଯାଉଥିବା ଭାକ୍ସିନ ତୁଳନାରେ ନାଜାଲ ଟିକା ଭଲ ବୋଲି ବିବେଚନା କରାଯାଉଛି।

**ଆଜିର ସମ୍ପାଦକୀୟ**

**ଜୈବବିବିଧତାର ସ୍ୱଦେଶୀ ରକ୍ଷକ**









# 'ଶିଳ୍ପ ବିକାଶରେ ମା'ମାନେ ନୂଆ ଇତିହାସ ସୃଷ୍ଟି କରିବେ'

- ୧୮୦୬ କୋଟି ଟଙ୍କାର ୧୯୧ ପ୍ରକଳ୍ପ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ୫୬୦୦ ଏସ୍‌ଏଚ୍‌ଜିକୁ ୨୨୦ କୋଟି ଟଙ୍କାର ସହାୟତା ପ୍ରଦାନ
- 'ୱାନ ପଞ୍ଚାୟତ, ୱାନ ପ୍ରଡକ୍ଟ'ର ପ୍ରସାର ପାଇଁ ଆହ୍ୱାନ

ବାଲେଶ୍ୱର ଅଫିସ, ୨୨।୧୨



ମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କୁ ଜଉକଣ୍ଢେଇ ମୋମେଣ୍ଟୋ ପ୍ରଦାନ।

ଶିକ୍ଷା, ସାହିତ୍ୟ, ଶିଳ୍ପ, କୃଷି ସବୁ କ୍ଷେତ୍ରରେ ବାଲେଶ୍ୱର ଆଗୁଆ। ବାଲେଶ୍ୱରବାସୀଙ୍କ ପାଇଁ ୧୮ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଆରମ୍ଭ କରି ବହୁତ ଖୁସି ଅନୁଭବ କରୁଛି। ବାଲେଶ୍ୱର ଜିଲାର ମିଶନ ଶକ୍ତି ମା' ମାନଙ୍କ ପାଇଁ ଏକ ଆନନ୍ଦର ଦିନ। ଜିଲାର ୫ହଜାର ୬ଶହ ଏସ୍‌ଏଚ୍‌ଜିକୁ ୨୨୦କୋଟି ଟଙ୍କାର ସହାୟତା ବଣ୍ଟନ କରାଯାଇଛି। ବିନା ସୁଧରେ ୬୦ ହଜାର ମା' ମାନଙ୍କୁ ଏହି ସହାୟତା ମିଳିବ। ସେହିପରି ଆଗାମୀ ୫ବର୍ଷରେ ମା'ମାନଙ୍କୁ ୫୦ହଜାର କୋଟି ଟଙ୍କାର ଋଣ ଦିଆଯିବ। ମା'ମାନେ ଉଦ୍ୟୋଗୀ ହୁଅନ୍ତୁ। ମିଶନ ଶକ୍ତି ଆନ୍ଦୋଳନକୁ ଏକ ନୂଆ ସୋପାନକୁ ନେବା ପାଇଁ ଉଦ୍ୟମ କରନ୍ତୁ। 'ୱାନ ପଞ୍ଚାୟତ, ୱାନ ପ୍ରଡକ୍ଟ' ଉପରେ ଗୁରୁତ୍ୱାରୋପ କରି ପ୍ରତ୍ୟେକ ପଞ୍ଚାୟତ ଯଦି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଦ୍ରବ୍ୟ ଉତ୍ପାଦନ କରିପାରିବେ, ତେବେ ଏଥିପାଇଁ ବଜାର ସୃଷ୍ଟି ହେବାରେ ସୁବିଧା ହେବ। ଏହାସହ ପ୍ରତ୍ୟେକ ପଞ୍ଚାୟତର ଏକ ☞ପୃଷ୍ଠା-୪

# 'ଆମ ପାଇଁ କନ୍ୟା ଖୋଜିଦିଅ'

## ବ୍ୟାଚେଲରଙ୍କ ନିଆରା ପ୍ରତିବାଦ

ମୁମ୍ବାଇ, ୨୨।୧୨




ମହାରାଷ୍ଟ୍ରରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା କମିବାରେ ଲାଗିଛି। ଏହି କାରଣ ପାଇଁ ରାଜ୍ୟର ବହୁ ବିବାହଯୋଗ୍ୟ ଯୁବକ ବାହାହେବା ଲାଗି କନ୍ୟା ଖୋଜି ଖୋଜି ହତାଶ ହୋଇ ପଡ଼ିଛନ୍ତି। ତେବେ ଏ ପ୍ରକାର ସମସ୍ୟାକୁ ଦୂର କରିବା ପାଇଁ ସୋଲାପୁର ଜିଲାର 'ବ୍ରାଇଡ୍‌ଗ୍ରୁମ୍ ମୋର୍ଚ୍ଚା' ପକ୍ଷରୁ ନିଆରା ପ୍ରତିବାଦ ବୁଧବାର କରାଯାଇଛି। ଏକାଧିକ ବିବାହଯୋଗ୍ୟ ଯୁବକ ବର ବେଶରେ ଘୋଡ଼ାରେ ବସି ବ୍ୟାଣ୍ଡ, ବାଜା, ବରଯାତ୍ରୀ ନେଇ କଲେକ୍ଟରଙ୍କ ଅଫିସରେ ଦାବିପତ୍ର ଦେଇଛନ୍ତି। ମାର୍ଚ୍ଚରେ ସାମିଲ ହୋଇଥିବା ପ୍ରତ୍ୟେକ ବିବାହଯୋଗ୍ୟ ଯୁବକଙ୍କ ପାଇଁ ରାଜ୍ୟ ସରକାର କନ୍ୟା ଯୋଗାଡ଼ କରନ୍ତୁ ବୋଲି ସେମାନେ ନିଜ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ରାଜ୍ୟରେ ପ୍ରତି ୧୦୦୦ ପୁଅଙ୍କ ମଧ୍ୟରେ ୮୮୯ ଝିଅ ରହିଥିବା ଯୋଗୁ ଯୁବକମାନଙ୍କୁ ବାହାହେବା ଲାଗି କନ୍ୟା ମିଳୁ ନାହାନ୍ତି। ଏ ପ୍ରକାର ନିଆରା ମାର୍ଚ୍ଚ ଦେଖି ହୁଏତ ଲୋକଙ୍କ ମନରେ କୌତୂହଳ ଜାତ ହେଉଥିବ କିନ୍ତୁ ବେଳ ଥାଉ ଏହାର ନିରାକରଣ କରାଯିବା ଜରୁରୀ ବୋଲି ଜ୍ୟୋତି କ୍ରାନ୍ତି ପରିଷଦର ପ୍ରତିଷ୍ଠାତା ରମେଶ ବରସ୍କାର କହିଛନ୍ତି। ଅନ୍ୟପକ୍ଷେ କନ୍ୟା ଭ୍ରୂଣ ହତ୍ୟା ଯୋଗୁ ଏହି ସମସ୍ୟା ଏବେ ବଡ଼ ଗମ୍ଭୀର ରୂପ ନେଇଥିବା ସେ ପ୍ରକାଶ କରିଛନ୍ତି। ଦେଶରେ ଲିଙ୍ଗ ନିରୂପଣ ବିରୋଧରେ ଲାଗୁ ଆଇନକୁ ଆହୁରି କଠୋର କରିବା ପାଇଁ ମଧ୍ୟ ଏହି ମାର୍ଚ୍ଚରେ ସାମିଲ ହୋଇଥିବା ଯୁବକ ଦାବି କରିଛନ୍ତି।




# ହିଜାବ ପିନ୍ଧିବୁ ନାହିଁ



**କେ**ଉଁଠି ଅଧିକାର ପାଇଁ ବିଦ୍ରୋହ ତ ପୁଣି କେଉଁ ଦେଶରେ କଟକଣାକୁ ବିରୋଧ କରି ଶାଣିତ ହୋଇଛି ସାଧାରଣ ଜନତାଙ୍କ ସ୍ୱର। ବିଦାୟୀ ବର୍ଷ ୨୦୨୨ ସାରା ବିଶ୍ୱରେ ଦେଖିଛି ବିକ୍ଷୋଭ ଓ ଆନ୍ଦୋଳନ। ୟୁକ୍ରେନୀୟ ମହିଳାଙ୍କ ପ୍ରତି ରୁଷୀୟ ସୈନ୍ୟଙ୍କ ବର୍ବର ବ୍ୟବହାର ପ୍ରତିବାଦରେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜଣେ ମହିଳାଙ୍କ ଉଲଗ୍ନ ପ୍ରତିବାଦ ସମସ୍ତଙ୍କୁ ଚକିତ କରିଦେଇଥିବାବେଳେ ଇରାନରେ ୨୨ ବର୍ଷୀୟା କୁର୍ଦ୍ଦିଶ ଯୁବତୀ ମହସା ଅମିନିଙ୍କ ମୃତ୍ୟୁ ପରେ ମୁଣ୍ଡ ଟେକିଥିବା ଆନ୍ଦୋଳନ ଥମିନାହିଁ। ଋଣଭାରରେ ବୁଡିଥିବା ଶ୍ରୀଲଙ୍କାରେ ସରକାର ବିରୋଧୀ ଜନ ଆନ୍ଦୋଳନ ଏ ବର୍ଷର ଅନ୍ୟତମ ଚର୍ଚ୍ଚିତ ଘଟଣା ଥିଲା। ଚାଇନାରେ କରୋନା ମହାମାରୀ କାୟା ମେଲାଇ ଆତଙ୍କ ସୃଷ୍ଟି କରିଥିବାବେଳେ ଏହାର ମୁକାବିଲା ପାଇଁ ଜାରି କଠୋର ଲକ୍‌ଡାଉନ୍‌ରେ ଅତିଷ୍ଠ ଦେଶବାସୀ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ପ୍ରଥମ ଥର ପାଇଁ ମାଗିଛନ୍ତି ଇସ୍ତଫା।

## ଇରାନରେ ଅମିନି ବିପ୍ଲବ

**ସେ**ପ୍ଟେମ୍ବର ୧୩ରେ ୨୨ ବର୍ଷୀୟା କୁର୍ଦ୍ଦିଶ ବଂଶୋଦ୍ଭବ ମହସା ଅମିନି ଉଚିତ ଢଙ୍ଗରେ ହିଜାବ ପରିଧାନ କରି ନ ଥିବା ଦର୍ଶାଇ ମୋରାଲିଟି ପୋଲିସ ତାଙ୍କୁ ଗିରଫ କରିଥିଲା। ଏହାର ୩ ଦିନ ପରେ ପୋଲିସ ହାଜତରେ ତାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ବର୍ବରତାରେ ମହସାଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଥିଲା। ସେବେଠୁ ଏହାର ପ୍ରତିବାଦରେ ଯୁବପିଢ଼ି ହିଜାବ ବିରୋଧୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଯୁବତୀମାନେ ନିଜ ଚୁଟି କାଟି ହିଜାବକୁ ଜାଳିବାରେ ଲାଗିଥିଲେ। ସରକାର ବିରୋଧୀ ସ୍ଲୋଗାନରେ ରାଜଧାନୀ ତେହରାନ ପ୍ରକମ୍ପିତ ହୋଇଥିଲା। ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଆନ୍ଦୋଳନକାରୀମାନେ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ବିରୋଧରେ ନାରାବାଜି କରି ଦେଶରେ ଇସ୍‌ଲାମିକ୍ ସରକାର ଉଚ୍ଛେଦ ପାଇଁ ମଧ୍ୟ ଦାବି କରିଥିଲେ। ସାମାଜିକ ଗଣମାଧ୍ୟମରେ ଏସବୁ ବହୁଳ ପ୍ରସାରିତ ହେବା ପରେ ଆମେରିକା ସମେତ ବିଭିନ୍ନ ଦେଶରେ ଇରାନ ବିରୋଧୀ ମନୋଭାବ ବଢ଼ିଥିଲା। ରାଷ୍ଟ୍ରପତି ଇବ୍ରାହିମ୍ ରଇସି ଏହି ଆନ୍ଦୋଳନ ପଛରେ ୱାଶିଂଟନର ହାତ ଥିବା କହିଥିଲେ। ପୋଲିସ ବର୍ବରତାରେ ପ୍ରାୟ ୫୦୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଦୀର୍ଘ ଅଢ଼େଇ ମାସର ଆନ୍ଦୋଳନ ପରେ ସରକାର ମୁଣ୍ଡ ନୁଆଁଇ ଧର୍ମୀୟ ବ୍ୟାପାରରେ ହସ୍ତକ୍ଷେପ କରୁଥିବା ମୋରାଲିଟି ପୋଲିସକୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ନିଜ ଟାଣପଣ ଦେଖାଇବାକୁ ଯାଇ ରଇସି ସରକାର ୨ ଜଣ ବିକ୍ଷୋଭକାରୀଙ୍କୁ ଫାଶୀ ଦେଇଛନ୍ତି। ସର୍ବସମ୍ମୁଖରେ କ୍ରେନ୍‌ରେ ଝୁଲାଇ ଦିଆଯାଇଥିବା ମୃତ୍ୟୁଦଣ୍ଡର ଫଟୋ ଓ ଭିଡିଓ ଭାଇରାଲ ହୋଇଛି।



## ରାଷ୍ଟ୍ରପତି ଭବନରେ ବିକ୍ଷୋଭକାରୀ

### ଶ୍ରୀଲଙ୍କାରେ ଅରାଜକତା

**ଏ**କଦା ସ୍ୱର୍ଣ୍ଣର ଲଙ୍କା କୁହାଯାଉଥିବା ଶ୍ରୀଲଙ୍କାରେ ଜୁଲାଇ ୯ରେ ଅଭୂତପୂର୍ବ ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ତତ୍କାଳୀନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁ ଆର୍ଥିକ ସଙ୍କଟ ଉପୁଜିଥିଲା। ୨.୨ କୋଟି ଜନସଂଖ୍ୟା ବିଶିଷ୍ଟ ଏହି ଦ୍ୱୀପରାଷ୍ଟ୍ର ୪ ଲକ୍ଷ କୋଟି ଟଙ୍କାର ବିଦେଶୀ ଋଣବୋଝରେ ନଇଁ ପଡ଼ିଥିବାବେଳେ ମୁଦ୍ରାସ୍ଫୀତି ସର୍ବକାଳୀନ ରେକର୍ଡ ଭାଙ୍ଗି ୫୪.୬%ରେ ପହଞ୍ଚିଥିଲା। ଇନ୍ଧନ ପାଇଁ ଅନେକ ହଜାର ଲୋକ ଧାଡ଼ିରେ ଛିଡ଼ା ହୋଇ ଅପେକ୍ଷା କରିଥିଲେ ସେମାନଙ୍କ ପାଳି କେତେବେଳେ ଆସିବ। ଖାଦ୍ୟ, ଔଷଧ, ବିଦ୍ୟୁତ୍ ଓ ତୈଳ ସଙ୍କଟ ଉଗ୍ରରୂପ ଧାରଣ କରିବାରୁ ଲୋକେ ଜାତୀୟ ପତାକା ଧରି ରାସ୍ତାକୁ ଓହ୍ଲାଇଥିଲେ। ଗୋଟାବାୟାଙ୍କ ଇସ୍ତଫା ଦାବିରେ ଅଡ଼ିବସିଥିବା ବିକ୍ଷୋଭକାରୀମାନେ ରାଷ୍ଟ୍ରପତି ଭବନକୁ ଦଖଲ କରିଥିଲେ। ସେମାନେ ରାଷ୍ଟ୍ରପତି ଭବନକୁ କବ୍‌ଜା କରିବା ପୂର୍ବରୁ ଗୋଟାବାୟା ଦେଶଛାଡ଼ି ପଳାୟନ କରିଥିଲେ। କେବଳ ରାଜଧାନୀ କଲମ୍ବୋରେ ନୁହେଁ, ବିକ୍ଷୋଭକାରୀମାନେ ଗଲେ, କାଣ୍ଡି ଓ ମଟାରା ଭଳି ପ୍ରାଦେଶିକ ସହରରେ ମଧ୍ୟ ରେଳ ଅଧିକାରୀମାନଙ୍କୁ ଟାର୍ଗେଟ କରିଥିଲେ। ଶେଷରେ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କୁ ରାଷ୍ଟ୍ରପତି କରାଯାଇଥିଲା। ସେ ଏକାଧିକ ଥର ଜରୁରିକାଳୀନ ପରିସ୍ଥିତି ଜାରି କରିଥିଲେ।

## ଇରାକ ପାର୍ଲାମେଣ୍ଟରେ ଭଙ୍ଗାରୁଜା



**ରା**ଜନୈତିକ ଅସ୍ଥିରତା ଦେଇ ଗତି କରୁଥିବା ଇରାକରେ ଜୁଲାଇ ୨୭ରୁ ମାସାଧିକ କାଳ ଧରି ଦେଖିବାକୁ ମିଳିଥିଲା ବଡ଼ ଧରଣର ଆନ୍ଦୋଳନ। ଇରାନ ସମର୍ଥିତ ପୂର୍ବ ପ୍ରାଦେଶିକ ଗଭର୍ନର ମହମ୍ମଦ ଶିଆ ଅଲ୍ ସୁଦାନୀଙ୍କୁ ପ୍ରଧାନମନ୍ତ୍ରୀ କରାଯିବ ବୋଲି ପ୍ରଘଟ ହେବା ପରେ ଏହି ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଶିୟା ଧର୍ମଗୁରୁ ମୋକ୍‌ତାଦା ଅଲ୍-ସଦରଙ୍କ ସମର୍ଥକମାନେ ବାଗ୍‌ଦାଦ୍‌ର ଗ୍ରୀନ୍ ଜୋନ୍‌ରେ ଥିବା କାଉନ୍‌ସିଲ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ବିଲ୍ଡିଂକୁ ଧସେଇ ପଶି ପାର୍ଲାମେଣ୍ଟ ଭଙ୍ଗ ଏବଂ ସାନି ନିର୍ବାଚନ ଦାବି କରିଥିଲେ। ସେମାନେ ମୋକ୍‌ତାଦାଙ୍କ ଫଟୋ ଓ ଇରାକର ଜାତୀୟ ପତାକା ଧରି ବିକ୍ଷୋଭ କରିଥିଲେ। ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ସୁରକ୍ଷା ବଳ ଲୁହବୁହା ବାଷ୍ପ ଓ ୱାଟର କ୍ୟାନନ୍ ପ୍ରୟୋଗ କରିଥିଲା। କିନ୍ତୁ ମୋକ୍‌ତାଦାଙ୍କ ସମର୍ଥକ ଏହାକୁ ଭ୍ରୁକ୍ଷେପ ନ କରି ପାର୍ଲାମେଣ୍ଟରେ ଭଙ୍ଗାରୁଜା କରିଥିଲେ। ଏପରି କି ରାଷ୍ଟ୍ରପତି ଭବନର ସୁଇମିଂ ପୁଲ୍‌ରେ ଅନେକ ବିକ୍ଷୋଭକାରୀ ପହଁରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ପୋଲିସ ଗୁଳିରେ ୨୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଶେଷରେ ମୋକ୍‌ତାଦା ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଥିଲେ।

## ଆମ ଦେହ, ଆମ ଅଧିକାର

### ଗର୍ଭପାତର ବୈଧତା ଦାବିକଲେ ଆମେରିକୀୟ ମହିଳା







**ଜେ**ନ୍ ରୋ ନାମରେ ପରିଚିତ ଆମେରିକୀୟ ମହିଳା ମେକ୍‌କୋର୍ଭି ୧୯୬୯ରେ ନିଜ ତୃତୀୟ ଶିଶୁକୁ ଗର୍ଭରେ ଧାରଣ କରିଥିଲେ। ରୋ ଗର୍ଭପାତ କରାଇବାକୁ ଚାହୁଁଥିଲେ। କିନ୍ତୁ ସେ ଟେକ୍ସାସ୍‌ରେ ରହୁଥିବାରୁ ଅସୁବିଧା ହୋଇଥିଲା। କାରଣ ଟେକ୍ସାସ୍‌ରେ କେବଳ ମା'ଙ୍କ ଜୀବନ ରକ୍ଷା ପାଇଁ ଜରୁରୀ ହେଲେ ଏହାକୁ ଆଇନତଃ ସ୍ୱୀକୃତି ମିଳୁଥିଲା। ରୋ'ଙ୍କ ଓକିଲମାନେ ଫେଡେରାଲ କୋର୍ଟରେ ତାଙ୍କ ସ୍ୱାମୀ ହେନେରି ୱେଡ୍‌ଙ୍କ ବିରୋଧରେ ପିଟିଶନ ଦାଖଲ କରିଥିଲେ। ପରେ ଟେକ୍ସାସ୍ କୋର୍ଟ ଏହି ମାମଲାକୁ ସୁପ୍ରିମକୋର୍ଟକୁ ଶୁଣାଣି ପାଇଁ ସ୍ଥାନାନ୍ତର କରିଥିଲେ। ସୁପ୍ରିମକୋର୍ଟ ରୋ'ଙ୍କ ସପକ୍ଷରେ ରାୟ ଦେଇଥିଲେ। ଏଥିପାଇଁ ୧୯୭୩ରେ ଆମେରିକୀୟ ସମ୍ବିଧାନର ଚତୁର୍ଦ୍ଦଶ ସଂଶୋଧନର ସହାୟତା ନିଆଯାଇଥିଲା, ଯାହାକି ଜଣେ ଗର୍ଭବତୀ ମହିଳାଙ୍କୁ ଗର୍ଭଧାରଣ/ଗର୍ଭପାତର ସ୍ୱାଧୀନତା ଦେଇଥାଏ। ଗତ ଜୁନ୍ ୨୩ରେ ସର୍ବୋଚ୍ଚ ଅଦାଲତ ଏହି ଅର୍ଦ୍ଧଶତାବ୍ଦୀ ପୁରୁଣା 'ରୋ ବନାମ ୱେଡ୍' ମାମଲାର ରାୟକୁ ଖାରଜ କରିଦେଇଥିଲେ। ଏଥିସହ ଗର୍ଭପାତ କରାଇବା ମହିଳାଙ୍କ ଆଇନଗତ ଅଧିକାର ରହିବ କି ନାହିଁ ସେନେଇ ରାଜ୍ୟଗୁଡ଼ିକ ନିଜସ୍ୱ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିପାରିବେ ବୋଲି କହିଥିଲେ। ଏଥିଯୋଗୁ ପ୍ରାୟ ୩.୬ କୋଟି ମହିଳା ଗର୍ଭପାତ ସୁବିଧାରୁ ବଞ୍ଚିତ ହେବା ନେଇ ସ୍ୱାସ୍ଥ୍ୟ ସମ୍ପର୍କିତ ସଂସ୍ଥା ପ୍ଲାନ୍‌ଡ ପେରେଣ୍ଟହୁଡ୍ ଆଶଙ୍କା କରିଥିଲା। ଏହି ରାୟ ବିରୋଧରେ ମହିଳାମାନେ ରାସ୍ତାକୁ ଓହ୍ଲାଇଥିବାବେଳେ ଜୁଲାଇ ୧୦ରେ ରାଷ୍ଟ୍ରପତି ଜୋ ବାଇଡେନ୍ ଗର୍ଭପାତ ଅଧିକାରକୁ ସୁନିଶ୍ଚିତ କରୁଥିବା ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଥିଲେ।



## ଆମକୁ ବଳାତ୍କାର କରନାହିଁ

### ରୁଷୀୟ ସୈନ୍ୟଙ୍କ ବିରୋଧରେ କାନ୍ସରେ ଉଲଗ୍ନ ପ୍ରତିବାଦ

**ୟୁ**କ୍ରେନ୍ ଉପରେ ଆକ୍ରମଣ ଜାରି ରଖିଥିବା ରୁଷୀୟ ସୈନ୍ୟଙ୍କ ବର୍ବରତା ସୀମା ଲଂଘିଥିବାବେଳେ ମେ' ୨୦ରେ ଫ୍ରାନ୍ସରେ ଆୟୋଜିତ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଏହାର ଅଭିନବ ପ୍ରତିବାଦ ଦେଖିବାକୁ ମିଳିଥିଲା। ଚଳଚ୍ଚିତ୍ର ଉତ୍ସବରେ ଜର୍ଜ ମିଲରଙ୍କ 'ଥ୍ରି ଥାଉଜାଣ୍ଡ ଇୟର୍ସ ଅଫ୍ ଲଙ୍ଗିଂ'ର ୱାର୍ଲ୍ଡ ପ୍ରିମିୟର ଚାଲିଥିଲା। ଏହି ସମୟରେ ୟୁକ୍ରେନ୍ ମହିଳାଙ୍କୁ ରୁଷୀୟ ସୈନ୍ୟଙ୍କ ବଳାତ୍କାରକୁ ବିରୋଧ କରି ଜଣେ ମହିଳା ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ରେଡ୍ କାର୍ପେଟରେ ପ୍ରତିବାଦ ଜଣାଇଥିଲେ। ସେ ନିଜ ଦେହରେ ୟୁକ୍ରେନ୍‌ର ଜାତୀୟ ପତାକା ଆଙ୍କି 'ଷ୍ଟପ୍ ରେପିଂ ଅସ୍' (ଆମକୁ ବଳାତ୍କାର ବନ୍ଦ କର) ବୋଲି ଲେଖିଥିଲେ। ଦେହରେ ଲାଲ୍ ରଙ୍ଗର ଛିଟା ଲଗାଇ ଚିତ୍କାର କରିବା ସହ ଫଟୋଗ୍ରାଫରଙ୍କ ଆଗରେ ପୋଜ୍ ଦେଇଥିଲେ। ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀମାନେ ତାଙ୍କୁ କାବୁ କରିଥିଲେ। ମହିଳା, ଯୁବତୀ ଏପରି କି ଛୋଟ ପିଲାଙ୍କୁ ମଧ୍ୟ ରୁଷିଆ ସୈନ୍ୟ ବଳାତ୍କାର କରୁଥିବା କହି ୩ ଦିନ ପୂର୍ବରୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଉଦ୍‌ଘାଟନୀ ସମାରୋହରେ ସହାୟତା ମାଗିଥିଲେ।

## ଜିନ୍‌ପିଙ୍ଗ୍‌ଙ୍କ ଇସ୍ତଫା ମାଗିଲା ଚାଇନା

### କୋଭିଡ୍ କଟକଣାକୁ ବିରୋଧ

**କ**ରୋନା ମହାମାରୀର କେନ୍ଦ୍ରସ୍ଥଳ କୁହାଯାଉଥିବା ଚାଇନାରେ ସଂକ୍ରମଣ ପୁଣି ବଢ଼ିବାରେ ଲାଗିଥିବାବେଳେ କମ୍ୟୁନିଷ୍ଟ ସରକାର ଜିରୋ-କୋଭିଡ୍ ନୀତିକୁ କଡ଼ାକଡ଼ି କରିଥିଲେ। ୬ ମାସର ବ୍ୟବଧାନ ପରେ ପ୍ରଥମ ଥର ପାଇଁ ଜଣେ ୮୬ ବର୍ଷୀୟ ସଂକ୍ରମିତଙ୍କ ମୃତ୍ୟୁ ଘଟିବାରୁ ସରକାର ଦେଶବ୍ୟାପୀ ଏପରି କଟକଣା ଜାରି କରିଥିଲେ। ମାସ ମାସ ଧରି କଠୋର ଲକ୍‌ଡାଉନ୍‌ରେ ଅତିଷ୍ଠ ଚାଇନାବାସୀ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଇସ୍ତଫା ଦାବି କରିଥିଲେ। ବେଜିଂ ଓ ସାଂଘାଇ ସମେତ ଦେଶର ବିଭିନ୍ନ ସହରରେ ୟୁନିଭର୍ସିଟି ଛାତ୍ରୀଛାତ୍ର ରାସ୍ତାକୁ ଓହ୍ଲାଇଥିଲେ। ବିକ୍ଷୋଭ ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ସେମାନେ ସାଦା କାଗଜ ଧରିଥିଲେ। ୧୯୮୯ ତିଆନ୍‌ମେନ୍ ସ୍କୋୟାର ବିକ୍ଷୋଭ ପରେ ୩୩ ବର୍ଷ ଭିତରେ ଏଭଳି ଆନ୍ଦୋଳନ ଦେଖିବାକୁ ମିଳି ନ ଥିଲା। ଜନ ଆନ୍ଦୋଳନ ଉଗ୍ରରୂପ ଧାରଣ କରିବାରୁ ଜିନ୍‌ପିଙ୍ଗ୍ ସରକାର କଟକଣା କୋହଳ କରିବାକୁ ବାଧ୍ୟ ହୋଇଥିଲେ।



## କପ୍ ୨୭କୁ ଗ୍ରେଟାଙ୍କ ବର୍ଜନ

**ଜା**ତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ୨୭ତମ ସମ୍ମିଳନୀ ଇଜିପ୍ଟର ରେଡ୍ ସି ରିସର୍ଟ ଟାଉନ୍ ଶାର୍ମ ଏଲ୍-ଶେଖ୍‌ରେ ନଭେମ୍ବର ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। କପ୍-୨୭ରେ ପ୍ରାୟ ୨୦୦ ଦେଶର ପ୍ରତିନିଧି ଯୋଗଦେଇଥିଲେ। କିନ୍ତୁ ସୁଇଡେନ୍‌ର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ ଏହାକୁ ବର୍ଜନ କରିଥିଲେ। କ୍ଷମତାରେ ଥିବା ଲୋକେ ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟର ସମାଧାନକୁ ପ୍ରାଥମିକତା ଦେଉ ନ ଥିବାରୁ ସେ ଏଥିରେ ଯୋଗଦେଇ ନ ଥିବା କହିଥିଲେ। ଫ୍ରାଇଡେଜ୍ ଫର୍ ଫ୍ୟୁଚର ପ୍ରତିଷ୍ଠାତା ୧୯ ବର୍ଷୀୟା ଗ୍ରେଟାଙ୍କ ମତରେ କପ୍-୨୭ରେ ସାମିଲ ପ୍ରତିନିଧିମାନଙ୍କ ପାଇଁ ଏହି ସମ୍ମିଳନୀ କେବଳ ଦୃଷ୍ଟି ଆକର୍ଷଣର ସୁଯୋଗ। କ୍ଷମତାସୀନ ଲୋକେ ବାସ୍ତବରେ ଜଳବାୟୁ ସଙ୍କଟକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଇଜିପ୍ଟ ସମେତ ବିଭିନ୍ନ ଦେଶରେ 'କ୍ଲାଇମେଟ୍ ଜଷ୍ଟିସ୍' ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



MARUTI SUZUKI
NEXA
TOUGH, STYLISH, SPORTY.
AND NOW 2,00,000 CUSTOMERS STRONG.
Ignis, a perfect city car, sets a new milestone.
Join the community of the Tough.
CREATE. INSPIRE.
IGNIS
2 LACS MILESTONE
IGNIS
COMPACT URBAN SUV
17.78 cm Smartplay Studio (Available from Zeta variant onwards)
High Ground Clearance and SUV-LIKE Stance
AUTO GEAR SHIFT
Auto Gear Shift
Spacious and Comfortable Interiors
1.2L VVT Petrol Engine
NEXA Safety Shield
Standard Across All Variants
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
COMPLIANT WITH -
FULL FRONTAL IMPACT
FRONTAL OFFSET IMPACT
SIDE IMPACT
Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only.
Scan the QR code for more details about the Ignis.
VISIT YOUR NEAREST NEXA DEALERSHIP OR LOG ON TO www.nexaexperience.com TO AVAIL EXCITING OFFERS.
Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
SAMBALPUR: NEXA SAMBALPUR HIGHWAY (ODYSSEY MOTORS PVT. LTD. PH: 7008987669, 8599039994).
*Finance scheme details mentioned above are at the sole discretion of financier and terms and conditions as specified by the financier shall apply. For more details, please contact your nearest NEXA dealership. Offers vary across variants. Maruti Suzuki India Limited reserves the right to discontinue offers without notice. For details on functioning of safety features, kindly refer to the Owner's Manual.
Scan to know more.
SMART FINANCE
AN ONLINE END-TO-END CAR FINANCE SOLUTION
Multiple financiers
Digital Document Upload
Live Loan status
Complete transparency (associated fees & charges)

## ସର୍ଭର ବିଭ୍ରାଟ ନେଇ ଜେଲ ୱାର୍ଡର ପରୀକ୍ଷା ବାତିଲ୍, ଉତ୍ତେଜନା

ନୀଳଗିରି, (ସ୍ୱ.ପ୍ର.): ଓଡ଼ିଶା ପ୍ରିଜନ୍ ରିକ୍ରୁଟମେଣ୍ଟ ବୋର୍ଡ ଦ୍ୱାରା ଜେଲ ୱାର୍ଡର ପରୀକ୍ଷା ଗୁରୁବାର ନୀଳଗିରିସ୍ଥିତ ଆର୍‌କେସିଏଟି ପରିସରରେ ଅନୁଷ୍ଠିତ ହେବାର ଥିଲା। ସର୍ଭର ବିଭ୍ରାଟକୁ ନେଇ ଶେଷରେ ପରୀକ୍ଷା ବାତିଲ୍ ହୋଇଥିଲା। ଫଳରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଗଣ୍ଡଗୋଳ ପରିସ୍ଥିତି ଉପୁଜିଥିଲା। କର୍ତ୍ତୃପକ୍ଷ ଆସନ୍ତା ୨୮ ତାରିଖରେ ପୁନଃ ପରୀକ୍ଷା ହେବା ନେଇ ପ୍ରତିଶ୍ରୁତି ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ୨ଟି ସିଟିଂରେ ପରୀକ୍ଷା ହେବାର ଥିଲା। ପ୍ରାୟ ୨୩୦ପିଲା ପ୍ରଥମ ସିଟିଂ ପରୀକ୍ଷା ଦେବାକୁ ହଲ୍‌କୁ ପଶିଥିଲେ। ମାତ୍ର ସର୍ଭରରେ ବିଭ୍ରାଟ ଦେଖଦେବାରୁ ପରୀକ୍ଷା ଠିକ୍ ସମୟରେ ହୋଇ ପାରି ନ ଥିଲା। ପ୍ରଥମ ସିଟିଂ ପିଲା ଗଣ୍ଡଗୋଳ କରିବାରୁ ଦ୍ୱିତୀୟ ସିଟିଂ ପିଲାମାନେ ମଧ୍ୟ ପରୀକ୍ଷା ଦେଇ ପାରି ନ ଥିଲେ। ପରେ ଉଭୟ ପରୀକ୍ଷାକୁ ବାତିଲ୍ କରି ଆସନ୍ତା ୨୮ ତାରିଖ ପରୀକ୍ଷା ହେବାକୁ କର୍ତ୍ତୃପକ୍ଷ ପିଲାମାନଙ୍କୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଙ୍କଡ଼ ହାତରେ ଶାଳଗ୍ରାମ
ନଚାଇ ନଚାଇ ନେଲା ପ୍ରାଣ।**

ଅଯୋଗ୍ୟ ବ୍ୟକ୍ତି କୌଣସି କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇ ପାରି ନଥାନ୍ତି। ଗୁରୁଦାୟିତ୍ୱ ବହନ କରିବାରେ ଅକ୍ଷମତା ପ୍ରକାଶ କରିଥାନ୍ତି। ଅପାତ୍ରରେ ଦାନ ଦେଲା ଭଳି ଅଯୋଗ୍ୟ ତଥା ଅପାରଗ ବ୍ୟକ୍ତିଙ୍କ ହାତରେ କ୍ଷମତା ଦିଆଗଲେ ହୀନସ୍ତା ଭୋଗିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମେଘ ଚଇତିମତା କଲା
ଗଉଡ଼ ଗାଈ ଦୁହିଁ ଦୁହିଁ ମଲା।**

ଚୈତ୍ର ମାସରେ ବର୍ଷା ହେଲେ ବିଲ ପଡ଼ିଆରେ ବହୁତ ଘାସ ହୁଏ। ଗାଈକୁ ଘାସ ଅଭାବ ହୁଏ ନାହିଁ, ଫଳସ୍ୱରୂପ ଗାଈ ବହୁତ କ୍ଷୀର ଦିଏ। ଏପରିସ୍ଥଳେ ଗଉଡ଼କୁ ଅଧିକ ସମୟ ପର୍ଯ୍ୟନ୍ତ ଗାଈ ଦୁହିଁବାକୁ ପଡିଥାଏ ଓ ସେ ସବୁବେଳେ ଗାଈ କାମରେ ବ୍ୟସ୍ତ ରହୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସମନ୍ତଙ୍କ ଜାମିନ ଆବେଦନ ଖାରଜ

**ସମ୍ବଲପୁର, ୨୨।୧୨ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଡିସେମ୍ବର ୧୨ ତାରିଖ ଆନ୍ଦୋଳନ ସମୟରେ କୋର୍ଟ ପରିସରରେ ଭଙ୍ଗାରୁଜା ଓ ବିଚାରପତିମାନଙ୍କୁ ବାହାର କରିଦେବା ଭଳି ଘଟଣା ଘଟିଥିଲା। ଏହି ଘଟଣାରେ ପୋଲିସ ମୋଟ ୩୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗୁରୁବାର ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସମସ୍ତ ଅଭିଯୁକ୍ତମାନଙ୍କ ଜାମିନ ଆବେଦନର ଶୁଣାଣି ହୋଇଥିଲା। ଅପରାହ୍ନରେ ଅଭିଯୁକ୍ତଙ୍କ ଓକିଲ ଓ ସରକାରୀ ଓକିଲ ନିଜ ପକ୍ଷ ରଖିଥିଲେ। ଗିରଫ ସମସ୍ତ ୩୮ ଜଣଙ୍କ ଜାମିନ ଆବେଦନ ଖାରଜ ହୋଇଥିବା ନେଇ କୋର୍ଟ ରାୟ ଶୁଣାଇଛନ୍ତି।

ଅଭିଯୁକ୍ତ ପକ୍ଷଙ୍କ ଓକିଲ ତଥା ସିଏସି ସଦସ୍ୟ ପ୍ରମୋଦ ଦାସ କହିଛନ୍ତି, ସମସ୍ତ ତଥ୍ୟ ଦେଇ ଜାମିନ ଆବେଦନ କରାଯାଇଥିଲା। ବିଚାରପତି ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଆଗକୁ କି ପଦକ୍ଷେପ ନିଆଯିବ ସେ ନେଇ ସିଏସିରେ ବୈଠକ ପରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ପୂର୍ବରୁ ଗତ ୧୭ରେ ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ ଖାରଜ ହୋଇଥିଲା। ଏବେ ପୁଣି ଜାମିନ ଆବେଦନ ଖାରଜ ହେବା ପରେ ସମର୍ଥକମାନେ ନିରାଶ ହୋଇଛନ୍ତି। ସେମାନଙ୍କ କହିବା କଥା କୋର୍ଟ ରାୟକୁ ସ୍ୱାଗତ କରାଯାଉଛି, ହେଲେ ସରକାରୀ



ସମ୍ବଲପୁରରେ ବରଗଡ ଜିଲା ଓକିଲସଂଘ କର୍ମକର୍ତ୍ତା।

**ହାଇକୋର୍ଟ ସ୍ଥାୟୀ ବେଞ୍ଚ ନେଇ ଆନ୍ଦୋଳନ ପ୍ରସଙ୍ଗ**

### ସରକାରୀ ପେଞ୍ଚରେ ଫସିଲେ ଆନ୍ଦୋଳନକାରୀ

ପେଞ୍ଚରେ ଜିଲାର ଓକିଲ ଓ ଆନ୍ଦୋଳନକାରୀ ଫସିଯାଇଛନ୍ତି। ଅନ୍ୟପଟେ ଗୁରୁବାର ମଧ୍ୟ କୋର୍ଟ କାର୍ଯ୍ୟରେ ଅଚଳାବସ୍ଥା ଜାରି ରହିଥିଲା। ପଶ୍ଚିମ ଓଡିଶାର ବିଭିନ୍ନ ବାର୍‌ର ସଦସ୍ୟମାନେ ଆସି ଜିଲା ଓକିଲ ସଂଘର ସଦସ୍ୟ, ଜିଲା ପ୍ରଶାସନ ଓ ଜେଲ ଭିତରେ ଓକିଲମାନଙ୍କୁ ଭେଟି ଆଲୋଚନା କରିଥିଲେ। କୋର୍ଟ କାର୍ଯ୍ୟ ଯେଭଳି ସ୍ୱାଭାବିକ ହେବ, ମହକିଲମାନେ ନିଜ କାମ ସୁରୁଖୁରୁରେ କରିପାରିବେ ସେ ନେଇ ଜିଲା କୋର୍ଟ, ଜିଲା ପ୍ରଶାସନ ଓ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରିଛନ୍ତି। ବିଚାରପତି, କର୍ମଚାରୀ ଓ ଅଧିକାରୀ ଆସି କୋର୍ଟ କାର୍ଯ୍ୟ କରୁଛନ୍ତି। ହେଲେ ଓକିଲ ନ ଥିବାରୁ ମହକିଲମାନେ ଫେରି ଯାଉଛନ୍ତି। ୫୪ଜଣ ଓକିଲଙ୍କୁ ବାଦ ଦେଇ ଅନ୍ୟ ଓକିଲମାନଙ୍କ ନିଲମ୍ବନ ଆଦେଶ ୧୪ ତାରିଖରେ ପ୍ରତ୍ୟାହୃତ ହୋଇଥିଲା। ଏହା ସତ୍ତ୍ୱେ ସେମାନେ କାର୍ଯ୍ୟରେ ଯୋଗଦାନ କରୁ ନାହାନ୍ତି। ଘଟଣାରେ ଗିରଫ ୩୮ ଜଣଙ୍କ ମଧ୍ୟରେ ୮ ଜଣ କିନ୍ନର, ଜଣେ ସାଧାରଣ ଲୋକ ଓ ୨୯ଜଣ ଓକିଲ ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶାରୀରିକ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ବହୁତ ଭଲ ରହିବ। ଯାନବାହନ ଚଳାଚଳ, ଆଲୋଚନା କ୍ଷେତ୍ର ତଥା ହୋଟେଲ ବ୍ୟବସାୟରେ ଉନ୍ନତମାନର ଫଳ ପାଇବେ। ଆଇନ ଅଦାଲତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସମ୍ପର୍କୀୟଙ୍କ ସହ ସୁସମ୍ପର୍କ ବଜାୟ ରଖି କାମ ହାସଲ କରିପାରିବେ।

**ବୃଷ** ଅନ୍ୟକୁ ସାହାଯ୍ୟ କରି ଆତ୍ମତୃପ୍ତି ଲାଭ କରିପାରନ୍ତି। ପରିବାର ମଧ୍ୟରେ ନିଜର ପତିଆରା ଦେଖାନ୍ତୁ ନାହିଁ, କାରଣ ଭଲ ବଦଳରେ ତାହା ମନ୍ଦରେ ପରିଣତ ହେବ। ଅପ୍ରିୟ ସତ୍ୟ କହି ଭୁଲ୍ ବୁଝାମଣାର ଶିକାର ହେବାକୁ ପଡ଼ିପାରେ। କୌଣସି ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟଧରି ରହିପାରିଲେ କାମ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇପାରିବ। ନୂତନ ଭାବେ କିଛିଟା ଆରମ୍ଭ କରି ଏକପ୍ରକାର ଆତ୍ମତୃପ୍ତି ଲାଭ କରିପାରନ୍ତି। ସମସ୍ୟା ସମ୍ପର୍କରେ ସମାଧାନର ଦାୟିତ୍ୱ ନେବା ପାଇଁ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କ୍ରୀଡ଼ା, ଚଳଚ୍ଚିତ୍ର ଓ ସାହିତ୍ୟରେ ଉନ୍ନତି କରିବେ।

**କର୍କଟ** ନୂତନ ଭାବେ କୌଣସି ମୂଲ୍ୟବାନ୍ ଜିନିଷ କିଣାବିକାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପରିବହନରେ ସମସ୍ୟା ରହିବ, କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ନିଶ୍ଚିତ ଉପକୃତ ହେବେ।

**ସିଂହ** ପାରିବାରିକ କ୍ଷେତ୍ରରେ ସ୍ନେହ, ଶ୍ରଦ୍ଧା ଆଶାନୁରୂପ ପାଇବା ମୁସ୍କିଲ୍ ହୋଇପଡ଼ିବ। ଅଟକି ରହିଥିବା କୌଣସି ଖବର ହଠାତ୍ ପାଇ ଖୁସି ହେବେ। ଆଜି ଦିନଟିରେ ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବନାହିଁ। ଆର୍ଥିକ ସ୍ଥିତି ସୁଧୁରିଯିବାର ଆଶାକରି କେତେକାଂଶରେ ଖୁସି ହେବେ।

**କନ୍ୟା** ପାରିବାରିକ କ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ସମସ୍ୟାକୁ ବଢ଼ାଇ ଦେଇପାରେ। ପ୍ରିୟ ବ୍ୟକ୍ତିଙ୍କ ପରାମର୍ଶ ନେଇ କାର୍ଯ୍ୟକଲେ ଉପକୃତ ହେବେ। ବିନୟ ସହକାରେ ଅନୁରୋଧ କଲେ କର୍ମକ୍ଷେତ୍ରରେ ସମ୍ମାନ୍‌ନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପାରିପାର୍ଶ୍ୱିକ ଓ ପାରିବାରିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**ତୁଳା** ଅତୀତ ଘଟଣାକୁ ବାରମ୍ବାର ଚିନ୍ତାକରି ମନକୁ ବିଭ୍ରାନ୍ତ କରିବା ଦ୍ୱାରା କିଛି ଲାଭ ହେବନି। ଆର୍ଥିକ, ଶାରୀରିକ ପୀଡ଼ା ଅବଶ୍ୟ ରହିବ, କିନ୍ତୁ କୌଣସି କାମ ଅଟକିବ ନାହିଁ। ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ବିଛା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡିବ। ସାମାଜିକସ୍ତରରେ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** ଆଜି ପ୍ରତିବନ୍ଧକ ମଧ୍ୟରେ କାମ ହାସଲ କରିବାକୁ ପଡ଼ିବ। ଅନ୍ୟମାନଙ୍କ କଥାକୁ ସତ ମନେକରି ପଦାଧିକାରୀ ଆପଣଙ୍କ ଉପରେ କ୍ରୋଧ ପ୍ରକାଶ କରିପାରନ୍ତି। ନୂତନ କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ ଯୋଗୁ ବିଶେଷ ଅଗ୍ରଗତି ହୋଇପାରିବ ନାହିଁ। ପରିବାରର ଆବଶ୍ୟକତା ପୂରଣ ପାଇଁ ଧାର ଉଧାର କରିବାକୁ ପଡ଼ିପାରେ।

**ମକର** ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆକସ୍ମିକ ଭାବେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ଶୁଭେଚ୍ଛୁମାନଙ୍କ ସାନ୍ନିଧ୍ୟ ଲାଭକରି ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ସ୍ଥଗିତ କାମକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ।

**କୁମ୍ଭ** ଆଜି ଦିନଟିରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ, ନିଶ୍ଚିତ ପାଇବେ। ଦୀର୍ଘଦିନରୁ ଚିନ୍ତା କରିଥିବା ନୂତନ କର୍ମାରମ୍ଭ କରିପାରନ୍ତି। ଅନ୍ୟର ଖଳବୁଦ୍ଧିରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି।

**ମୀନ** ଆଜି ଆକସ୍ମିକ ଭାବେ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ପଡ଼ୋଶୀ ନିଆଁରେ ଘିଅ ଢାଳିଲା ଭଳି କଥା କହି ପରିସ୍ଥିତିକୁ ବଢ଼ାଇ ଦେଇପାରନ୍ତି। ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, ଫଳରେ କାମ ପ୍ରତି ସ୍ପୃହା ରହିବ ନାହିଁ। ଅନିବାର୍ଯ୍ୟ କାରଣବଶତଃ ଶେଷ ସମୟରେ ଆଜିର ଯାତ୍ରା ସ୍ଥଗିତ ରହିଯିବ।

ଆଜି ଡିସେମ୍ବର ୨୩ ତାରିଖ, ପୌଷ ମାସର ବହୁଳ ଅମାବାସ୍ୟା, ଶୁକ୍ରବାର, ଶ୍ରୀଜୀଉଙ୍କର ଏବଂ ଗୃହୀଣାଂ ବହୁଳଲାଗି, ରାଶି ନକ୍ଷତ୍ର- ମୂଳା/ଧନୁ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ପ୍ରତିପଦାର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୧ମି. ଗତେ ଘ.୦୭।୦୪ମି. ମଧ୍ୟେ, ଘ.୦୭।୪୭ମି. ଗତେ ଘ.୦୯।୦୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୨୪ମି. ଗତେ ଘ.୧୧।୪୫ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

### ଆସିଲା କୋଭିଡ୍...

କୋଭିଡ୍‌କୁ ନେଇ ଚିନ୍ତା ବଢୁଥିବାବେଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏ ସମ୍ପର୍କରେ ଲୋକ ସଭାକୁ ସୂଚନା ଦେଇଛନ୍ତି। ଅନ୍ତର୍ଜାତୀୟ ବିମାନବନ୍ଦରଗୁଡ଼ିକରେ ୨ ପ୍ରତିଶତ ଯାତ୍ରୀଙ୍କର ର୍‍ୟାଣ୍ଡମ୍ ପରୀକ୍ଷା ଆରମ୍ଭ ହୋଇଯାଇଛି। ରାଜ୍ୟଗୁଡ଼ିକ ସତର୍କ ରହିବା ସହ ଜନସାଧାରଣଙ୍କୁ ମାସ୍କ ପିନ୍ଧିବା ଏବଂ ହାତ ଧୋଇବା ଲାଗି ସଚେତନ କରିବାକୁ କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଭୂତାଣୁର ପ୍ରକୃତିରେ କ୍ରମାଗତ ବିବର୍ତ୍ତନ ହେଉଥିବାରୁ ଏହା ବିଶ୍ୱ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରିଛି। ଭାରତରେ ଏବେ ଦୈନିକ ହାରାହାରି ୧୫୩ କୋଭିଡ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ସାରା ବିଶ୍ୱରେ ଦୈନିକ ୫.୮୭ ଲକ୍ଷ କୋଭିଡ୍ ମାମଲା ଆସୁଥିବା ସେ କହିଛନ୍ତି। ଆଗାମୀ ୩ ମାସ ମଧ୍ୟରେ ଚାଇନା ଜନସଂଖ୍ୟାର ୬୦ ପ୍ରତିଶତ ସଂକ୍ରମିତ ହେବେ ବୋଲି ମହାମାରୀ ବିଶେଷଜ୍ଞ ପୂର୍ବାନୁମାନ କରିଥିବାରୁ ଭାରତରେ ଚିନ୍ତା ବଢ଼ିଛି। ବର୍ତ୍ତମାନ ସୁଦ୍ଧା ଦେଶରେ ୨୨୦ କୋଟି ଡୋଜ୍ କୋଭିଡ୍ ଟିକା ଦିଆଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ସୂଚନା ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର, ନୀତି ଆୟୋଗ ସିଇଓ ପରମେଶ୍ୱରନ ଆୟର, ଭି.କେ. ପଲ୍, କ୍ୟାବିନେଟ ସଚିବ ରାଜୀବ ଗୌବା, ସ୍ୱରାଷ୍ଟ୍ର ସଚିବ ଏ.କେ. ଭାଲ୍ଲା ଏବଂ ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଉପସ୍ଥିତ ଥିଲେ। ଉତ୍ତରପ୍ରଦେଶ, ଦିଲ୍ଲୀ ସମେତ କେତେକ ରାଜ୍ୟରେ ମଧ୍ୟ କୋଭିଡ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି।

### ଭୟଭୀତ ନ ହେବାକୁ...

ଗାଇଡ୍‌ଲାଇନକୁ ପାଳନ କରାଯିବ। ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇନାହିଁ। ଏହା ଉପରେ ନଜର ରଖାଯାଇଛି। ଦରକାର ପଡ଼ିଲେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ତେବେ କରୋନାର ନୂଆ ଭାରିଆଣ୍ଟ ବ୍ୟାପୁଥିବାରୁ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବା ପାଇଁ ଲୋକମାନେ ବୁଷ୍ଟର ଡୋଜ ନେବା ଦରକାର। ଅନ୍ୟପକ୍ଷରେ ଟ୍ରାକିଂ, ଟେଷ୍ଟିଂ ଓ ଚିକିତ୍ସା ଜାରି ରହିବ ବୋଲି ସେ କହିଛନ୍ତି।। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି ଯେ ନୂଆ ଭାରିଆଣ୍ଟକୁ ପ୍ରତିହତ କରିବା ଭଳି ପ୍ରତିରୋଧକ କ୍ଷମତା ଭାରତର ଲୋକମାନଙ୍କଠାରେ ରହିଛି। ଏ ନେଇ ବିବ୍ରତ ହେବାର କୌଣସି କାରଣ ନାହିଁ। ଗତ କିଛିମାସ ହେବ ଏହି ନୂଆ ଭାରିଆଣ୍ଟ ଭାରତରେ ବ୍ୟାପୁଥିବାର ଦେଖାଯାଉ ନାହିଁ। ତେବେ ଭବିଷ୍ୟତରେ କ'ଣ ହେବ ତାହା କହିହେବ ନାହିଁ। ଏହାକୁ ଦୃଷ୍ଟିରେ ରଖି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ନିହାତି ଜରୁରୀ ବୋଲି ସେ କହିଛନ୍ତି।

### ନାଜାଲ ଟିକାକୁ...

ଟିକାକୁ ଅନୁମୋଦନ କରିଥିବା ବିଶେଷଜ୍ଞ କମିଟି ଗୁରୁବାର ଏହାକୁ ମଞ୍ଜୁରୀ ପ୍ରଦାନ କରିଛି। ଇଞ୍ଜେକ୍ସନରେ ଟିକା ନେବାକୁ ଭୟ କରୁଥିବା ଲୋକଙ୍କ ପାଇଁ ନାଜାଲ ଭାକ୍ସିନ ସହାୟକ ହେବ। ଏହାକୁ ଗଚ୍ଛିତ ରଖିବା ଓ ବଣ୍ଟନ କରିବା ସହ। ଏହି ଟିକା ନଷ୍ଟ ହେବା ସମ୍ଭାବନା କମ୍। ଭୂତାଣୁର ପ୍ରବେଶ ପଥ ନାକରେ ଟିକା ଦିଆଯାଉଥିବାରୁ ଏହା ଉପଯୁକ୍ତ ସୁରକ୍ଷା ଯୋଗାଇପାରିବ ବୋଲି କୁହାଯାଇଛି।

### 'ଶିଳ୍ପ ବିକାଶରେ ମା'ମାନେ...

ସ୍ୱତନ୍ତ୍ର ପରିଚୟ ମଧ୍ୟ ସୃଷ୍ଟି ହୋଇପାରିବ। ମା' ମାନେ ଓଡ଼ିଶାର ଶିଳ୍ପ ବିକାଶରେ ନୂଆ ଇତିହାସ ସୃଷ୍ଟି କରନ୍ତୁ ବୋଲି ଗୁରୁବାର ବାଲେଶ୍ୱର ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆୟୋଜିତ ଜନସଭାରେ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ୧୫ମିନିଟ୍‌ରେ ବାଲେଶ୍ୱର ରିଜର୍ଭ ପୋଲିସ ପଡ଼ିଆରେ ହେଲିକପ୍ଟର ଯୋଗେ ଅବତରଣ କରିଥିଲେ। ଦଳୀୟ ନେତୃବୃନ୍ଦ ଓ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ପ୍ରଥମେ ଶୋଭାରାମପୁରସ୍ଥିତ ରେଲୱେ ଓଭରବ୍ରିଜ୍ ଉଦ୍‌ଘାଟନ ପାଇଁ ଯାଇଥିଲେ। ପରେ ରିଜର୍ଭ ପୋଲିସ ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ। ମଞ୍ଚରେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ପରେ ଜଉ କଣ୍ଢେଇ ନିର୍ମାଣ ପରିଷଦର ସଦସ୍ୟାମାନେ ଜଉ କଣ୍ଢେଇ ନିର୍ମିତ ମୋମେଣ୍ଟୋ ଦେଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୮୦୬ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ କରିଥିଲେ। ଏଥିରେ ୩୭୪ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୧୪୩୧ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଭାଷଣ ଦେଇଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ଗତ ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ବାଲେଶ୍ୱରର ବିକାଶ ପାଇଁ ନେଇଥିବା ଦାୟିତ୍ୱକୁ ସମ୍ପୂର୍ଣ୍ଣ ଭାବେ ତୁଲାଇଥିବା ସମସ୍ତ ବିନ୍ଦୁ ଉପରେ ଆଲୋକପାତ କରିଥିଲେ। ବିଶେଷ କରି ୧୧୦୦ କୋଟି ଟଙ୍କାର ଉନ୍ନତିମୂଳକ କାର୍ଯ୍ୟ ଜାରି ରହିଥିବା ବେଳେ ୫-ଟି ବିଦ୍ୟାଳୟ କାର୍ଯ୍ୟ ତ୍ୱରାନ୍ୱିତ, ସ୍ୱାସ୍ଥ୍ୟସେବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ରାସ୍ତାର ଉନ୍ନତି, ଘରେ ଘରେ ଟ୍ୟାପ୍ ଯୋଗେ ପାନୀୟଜଳ ପହଞ୍ଚାଇବା ସହ ଶିଳ୍ପ କ୍ଷେତ୍ରରେ ଜିଲାର ଉନ୍ନତି ପାଇଁ ପ୍ରଚେଷ୍ଟା ଜାରି ରହିଥିବା ପ୍ରକାଶ କରିଥିଲେ। ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ନୂଆ ଓଡ଼ିଶାର ବିଧାଣୀ ଭାବେ ସମ୍ବୋଧିତ କରି ଜିଲା ପାଇଁ ଆଣିଦେଇଥିବା ବିକାଶ ସହ ରାଜ୍ୟର ଲୋକାଭିମୁଖୀ କାର୍ଯ୍ୟ ପାଇଁ ସେ ଆଜି ଦେଶବିଦେଶରେ ସୁପରିଚିତ। ଓଡ଼ିଶାବାସୀ ଏଥିପାଇଁ ଗର୍ବିତ ବୋଲି ସେ ପ୍ରକାଶ କରିଥିଲେ। ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ମୁଖ୍ୟମନ୍ତ୍ରୀ ୧ବର୍ଷ ୨ମାସ ମଧ୍ୟରେ ଜିଲାରେ ବିଭିନ୍ନ ପ୍ରକଳ୍ପ ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ୫-ଟି ବିଦ୍ୟାଳୟର ଉନ୍ନତି କରିବା ଉପରେ ଥିବା ଗୁରୁତ୍ୱ ଆଜି ଲୋକ ବୁଝି ନ ପାରିଲେ ମଧ୍ୟ ଆସନ୍ତାକାଲି ଏହାର ଜବାବ ପରପିଢ଼ିମାନେ ଦେବେ ବୋଲି କହିଥିଲେ। ବାଲେଶ୍ୱର ଜିଲାର ଶିଳ୍ପ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇ ଜିଲାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ମତ ରଖିଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ଭୋଗରାଇ ବିଧାୟକ ଅନନ୍ତ ଦାସ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସୋର ବିଧାୟକ ପର୍ଶୁରାମ ଧଡ଼ା, ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ମଞ୍ଚାସୀନ ଥିଲେ। ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନି ଜେନା, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ବିଜେଡି ଜିଲା ସମ୍ପାଦକ ବାବୁଲା ପଟ୍ଟନାୟକ, ବିସିଜେଡି ଜିଲା ସଭାପତି ସିମନ ଦାସ ମହାପାତ୍ର, ଯୁବ ବିଜେଡି ଜିଲା ସଭାପତି ତାପସ ପରିଡ଼ା, ଏସ୍‌ସି ସେଲ୍ ସଭାପତି ଶତ୍ରୁଘ୍ନ ମଲ୍ଲିକଙ୍କ ସମେତ ବହୁ ପଦାଧିକାରୀ, କାଉନ୍‌ସିଲର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଯୁବକଙ୍କୁ ହତ୍ୟା

**ପାତ୍ରପୁର, ୨୨।୧୨ (ଡି.ଏନ୍.ଏ.)**

### ଚାଉଳ ପାଇଁ ଯାଇଥିବା ବେଳେ ସଂଘବଦ୍ଧ ଆକ୍ରମଣ, ୨ ଗୁରୁତର

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟକୁ ଗୁରୁବାର ପିଡିଏସ୍ ଚାଉଳ ଆଣିବା ପାଇଁ ଯାଇଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୩ଜଣ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସାମନ୍ତିଆପଲ୍ଲୀ ପଞ୍ଚାୟତ ଆମ୍ବଗାଁର ଏମ୍. ରାମାରାଓ। ଗୁରୁତର ଆହତ ରାମାରାଓଙ୍କ ଦାଦା କ୍ରିଷ୍ଣା ଓ ସମ୍ପର୍କୀୟ ଭାଇ କେ. ଲାଛେୟା କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ସାମନ୍ତିଆପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟକୁ ଗୁରୁବାର ସକାଳେ ପିଡିଏସ୍ ସାମଗ୍ରୀ ଆଣିବାକୁ ଆମ୍ବଗାଁର ଲୋକେ ଯାଇଥିଲେ। ସେମାନଙ୍କ ମଧ୍ୟରେ ଆମ୍ବଗାଁର ଏମ୍. ରାମାରାଓ, କ୍ରିଷ୍ଣା ଏବଂ ଲାଛେୟା ଥିଲେ। ଚାଉଳ ନେବାକୁ ଲୋକଙ୍କ ଗହଳି ହୋଇଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହଠାତ୍ ସେହି ଗାଁର କେତେଜଣ ବ୍ୟକ୍ତି ପହଞ୍ଚି ଛୁରିରେ ଉପରୋକ୍ତ ୩ ଜଣଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ୩ଜଣଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଏମ. ରାମାରାଓଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କ୍ରିଷ୍ଣା ଓ ଲାଛେୟାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଜରଡ଼ା ପୋଲିସ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଛି। ଏ ନେଇ ନଂ.୩୯୨/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ଆମ୍ବଗାଁରେ ବହୁ ବର୍ଷ ହେଲା ଗୋଟିଏ ସମ୍ପ୍ରଦାୟର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ରହିଥିଲା। ପୂର୍ବରୁ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଗୃହଦାହ, ବୋମାମାଡ଼ ହେବା ସହିତ କେତେଜଣ ବ୍ୟକ୍ତି ଆହତ ହୋଇଥିଲେ। ଏ ନେଇ ଏକାଧିକ ମାମଲା ରୁଜୁ ହୋଇଥିଲା। ଗ୍ରାମରେ କିଛି ବର୍ଷ ପୋଲିସ ମୁତୟନ ହୋଇଥିଲେ। ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ଗଠନ କରାଯାଇ ବିବାଦର ସମାଧାନ ହୋଇଥିଲେ ମଧ୍ୟ ଚାପା ଉତ୍ତେଜନା ଲାଗି ରହିଥିଲା।

# ରହସ୍ୟ ବଢ଼ାଇଲା ଜେଲ ଭିତର ଭାଇରାଲ ଫଟୋ

**ବଲାଙ୍ଗୀର ଅଫିସ, ୨୨।୧୨**

କଣ୍ଟାବାଞ୍ଜି ସବ୍‌ଜେଲରେ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ହୋଇନାହିଁ। ଜେଲ କର୍ତ୍ତୃପକ୍ଷ ଏବଂ ପୋଲିସ ଗୋବିନ୍ଦଙ୍କ ମୃତ୍ୟୁକୁ ଆତ୍ମହତ୍ୟା ବୋଲି କହୁଥିବାବେଳେ ଗୋବିନ୍ଦଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ପୋଲିସ ଡିଜି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଥିବାବେଳେ ଜେଲ ଭିତରେ ଯେଉଁ ସ୍ଥାନରେ ଗୋବିନ୍ଦ ଆତ୍ମହତ୍ୟା କରିଥିବା କୁହାଯାଉଛି, ଗୁରୁବାର ସେହି ସ୍ଥାନର ଏକ ଫଟୋ ଭାଇରାଲ ହୋଇଛି। ଉକ୍ତ ଫଟୋରେ ଏକ ଲୁହା କବାଟ ଲଗା ଝରକା ରେଲିଂରେ ଦୁଇଟି ଗାମୁଛା ବନ୍ଧା ଅବସ୍ଥାରେ ଝୁଲୁଥିବା ଦେଖାଯାଇଛି। ଦୁଇ ଗାମୁଛା ମଧ୍ୟରୁ ଗୋଟିଏ ଗାମୁଛା ନୀଳ ଏବଂ ଧଳା ଛକି ପ୍ରିଣ୍ଟର ଏବଂ ଅନ୍ୟଟି ମଇଳା ଧଳା ରଙ୍ଗ ଗାମୁଛା ସ୍ପଷ୍ଟ ଦେଖାଯାଉଛି। ଦ୍ୱିତୀୟ ଗାମୁଛାଟି ରନ୍ଧାଘରେ ପୋଛାପୋଛି କାର୍ଯ୍ୟରେ ବ୍ୟବହୃତ କରାଯାଉଥିବା ଭଳି ଦେଖାଯାଉଛି। ଉକ୍ତ ଝରକାତଳେ ଏକ ମାଂସକଟା ଖୁଣ୍ଟା ରଖାଯାଇଛି ଓ ତା' ପାଖରେ ହଳେ ଚପଲ ପଡିଛି। ଉକ୍ତ ଫଟୋରେ ସେହି ସ୍ଥାନରେ ଏକ ଅମୃତଭଣ୍ଡା ଗଛ ରହିଥିବା ଦେଖାଯାଉଛି। ସବ୍‌ଜେଲ ଭିତର ଯେଉଁ ସ୍ଥାନରେ ଗୋବିନ୍ଦ ଆତ୍ମହତ୍ୟା କରିଥିବା କୁହାଯାଉଛି ସେଠାରେ ସିସି ଟିଭି କଭରେଜ୍ ନାହିଁ। ଜେଲ ଭିତର ଫଟୋ ଭାଇରାଲ ହେବା ପରେ ଏବେ ଗୋବିନ୍ଦଙ୍କ ମୃତ୍ୟୁ ଅଧିକ ରହସ୍ୟଜନକ



ଭାଇରାଲ ହୋଇଥିବା କଣ୍ଟାବାଞ୍ଜି ସବ୍‌ଜେଲରେ ଗୋବିନ୍ଦ ସାହୁ ଆତ୍ମହତ୍ୟା କରିଥିବା ସ୍ଥଳର ଫଟୋ।

**ଜେଲରେ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ମାମଲା**

- **ଜେଲ ଭିତର ରନ୍ଧାଘର ଝରକାରେ ବନ୍ଧା ହୋଇଛି ଦୁଇଟି ଗାମୁଛା**
- **ତଳେ ଅଛି ମାଂସକଟା ଖୁଣ୍ଟା, ଚପଲ**

ହୋଇପଡିଛି। ପ୍ରଥମତଃ ଫଟୋରେ ଦେଖାଯାଉଥିବା ମାଂସକଟା ଖୁଣ୍ଟାକୁ ରନ୍ଧାଘର ଝରକା ପାଖକୁ କିଏ ଏବଂ କେତେବେଳେ ନେଲା ଏବଂ କେହି କେମିତି ଦେଖିଲେ ନାହିଁ। ମାଂସକଟା ଖୁଣ୍ଟାଟି ପୂର୍ବରୁ କେଉଁଠି ଥିଲା। ଗୋବିନ୍ଦ ଦୁଇଟି ଗାମୁଛା କେଉଁଠୁ ପାଇଲେ ତାହା ପ୍ରଶ୍ନ ସୃଷ୍ଟି କରିଛି। ଆତ୍ମହତ୍ୟାର ପ୍ରକୃତ ସମୟ କେତେବେଳେ ଏବଂ କିଏ ପ୍ରଥମେ ଦେଖିଲେ ଏଭଳି ଅନେକ ପ୍ରଶ୍ନର ଉତ୍ତର ଅସମାହିତ ରହିଛି। ଏବେ ସବୁଠୁ ବେଶୀ ଚର୍ଚ୍ଚାର ବିଷୟ ହୋଇଛି ଜେଲ ଭିତର ଭାଇରାଲ ଫଟୋ। ଏହି ଫଟୋଟି କିଏ ଭାଇରାଲ କଲା ଏବଂ ଏହାର ଉଦ୍ଦେଶ୍ୟ କ'ଣ ବୋଲି ଚର୍ଚ୍ଚାର ଜୋର ଧରିଛି। ଏଭଳି ପରିସ୍ଥିତିରେ ଜେଲ ଭିତରେ ଗୋବିନ୍ଦଙ୍କ ମୃତ୍ୟୁ ଦିନ ପ୍ରକୃତରେ କ'ଣ ଘଟିଥିଲା ତାହା ପ୍ରଶ୍ନ ଘେରରେ ରହିଛି। ଗୋବିନ୍ଦଙ୍କ କକା ଶ୍ୱଶୁର ମହେନ୍ଦ୍ର ସାହୁ ସୁପାରିକିଲର ସହାୟତାରେ ଗୋବିନ୍ଦଙ୍କୁ ଜେଲରେ ହତ୍ୟା କରାଯାଇଛି ବୋଲି ବୁଧବାର ଅଭିଯୋଗ ଆଣିଥିଲେ।

### କଳା ସ୍ୱେଟର, ଜ୍ୟାକେଟ୍ ପିନ୍ଧି ହଟହଟା




ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳକୁ ନିମନ୍ତ୍ରିତ ହୋଇଆସିଥିବା ମହିଳା ଓ ପୁରୁଷମାନଙ୍କ ମଧ୍ୟରୁ ଯେଉଁମାନେ କଳା ରଙ୍ଗର ସ୍ୱେଟର କିମ୍ବା ଜ୍ୟାକେଟ୍ ପିନ୍ଧିଆସିଥିଲେ, ସେମାନଙ୍କୁ ହଟହଟା ହେବାକୁ ପଡ଼ିଥିଲା। ସେମାନେ ସଭାସ୍ଥଳ ପଡ଼ିଆକୁ ପଶୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ସେମାନେ ବାଧ ହୋଇ ସ୍ୱେଟର କିମ୍ବା ଜ୍ୟାକେଟ୍ ଖୋଲି ଗେଟ୍ ଉପରେ ରଖି ସଭାସ୍ଥଳକୁ ପଶିଥିଲେ। ଆଉ କେତେଜଣ ସ୍ୱେଟର କିମ୍ବା ଜ୍ୟାକେଟ୍ ନ ଖୋଲିବାରୁ ସଭାସ୍ଥଳକୁ ନ ଯାଇ ଫେରିଯାଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଗାଡ଼ି ସାମ୍ନାରେ ଦିବ୍ୟାଙ୍ଗଙ୍କ ଆତ୍ମହତ୍ୟା ଉଦ୍ୟମ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗାଡ଼ି ବାଲେଶ୍ୱର ପୋଲିସ ଲାଇନ ଛକ ଦେଇ ଆସୁଥିବା ବେଳେ ମୃତ୍ୟୁଞ୍ଜୟ ଉପାଧ୍ୟାୟ ନାମକ ଦିବ୍ୟାଙ୍ଗ ଗାଡ଼ି ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ ଉଠାଇ ନେଇଥିଲା। ତାଙ୍କ ଘର ସିମୁଳିଆରେ। ସେ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ ବେଳେ ଆତ୍ମାହୁତି ଦେବାକୁ ପୂର୍ବରୁ ଚେତାବନୀ ଦେଇଥିଲେ। ଗତ ବର୍ଷ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ ବେଳେ ପକ୍କା ଘର ଦେବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲା ପ୍ରଶାସନ। କିନ୍ତୁ ବର୍ଷେ ପରେ ବି କିଛି ହେଲାନି। ତେଣୁ ସେ ପୁଣିଥରେ ମୁଖ୍ୟମନ୍ତ୍ରୀଙ୍କ ସାମ୍ନାରେ ଆତ୍ମାହୁତି ଦେବା ପାଇଁ ଚେତାବନୀ ଦେଇଥିଲେ। ଏନେଇ ମୃତ୍ୟୁଞ୍ଜୟ କହିଛନ୍ତି, ଗତବର୍ଷ ଦାବି ଜଣାଇଥିଲେ ହେଁ ଗୋଟେ ପଲିଥିନ ଦେଇ ଠକି ଦେଇଛନ୍ତି। ମୋତେ ନ୍ୟାୟ ମିଳୁ, ଘର ଖଣ୍ଡିଏ ମିଳୁ, ଚାକିରି ମିଳୁ।

### ୱାର୍ଡର ପରୀକ୍ଷାରେ...

ପରୀକ୍ଷା ପରିଚାଳନା ଲାଗି ଯୋଗ୍ୟ ନୁହନ୍ତି। ୫ ବର୍ଷ ଅପେକ୍ଷା କରିବାପରେ ପରୀକ୍ଷା ଦେବାକୁ ଆସୁଛୁ ହେଲେ ଏହି ଦଶା ଭୋଗୁଛୁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଡିଆଇଜି ପ୍ରିଜନ୍ସ(ହେଡ୍ କ୍ୱାର୍ଟର୍ସ) ଶୁଭକାନ୍ତ ମିଶ୍ର କହିଛନ୍ତି, ସିଲିକନ ଟେକ୍ ଲାବ୍ ଲିମିଟେଡ୍ ପରୀକ୍ଷା ପ୍ରଶ୍ନପତ୍ରଠାରୁ ଆରମ୍ଭକରି ପିଲାଙ୍କ ପରୀକ୍ଷା କେନ୍ଦ୍ର ଚୟନ ସବୁକିଛି କରୁଛି। ରାଜ୍ୟର ଯେଉଁସବୁ ସ୍ଥାନରେ ପରୀକ୍ଷା କେନ୍ଦ୍ରକୁ ନେଇ ସମସ୍ୟା ଦେଖାଦେଇଛି ସେସବୁ ପିଲାଙ୍କ ମଧ୍ୟରୁ ଯେଉଁମାନେ ପରୀକ୍ଷା ଦେଇପାରି ନାହାନ୍ତି ସେମାନେ ଆସନ୍ତା ୨୮ରେ ଆଉ ଥରେ ପରୀକ୍ଷା ଦେବେ। ସେମାନଙ୍କୁ ଉକ୍ତ କମ୍ପାନୀ ପକ୍ଷରୁ ପରୀକ୍ଷା କେନ୍ଦ୍ର ସମ୍ପର୍କରେ ସିଲିକନ ଟେକ୍ ଲାବ୍ ଲିମିଟେଡ୍ ପକ୍ଷରୁ ମେସେଜ୍ ପଠାଯିବ ବୋଲି ମିଶ୍ର କହିଛନ୍ତି। ତେବେ ଏଭଳି ତ୍ରୁଟି ଯାହା ଦେଖାଦେଇଛି ଏହା ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ହେବ ସେନେଇ ସେ କିଛି କହିନାହାନ୍ତି।

ଅନ୍ୟପଟେ ନୀଳଗିରିର ଏକ କଲେଜରେ ହେବାକୁ ଥିବା ପରୀକ୍ଷାକେନ୍ଦ୍ରରେ ମଧ୍ୟ ସେହିଭଳି ଅନ୍ୟ ଏକ ପ୍ରକାର ସମସ୍ୟା ଦେଖିବାକୁ ମିଳିଛି। ଉକ୍ତ ପରୀକ୍ଷା କେନ୍ଦ୍ରରେ ଦୁଇଟି ସିଟିଂରେ ମୋଟ୍ ୨୩୦ ଜଣ ପିଲା ପରୀକ୍ଷା ଦେବାକୁ ଆସିଥିଲେ। ହେଲେ ସେଠାରେ ସର୍ଭର ସମସ୍ୟା ହେବାରୁ ପିଲାଙ୍କ ଭିତରେ ଉତ୍ତେଜନା ଦେଖାଦେଇଥିଲା। ଫଳରେ ଦୁଇଟି ଯାକ ସିଟିଂରେ ହେବାକୁ ଥିବା ପରୀକ୍ଷା ବାତିଲକରି ସମାନଭାବେ ଆସନ୍ତା ୨୮ ତାରିଖରେ କରିବାକୁ ସ୍ଥିର କରାଯାଇଛି। ତେଣୁ ବିଶୃଙ୍ଖଳିତ ପଦ୍ଧତିରେ ପରୀକ୍ଷା କରାଉଥିବା ଘରୋଇ କମ୍ପାନୀକୁ କିଏ ଘଣ୍ଟ ଘୋଡ଼ାଉଛି ବୋଲି ପରୀକ୍ଷାର୍ଥୀମାନେ (ନିଜ ନାମ ଦେବାକୁ ଅନିଚ୍ଛା ପ୍ରକାଶ କରି) ପଚାରିଥିଲେ। ଏହାର ବିଧିବଦ୍ଧ ତଦନ୍ତ ହେଲେ ଅନେକ ସତ୍ୟ ପ୍ରକାଶ ପାଇବ ବୋଲି ସେମାନେ କହିଛନ୍ତି। ପ୍ରିଜନ ରିକ୍ରୁଟମେଣ୍ଟ ବୋର୍ଡର ଅଧ୍ୟକ୍ଷ ତଥା ଅତିରିକ୍ତ ଡିଜି ପ୍ରିଜନ୍ସ ଦୀପ୍ତେଶ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଟେଲିଫୋନ୍ ଉଠାଇନାହାନ୍ତି।

# ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରଣ କରାଯିବ



ଲୋକସେବା ଭବନର କନ୍‌ଭେନଶନ ସେଣ୍ଟରଠାରେ ଗୁରୁବାର ସର୍ବଦଳୀୟ ବୈଠକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଭିନ୍ନ ଦଳର ନେତାମାନେ ଜର୍ସି ପ୍ରଦର୍ଶନ କରୁଛନ୍ତି।

## ହକି ବିଶ୍ୱକପ୍ ପାଇଁ ସର୍ବଦଳୀୟ ବୈଠକ

- ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ
- ସରକାରଙ୍କୁ ଧନ୍ୟବାଦ ଦେଲେ ସବୁ ଦଳ

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ଆସନ୍ତା ଜାନୁୟାରୀରେ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍-୨୦୨୩ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଆମନ୍ତ୍ରଣ କରାଯିବ। ବିଶ୍ୱକପ୍ ଆୟୋଜନ ଏବଂ ସୁପରିଚାଳନା ନିମନ୍ତେ ଗୁରୁବାର ଲୋକସେବା ଭବନର କନ୍‌ଭେନଶନ ସେଣ୍ଟରଠାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ବୈଠକରେ ଅଧ୍ୟକ୍ଷତା କରି ଓଡ଼ିଶାରେ ଏହି କ୍ରୀଡ଼ା ମହୋତ୍ସବର ସଫଳତା ପାଇଁ ସେ ସବୁ ରାଜନୈତିକ ଦଳର ସହଯୋଗ କାମନା କରିଛନ୍ତି। ହକି ବିଶ୍ୱକପ୍ ପ୍ରସ୍ତୁତିରେ କେନ୍ଦ୍ର ସରକାରଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଭାରତ ସରକାରଙ୍କୁ ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶ୍ୱକପ୍ ହକିର ଆୟୋଜନରେ କେବଳ ଓଡ଼ିଶା ନୁହେଁ, ସାରା ଦେଶର ସମ୍ମାନ ଜଡ଼ିତ । ସେଥିପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ।

ଆଲୋଚନାରେ ଭାଗ ନେଇ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଲଗାତର ଭାବେ ଦ୍ୱିତୀୟ ଥର ବିଶ୍ୱକପ୍ ଆୟୋଜନ ସାରା ବିଶ୍ୱରେ ଓଡ଼ିଶାର ପ୍ରତିଷ୍ଠା ବୃଦ୍ଧି କରିଛି ବୋଲି ମତ ଦେବା ସହ କ୍ରୀଡ଼ାର ଏହି ଉନ୍ନତି ଦିଗରେ ସରକାରଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଛନ୍ତି।

ବୈଠକରେ ଯୋଗ ଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଭଳି ଆୟୋଜନ ପାଇଁ ରାଜ୍ୟ ସରକାରଙ୍କ ପ୍ରଶଂସା କରିବା ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ ଉତ୍ସବ ୨୦୩୬ ଅବସରରେ ଯେପରି ଓଡ଼ିଶାରୁ ୧୦୦ ଅଲିମ୍ପିଆନ ବାହାରିପାରିବେ, ସେଥିପାଇଁ ସମସ୍ତେ ମିଳିମିଶି କାମ କରିବା ଉଚିତ ବୋଲି କହିଛନ୍ତି। ଏହାଛଡ଼ା କ୍ରମାଗତ ଭାବେ ୨ ଥର ବିଶ୍ୱକପ୍ ହକି ଆୟୋଜନ ଭଳି ବିରଳ ଘଟଣାକୁ ସ୍କୁଲ ପାଠ୍ୟକ୍ରମରେ ସ୍ଥାନ ଦେବା, ଉଭୟ ଭୁବନେଶ୍ୱର-ରାଉରକେଲାର ସ୍ୱଚ୍ଛତା ପାଇଁ ନାଗରିକମାନଙ୍କୁ ସାମିଲ କରିବା, ସ୍ଥାନୀୟ ଓଡ଼ିଆ ଖେଳର ପ୍ରସାର କରିବା, ରାଉରକେଲା-ଭୁବନେଶ୍ୱର ରେଳପଥକୁ ହକି ପାଇଁ ବ୍ରାଣ୍ଡିଂ କରିବା ଆଦି ବିଭିନ୍ନ ସୁଚିନ୍ତିତ ମତାମତ ଦେଇ କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ରାଜ୍ୟର ସବୁ ଜିଲାରେ ହକି ଷ୍ଟାଡିୟମ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା, ବିଜୁ ଜନତା ଦଳର ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ଓ ଦେବୀପ୍ରସାଦ ମିଶ୍ର, ବିଜେଡିର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ସିପିଆଇର ସାଧାରଣ ସମ୍ପାଦକ ରାମକୃଷ୍ଣ ପଣ୍ଡା, ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇର ଅଲିକିଶୋର ପଟ୍ଟନାୟକ, ଅଭୟ ସାହୁ, ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା, ଆପ୍ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ଆର୍‌ଜେଡି ସଭାପତି ହେମନ୍ତ କୁମାର ପ୍ରମୁଖ ଭାଗ ନେଇ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଛନ୍ତି। କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ବୈଠକକୁ ସଂଯୋଜନା କରିଥିଲେ।

କ୍ରୀଡ଼ା ସଚିବ ଆର୍. ଭିନିଲକ୍ରିଷ୍ଣା ଆଗାମୀ ୧୩ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ୧୭ ଦିନିଆ ଭବ୍ୟ କ୍ରୀଡ଼ା ମହୋତ୍ସବର ପ୍ରସ୍ତୁତି ଓ ବିଭିନ୍ନ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ବୈଠକରେ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।






# ଗାୟତ୍ରୀବାଳାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

**ଗୋପବନ୍ଧୁ ମିଶ୍ରଙ୍କୁ ସଂସ୍କୃତ ଅନୁବାଦ ପୁରସ୍କାର**

**ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)**



ଡ. ଗାୟତ୍ରୀବାଳା ପଣ୍ଡା



ଗୋପବନ୍ଧୁ ମିଶ୍ର

୨୦୨୨ ବର୍ଷ ପାଇଁ ଓଡ଼ିଆ କବୟିତ୍ରୀ ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ମିଳିବ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ଏ ନେଇ ଗୁରୁବାର ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି। ଡ. ପଣ୍ଡାଙ୍କୁ ତାଙ୍କର କବିତା ସଂକଳନ 'ଦୟାନଦୀ' ପାଇଁ ଏହି ପୁରସ୍କାର ଦିଆଯିବ। ପୁରସ୍କାର ସ୍ୱରୂପ ୧ଲକ୍ଷ ଟଙ୍କାର ଅର୍ଥରାଶି ଓ ତାମ୍ର ଫଳକ ମିଳିବ। ଏହି ପୁସ୍ତକ ୨୦୧୭ରେ ପକ୍ଷୀଘର ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶ ପାଇଥିଲା, ଯାହା କଳିଙ୍ଗ ଯୁଦ୍ଧ ଉପରେ ଆଧାରିତ। ଏଥିରେ ଉତ୍ସର୍ଗ ଓ ପରିଶିଷ୍ଟକୁ ମିଶାଇ ୬୪ଟି କବିତା ରହିଛି। କବୟିତ୍ରୀ ପଣ୍ଡାଙ୍କ ଅଦ୍ୟାବଧି ୨୫ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି। ଏଥିମଧ୍ୟରେ ଓଡ଼ିଆ ଭାଷାରେ ୧୨ଟି କବିତା, ୨ଟି ଗଳ୍ପ, ୨ଟି ଉପନ୍ୟାସ ଓ ୧ଟି ପ୍ରବନ୍ଧ ସଂକଳନ ରହିଛି। ଏତଦ୍‌ବ୍ୟତୀତ ହିନ୍ଦୀ ଭାଷାରେ ୫ଟି ଓ ଇଂଲିଶ୍ ଭାଷାରେ ୨ଟି କବିତା ଓ ଗୋଟିଏ ଗଳ୍ପ ସଂକଳନ ଅନୂଦିତ ହୋଇଛି। ୨୦୧୧ରେ କବିତା ସଂକଳନ 'ଗାଁ' ପାଇଁ ପ୍ରଥମ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଯୁବ ପୁରସ୍କାର ପାଇଥିଲେ ଗାୟତ୍ରୀ। ସେ କହିଛନ୍ତି, ଏହି ମର୍ଯ୍ୟାଦାଜନକ ସାହିତ୍ୟ ଏକାଡେମୀ ପୁରସ୍କାର ମୋତେ ନୁହେଁ, ମୋ ଲିଖିତ କବିତା ପୁସ୍ତକ 'ଦୟାନଦୀ' ପାଇଁ ମିଳିଛି। ଏହି ପୁରସ୍କାର ହେଉଛି ପାଠକଙ୍କ ଶ୍ରଦ୍ଧା ଓ ସଦିଚ୍ଛା। ଏହା ତାଙ୍କୁ ତାଙ୍କର ଲେଖନୀ ପ୍ରତି ଆହୁରି ଦାୟବଦ୍ଧ କରିବ। ଜଗତ୍‌ସିଂହପୁର ଜିଲାର ସାଦେଇପୁରରେ ୧୯୭୭ରେ ତାଙ୍କର ଜନ୍ମ। ସେ ଗୋଲକ ବିହାରୀ ପଣ୍ଡା ଓ ଅରୁଣିମା ପଣ୍ଡାଙ୍କ କନ୍ୟା ତଥା ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜଙ୍କ ସ୍ତ୍ରୀ। ସୂଚନାଯୋଗ୍ୟ, ଡ. ପଣ୍ଡାଙ୍କ ନାମକୁ ଚୂଡ଼ାନ୍ତ କରିଥିବା ଓଡ଼ିଆ ଚୟନ କମିଟିରେ ଡ. ଜୟନ୍ତୀ ରଥ, କ୍ଷୀରୋଦ ପରିଡ଼ା ଓ ଡ. ସୁଦର୍ଶନ ଆଚାର୍ଯ୍ୟ ସଦସ୍ୟ ଥିଲେ। ସେହିପରି ବିଭିନ୍ନ ଭାଷାରେ ଅନୁବାଦ ପୁରସ୍କାର ମଧ୍ୟ ଘୋଷଣା କରାଯାଇଛି। ପ୍ରଫେସର ଗୋପବନ୍ଧୁ ମିଶ୍ର କଥାକାର ମନୋଜ ଦାସଙ୍କ ଉପନ୍ୟାସ 'ଅମୃତ ଫଳ'ର ସଂସ୍କୃତ ଅନୁବାଦ 'ଅମୃତ ଫଲମ୍' ପାଇଁ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେ ନୟାଗଡ଼ ଜିଲାର ବିରୁଡ଼ା ଗ୍ରାମରେ ଜନ୍ମ ଗ୍ରହଣ କରିଛନ୍ତି। ଗୋପବନ୍ଧୁ ବର୍ତ୍ତମାନ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ ପ୍ରଫେସର ଅଛନ୍ତି। ଏହା ପୂର୍ବରୁ ସେ ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ। ତେବେ ଓଡ଼ିଆ ସମେତ ମୋଟ ୭ଟି ଭାଷାରେ ଅନୁବାଦ ପୁରସ୍କାର ଆଗାମୀ ଦିନରେ ଘୋଷଣା କରାଯିବ ବୋଲି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଉପଦେଷ୍ଟା ବିଜୟାନନ୍ଦ ସିଂହ ସୂଚନା ଦେଇଛନ୍ତି।






## PRADHAN MANTRI GRAM SADAK YOJANA (PMGSY)

### e-Procurement Notice

### PMGSY Online-BLGR-19/2022-23

**No.O-1505:The Chief Construction Engineer, R. W. Circle, Bolangir on behalf of Odisha State Rural Road Agency invites the percentage** rate bids in electronic tendering system for construction of roads under Pradhan Mantri Gram Sadak Yojana in the district of Bolangir for 6 number of packages with estimated cost totaling to Rs. 16.58 Cr including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

**Date of release of Invitation for Bids through e-procurement. dtd (21.12.2022)**

**Availability of Bid Documents and mode of submission:** The bid document is available online and should be submitted online in www.pmgsytenders.gov.in. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved formant.

(c) original affidavit regarding correctness of information furnished with bid document as per provisions of Clause 4.4B(a) (ii) of ITB with Chief Construction Engineer, R.W. Circle, Bolangir/S.E.R.W.Division, Titilagarh on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement: 18.01.2023 up to 5.00 P.M. For further details please log on to www.pmgsytenders.gov.in

**Sd./- Chief Construction Engineer**
**R.W.Circle, Bolangir**
**OIPR-25118/11/0024/2223**



ବସ୍ତୁମାନଙ୍କର ଏକ ଚେତନା ରହିଛି – ଏକ ଜୀବନ ରହିଛି– ଯାହା ମଣିଷ ବା ପ୍ରାଣୀମାନଙ୍କ ଭିତରେ ରହିଥିବା ଜଣାଶୁଣା ଚେତନା ନୁହଁ। ଏହା ଆହୁରି ଗୋପନ ଓ ବାସ୍ତବ। ସେଥିପାଇଁ ଭୌତିକ ବସ୍ତୁ ପ୍ରତି ଆମର ସମ୍ମାନ ରହିବା ଉଚିତ ଏବଂ ଆମେ ତାକୁ ଯଥାର୍ଥ ଭାବେ ବ୍ୟବହାର କରିବା ଉଚିତ। **–ଶ୍ରୀଅରବିନ୍ଦ**



# ଜୈବବିବିଧତାର ସ୍ୱଦେଶୀ ରକ୍ଷକ




ଭାଲେରି କୋର୍ଟୋଇଜ
ଡାଇରେକ୍ଟର, ଇଣ୍ଡିଜେନସ ଲିଡରଶିପ୍ ଇନିସିଏଟିଭ

କେ.ଏମ୍. ରେୟିସ୍
କୋ–ଫାଉଣ୍ଡର ଆଣ୍ଡ ଆଡଭାଇଜର, ସେଣ୍ଟର ଫର୍ ସଷ୍ଟେନବିଲିଟି ପି.ଏଚ୍

ଫିଲିପାଇନ୍ସର ଦକ୍ଷିଣପଶ୍ଚିମରେ ଥିବା ଜଙ୍ଗଲରେ ବଟାକ୍ ଜନଜାତି ଲୋକେ ରହନ୍ତି। ଏହି ଜଙ୍ଗଲ ଜୈବବିବିଧତାର ପ୍ରମୁଖ ସ୍ଥଳୀ। କାନାଡ଼ାର ମଣ୍ଟ୍ରିଲ ଆକାର ଏହି ଜଙ୍ଗଲରେ ସ୍ତନ୍ୟପାୟୀ ପାଙ୍ଗୋଲିନ୍ ସମେତ ବିପଦରେ ଥିବା ତଥା ବିଲୁପ୍ତପ୍ରାୟ ୩୧ଟି ପ୍ରଜାତି ଜୀବ ଦେଖାଯାଆନ୍ତି। ୨୦୨୧ର ଶେଷାର୍ଦ୍ଧର ସୁପର୍ ଟାଇଫୁନ ଓଡେଟେରୁ ଲୋକମାନଙ୍କୁ ସୁରକ୍ଷା ଦେବାରେ ମୁଖ୍ୟ ଭୂମିକା ନେଇଥିଲା ଏହି ଜଙ୍ଗଲ। ବଟାକ୍ ସମୁଦାୟ ମାତ୍ର ୨୦,୦୦୦ ଆମେରିକୀୟ ଡଲାରରେ ଏହି ଜଙ୍ଗଲର ସ୍ଥିତି ବଜାୟ ରଖିବା ସହ ଏହାର ଯତ୍ନ ନିଅନ୍ତି । ବାସ୍ତବରେ ଏହି ପରିମାଣର ଅର୍ଥରାଶି ଗୋଟିଏ ରୋଲେକ୍ସ ଘଣ୍ଟାର ମୂଲ୍ୟଠାରୁ ବି କମ୍। ଜୈବବିବିଧତାପୂର୍ଣ୍ଣ ଜଙ୍ଗଲରେ କେବଳ ବଟାକ ଜନଜାତି ରହୁନାହାନ୍ତି, ବରଂ କାନାଡାର ନିତାସିନାନ (ଏବେ କ୍ୟୁବେକ୍ ଓ ଲାର୍ବାଡୋର ଭାବେ ଜଣାଶୁଣା)ର ଅତି ଥଣ୍ଡା ଜଙ୍ଗଲରେ ଇନୁ ଜନଜାତି ରହୁଛନ୍ତି। ଏହା ପୃଥିବୀର ଏକମାତ୍ର ଜଙ୍ଗଲ ଯାହାର ପ୍ରାକୃତିକ ଦୃଶ୍ୟ ଓ ପରିସଂସ୍ଥା ଅକ୍ଷୁଣ୍ଣ ରହିଛି। ଏହା ଉଡ୍‌ଲାଣ୍ଡ କାରିବୌ, ବଣ ବିଲେଇ, ହେଟା,ମେରୁ ଅଞ୍ଚଳରେ ଦେଖାଯାଉଥିବା ଧଳାଭାଲୁଙ୍କ ବାସସ୍ଥଳୀ। ମୁଖ୍ୟତଃ, ଏହି ଜଙ୍ଗଲ ଉପର ଦେଇ ପ୍ରବାସୀ ପକ୍ଷୀମାନେ ଯାଇଥାନ୍ତି। ବୈଜ୍ଞାନିକମାନଙ୍କ ଆକଳନ ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରାଣୀ ଓ ଉଦ୍ଭିଦଙ୍କ ବାସସ୍ଥଳୀରେ ପରିବର୍ତ୍ତନ ହେଉଥିବାରୁ ଭବିଷ୍ୟତରେ ଏହି ଜଙ୍ଗଲ ସେମାନଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ ହେବ। ଲାବ୍ରାଡୋରରେ ରହୁଥିବା ଇନୁ ଜନଜାତିର ସଂଗଠନ 'ଇନୁ ନେଶନ' ଦୀର୍ଘଦିନ ହେଲା ଏହି ବନାଞ୍ଚଳର ଯତ୍ନ ନେଉଛି । ସ୍ୱଦେଶୀ ସୁରକ୍ଷିତ ଓ ସଂରକ୍ଷିତ ଅଞ୍ଚଳଗୁଡ଼ିକ ପାଇଁ ପ୍ରସ୍ତାବ ଦେଇ ଏପରିକି ତାହା ଗଠନ କରି ସେଗୁଡ଼ିକର ସୁରକ୍ଷା ପାଇଁ ଚେଷ୍ଟାକରୁଛି।

ଏକ ଆକଳନରୁ ଜଣାପଡ଼ିଛି ଯେ, ପୃଥିବୀରେ ଏବକାର ଜୈବବିବିଧତାର ୮୦% ଆଦିବାସୀ ଏବଂ ସ୍ଥାନୀୟ ସମୁଦାୟ ରହୁଥିବା ଅଞ୍ଚଳରେ ଦେଖିବାକୁ ମିଳେ। ଏବେ ୧୦ ଲକ୍ଷରୁ ଅଧିକ ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀମାନେ ବିଲୁପ୍ତିର ଦ୍ୱାରଦେଶରେ ଥିବାବେଳେ ପରିବେଶ ସୁରକ୍ଷା ପାଇଁ ସ୍ପଷ୍ଟ ଭାବେ ଏହିସବୁ ସମୁଦାୟକୁ ସଶକ୍ତ କରାଯିବା ଉଚିତ। ନିକଟରେ ନିତାସିନାନର ଦକ୍ଷିଣକୁ ଅନେକ ଶହ ମାଇଲ ଦୂର ମଣ୍ଟ୍ରିଲରେ ଶେଷ ହୋଇଥିବା ଜାତିସଂଘର ଜୈବବିବିଧତା ସମ୍ମିଳନୀ(କପ୍୧୫) ତାହା କରିବା ଲାଗି ଏକ ସୁଯୋଗ ଦେଇଛି। ପୃଥିବୀରୁ ପ୍ରାଣୀ ବିଲପ୍ତି ସଙ୍କଟର ଗମ୍ଭୀରତାକୁ ସ୍ୱୀକାର କରିବାରେ ବିଶ୍ୱ ଅସଫଳ ହୋଇଥିବାରୁ ଏହାର ସମାଧାନ ପାଇଁ ଆମକୁ ଏକାକୀ ପଦକ୍ଷେପ ନେବାକୁ ହେବ। କୋଭିଡ୍ ମହାମାରୀ ଯୋଗୁ କପ୍୧୫ ସମ୍ମିଳନୀରେ ୧ ବର୍ଷ ବିଳମ୍ବ ହେଲା, କିନ୍ତୁ ସମସ୍ୟା ସବୁ ବହୁ ପଛରେ ରହିଗଲା। ଏକ ଦଶନ୍ଧିରୁ ଅଧିକ ସମୟ ହେଲା ବୈଜ୍ଞାନିକମାନେ ବିଲୁପ୍ତି ସଙ୍କଟ ସମ୍ପର୍କରେ ଅନେକ ଲେଖା ପ୍ରକାଶ କରୁଛନ୍ତି। ଆଦିବାସୀ ସମୁଦାୟଗୁଡ଼ିକ ସେମାନଙ୍କ ବାସସ୍ଥାନକୁ ନଷ୍ଟ କରୁଥିବା ତଥା ବଳପୂର୍ବକ କରାଯାଉଥିବା ବିକାଶମୂଳକ କାର୍ଯ୍ୟକୁ ବିରୋଧ କରୁଛନ୍ତି। ଶେଷରେ ପରିସଂସ୍ଥାର ହୋଇଥିବା ଅତ୍ୟଧିକ କ୍ଷତି ରୋକିବାକୁ ଓ ପ୍ରକୃତିର ଶ୍ରେଷ୍ଠ ତତ୍ତ୍ୱାବଧାରକ ଭାବେ ନିଜକୁ ପ୍ରମାଣିତ କରିଥିବା ଜନଜାତି ଲୋକଙ୍କ ପ୍ରତି କରାଯାଉଥିବା ଅନ୍ୟାୟକୁ ନେଇ ବିଶ୍ୱର ନିଦ ଭାଙ୍ଗିଛି। ୨୦୩୦ ସୁଦ୍ଧା ସ୍ଥଳଭାଗ ଓ ସମୁଦ୍ରରେ ରହୁଥିବା ଜୀବମାନଙ୍କ ମଧ୍ୟରୁ ଅତି କମ୍‌ରେ ୩୦%ର ସୁରକ୍ଷା ଲକ୍ଷ୍ୟ '୩୦x୩୦' ହାସଲ କରିବାକୁ ସ୍ଥିର ହୋଇଛି। ଏହି ସମୟରେ ବିଭିନ୍ନ ପ୍ରଜାତିର ଧ୍ୱଂସକୁ ରୋକିବା ଲାଗି ଆଦିବାସୀ ଓ ସ୍ଥାନୀୟ ସମୁଦାୟର ଅଧିକାରଗୁଡ଼ିକୁ (ଜମି ଅଧିକାର ସହ) ଗ୍ରହଣ କରିବା ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଉପାୟ । କପ୍୧୫ ଆଲୋଚନାରେ ଏହା ବି ଏକ ମୁଖ୍ୟ ବିଷୟ ରହିଥିଲା ଏବଂ ସମ୍ମିଳନୀର ଶେଷ ଦିନରେ ପାଖାପାଖି ୧୯୦ ଦେଶ '୩୦x୩୦ ' ଲକ୍ଷ୍ୟ ସମ୍ବଳିତ ଏକ ଚୁକ୍ତିକୁ ସ୍ୱୀକାର କରିଥିଲେ।



କପ୍୧୫ ସମ୍ମିଳନୀରେ ବିଶ୍ୱର ସବୁଆଡୁ ଆଦିବାସୀ ଓ ସ୍ଥାନୀୟ ସମୁଦାୟଗୁଡ଼ିକର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏମାନଙ୍କ ଜମି ଅଧିକାରକୁ ସ୍ୱୀକାର କରିବା, ପ୍ରଭାବୀ ଓ ଉପଯୋଗୀ ସାବ୍ୟସ୍ତ ହୋଇଥିବା ସେମାନଙ୍କ କାର୍ଯ୍ୟକୁ ସମର୍ଥନ କରିବା ଏବଂ ସହନୀୟ ଜୈବବିବିଧତା ପାଇଁ ସେମାନଙ୍କ ଲକ୍ଷ୍ୟ ସହ ତାଳଦେଇ କାମ କରିବାକୁ ବିଶ୍ୱ ନେତାମାନଙ୍କୁ ପ୍ରେରିତ କରିବାକୁ ସେମାନେ ସମ୍ମିଳନୀରେ ଉପସ୍ଥିତ ରହିଥିଲେ। ସେମାନଙ୍କ ଦାବି ଚୁକ୍ତିରେ ସ୍ଥାନୀୟ ଅଧିକାର ବ୍ୟବସ୍ଥା ସମ୍ପର୍କିତ ଲେଖା ସାମିଲ କରିବାକୁ ନିଶ୍ଚିତ କରିଥିଲା। ଏହା ଆଦିବାସୀ ଓ ସ୍ଥାନୀୟ ସମୁଦାୟଗୁଡ଼ିକ ପାଇଁ '୩୦x୩୦' ଲକ୍ଷ୍ୟ ହାସଲ କରିବାର ପଦକ୍ଷେପ ଯୋଗୁ ସୃଷ୍ଟି ହେବାକୁ ଥିବା ବିସ୍ଥାପନ ଭୟର ଗୁରୁତ୍ୱପୂର୍ଣ୍ଣ ସୁରକ୍ଷାକବଚ ହୋଇପାରିବ। ତେବେ ଉକ୍ତ ଲକ୍ଷ୍ୟ ସମ୍ପର୍କିତ ପଦକ୍ଷେପଗୁଡ଼ିକରେ ତଥ୍ୟ ସମ୍ବଳିତ ମତାମତ ଦେବା ଲାଗି ଆଦିବାସୀ ଓ ସ୍ଥାନୀୟ ସମୁଦାୟଗୁଡ଼ିକ ପାଇଁ ସୁଯୋଗ ରହିବା ଉଚିତ। ଏଥିରେ ମାନବ ଅଧିକାର ଆଧାରିତ ଦୃଷ୍ଟିକୋଣ ଆପଣାଇବା ଦରକାର । ଜୈବବିବିଧତା ସୁରକ୍ଷା ଲାଗି ସେମାନେ ପ୍ରତ୍ୟକ୍ଷ ଭାବେ ପାଣ୍ଠି ପାଇବା ଆବଶ୍ୟକ। ଉକ୍ତ ପରିପ୍ରେକ୍ଷୀରେ କାନାଡା ଏକ ପ୍ରକୃଷ୍ଟ ଉଦାହରଣ ସୃଷ୍ଟି କରିଛି। ସାରା ବିଶ୍ୱରେ ଜନଜାତି ଲୋକଙ୍କ ଭଳି ଇନୁ ସମେତ କାନାଡାରେ ପ୍ରଥମରୁ ରହିଆସିଥିବା ଅନ୍ୟ ଜନଜାତି ସ୍ଥାୟୀ ଭାବେ ପରିସଂସ୍ଥାକୁ କିଭଳି ସଞ୍ଚାଳନ କରିବାକୁ ହୁଏ ତାହା ସେମାନଙ୍କୁ ଜଣା ବୋଲି ପ୍ରମାଣ କରିଛନ୍ତି। ବିଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲା କାନାଡାରେ ୯୦% ସୁରକ୍ଷିତ ଅଞ୍ଚଳ ସୃଷ୍ଟି କରିବାରେ ଆଦିବାସୀ ଓ ସ୍ଥାନୀୟ ସମୁଦାୟର ନେତୃତ୍ୱ କିମ୍ବା ଭାଗୀଦାରି ରହିଆସିଛି। ଆହୁରି ଅଧିକ ସୁରକ୍ଷିତ ଅଞ୍ଚଳ ଗଢ଼ିବା ପ୍ରସ୍ତାବ ରଖିବାରେ ଏମାନେ ମୁଖ୍ୟ ଭୂମିକା ନେଉଛନ୍ତି। ଜୈବବିବିଧତା ଲକ୍ଷ୍ୟଗୁଡ଼ିକୁ ହାସଲ କରିବାରେ ଆଦିବାସୀମାନଙ୍କ ଭାଗୀଦାରି ଆବଶ୍ୟକତାକୁ କାନାଡା ସରକାର ସ୍ୱୀକାର କରିଛନ୍ତି। ଗତବର୍ଷ ଏମାନଙ୍କ ଚାଲିଥିବା ସଂରକ୍ଷଣ କାର୍ଯ୍ୟକ୍ରମ ପାଇଁ ନୂଆକରି ସରକାର ୩୪୦ ମିଲିୟନ କାନାଡିଆନ ଡଲାର( ୨୫୮ ମିଲିୟନ ଆମେରିକୀୟ ଡଲାର) ପାଣ୍ଠି ଘୋଷଣା କରିଥିଲେ ଓ ଏହା ୫ ବର୍ଷ ଧରି ଯୋଗାଇ ଦିଆଯିବ। ଅନ୍ୟ ଶିଳ୍ପଭିତ୍ତିକ ଦେଶଗୁଡ଼ିକ ଏହି ମଡେଲ ଅନୁସରଣ କରିବେ କି ନାହିଁ ତାହା ଉପରେ କପ୍୧୫ ବୁଝାମଣାର ସଫଳତା ନିର୍ଭର କରେ।

ସାମ୍ପ୍ରତିକ ସ୍ଥିତିରେ ଜନଜାତିର ଲୋକେ ଏବଂ ସ୍ଥାନୀୟ ସମୁଦାୟଗୁଡ଼ିକ ଅନ୍ତର୍ଜାତୀୟ ସଂରକ୍ଷଣ ଅନୁଷ୍ଠାନଗୁଡ଼ିକଠାରୁ ଅଞ୍ଚଳର ସୁରକ୍ଷା ପାଇଁ ମୋଟରେ କେବଳ ୧୬– ୨୩% ସହଯୋଗ ପାଇଛନ୍ତି। କିନ୍ତୁ ଆମେ ସେମାନଙ୍କୁ କମ୍ ସଂସାଧନ ଯୋଗାଇ ଦେଉଛୁ। ଅନ୍ୟ ଅର୍ଥରେ, ଆଦିବାସୀ ଲୋକେ ଓ ସ୍ଥାନୀୟ ସମୁଦାୟଗୁଡ଼ିକ କେବଳ ଜୈବବିବିଧତାର ଶ୍ରେଷ୍ଠ ରକ୍ଷକ ନୁହନ୍ତି ବରଂ ଅର୍ଥ ଅନୁଯାୟୀ ଭଲ ପରିଣାମ ଦେଉଛନ୍ତି। ଜୈବବିବିଧତାର ତତ୍ତ୍ୱାବଧାନ ଓ ସଂରକ୍ଷଣ ପାଇଁ ସେମାନଙ୍କ ସହଯୋଗ ମାନବଜାତି ଓ ପୃଥିବୀ ଲାଗି ଉପକାରୀ। ଜୈବବିବିଧତା ସଙ୍କଟ ଦୂର କରିବା ଲାଗି କପ୍୧୫ ବୁଝାମଣା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କିନ୍ତୁ ଯେଭଳି ଭାବେ ବିଲୁପ୍ତି ସଙ୍କଟ ବଢିଚାଲିଛି ତାହାକୁ ଦେଖିଲେ ସମ୍ମିଳନୀର ପ୍ରତିବଦ୍ଧତାକୁ ତୁରନ୍ତ କାର୍ଯ୍ୟରେ ପରିଣତ କରିବା ଜରୁରୀ। ଆମେ ପୃଥିବୀର ଜୈବବିବିଧତାକୁ ସୁରକ୍ଷା କରି କରିପାରିବା ବୋଲି ଆଦିବାସୀ ଲୋକମାନେ ଦେଖାଇଦେଇଛନ୍ତି। ହେଲେ ଆମେ ଏହାକୁ ଏକାକୀ କରିପାରିବା ନାହିଁ, ଏଥିପାଇଁ ବିଶ୍ୱର ସହଯୋଗ ଲୋଡ଼ା।

## ମୁଁ କିଏ



ନଗେନ୍ଦ୍ର ନାଥ ପଟ୍ଟନାୟକ

ବୋଧ କହିଲେ ବୁଝିବାକୁ ହୁଏ ଜ୍ଞାନ ଅଥବା ବୁଝିବା ଶକ୍ତି। ଏ ବୋଧଶକ୍ତି ବଳରେ ବୁଦ୍ଧତ୍ୱ ପ୍ରାପ୍ତ କରାଯାଇପାରେ ଏଥିରେ ତିଳେମାତ୍ର ଦ୍ୱିରୁକ୍ତି ନାହିଁ। ସେହିପରି ବୁଦ୍ଧ କୌଣସି ନାମ କି ଉପନାମ ନୁହେଁ। ପରନ୍ତୁ ତାହା ଏକ ଅବସ୍ଥା। ମନୁଷ୍ୟ ଯେବେ ଜାଣିନିଏ ଯେ ସେ କିଏ ବୋଲି ସେହିପରି ଅବସ୍ଥା ସୁତରାଂ ବୁଦ୍ଧର ଅର୍ଥ ପରମ ସତ୍ୟ ସହିତ ସାକ୍ଷାତକାର କରୁଥିବା ବ୍ୟକ୍ତିବିଶେଷ ବୋଧିଆ କିମ୍ବା ବୁଦ୍ଧତ୍ୱ ଅର୍ଥାତ୍ କାହାର ଭରସା ବିନା ପରମ ଜ୍ଞାନ ପ୍ରାପ୍ତ କରିବା। ବୁଦ୍ଧଙ୍କୁ ତଥାଗତ ଭାବେ ବି ଅଭିହିତ କରାଯାଏ । ସୁତରାଂ ତଥ୍ୟ ଓ ଆଗତରୁ ଯାହାଙ୍କର ସୃଷ୍ଟି ସିଏ ତଥାଗତ। ଅର୍ଥାତ୍ ସତ୍‌ମାର୍ଗରେ ଆତଯାତ କରୁଥିବା ବ୍ୟକ୍ତି। ସେହିଭଳି ମନୁଷ୍ୟର ପ୍ରତିଟି ଦଶବର୍ଷରେ ଆଭ୍ୟନ୍ତରୀଣ ରୂପେ ଅନେକ ପରିବର୍ତ୍ତନ ବା ରୂପାନ୍ତରୀକରଣ ଘଟିଥାଏ। ପରିବର୍ତ୍ତନ ପ୍ରକୃତିର ଅଲଂଘନୀୟ ନିୟମ ରୂପେ ସ୍ୱୀକାର କରାଯାଏ। ଖାଲି ସେତିକି ନୁହେଁ ଏକଥା ବି ବିନାଦ୍ୱିଧାରେ କୁହାଯାଏ ଯେ ପରିବର୍ତ୍ତନ ଜୀବନର ଅକାଟ୍ୟ ସତ୍ୟ। ଦୁଇ ତିନିଲକ୍ଷ ବର୍ଷର ମାନବ ଯାତ୍ରାରେ ପରିବର୍ତ୍ତନ ଘଟିଆସୁଛି। ଏ ଯାତ୍ରା ନିରନ୍ତର ଭାବେ ଅବ୍ୟାହତ ରହିଛି। ବିଶ୍ୱ ଇତିହାସରେ ପ୍ରାକ୍ ଐତିହାସିକ ଯୁଗର ଭୟଙ୍କର ସମୁଦ୍ର ରାକ୍ଷସ ଡାଏନୋସର ଭଳି ଅଧିକାଂଶ ବିନାଶକାରୀ ଜୀବ ଏ ଧରିତ୍ରୀ କୋଳରେ ବିଦ୍ୟମାନ।

ଅବଶ୍ୟ ଟିକେ ତଳେଇ ବିଚାରିଲେ ମନୁଷ୍ୟ କ୍ଷେତ୍ରରେ ବି ଏ କଥାର ବିଶେଷ ସାମଞ୍ଜସ୍ୟ ରହିଛି। ମାନବ କେବଳ ବିବର୍ତ୍ତିତ ହେଉନି, ପରନ୍ତୁ ସମୟ ଅନୁରୂପ ନିଜେ ନିଜକୁ ଢାଳ ବି କରିଚାଲିଛି । ଏହି ରୂପାନ୍ତରଣ ମାଧ୍ୟମରେ ନିତିପ୍ରତିଦିନ ମୁଣ୍ଡ ଟେକୁଥିବା ସମସ୍ୟାଗୁଡ଼ିକରୁ ନିସ୍ତାର ପାଇପାରୁଛି। ମାନବ ଇତିହାସ କାଳଖଣ୍ଡ ମଧ୍ୟରେ ମନୁଷ୍ୟ ଶିକାର ଯୁଗରୁ କୃଷି, ପୁଣି ଶିଳ୍ପୋଦ୍ୟୋଗ ପରେ ପରେ ବୈଷୟିକ ସୂଚନା ଓ ଗଣମାଧ୍ୟମ କ୍ରାନ୍ତିର ଏଇ ଯୁଗରେ ନିଜସ୍ୱ ଅସ୍ତିତ୍ୱକୁ ବଜାୟ ରଖିବାରେ ସମର୍ଥ ହୋଇଛି। ଏତଦ୍‌ଭିନ୍ନ କୋଭିଡ୍ ଭଳି ଅଦୃଶ୍ୟଶକ୍ତିର ସଂକ୍ରମଣଜନିତ ବିଷମ ପରିସ୍ଥିତିରେ ସମଗ୍ର ମାନବଜାତିର ଅସ୍ତିତ୍ୱ ସଙ୍କଟାପନ୍ନ। ଏଭଳି ସଙ୍ଗିନ ସ୍ଥିତିରେ ମାନବ ଏକପ୍ରକାର ମରଣମୁହଁକୁ ଠେଲି ହୋଇଯାଇଛି କହିଲେ ଅତିରଞ୍ଜିତ ହେବନାହିଁ। ଏଭଳି ଦୁରନ୍ତ ପରିସ୍ଥିତି ସତ୍ତ୍ୱେ ବି ମନୁଷ୍ୟ ପ୍ରାୟତଃ ବିଜୟ ପ୍ରାପ୍ତି ଅଭିମୁଖେ ଅଗ୍ରସର ହେଉଛି। ଏ କଥା କହିବା ଅନାବଶ୍ୟକ ଯେ କେବଳ ଇତିହାସ ବା ଯୁଗରେ ପରିବର୍ତ୍ତନ ବା ରୂପାନ୍ତରୀକରଣ ପରିଲକ୍ଷିତ ହେଉଛି। ଏହି ପରିବର୍ତ୍ତନ ଘଟିଥାଏ ଛୋଟରୁ ଅତି ଛୋଟ ଜୀବ ମଧ୍ୟରେ, ସୂକ୍ଷ୍ମରୁ ଅତିସୂକ୍ଷ୍ମ କଣିକାରେ ଆଉ ବିଶାଳକାୟ ଜୀବଙ୍କ ଭିତରେ। ମାତ୍ର ଜୀବିତ ସିଏ ହିଁ ରହିଥାଏ ଯିଏ ଫିଟେଷ୍ଟ ବା ଉପଯୁକ୍ତ ତଥା ଯୋଗ୍ୟ (ଡାରୱିନଙ୍କ ସିଦ୍ଧାନ୍ତ ଅନୁସାରେ)। ଆଗର ଓ ଏବର ମନୁଷ୍ୟ ମଧ୍ୟରେ କି କି ପ୍ରକାର ବିବର୍ତ୍ତନ ଘଟିଛି, ତା' ଆଚାର ବ୍ୟବହାର ସଂସ୍କୃତିରେ କ'ଣ ପରିବର୍ତ୍ତନ ଘଟିଛି ତାହା କହିବା ନିଷ୍ପ୍ରୟୋଜନ।

ଏହି ପରିପ୍ରେକ୍ଷୀରେ ଏମିତି ଜଣେ ମହାପୁରୁଷଙ୍କ ମାଧ୍ୟମରେ ପରିବର୍ତ୍ତନକୁ ଜୀବନର ସାର୍ଥକତା ସହିତ ପ୍ରସ୍ତୁତ କରାଯିବା ନିହାତି ହେବା ଦରକାର, ଯାହାଙ୍କୁ ବିଶ୍ୱବାସୀ ଭଗବାନ୍ ବୁଦ୍ଧଙ୍କ ନାମରେ ଜାଣିଥା'ନ୍ତି। ସେ ହିଁ ଭଗବାନ୍ ବୁଦ୍ଧ ଯିଏକି ଅଙ୍ଗୁଳିମାଳ ଭଳି ଦୁର୍ଦ୍ଦାନ୍ତ ଦୈତ୍ୟକୁ ନିଜସ୍ୱ ବାଣୀ ଓ ଉପଦେଶ ବଳରେ ଆପଣାର ଶିଷ୍ୟ ବନେଇ ପାରିଥିଲେ । ପୁନଶ୍ଚ ଇଏ ସେଇ ଭଗବାନ୍ ବୁଦ୍ଧ ଯାହାଙ୍କ ଜୀବନର ମୂଳାଧାର ହେଉଛି ଧମ୍ମ। ଏଥିରେ ଧମ୍ମ ଆଉ ଜୀବନର ମର୍ମ ବି ପ୍ରଚ୍ଛନ୍ନ ଭାବେ ନିହିତ। ପ୍ରକୃତିର ନିୟମକୁ ଅକ୍ଷରେ ଅକ୍ଷରେ ପାଳନ କରି ଜୀବିକାର୍ଜନ କରିବା ହିଁ ଧମ୍ମ। ଏ ଧମ୍ମ କଳ୍ପନା ଆଧାରିତ ନୁହେଁ ପରନ୍ତୁ ଯାଞ୍ଚ ପରଖ କରି ଆପଣାଉଥିବା ଜୀବନର ଯଥାର୍ଥତାଭିତ୍ତିକ। ସେଥିରେ ପୁଣି ଏହା ବିଜ୍ଞାନସମ୍ମତ ସିଦ୍ଧାନ୍ତର ବହୁ ଊର୍ଦ୍ଧ୍ୱରେ।

ଏହି ମହାମାନବ ସିଦ୍ଧାର୍ଥ ରୂପେ ରାଜକୁମାର ହୋଇ ପୁଣି ଗୌତମ ରୂପେ ଜଙ୍ଗଲରୁ ଜଙ୍ଗଲ ଘୂରିବୁଲି ବୋଧିସତ୍ତ୍ୱ ପ୍ରାପ୍ତକଲେ। ଏ ଅନ୍ୱେଷଣ ଏଭଳି ଏକ ଅବସ୍ଥା ଯଦ୍ୱାରା ସେ ଭଗବାନ୍ ବୁଦ୍ଧ ବନିଗଲେ। ଏହି ପରିବର୍ତ୍ତନ ସ୍ୱରୂପକୁ ଆମେ ଜାଣିଛେ ଆଉ ସ୍ୱୀକାର ବି କରିଛେ। ଏହା ପ୍ରତ୍ୟେକ ମଣିଷ ଜୀବନରେ ପ୍ରଜ୍ୱଳିତ ଆଲୋକଜ୍ୟୋତି ନେଇ ଅମା ଅନ୍ଧକାର ମଧ୍ୟରେ ଏକ ଆଶାର କିରଣ ସହ ଦଣ୍ଡାୟମାନ।

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର, ମୋ: ୯୪୩୮୩୩୨୧୩୮**

## ଏଇ ଭାରତରେ

ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଏକ ନିଆରା ଉପାୟ ଆପଣାଇଛନ୍ତି ଡ. ଗଜାନନ ଡି ମୁରାକ୍‌ତାର। ଲୋକମାନେ ଜଙ୍ଗଲକୁ ଅଧିକ ଗୁରୁତ୍ୱ ଦେଉଥିବାବେଳ ସେଠାରେ ଘାସପଡ଼ିଆ କଥା ଅଧିକ ଚିନ୍ତା କରୁଛନ୍ତି ଡ. ଗଜାନନ। ସେ ୨୫ ବର୍ଷ ହେଲା ଉଦ୍ଭିଦ ଓ ପରିବେଶ ବିଜ୍ଞାନର ପ୍ରାଧ୍ୟାପକ ଭାବେ ମହାରାଷ୍ଟ୍ରର ଚିକାଲଧାରା ବିଜ୍ଞାନ ମହାବିଦ୍ୟାଳୟରେ କାର୍ଯ୍ୟରତ। ସେ ମୁଖ୍ୟତଃ ବ୍ୟାଘ୍ର ସଂରକ୍ଷଣ ଓ ସୁରକ୍ଷିତ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ପାଇଁ ବାସସ୍ଥାନ ଏବଂ ଚାରଣଭୂମି ଲାଗି ସବୁଜ ଘାସ ପଡ଼ିଆ ସୃଷ୍ଟି କରୁଛନ୍ତି। ଏଥିପାଇଁ ଡ.ଗଜାନନ 'ଘାସ ମଣିଷ' ଭାବେ ଜଣାଶୁଣା। ସେ ସ୍ଥାନୀୟ ଘାସରୁ ମଞ୍ଜି ସଂଗ୍ରହ କରି ତାହାକୁ ପଟାଳିରେ ବଢ଼ାଇବା ପରେ ଜଙ୍ଗଲରେ ଘାସ ନ ଥିବା ସ୍ଥାନରେ ଲଗାଉଛନ୍ତି। ସେ ମଧ୍ୟ ଏକ ଘାସ ମଞ୍ଜି ବ୍ୟାଙ୍କ କରିଛନ୍ତି। ସେ ୧୨ ରାଜ୍ୟରେ ୩୩ଟି ବ୍ୟାଘ୍ର ସଂରକ୍ଷଣ ଓ ସୁରକ୍ଷିତ ଅଞ୍ଚଳରେ ଏହି ପ୍ରକାର ଘାସପଡ଼ିଆ କରିପାରିଛନ୍ତି। ବିସ୍ଥାପିତ ଗ୍ରାମଗୁଡ଼ିକରେ ସେ ଉକ୍ତ ପଡ଼ିଆ ସୃଷ୍ଟିକରି ଜଙ୍ଗଲୀ ଜୀବଙ୍କୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଖାଦ୍ୟ ଯୋଗାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଡିସେମ୍ବର ୧୯୯୭

- ଖୁଜେସ୍ତାନ ସୀମାନ୍ତ ଅଞ୍ଚଳରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଇରାନ ଇରାକକୁ ୩୭ ଜଣ ଓ ଇରାକ ଇରାନକୁ ୭ ସୈନ୍ୟଙ୍କ ମୃତ ଶରୀର ପ୍ରତ୍ୟର୍ପଣ କରିଛନ୍ତି।
- ତୃଣମୂଳ କଂଗ୍ରେସକୁ ନେଇ ଜିଦିରେ ଅଟଳ ରହିବାରୁ ବିଦ୍ରୋହୀ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ କଂଗ୍ରେସ ଦଳରୁ ବହିଷ୍କୃତ।
- ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟଭାର ବଢ଼ିଯାଇଥିବା ପରିପ୍ରେକ୍ଷୀରେ ଉତ୍ତର–ଓଡ଼ିଶା ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି।

# ସ୍ମୃତି ଓ ଜହ୍ନରାତି



ପ୍ରଫେସର ରମେଶଚନ୍ଦ୍ର ପରିଡ଼ା

ଆମେ ସାଧାରଣତଃ ସ୍ମୃତିକୁ ଜହ୍ନରାତି ସହିତ ତୁଳନା କରିଥାଉ। କାରଣ, ଏ ଉଭୟ ଆମ ବିକ୍ଷୁବ୍ଧ ମନକୁ ଶାନ୍ତ କରିଥା'ନ୍ତି। ବିଜୁଳିବତି ନ ଥିବା ଯୁଗର ପଲ୍ଲୀଗ୍ରାମରେ ବଢ଼ିଥିବା ଲୋକେ ହିଁ କେବଳ ସ୍ମରଣ କରିପାରିବେ ଯେ, କର୍ମମୟ ଦିବସର ଅବସାନ ପରେ ଘର ଅଗଣାରେ ଜହ୍ନ ଆଲୁଅରେ ବିଶ୍ରାମ କିପରି ଦୂର କରିଥାଏ କ୍ଳାନ୍ତି ଏବଂ ଅବସାଦ। ବର୍ତ୍ତମାନ ଅବହେଳିତ ବୋଲାଉଥିବା ପାହାଡ଼ ଜଙ୍ଗଲ ବେଢ଼ା ଅଗମ୍ୟ ପଲ୍ଲୀ ଗ୍ରାମର ଅଧିବାସୀମାନଙ୍କୁ ଛାଡ଼ିଦେଲେ ଏହାର ଜୀବନ ଯନ୍ତ୍ରଣାରୁ ମୁକ୍ତିଦାୟୀ ଅମୃତ ସ୍ପର୍ଶ ଅନୁଭବ କରିବାର ସୁଯୋଗ ବର୍ତ୍ତମାନ ପିଢ଼ିର ଅନ୍ୟମାନଙ୍କ ପାଇଁ ଅପହଞ୍ଚ।

ବୈଜ୍ଞାନିକମାନଙ୍କ ମତରେ ଜହ୍ନ ଆଲୁଅ ଶରୀରକୁ ଦିଏ ଶୀତଳ ପ୍ରଶାନ୍ତଦାୟୀ ସ୍ପର୍ଶ ଏବଂ ମନରୁ ଚାପ, କ୍ରୋଧ, ହିଂସା ଆଦି ନକାରାତ୍ମକ ଭାବପ୍ରବଣତା ଦୂର କରିବା ସହିତ ବିବିଧ ଚୟାପଚୟନ(ମେଟାବୋଲିକ୍) ପ୍ରକ୍ରିୟାକୁ ମଧ୍ୟ ସନ୍ତୁଳିତକରେ। ଫଳରେ ଉଚ୍ଚରକ୍ତଚାପ, ଦୀର୍ଘକାଳିକ ମୁଣ୍ଡବ୍ୟଥା, ବିବିଧ ଚର୍ମରୋଗ, ଅଗ୍ନିଆବାତ ଏବଂ ବିବିଧ ପ୍ରଦାହୀ ଅବସ୍ଥା ପ୍ରଶମିତ ହେବାରେ ସହାୟକ ହୁଏ। ବିଶେଷକରି, ଏହା ଅନ୍ୟତମ '' ସୁଖଦାୟୀ ହର୍‌ମୋନ୍'' ''ମେଲାଟୋନିନ୍''ର କ୍ଷରଣ ଘଟାଇ ଦୁଶ୍ଚିନ୍ତାରୁ ମୁକ୍ତି ପ୍ରଦାନ କରିଥାଏ।

ପୂର୍ଣ୍ଣିମାର ଜହ୍ନରାତିର ଏଭଳି ପ୍ରଭାବ ସର୍ବାଧିକ, କାରଣ ଏ ଦିନର 'ପୂର୍ଣ୍ଣଚନ୍ଦ୍ର ତରଙ୍ଗମାନଙ୍କ ଭଳିଆମ ଭାବପ୍ରବଣତାକୁ ପୃଷ୍ଠଦେଶକୁ ଆକର୍ଷିତ କରି ଆଣେ ଏବଂ ଆମ ଅନୁଭୂତିଗୁଡ଼ିକୁ ଉତ୍ତୋଳିତ କରେ। ବୈଜ୍ଞାନିକମାନଙ୍କ ମତ ହେଲା ଯେ, ପୃଥିବୀର ଚୁମ୍ବକୀୟ କ୍ଷେତ୍ରରେ କେତେକ ସୂକ୍ଷ୍ମ ପରିବର୍ତ୍ତନକୁ ମନୁଷ୍ୟର ପ୍ରତିକ୍ରିୟା ହେତୁ ଏପରି ଘଟେ। ଚନ୍ଦ୍ରକଳାର ହ୍ରାସବୃଦ୍ଧିର ମଧ୍ୟ ଏହା ଉପରେ ପ୍ରଭାବ ରହିଛି। କିନ୍ତୁ ପୂର୍ଣ୍ଣିମାରେ ତାହା ସର୍ବାଧିକ। ଅନ୍ୟ ଏକ ମତ ଅନୁସାରେ ପୂର୍ଣ୍ଣିମାରେ ପୃଥିବୀ ଉପରେ ଚନ୍ଦ୍ରର ଆକର୍ଷଣ ଅଧିକ ହୋଇଥାଏ। ଏହା ଆମ ମସ୍ତିଷ୍କକୁ ପ୍ରଭାବିତ କରେ। ଫଳରେ ଅଧିକ ମାତ୍ରାରେ ଉଦ୍ଦୀପନା ଅନୁଭୂତ ହୁଏ, ଯାହାକି ଆମକୁ ଅଧିକ ଶକ୍ତିସମ୍ପନ୍ନ କରେ ଏବଂ ଆମେ ଅଧିକ ବହିର୍ମୁଖୀ ଓ ଆଳାପୀ ହେବା ସହିତ ଆମ ପତି–ପତ୍ନୀଙ୍କ ସମ୍ପୃକ୍ତି ବୃଦ୍ଧିପ୍ରାପ୍ତ ହୁଏ। ଏହି ତିଥିରେ ମହାକାଶ ପିଣ୍ଡ ଦୁଇଟି ପରସ୍ପରର ନିକଟବର୍ତ୍ତୀ ହେଉଥିବାରୁ ଏପରି ଘଟେ।

ଅନ୍ୟପକ୍ଷରେ, ଅତୀତର ସ୍ମୃତି ଚାରଣର ମଧ୍ୟ ଏ ପ୍ରକାର ସାମର୍ଥ୍ୟ ରହିଛି ବୋଲି ବୈଜ୍ଞାନିକମାନେ କହିଲେଣି। ତଦନୁଯାୟୀ ଆଧୁନିକ ଜୀବନଶୈଳୀ ମାନସିକ ଯନ୍ତ୍ରଣାକୁ ତୀବ୍ର କଲାବେଳେ ଏହା ତାକୁ ପ୍ରଶମିତ କରେ। କାରଣ ଏହା ମନକୁ ଆଣେ ବିତିଯାଇଥିବା ଦିନଗୁଡିକର ମଧୁର ଅନୁଭବ, ସ୍ନେହମୟୀ ମା', ବାପା, ଜେଜେମା'–ଜେଜେବାପା, ଭାଇ–ଭଉଣୀ, ଗୁରୁ ଏବଂ ସହାଧ୍ୟାୟୀମାନଙ୍କ ସହିତ। ଅତଏବ ତହିଁରୁ ଅପସାରିତ ହୋଇଯାଏ କ୍ଳାନ୍ତି, ଅବସାଦ, ଚାପ ଏବଂ ଅନ୍ୟସବୁ ନକାରାତ୍ମକ ଭାବପ୍ରବଣତା। ଫଳରେ ତାହା ଉଭା ହୁଏ ଏକ ଶାନ୍ତ, ସତେଜ ଓ ସକ୍ରିୟ ରୂପ ନେଇ।

ନିକଟରେ 'ଦ ଜର୍ନାଲ ଅଫ୍ ଏକ୍ସପେରିମେଣ୍ଟାଲ ସୋସିଆଲ ସାଇକୋଲୋଜି' (ଅକ୍ଟୋବର ୨୦୨୨)ରେ ପ୍ରଦତ୍ତ ଏହି ସୂଚନାକୁ ନେଇ ପ୍ରବନ୍ଧଟିଏ ଲେଖିଛନ୍ତି ଆମେରିକୀୟ ମନସ୍ତତ୍ତ୍ୱବିତ୍ ଲାଉରା



ଷ୍ଟାଲୋଟ୍, ତଦନୁଯାୟୀ ଜଣେ ବ୍ୟକ୍ତି ଯେତେବେଶି ଅତୀତର ଆବେଗପୂର୍ଣ୍ଣ ସ୍ମୃତିଚାରଣ କରେ ସେ ସେତେ ଅଧିକ ମାନସିକ ଉତ୍ତୋଳନ ଅନୁଭବ କରେ। ଏହା ତା'ର ଆତ୍ମବିଶ୍ୱାସ ଏବଂ ମାନସିକ ସନ୍ତୁଷ୍ଟି ଉପରେ ସକାରାତ୍ମକ ପ୍ରଭାବ ପକାଏ। ଏହି ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ଚାରୋଟି ବିସ୍ତୃତ ଅଧ୍ୟୟନ କରିଥିଲେ ଆମେରିକା, ଚାଇନା ଏବଂ ଇଂଲଣ୍ଡର କେତେଜଣ ମନସ୍ତତ୍ତ୍ୱବିତ୍। ଏଥିରେ ନିଆଯାଇଥିଲା ୧୮ରୁ ୭୮ ବର୍ଷ ବୟସର ୨୪୨୩ ଜଣ ଅଂଶଗ୍ରହଣକାରୀଙ୍କୁ। ସେମାନଙ୍କ ମଧ୍ୟରୁ ୫୦ ଶତାଂଶ ଥିଲେ ଆମେରିକୀୟ, ୩୩ ଶତାଂଶ ଚାଇନାର ଅଧିବାସୀ ଏବଂ ୧୭ ଶତାଂଶ ଇଂରେଜ। ଏହାର ଲକ୍ଷ୍ୟ ଥିଲା ଆଚରଣ କିମ୍ବା ଗଭୀର ଚିନ୍ତନ କିପରି ମନସ୍ତାତ୍ତ୍ୱିକ ସନ୍ତୁଷ୍ଟିକୁ ପରିବର୍ଦ୍ଧିତ କରେ ତାହା ବୁଝିବା ଏବଂ ସେଥିପାଇଁ ସୃଜନାତ୍ମକ ପଦ୍ଧତିମାନ ସ୍ଥିର କରିବା। ଅତଏବ ତହିଁରୁ ସେମାନେ ତଥ୍ୟଭିତ୍ତିକ ପରିକଳ୍ପନାଟିଏ (ହାଇପୋଥେସିସ୍) ନିର୍ଦ୍ଧାରଣ କଲେ ଯେ ଅତୀତର ସ୍ମୃତିଚାରଣ ଦ୍ୱାରା ଉତ୍ପନ୍ନ ଅନୁଭବ ଏଥିରେ ସହାୟକ ହୋଇଥାଏ।

ଉପରୋକ୍ତ ଅଧ୍ୟୟନଗୁଡ଼ିକ ମଧ୍ୟରୁ ପ୍ରଥମଟିରେ ଅତୀତର ସ୍ମୃତିଚାରଣ, ମନସ୍ତାତ୍ତ୍ୱିକ ସନ୍ତୁଷ୍ଟି ଏବଂ ମାନସିକ ଉତ୍ତୋଳନ ଅନୁଭବ ମଧ୍ୟରେ ସମ୍ପର୍କ ଥିବାର ନିଶ୍ଚିତ କରାଯାଇଥିଲା। ଏଥିରେ ମାନସିକ ଉତ୍ତୋଳନର ସଂଜ୍ଞା ଥିଲା। ଜଣେ ନିଜର ପ୍ରକୃତ ନିଜ ସହିତ ସହଯୋଗ ଅନୁଭବ। ଅନ୍ୟ ପରୀକ୍ଷାଗୁଡ଼ିକ ଥିଲା ପରୀକ୍ଷାମୂଳକ ଏବଂ ତାହା 'କାରଣ ଓ ପ୍ରଭାବ'ମାନ ଉପସ୍ଥାପିତ କରିଥିଲା। ଉଦାହରଣ ସ୍ୱରୂପ, ଦ୍ୱିତୀୟ ଅଧ୍ୟୟନରୁ ସ୍ମୃତିଚାରଣ କିପରି ମାନସିକ ଉତ୍ତୋଳନ କରେ ତାହା ପ୍ରଦର୍ଶନ କଲାବେଳେ ତୃତୀୟଟି ସ୍ମୃତିଚାରଣ ମନସ୍ତାତ୍ତ୍ୱିକ ସନ୍ତୁଷ୍ଟି ଆଣିବାର ଏବଂ ଚତୁର୍ଥଟି ତାହା ଅନ୍ୟ ସମସ୍ତ ପ୍ରକାର ସନ୍ତୁଷ୍ଟି ପ୍ରଦାନ କରିଥାଏ ବୋଲି ପ୍ରମାଣିତ କଲା।

ଗବେଷକମାନଙ୍କ ମତରେ ମନସ୍ତାତ୍ତ୍ୱିକ ସନ୍ତୁଷ୍ଟି ଅନେକ ଉପାଦାନରେ ତିଆରି। ତେବେ, ସେମାନେ କୌତୂହଳୀ ଥିଲେ ମାନସିକ ଉତ୍ତୋଳନର କେବେଳ କେତେକ ନା ଏ ସମସ୍ତଙ୍କ ଉପରେ ପ୍ରଭାବ ରହିଛି ତାହା ଜାଣିବାକୁ। ଏହା ସାମାଜିକ ସମ୍ପର୍କ, ଜୀବନୀଶକ୍ତି, ସାମର୍ଥ୍ୟ, ଜୀବନର ଅର୍ଥ, ଆଶାବାଦ ଏବଂ ଅନ୍ତର୍ନିହିତ ସନ୍ତୁଷ୍ଟି ଆଦି ସବୁଗୁଡ଼ିକୁ ସକାରାତ୍ମକ ଭାବେ ପ୍ରଭାବିତ କରୁଥିବାର ସେଥିରୁ ଜଣାପଡ଼ିଲା। ପୁନଶ୍ଚ ପରୀକ୍ଷାଟିରେ ଅନ୍ତର୍ଭୁକ୍ତ ଥିଲେ ଭିନ୍ନ ଭିନ୍ନ ସଂସ୍କୃତିସମ୍ପନ୍ନ ଅଲଗା ଅଲଗା ଦେଶର ଅଂଶଗ୍ରହଣକାରୀ, ତେବେ ସବୁକ୍ଷେତ୍ରରେ ଫଳାଫଳ ଆସିଲା ଏକାପ୍ରକାର। ଅତଏବ ଗବେଷକମାନେ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଏହା ସର୍ବବ୍ୟାପୀ, ଅର୍ଥାତ୍ 'ସ୍ମୃତିପଥରେ ଉପଭୋଗ୍ୟ ଚାରଣ' ସାମଗ୍ରିକ ଭାବେ ମାନସିକ ଉତ୍ତୋଳନକୁ ପ୍ରଭାବିତ କରେ ଏବଂ ସେଥିପାଇଁ ସମୁଦାୟ ସନ୍ତୁଷ୍ଟିକୁ ସମୃଦ୍ଧ କରେ।

ବର୍ତ୍ତମାନର ଦୁନିଆରେ ପ୍ରତ୍ୟେକ ୪ ଜଣରୁ ଜଣେ ଅତ୍ୟନ୍ତ ଏବଂ ପ୍ରାୟ ଅର୍ଦ୍ଧେକ ଲୋକ ଅଳ୍ପ ବହୁତ ମାନସିକ ଚାପଗ୍ରସ୍ତ। ବିଶ୍ରାମକାଳରେ ସ୍ମୃତିଚାରଣ କରିବା ଏହା ଲାଘବ କରିବ ବୋଲି ଏହି ବୈଜ୍ଞାନିକମାନଙ୍କ ବିଶ୍ୱାସ। ତେବେ, ଆଜି ଯେପରି ଆମେ ଜହ୍ନ ଆଲୁଅରୁ ପ୍ରାୟତଃ ବଞ୍ଚିତ, ଆମ ଆଗାମୀ ପିଢ଼ି ସ୍ମୃତିଚାରଣରୁ ମଧ୍ୟ ସେହିପରି ବଞ୍ଚିତ ହେବାର ସମ୍ଭାବନା ଅତି ଉଜ୍ଜ୍ୱଳ। କାରଣ, ଶୈଶବରୁ ସେମାନେ ପ୍ରତିପାଳିତ ହେଉଛନ୍ତି ଏକ ରୁକ୍ଷ ବସ୍ତୁବାଦୀ ପରିବେଶ ମଧ୍ୟରେ। ଅତଏବ ସେମାନଙ୍କ ପାଇଁ ସମ୍ଭବତଃ ଅତୀତର ସ୍ମୃତି ମଧୁର ଓ ଚାପ ମୁକ୍ତକାରୀ ହୋଇ ରହିବ ନାହିଁ।

ମୋ:୯୯୩୭୩୦୧୪୬୦

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | | | | | |
| 7 | | | | | | | 6 | 1 |
| 1 | 9 | 4 | | | 2 | | | 3 |
| | | | 8 | | | | | 5 |
| | | | | 1 | 4 | | | |
| | 4 | | 3 | | | 2 | | |
| | | | | 8 | 9 | | 3 | |
| | | | 6 | | | | | 9 |
| | | 1 | | 3 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 3 | 9 | 8 | 7 | 2 | 4 | 1 |
| 4 | 8 | 7 | 2 | 3 | 1 | 9 | 6 | 5 |
| 1 | 9 | 2 | 4 | 5 | 6 | 7 | 3 | 8 |
| 3 | 4 | 9 | 8 | 6 | 5 | 1 | 2 | 7 |
| 8 | 6 | 1 | 7 | 2 | 4 | 3 | 5 | 9 |
| 2 | 7 | 5 | 1 | 9 | 3 | 6 | 8 | 4 |
| 9 | 2 | 4 | 3 | 1 | 8 | 5 | 7 | 6 |
| 7 | 3 | 6 | 5 | 4 | 9 | 8 | 1 | 2 |
| 5 | 1 | 8 | 6 | 7 | 2 | 4 | 9 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆନ୍ଦୋଳନ ରୂପରେଖ ନିନ୍ଦନୀୟ

ମହାଶୟ,

ଚାକିରିଆମାନେ ହକ୍ ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାର ଗଣତାନ୍ତ୍ରିକ ନିୟମ ଅଛି। ଆଜି ଶିକ୍ଷକମାନେ ସରକାରୀ ହେବାର ଯେଉଁ ସ୍ୱାଦ ଚାଖିଛନ୍ତି ସେହି ଦୀର୍ଘଦିନ ଆନ୍ଦୋଳନର ନେତାଭାବେ ମୁଁ ଥିଲି। ଭଦ୍ରାଚିତ ଆଚରଣର ସ୍ଲୋଗାନ ଦେଇ କାମ ବନ୍ଦ କରିଥିଲୁ। ତଥାପି ମୋତେ ଏଥିପାଇଁ ଗୋଟିଏ ଦିନ ଜେଲରେ ରହିବାକୁ ପଡ଼ିଥିଲା। ଏଥିରୁ ବେଲ୍ ହେବା ପାଇଁ ଖୋର୍ଦ୍ଧା ଓ ଭୁବନେଶ୍ୱର କୋର୍ଟରୁ ସେତେବେଳେ ଚାରି ହଜାର ଟଙ୍କା ଖର୍ଚ୍ଚରେ ବେଲ୍ ପାଇଥିଲି। ଲେଖିବାର କାରଣ ହେଲା ଆନ୍ଦୋଳନର ରୂପରେଖ ଶୃଙ୍ଖଳିତ ହେବା ଦରକାର ଏବଂ ଏହାର କୁପ୍ରଭାବ ଯେପରି ସମାଜ ବା ପିଲାଙ୍କ ଉପରେ ନ ପଡେ ସେଥିପାଇଁ ଯତ୍ନବାନ ହେବା ଉଚିତ। ବର୍ତ୍ତମାନ ବାଜା ବଜାଇ ନାଚି ସର୍ବ ସମ୍ମୁଖରେ ଶିକ୍ଷକମାନେ ଆନ୍ଦୋଳନ କରୁଛନ୍ତି। ଏହା ଶିକ୍ଷକ ସମାଜର ସମ୍ମାନ ନଷ୍ଟ କରୁଛି। ଏହାର କୁପ୍ରଭାବ ଛାତ୍ରୀଛାତ୍ରଙ୍କ ଉପରେ ନିଶ୍ଚୟ ପଡିବ। ହକ୍ ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହେବା ଉଚିତ। ଦୟାକରି ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରନ୍ତୁ, ସଫଳ ନିଶ୍ଚିତ ହେବେ।

**–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

## ଚିରନ୍ତନୀ

ଆଜି, ମୋତେ ଛାଡ଼ି ମୁଁ ଯେ ଭୁବନେ ଆସିଛି
ପିଇଛି ସ୍ୱପନ–ସୁଧା
ଘର ଛାଡ଼ି ମୁଁ ଯେ ଘର ସଜାଡ଼ିଛି–
ମୁକତ ମହା ବସୁଧା।
–(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜାତୀୟ ଗଣିତ ଦିବସ ପାଳିତ

ଲୋଇସିଂହା,(ଡି.ଏନ.ଏ): ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ଜାତୀୟ ଗଣିତ ଦିବସ ତଥା ମହାନ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି । ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ଗୁରଜୀ ଶତ୍ରୁଘ୍ନ ବିଶ୍ୱାଳ ରାମାନୁଜନଙ୍କ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଗୁଣନ ଖନ୍ଦା ପ୍ରଦର୍ଶନ, ତ୍ରୈମାତ୍ରିକ ବସ୍ତୁ ପ୍ରଦର୍ଶନ, ଗଣିତ ହାଟ ପ୍ରଶ୍ନକୁମ୍ଭ, ଗଣିତଜ୍ଞ ଫଟୋ ପ୍ରଦର୍ଶନ, ଗଣିତର ନୂତନ ପ୍ରକ୍ରିୟା, ଗାଣିତିକ ରଙ୍ଗୋଲି ଓ ପୁସ୍ତକ ପ୍ରଦର୍ଶନ କରାଯାଇଥିଲା ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ମମତା



@ ସତ୍ୟଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୁଗ୍ଧଚାଷୀ ସଚ୍ଚୋଟ ହେଲେ ସଫଳତା ମିଳିବ

ବଲାଙ୍ଗୀର ଅଫିସ, ୨୨।୧୨

ଦୁଗ୍ଧ ବ୍ୟବସାୟରେ ସଫଳ ହେବାକୁ ହେଲେ ପ୍ରଥମେ ଦୁଗ୍ଧଚାଷୀ ଓ ବ୍ୟବସାୟୀଙ୍କୁ ସଚ୍ଚୋଟ ହେବାକୁ ପଡିବ। ଦୁଗ୍ଧରେ କୌଣସି ପ୍ରକାର ଅପମିଶ୍ରଣ ବନ୍ଦ କରିବାକୁ ହେବ। ଗ୍ରାହକଙ୍କୁ ଠକି କେହି କେବେ ବଡ ବବ୍ୟବସାୟୀ ହୋଇପାରେନାହିଁ। ଏଣୁ ପ୍ରଥମେ ଆମେ ଆମର ଚାଷୀଙ୍କୁ ନୈତିକତାର ପାଠ ପଢ଼ାଇବାକୁ ହେବ ବୋଲି ରାଜ୍ୟର ପ୍ରଥମ ଗୋପାଳନ ସମ୍ମିଳନୀ ଉଦ୍‌ଯାପନୀ ଦିବସ ଆଲୋଚକଭାବେ ଯୋଗଦେଇଥିବା ବିହାରସ୍ଥିତ ପ୍ରାଣୀ ବିଜ୍ଞାନ କଲେଜ ଡିନ୍ ଡ. ଚନ୍ଦ୍ରହାସ ପ୍ରଜାପତି କହିଛନ୍ତି। ଦୁଗ୍ଧରେ ପାଣି ମିଶାଇବା ଏବଂ ସିନ୍ଥେଟିକ୍ ଦୁଗ୍ଧ ଅପମିଶ୍ରଣ କରିବାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଉପରେ ସେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଜିଲା ପ୍ରଶାସନ ଏବଂ ବିକେଏନ୍ ଆଞ୍ଚଳିକ ସମବାୟ ଦୁଗ୍ଧ ସମିତି ଆନୁକୂଲ୍ୟରେ ଆୟୋଜିତ ଗୋପାଳନ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହ ପ୍ରାରମ୍ଭରେ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଉତ୍ପାଦନ ବୃଦ୍ଧି କରି ଚାଷୀମାନେ ସ୍ୱାବଲମ୍ବୀ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ କମିଶନର ତଥା ସଚିବ ସୁରେଶ କୁମାର ବଶିଷ୍ଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୋପାଳକମାନଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରି ଯୋଜନା ସୁଫଳ ଉଠାଇବାକୁ କହିଥିଲେ। ବଲାଙ୍ଗୀର ଜିଲାର କୃତ୍ରିମ ପ୍ରଜନନକାରୀ ଗୋପାଳ ରଣା ସର୍ବଭାରତୀୟ ସ୍ତରରେ କୃତ୍ରିମ ପ୍ରଜନନରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି ସେ ବୋଲି କହିଥିଲେ। ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ଚଡ୍ଡା, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରାଣୀ ଚିକିତ୍ସା ବିଜ୍ଞାନ ବିଭାଗ ଡିନ ଡ଼ ସୁଶେନ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲାପାଳ ଚଞ୍ଚଳ ରାଣା ଦୁଗ୍ଧଚାଷୀ ମାନେ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହେବା ସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ବିକେଏନ୍ ଆଞ୍ଚଳିକ ସମବାୟ ଦୁଗ୍ଧ ସମିତି ସଭାପତି ସୀମା ପଟେଲ, ସାଧାରଣ ପରିଚାଳକ ଡ଼ ସରୋଜ କୁମାର ସାହୁ ସମ୍ମିଳନୀ ଆୟୋଜନ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଗୋପାଳନ ସମ୍ମିଳନୀ ଅବସରରେ ଆୟୋଜିତ ପ୍ରଦର୍ଶନୀକୁ ଅତିଥିମାନେ ପରିଦର୍ଶନ କରିଥିଲେ। ସମ୍ମିଳନୀ ଅବସରରେ ଆୟୋଜିତ ସାରସ୍ୱତ ସଭାରେ ପଦ୍ମଶ୍ରୀ ହଲଧର ନାଗ, କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ପଙ୍କଜ ଜାଲ, କଣ୍ଠଶିଳ୍ପୀ ମାନସୀ ପାଣିଗ୍ରାହୀ ଯୋଗଦେଇ ଶ୍ରୋତା ଓ ଦର୍ଶକଙ୍କୁ କବିତା ଓ ଗୀତରେ ମନ୍ତ୍ରମୁଗ୍ଧ କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଡାଇରି ସମ୍ପର୍କିତ ବିଷୟ ବସ୍ତୁ ଉପରେ ଆଧାରିତ ଏକ ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ରାଣା, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଏଡିଏମ୍ ଲମ୍ବୋଦର ଧରୁଆ କୁଇଜ ପ୍ରତିଯୋଗୀତାର କୃତି ପ୍ରତିଯୋଗୀ, ପ୍ରଦର୍ଶନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସି ପ୍ରଦର୍ଶନ କରିଥିବା ଉଦ୍ୟୋଗୀ, ବିଭାଗମାନଙ୍କୁ ସମ୍ମାନିତ କରିଥିଲେ। ସମ୍ମିଳନୀ ଶେଷରେ ଉପଖଣ୍ଡ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରସନ୍ନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।




ବଲାଙ୍ଗୀର ଗୋପାଳନ ସମ୍ମିଳନୀ ଉଦ୍‌ଯାପନୀ ଦିବସ ସମାରୋହରେ ମଞ୍ଚାସୀନ ଅତିଥି।

## ଗୋପାଳନ ସମ୍ମିଳନୀ ଉଦ୍‌ଯାପିତ

## ଅତ୍ୟାଧୁନିକ ମୁଢ଼ି ମିଲ୍ ଉଦ୍‌ଘାଟିତ

ଢୁଙ୍ଗୁରିପାଲି,୨୨।୧୨(ଡି.ଏନ.ଏ.)

ଢୁଙ୍ଗୁରିପାଲି ବ୍ଲକ ଟାଙ୍ଗରକର୍ଲେଠାରେ ଜନନୀ ଶକ୍ତି ମହିଳା ଏସ୍‌ଏଚ୍‌ଜି ପରିଚାଳିତ ଅତ୍ୟାଧୁନିକ ମୁଢ଼ି ମିଲ ଗୁରୁବାର ଉଦ୍‌ଘାଟିତ ହୋଇଛି। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମିଲ୍‌ର ଉଦଘାଟନ କରିଥିଲେ। କୃଷି ଜିଲା ଅଧିକାରୀ ବିନୋଦ କୁମାର ଲାକ୍ରା, ଗୋଷ୍ଠୀ କୃଷି ଅଧିକାରୀ ଦିଲ୍ଲ ରଞ୍ଜନ ମହାଲିକ, ସହକାରୀ କୃଷି ଯନ୍ତ୍ରୀ ରଶ୍ମିତା ଦଳେଇ ଏବଂ ପ୍ରିୟଙ୍କା ବେହେରା, କୃଷି ଅଧିଦର୍ଶକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ସିଡ଼ିପିଓ ଜୟନ୍ତୀ ଗଡତ୍ୟା, ବିପିସି ମିଶନ ଶକ୍ତି ବାବାଜୀ ଚରଣ ସାମଲ ଏବଂ ସଙ୍ଗୀତ ଷଡଙ୍ଗୀ, ଓଡ଼ିଶା ଜୀବିକା ମିଶନ ବିପିଏମ ଡେଭିଡ଼ ବକ୍ସ ଏବଂ କେଶବ ମାଝି, ମହିଳା ଶକ୍ତି ଦଳର ବ୍ଲକସ୍ତରୀୟ ସଙ୍ଗଠନ ସଭାନେତ୍ରୀ ଲକ୍ଷ୍ମୀ ସରାଫ, ସମ୍ପାଦିକା ବନିତା ସୁନା, ଜନନୀ ଶକ୍ତି ଦଳ ସଭାନେତ୍ରୀ ବିନୋଦିନୀ ପାତ୍ର ଏବଂ ସମ୍ପାଦିକା ପମି ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ମୁଢ଼ି ମିଲ ନିର୍ମାତା ସତ୍ୟଶୁଭ୍ରା ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ଼ ନିମାପଡ଼ା, ପୁରୀର ନିର୍ଦ୍ଦେଶକ ସତ୍ୟବ୍ରତ ଖଟୋଇ ଉପସ୍ଥିତ ଥିଲେ।



ମୁଢ଼ିମିଲ୍‌କୁ ଉଦ୍‌ଘାଟନ କରାଯାଉଛି।

# ମହିଳା ଗୋଷ୍ଠୀଙ୍କ ନିଶାମୁକ୍ତ ଅଭିଯାନ

ଲୋଇସିଂହା,୨୨।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ପଞ୍ଚାୟତ ସିଂହାଣୀମୁଣ୍ଡା ଗ୍ରାମରେ ମିଶନ ଶକ୍ତି ମହିଳା ଗୋଷ୍ଠୀ ପକ୍ଷରୁ ନିଶାମୁକ୍ତ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସିଂହାଣୀମୁଣ୍ଡା ଗ୍ରାମରେ ମଦ ଓ ଗଞ୍ଜେଇ କାରବାର ବୃଦ୍ଧି ପାଇଛି । ଏଥିଯୋଗୁ ଗ୍ରାମରେ ଅସମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ପୋଲିସ ଓ ସ୍ଥାନୀୟ ଅବକାରୀ ବିଭାଗକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଅନ୍ୟନୋପାୟ ହୋଇ ଗ୍ରାମର ମିଶନ ଶକ୍ତି ମହିଳା ଗୋଷ୍ଠୀ ଗ୍ରାମରେ ନିଶାମୁକ୍ତ ଅଭିଯାନ ସଚେତନତା ଶୋଭାଯାତ୍ରା କରିଛନ୍ତି। ନିଶା ବେପାର କାରବାର କରୁଥିବା ବ୍ୟକ୍ତି ମିଶନ ଶକ୍ତି ମହିଳାଗୋଷ୍ଠୀ ହାତରେ ଧରା ପଡିଲେ ୫୦ ହଜାର ଜରିମାନ ଦେବାକୁ ବାଧ୍ୟ ହେବେ ଏବଂ ଯେଉଁ ବ୍ୟକ୍ତି ନିଶା ବେପାରୀଙ୍କୁ ଧରାଇବା ତାଙ୍କୁ ୨ ହଜାର ପୁରସ୍କାର ଦେବାକୁ ଆହ୍ୱାନ ଦିଆଯାଇଛି।

## ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

ବୌଦ୍ଧ,୨୨।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ପୁରୁଣାକଟକ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସ୍ୱରାଜ କୁମାର କହଁର ଯୋଗ ଦେଇଥିଲେ। ଏଥିରେ କବାଡି, ଖୋଖୋ, ବ୍ୟାଡମିଣ୍ଟନ, ଭଲିବଲ, ଦୌଡ ଆଦି ଖେଳ ହୋଇଥିଲା। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୫୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗୁରୁବାର ଏହି କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ଉଦଯାପନୀ ଉତ୍ସବରେ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସ୍ୱରାଜ କୁମାର କହଁର, ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମଲିକ, ବ୍ଲକ କ୍ରୀଡା ସଂଯୋଜକ ନିରଞ୍ଜନ ବେହେରା ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ସମ୍ବଲପୁରକୁ ହରାଇ ଭୁବନେଶ୍ୱର ସେମିରେ



ଅତିଥି ଓ ଖେଳାଳି।

## ୨୦ତମ ରାଜ୍ୟସ୍ତରୀୟ ତିଲେଶ୍ୱର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୌଦ୍ଧ,୨୨।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଫ୍ରେଣ୍ଡସ୍ ଆସୋସିଏଶନ ଆନୁକୂଲ୍ୟରେ ୨୦ତମ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଗୁରୁବାର ଦିନ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଓ ଆସୋସିଏଶନ୍‌ର ସଭାପତି ଝୁନୁ ବେହେରା ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ସମ୍ବଲପୁର ଫୁଟବଲ କ୍ଲବ ବନାମ ଭୁବନେଶ୍ୱର ଜଗା ୟୁନାଇଟେଡ୍ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୩ – ୧ ଗୋଲରେ ଭୁବନେଶ୍ୱର ଜଗା ୟୁନାଇଟେଡ୍ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ଖେଳକୁ ରେଫରି ରାଜୁ ମହାନ୍ତି, ପ୍ରଦିପ୍ତ ମହାନ୍ତି, ଏମ.ଡି ସାକଲିନ ପରିଚାଳନା କରିଥିଲେ। ଚତୁର୍ଥ ରେଫରି ଭାବେ ଦିଲୀପ ରାଉତ ଓ ମ୍ୟାଚ କମିଶନର ଭାବେ ରଞ୍ଜନ କୁମାର ଯୋଷୀ କାର୍ଯ୍ୟ ତୁଲାଇଥିଲେ। ଫ୍ରେଣ୍ଡସ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ସୁଶିଲ କୁମାର ଦେହୁରୀ, ଉପସଭାପତି ଦେବରାଜ ପ୍ରଧାନ, ସାଧାରଣ ସମ୍ପାଦକ ରମେଶ ସାମଲ, କାର୍ଯ୍ୟକାରୀ ସମ୍ପାଦକ ପ୍ରସନ୍ନ କୁମାର ଭୋକ୍ତା, ସମ୍ପାଦକ ଅରୁଣ ପ୍ରଧାନ,ସହ ସମ୍ପାଦକ ସୁଜ୍ଞାନ କର୍ଣ୍ଣ ଓ କୋଷାଧକ୍ଷ ନିକୁଞ୍ଜ କୁମାର ବେହେରାଙ୍କ ସହଯୋଗରେ ଏହା ଆୟୋଜିତ ହୋଇଛି । ଶୁକ୍ରବାର ଦିନ ଟୁର୍ନାମେଣ୍ଟର ଦ୍ୱିତୀୟ ଖେଳ ରାମଧୁନ ଫୁଟବଲ କ୍ଲବ ସୋନପୁର ଓ ଜେଡି ଫୁଟବଲ କ୍ଲବ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହେବ।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆରରୋଡ

### ଟେଣ୍ଡର ନୋଟିସ

ପତ୍ର ସଂ.୩୩୪୬ ତା୧୫।୧୨।୨୦୨୨

No.C-2056:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆରରୋଡ ଅଧୀନସ୍ଥ ମଙ୍ଗଳ ବଜାର ହାଟ ତା୧୫।୦୧।୨୦୨୩ରୁ ତା୩୧।୦୩।୨୦୨୪ରିଖ ପର୍ଯ୍ୟନ୍ତ ନିଲାମ ଦିଆଯିବ । ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ତା୨୧।୧୨।୨୦୨୨ରୁ ତା୬।୦୧।୨୦୨୩ ଅପରାହ୍ନ ଘ.୫.୦୦ ସମୟ ମଧ୍ୟରେ ଟେଣ୍ଡର ପେପର ପ୍ରାପ୍ତ କରିପାରିବେ କିମ୍ବା ଜିଲାପାଳ, ନୂଆପଡ଼ାଙ୍କ ୱେବ୍‌ସାଇଟ୍: www.nuapada.nic.inରୁ ଦେଖିପାରିବେ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆରରୋଡ

OIPR-13136/11/0024/2223

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RAIRANGPUR (R&B) DIVISION

INVITATION FOR BIDS (IFB)

**Corrigendum to Bid Identification No. S.E 42 OF 2022-23**

No.10056 Dt.12.12.2022

**No.B-1021:**The cost of Approximate value of work published for Sl. No. 1 to 6 of Bid Identification No. SE 42 of 2022-23 may be read as follows. All other terms and conditions remain unaltered.
Sl No. 1. Rs.29,35,300.00, Sl. No. 2. Rs.29,24,300.00 , Sl. No. 3. Rs. 29,07,800.00 , Sl. No. 4 Rs. 30,08,700.00, Sl.No. 5 Rs. 30,53,200.00 & Sl.No. 6 Rs. 31,50,800.00.

Sd./- Superintending Engineer
Rairangpur (R&B) Division
OIPR-34041/11/0024/2223

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ସଂ.: ST-SBP-TENDER-2022-19 ତା.19.12.2022ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ ସମ୍ବଲପୁର ମଣ୍ଡଳରେ 49 ଗୋଟି ଷ୍ଟେସନ ଠାରେ ସମନ୍ୱିତ ଜରୁରୀକାଳୀନ ପ୍ରତିକ୍ରିୟା ପ୍ରବନ୍ଧକ ପ୍ରଣାଳୀ (ଭିଡିଓ ନିରୀକ୍ଷଣ ପ୍ରଣାଳୀ)ର ବ୍ୟବସ୍ଥା ।

ଷ୍ଟେସନଗୁଡ଼ିକର ନାମ : ବୃନ୍ଦାମଲ, ଲପଙ୍ଗା, ରେଙ୍ଗାଲି, ଶାସନ, ସମ୍ବଲପୁର ରୋଡ଼, ହୀରାକୁଦ, ଗୋଡ଼ଭଗା, ଅତାବିରା, ବରପାଲି, ଢୁଙ୍ଗରିପାଲି, ଖଲିପଲି, ଲୋଇସିଙ୍ଗା, ଦେଓଗାଁ ରୋଡ଼, ସର୍ଣ୍ଣତଳା, ବଡ଼ମାଳ,ସିଜିରି, ରହେନବଟା, ମୁରୀବାହାଲ, ତୁରେକେଲା ରୋଡ଼, ଲଖନା, ଖରିଆର ରୋଡ଼, କୋମାଖାନ, ବାଗବାହାର, ଭୀମଖୋଜ, ଅରାଣ୍ଡ, ମହାସମୁନ୍ଦ, ବେଲସୋଣ୍ଡା, ଅରାଙ୍ଗ ମହାନଦୀ, କାଣ୍ଟେଲ ରୋଡ଼, ରୁପ୍ରା ରୋଡ଼, ନର୍ଲା ରୋଡ଼, ଲାଞ୍ଜିଗଡ଼ ରୋଡ଼, ଭବାନୀପାଟଣା, ଅମ୍ଭୋଦଳା, ଦହିଖାଲ୍ଲ, ମୁନିଗୁଡ଼ା, ବିଷମକଟକ, ଥେରୁବାଲି, ସମ୍ବଲପୁର ସିଟି, ମାନେଶ୍ୱର, ହାତିବାରୀ, କୁଳୁମୁରା,ଚାରମାଳ, ରେଢ଼ାଖୋଲ, ବାମୁର, ସରଗିପାଲି, ହଣ୍ଡପା, ବୋଇଣ୍ଡା, ଝାରପଡ଼ା ଷ୍ଟେସନ ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ):** 6,16,97,496.77, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 4,58,500/- ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.11.01.2023 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର

PR-833/N/22-23

## OFFICE OF THE MUNICIPAL COUNCIL,RAYAGADA
### QUOTATION CALL NOTICE

Letter No.6102 Date:20.12.22

**No.C-2025:**Sealed quotations are invited from the Intending Firms/Agency/ Suppliers and Manufacturers for fitting and fixing total different light system from different location under rayagada Municipality area during the Chaiti Mahotsav 2023. The rate should be quoted including of all taxes/transportation and other charges as per specification given below. The quotation should be received at Development Section in Rayagada Municipality, Rayagada on or before 30.12.2022 at 05.30 P.M and same will be opened on dtd. 31.12.2022 at 11:30 A.M in the presence of the quotationer or their authorized representatives.The bid cost of Rs. 4000/- (Non-Refundable) in shape of Bank Draft/Bankers Cheque from any nationalized bank in favour of Executive Officer, Rayagada Municipality. The quotationer should rate the quote the rate both in figure and words. If any alternation or overriding made in the quotation it should be attested by the quotationer. The quotationer should submit the photocopy of Pan Card and G.S.T Registration Certificates, the light should be installed within Chaiti Mahotsav 2023 after received the work order.
The undersigned reserves all the rights to accept or reject any or all the quotations without assigning any reason thereof.

Sd./-Executive Officer, Rayagada Municipality
OIPR-13150/11/0046/2223

## GOVERNMENT OF ODISHA
## OFFICE OF THE SUPERINTENDING ENGINEER SAMBALPUR (R&B) DIVISION NO. II, SAMBALPUR

E-mail - eesbprnbdivision2@gmail.com
Phone -0663-2410104

BID IDENTIFICATION No. SE / R and B / SBP II /14(online)/2022-23

### E-procurement notice

No.3857 Dated:17.12.22

**No.B-1025:**The Executive Engineer, Sambalpur (R&B) Division No. II, Sambalpur on behalf of Governor of Odisha, invites Percentage Rate bids in Single Cover System in ONLINE MODE.

1. No. of work :- 12 (Twelve) Nos. of work (07 Nos. of Building & 05 Nos. of Road works)
2. Tender Cost :- Rs.6,000/- & Rs.4,000/-
3. Class of Contractor :- "B" "C" & "D" Class Contractors
4. Availability of bid document in the website. :- 18:00 Hours of 29.12.2022 to 17:00 Hours of 07.01.2023
5. Date of Opening of Tenders :- 11:30 Hours on dt.09.01. 2023
6. The Bidders have to participate in ONLINE bidding only. Further details can be seen from the Website www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only.

OIPR-34136/11/0016/2223
Sd./- Executive Engineer
Sambalpur (R&B) Division No.II

## ODISHA STATE CIVIL SUPPLIES CORPORATION LTD

C/2, Nayapalli, Bhubaneswar-12, www.oscsc.in
CIN : U51211OR1980OSGC000894
Tel.No.0674-2395139, Fax No.0674-2395291

**Tender No.18367/P-II/77/2021/PDS Date : 22.12.2022**

Managing Director Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1. | Name of the Work | Selection and appointment of handling & transport contractors for handling & transportation of Custom Milled Rice (CMR) from source district to recipient district through Rake in the State of Odisha |
| 2. | Availability of bid document in the portal | From 23.12.2022 |
| 3. | Last Date/Time for receipt of bids in the portal | dt.29.12.2022 upto 5.00PM |
| 4. | Date/Time of Opening of Technical Bid | dt.30.12.2022 upto 11.00AM. |
| 5. | Name and address of the Officer Inviting Tender | Managing Director, OSCSC Ltd., C/2 Nayapalli, Bhubaneswar. |

Tender Documents and other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** Amendments/corrigendum/ cancellation/retenders etc. If any shall be published only in above websites.

**By Order of Managing Director**
**Sd./- General Manager (PDS)**

## Forest Department Odisha
## OFFICE OF THE DIVISIONAL FOREST OFFICER JHARSUGUDA FOREST DIVISION

Email: dfo.jharsuguda@odisha.gov.in
Ph.- 06645- 295040

### TENDER CALL NOTICE

**Tender Call Notice No.216 Dated 21.12.2022**

Sub: Tender Call Notice for Construction of Civil Works at Jharsuguda Forest Division during the FY 2022-23.

Sealed tenders are invited from eligible contractors ('B', 'C' & 'D' Class Contractor) with valid licence for execution of Building and other work under the establishment of Jharsuguda Forest Division during the year 2022-23 so as to reach in the O/o the Divisional Forest Officer, Jharsuguda Forest Division on or before 03.01.2023 upto 05.00 P.M. through **Registered / Speed Post / Courier Service / By hand except from those contractors who have failed to carryout construction works after finalization of their Tenders as L1 and L2 bidders for a period three years from the date of assignment of works to them as L1 and L2 bidders and as such their tender papers in this Division will not be entertained and will be automatically rejected.**

The application form of tender containing Technical Bid & Financial Bid information and terms and conditions for construction of Civil works at Jharsuguda Forest Division can be downloaded from www.dfojharsuguda.org / www.jharsuguda.nic.in and also can be obtained from the Head Clerk, Office of the Divisional Forest Officer, Jharsuguda Forest Division, Jharsuguda from 21.12.2022 to 03.01.2023 during office hours on production of tender document cost. Tender document cost as mentioned in tender documents in shape of **Non-refundable Demand Draft from any State Bank of India only drawn in favour of "Divisional Forest Officer, Jharsuguda Forest Division"** in the sealed bid document should be submitted.

The **Technical Bids will be opened on 04.01.2023 at 11.00 A.M. & Financial Bid will be opened on 06.01.2023 at 11.00 A.M.** in presence of the bidder or his authorized representatives in the office of the undersigned. Final selection of the bidder shall be done on L1 basis based on quality of work. The undersigned reserves the right to reject any or all tender without assigning any reason thereof.

Sd./- Divisional Forest Officer
Jharsuguda Forest Division

E-mail:ee_rwbdk2@yahoo.co.in.

## OFFICE OF THE SUPERINTENDING ENGINEER RURAL WORKS DIVISION-II, BHADRAK
### "e" Procurement Notice for Road Work

**Identification No.- Online Tender- 08/RWD/BDK-II/2022-23**

Letter No.4790, Date: 20.12.2022

**No.O-1500:**Name of the work :- TRIP Road. Total No. of work :- 01 No. of work. Estimated Cost :- Rs. 83.26 lakhs (Approximately). Eligible Class of Contractor:- ,'B', Class(of Odisha P.W.D.) or relevant Class of other licensing authorities (as per annexure). 5. Period of Completion :- 06 Calendar months for the work.6.Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of opening of Tender in O/O. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engieneer, Rural Works, Division-II, Bhadrak | 08 | 30.12.2022 at 4.00 PM | 10.01.2023 upto 4.00 P.M. | 09.01.2023 upto 3.00 P.M. | 11.01.2023 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in.

OIPR-25090/11/0014/2223
Sd./- Superintending Engineer, R.W.Division-II, Bhadrak

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ମମତା



@ ସତ୍ୟଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାକ୍ଷୀଙ୍କ ଆତ୍ମହତ୍ୟା ନେଇ ଉଦ୍‌ବେଗ ପ୍ରକାଶ କଲେ କୋର୍ଟ

କଟକ ଅଫିସ, ୨୨।୧୨

ହାତୀମୃତ୍ୟୁକୁ ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ଗ୍ରହଣ କରିଛନ୍ତି ହାଇକୋର୍ଟ। ଗୁରୁବାର ଶୁଣାଣି ବେଳେ ହାଇକୋର୍ଟ ଶିମିଳିପାଳ ହାତୀ ମୃତ୍ୟୁ ମାମଲାରେ ଜଣେ ସାକ୍ଷୀ ଆତ୍ମହତ୍ୟା କରିବା ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ କେଉଁ ପରିସ୍ଥିତିରେ ସେ ଆତ୍ମହତ୍ୟା କଲେ ସେନେଇ ଶିମିଳିପାଳ କ୍ଷେତ୍ର ଅଧିକାରୀଙ୍କଠାରୁ ଜାଣିବାକୁ ଚାହିଁଛନ୍ତି। ଏଥିସହ ଉକ୍ତ ମାମଲାର ଚାର୍ଜଶିଟ୍ ତୁରନ୍ତ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ମିଳିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁୟାରୀ ୧୮ ତାରିଖକୁ ଧାର୍ଯ୍ୟ କରଛନ୍ତି।

ପ୍ରକାଶ ଯେ, ଗୁରୁବାର ଶୁଣାଣିବେଳେ ଜଏଣ୍ଟ ଟାସ୍କ ଫୋର୍ସ ସଦସ୍ୟ ଡ. ରମଣ ସୁକୁମାର ଓଡ଼ିଶାରେ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ହାତୀ କରିଡର ଉପରେ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ସମ୍ବଲପୁର ଓ ମହାନଦୀ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ହାତୀଙ୍କ ଚଳାଚଳ ପାଇଁ ଅତିରିକ୍ତ ପୋଲ ନିର୍ମାଣର ଆବଶ୍ୟକତା ଥିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅଞ୍ଚଳରେ ରାଜ୍ୟର ୭୦ରୁ ୭୫% ହାତୀ ରହୁଥିବାବେଳେ ଏହି ସଂଖ୍ୟା ୨ହଜାର ବୋଲି ସେ ଦର୍ଶାଇଥିଲେ। ଡ. ସୁକୁମାରଙ୍କ ପାୱାର ପଏଣ୍ଟ ତଥ୍ୟକୁ ରେକର୍ଡ ଭାବେ ରଖିବା ନିମନ୍ତେ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭର୍ଚୁଆଲ ମାଧ୍ୟମରେ ଜଏଣ୍ଟ ଟାସ୍କ ଫୋର୍ସର ମୁଖ୍ୟ ବନ ସଂରକ୍ଷକ ଡ. ମନୋଜ ନାୟାର ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କ୍ଷେତ୍ର ଅଧିକାରୀ ଏବଂ ବ୍ୟକ୍ତିଗତ ଭାବେ ଆଡଭୋକେଟ ଜେନେରାଲ ଓ ଆବେଦନକାରୀଙ୍କ ସିନିୟର କାଉନ୍‌ସେଲ ଉପସ୍ଥିତ ହୋଇ ଓଡ଼ିଶାରେ ସୁରକ୍ଷିତ ଭାବେ ହାତୀ ଚଳପ୍ରଚଳ କରିବା ନିମନ୍ତେ ଆବଶ୍ୟକ ପ୍ରସ୍ତାବ ପ୍ରଦାନ କରିଥିଲେ। ମୁଖ୍ୟ ବନ ସଂରକ୍ଷକ ଡ. ନାୟାର ହାତୀ ସୁରକ୍ଷା ନିମନ୍ତେ ପ୍ରସ୍ତୁତ ଆକ୍ସନ ପ୍ଲାନରେ ଏସବୁ ରହିଥିବା ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଏଥିସହ ଡିସେମ୍ବର ୨୧ତାରିଖରେ ଦାଖଲ କରାଯାଇଥିବା ସତ୍ୟପାଠରେ ଚଳିତ ବର୍ଷରୁ ଆରମ୍ଭ ହୋଇଥିବା ଗଜସାଥୀ ଯୋଜନା ସମ୍ପର୍କରେ ଉଲ୍ଲେଖ ରହିଛି। ଗଜସାଥୀ ଭାବେ ୧୧୭୭ ଗ୍ରାମରୁ ୫୪୫୭ ଜଣ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରାଯାଇଛି। ଏହାର ସବିଶେଷ ତାଲିକା ସତ୍ୟପାଠରେ ସାମିଲ କରାଯାଇଛି। ଏଥିସହ ଜନ ସୁରକ୍ଷା ଗଜ ରକ୍ଷା ନାମକ ଯୋଜନାରେ ଜନସାଧାରଣଙ୍କୁ ସାମିଲ କରାଯାଇ ସୋଲାର ବାଡ଼ ନିର୍ମାଣ ପାଇଁ ଲକ୍ଷ୍ୟ ରହିଛି ଯେଉଁଥିରେ ରାଜ୍ୟ ସରକାର ୯୦% ଖର୍ଚ୍ଚ ବହନ କରିବେ। ଆହୁରି ମଧ୍ୟ ବିଦ୍ୟୁତ୍ ଆଘାତରୁ ହାତୀ ଓ ବନ୍ୟପ୍ରାଣୀଙ୍କୁ ରକ୍ଷା କରିବା ନିମନ୍ତେ ୩,୮୧୪ କିଲୋମିଟର ଖୋଲା ବିଦ୍ୟୁତ ତାର ମଧ୍ୟରୁ ୨,୩୫୪ କିଲୋମିଟର ତାରକୁ କେବୁଲରେ ପରିଣତ କରାଯାଇଛି। ଏହାବାଦ୍ ବିପଦ ଥିବା ଆହୁରି ୪,୪୪୪ କିଲୋମିଟର ଖୋଲା ବିଦ୍ୟୁତ୍ ତାର ଓ ୩୧,୦୦୦ ବିଦ୍ୟୁତ ସ୍ଥଳକୁ ଚିହ୍ନଟ କରାଯାଇଛି। ତଥ୍ୟ ମୁତାବକ ୧୯ଟି ବନ ଡିଭିଜନର ୩୨ଟି ରେଞ୍ଜକୁ ହାତୀ–ମଣିଷ ଲଢ଼େଇର ସର୍ବାଧିକ ବିପଦସଙ୍କୁଳ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ହାତୀଙ୍କ ନିମନ୍ତେ ପରିସଂସ୍ଥାର ଉନ୍ନତିକରଣ କରାଯିବ। ଏଥିରେ ନୂତନ ଭାବେ ୩୪ଟି ଜଳାଶୟ ନିର୍ମାଣ, ୨୬ଟି ଜଳାଶୟର ପୁନରୁଦ୍ଧାର, ୪୪ଟି ଜଳ ଅମଳ ସଂସ୍ଥା, ୨୦୦ ହେକ୍ଟର ଅଞ୍ଚଳରେ ବୁଦାଳିଆ ଘାସ ଚାଷ ଓ ବାଉଁଶ ଗଛ ସୃଷ୍ଟି ନିମନ୍ତେ ୧ ଲକ୍ଷ ବାଉଁଶ ମଞ୍ଜି ବଲ ରୋପଣ କରାଯିବ। ଏଥିସହ ହାତୀ କରିଡରର ନକ୍ସା ବଦଳାଯିବ। ଏନେଇ ଭାରତ ସରକାରଙ୍କ ଅବଗତ କରାଯାଇଛି। ଶିମିଳିପାଳ–କୁଲଡିହା–ହ୍ରଦଗଡ଼ ପାରମ୍ପରିକ ହାତୀ କରିଡରକୁ ସୁରକ୍ଷିତ ଅଞ୍ଚଳ ଭାବେ ଘୋଷଣା କରାଯିବା ନିମନ୍ତେ ପଦକ୍ଷେପ ନିଆଯାଇଥିବା ଡ. ନାୟାର ସତ୍ୟପାଠରେ ଦର୍ଶାଇଛନ୍ତି। ଶିମିଳିପାଳ ହାତୀ ମୃତ୍ୟୁ ଘଟଣାରେ ୩ ବନ ଅଧିକାରୀଙ୍କୁ ଗିରଫ କରି ଉଦଳା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯିବା ପରେ ସେମାନେ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଆବେଦନକାରୀ ଗୀତା ରାଉତଙ୍କ ପକ୍ଷରୁ ଆଇନଜୀବୀ ଆଶିଷ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

**ହାଇକୋର୍ଟରେ ହାତୀ ମୃତ୍ୟୁ ମାମଲା**

- ମୁଖ୍ୟ ବନ ସଂରକ୍ଷକଙ୍କ ସତ୍ୟପାଠ ଦାଖଲ
- ଖୋଲାଯିବ ଜଳାଶୟ, ଲଗାଯିବ ବାଉଁଶ
- ସମ୍ବଲପୁର-ମହାନଦୀ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ହେବ ଅତିରିକ୍ତ ପୋଲ

## ଯୁବକଙ୍କୁ ବ୍ଲେଡ୍‌ରେ ମାଡ଼, ଜଣେ ଗିରଫ

ରାଉରକେଲା ଅଫିସ,୨୨।୧୨

ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଶୀତଳନଗର ଅଞ୍ଚଳରେ ଜଣେ ଯୁବକଙ୍କୁ ବ୍ଲେଡ୍ ମାଡ଼ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦନ ଦାସ। ପୋଲିସ ଏ ନେଇ ଏକ ମାମଲା (ନଂ.୨୧୪।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବନ୍ଧମୁଣ୍ଡା ଶୀତଳନଗରର ଦିନେଶ ଦାସ ବୁଧବାର ରାତି ସାଢେ ୮ଟାରେ ବନ୍ଧମୁଣ୍ଡା ମାର୍କେଟରୁ ସଉଦା କିଣି ଘରକୁ ଫେରୁଥିଲେ। ଏହି ସମୟରେ ଉକ୍ତ ଅଞ୍ଚଳର ଚନ୍ଦନ ତାଙ୍କୁ ହଜାରେ ଟଙ୍କା ବଟି ମାଗିଥିଲେ। ଦିନେଶ ଟଙ୍କା ଦେବାକୁ ମନା କରିବାରୁ ଚନ୍ଦନ ତାଙ୍କୁ ଏକ ବ୍ଲେଡରେ ଆକ୍ରମଣ କରି ଫେରାର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଦୀନେଶଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗୁରୁବାର ଭୂତନାଥ ବସ୍ତିରୁ ଗିରଫ କରିଥିଲା।

# ମନ୍ଦିରା ଡ୍ୟାମ୍‌ରେ ଛଡ଼ାଗଲା ମାଛ ଯାଆଁଳ

ରାଉରକେଲା ଅଫିସ,୨୨।୧୨

ରାଉରକେଲା ଇସ୍ପାତ କାରଖାନାର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ଓ ଓଡିଶା ସରକାରଙ୍କ ମତ୍ସ୍ୟ ବିଭାଗ ପକ୍ଷରୁ ମନ୍ଦିରା ଡ୍ୟାମ୍‌ରେ ଦ୍ୱିତୀୟ ପର୍ଯ୍ୟାୟରେ ୧.୪୮ ଲକ୍ଷ ମାଛ ଜାଆଁଳ ଛଡ଼ାଯାଇଛି। ଏହି ସମୟରେ ଆର୍‌ଏସ୍‌ପି ସିଏସ୍‌ଆର ବିଭାଗର ଜିଏମ୍ ମୁନମୁନ ମିତ୍ର, ଏଜିଏମ୍ ବି. ବି. ଟପ୍ପୋ, ଜିଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ, ଡୁମକୋର ମତ୍ସ୍ୟଜୀବୀ ସମବାୟ ସମିତ ସଭାପତି ମଙ୍ଗରୁ ଓରାମଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଡ୍ୟାମ୍‌ରେ ରୋହି, କାତଲା ଓ ମିରକାଳି ଭଳି ୩ଟି ପ୍ରଜାତିର ମାଛ ଜାଆଁଳ ଛଡା ଯାଇଛି। ଗ୍ରାମବାସୀଙ୍କ ଦୈନନ୍ଦିନ ଉପାର୍ଜନ ବୃଦ୍ଧି ଲକ୍ଷ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଡିସେମ୍ବର ଶେଷ ସୁଦ୍ଧା ୧୫ ଲକ୍ଷ ଟଙ୍କା ମୂଲ୍ୟର ପ୍ରାୟ ୬.୮ ଲକ୍ଷ ମାଛ ଜାଆଁଳ ଛଡା ଯିବା ପାଇଁ ଯୋଜନା ରହିଛି। ସୂଚନାଯୋଗ୍ୟ, ମନ୍ଦିରା ଜଳଭଣ୍ଡାର ଆଖପାଖ ଗାଁ ଗୁଡ଼ିକରେ ବସବାସ କରୁଥିବା ଲୋକଙ୍କ ମାଛଧରା ଜୀବିକା ନିର୍ବାହର ମୁଖ୍ୟ ଉତ୍ସ ହୋଇଛି।

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆରରୋଡ**

**ଟେଣ୍ଡର ନୋଟିସ**

ପତ୍ର ସଂ.୩୩୪୬ ତା୧୯୫।୧୨।୨୦୨୨

No.C–2056:– ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆରରୋଡ ଅଧୀନସ୍ଥ ମଙ୍ଗଳ ବଜାର ହାଟ ତା୧୫।୦୧।୨୦୨୩ରୁ ତା୩୧।୦୩।୨୦୨୪ରିଖ ପର୍ଯ୍ୟନ୍ତ ନିଲାମ ଦିଆଯିବ । ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ତା୨୧।୧୨।୨୦୨୨ରୁ ତା୬।୦୧।୨୦୨୩ ଅପରାହ୍ନ ଘ.୫.୦୦ ସମୟ ମଧ୍ୟରେ ଟେଣ୍ଡର ପେପର ପ୍ରାପ୍ତ କରିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ାଙ୍କ ୱେବ୍‌ସାଇଟ୍: www.nuapada.nic.inରୁ ଦେଖିପାରିବେ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆରରୋଡ
OIPR–13136/11/0024/2223

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RAIRANGPUR (R&B) DIVISION**
**INVITATION FOR BIDS (IFB)**
**Corrigendum to Bid Identification No. S.E 42 OF 2022-23**
No.10056 Dt.12.12.2022
**No.B-1021:**The cost of Approximate value of work published for Sl. No. 1 to 6 of Bid Identification No. SE 42 of 2022-23 may be read as follows. All other terms and conditions remain unaltered.
Sl No. 1. Rs.29,35,300.00, Sl. No. 2. Rs.29,24,300.00 , Sl. No. 3. Rs. 29,07,800.00 , Sl. No. 4 Rs. 30,08,700.00, Sl.No. 5 Rs. 30,53,200.00 & Sl.No. 6 Rs. 31,50,800.00.
Sd./- Superintending Engineer
Rairangpur (R&B) Division
OIPR-34041/11/0024/2223

# କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ

ରାଉରକେଲା ଅଫିସ,୨୨।୧୨

ପୁରୁଷ ହକି ବିଶ୍ୱକପ୍ ପରିପ୍ରେକ୍ଷୀରେ ରାଉରକେଲାରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣୀ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଛି। ଉଦିତନଗର ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଏସ୍‌ପି ମୁକେଶ କୁମାର ଭାମୁ, ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇ, ସୀତାଦେବୀ ମାଝୀ, ଡ. ଗୌରବମୟ ପ୍ରଧାନ, ରୋନିତ କୁମାର, ସୁକାନ୍ତ କୁମାର ବେଉରା, ଅତିରିକ୍ତ ଆୟୁକ୍ତ ନରେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପୁରସ୍କାର ବିତରଣୀ ଉତ୍ସବରେ ହକି, କବାଡି, ଭଲିବଲ, ଫୁଟବଲ ଓ ଖୋଖୋ ପ୍ରତିଯୋଗିତାର ଉଭୟ ବିଜେତା ଉପବିଜେତାଙ୍କୁ ଯଥାକ୍ରମେ ୩୦ ହଜାର ଓ ୨୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ସଙ୍ଗଠନ, ମ୍ୟାଚ୍ ଅଫିସିଆଲ, ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ସେମାନଙ୍କ ସହଯୋଗ ପାଇଁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଫୁଟବଲ ବିଭାଗରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିବାବେଳେ ପୁରୁଷ ବର୍ଗରେ ଆର୍‌ଏସ୍‌ପି ଫୁଟବଲ କ୍ଲବ ଚାମ୍ପିୟନ ହୋଇଥିଲା।

# ଧାନମଣ୍ଡି ଅବ୍ୟବସ୍ଥା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ




ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା ଅଫିସ,୨୨।୧୨

ରାଉରକେଲା ଉଦିତନଗର ସ୍ଥିତ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସଭାପତି ଗଣେଷ ତିର୍କୀଙ୍କ ନେତୃତ୍ୱରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚାଷୀଙ୍କ ଧାନ ବିକ୍ରି ଓ ଧାନମଣ୍ଡି ସମସ୍ୟା ସମ୍ପର୍କିତ ୯ଦଫା ଦାବିପତ୍ର ଉପଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଉପଜିଲାପାଳ ସରୋଜିନୀ ପ୍ରସନ୍ନ କୁଲୁଙ୍କୁ ପ୍ରଦାନ କରାଯାଇଛି। ଚଳିତ ବର୍ଷ ପ୍ରାୟ ୮୦ଶତାଂଶ ଧାନ ଅମଳ ସରିଥିଲେ ମଧ ମଣ୍ଡିଗୁଡିକ ଏପର୍ଯ୍ୟନ୍ତ ଖୋଲିନାହିଁ। ପଶ୍ଚିମ ଓଡିଶାର ମଣ୍ଡି ଗୁଡିକରେ ବିଶୃଙ୍ଖଳିତ ବ୍ୟବସ୍ଥା ପାଇଁ ଚାଷୀମାନେ ହଇରାଣ ହେଉଛନ୍ତି। ତେଣୁ ମଣ୍ଡିଗୁଡିକ ଶୃଙ୍ଖଳିତ ଭାବେ ଖୋଲାଯାଇ ଚାଷୀମାନଙ୍କ ରେଜିଷ୍ଟ୍ରେଶନରେ ପାତରଅନ୍ତର ନ କରିବାକୁ ଦଳ ପକ୍ଷରୁ ଦାବି ହୋଇଛି। ବିକ୍ଷୋଭରେ ଭାଜପା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ଭଗବାନ ରାଉତ, ଶଶାଙ୍କ ଜେନା, ମନୋଜ ମାହେଶ୍ୱରୀ, ମନୋରଞ୍ଜନ ମୁନୀ, ସଞ୍ଜୀବ ପାଣ୍ଡ, ଇରଫାନ ଅଲ୍ଲୀ, ରଞ୍ଜନ ନାୟକ, ବିଶ୍ରାମ ଖାଲକୋ, ରାଜୁ ଓରାମ, ସୁରଜ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ.: ST-SBP-TENDER-2022-19
ତା.19.12.2022ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ ସମ୍ବଲପୁର ମଣ୍ଡଳରେ 49 ଗୋଟି ଷ୍ଟେସନ ଠାରେ ସମର୍ପିତ ଜରୁରୀକାଳୀନ ପ୍ରତିକ୍ରିୟା ପ୍ରବନ୍ଧକ ପ୍ରଣାଳୀ (ଭିଡିଓ ନିରୀକ୍ଷଣ ପ୍ରଣାଳୀ)ର ବ୍ୟବସ୍ଥା ।

ଷ୍ଟେସନଗୁଡ଼ିକର ନାମ : ବୃନ୍ଦାମଲ, ଲପଙ୍ଗା, ରେଙ୍ଗାଲି, ଶାସନ, ସମ୍ବଲପୁର ରୋଡ୍, ହୀରାକୁଦ, ଗୋଡ଼ଭଗା, ଅତାବିରା, ବରପାଲି, ଡୁଙ୍ଗରିପାଲି, ଖଲିପଲି, ଲୋଇସିଙ୍ଗା, ଦେଓଗାଁ ରୋଡ୍, ସର୍ଙ୍କତଳା, ବଡ଼ମାଲ,ସିକିରି, ରହେନବଟା, ମୁରୀବାହାଲ, ତୁରେକେଲା ରୋଡ୍, ଲଖନା, ଖରିଆର ରୋଡ୍, କୋମାଖାନ, ବାଗବାହାର, ଭୀମଖୋଜ, ଅରାଣ୍ଡ, ମହାସମୁନ୍ଦ, ବେଲସୋଣ୍ଡା, ଅରାଙ୍ଗ ମହାନଦୀ, କାଣ୍ଡେଲ ରୋଡ୍, ରୂପ୍ରା ରୋଡ୍, ନର୍ଲା ରୋଡ୍, ଲାଞ୍ଜିଗଡ଼ ରୋଡ୍, ଭବାନୀପାଟଣା, ଅମ୍ଭୋଦଳା, ଦହିଖାଲ୍, ମୁନିଗୁଡ଼ା, ବିଶ୍ୱମକଟକ, ଥେରୁବାଲି, ସମ୍ବଲପୁର ସିଟି, ମାନେଶ୍ୱର, ହାତିବାରୀ, କୁକୁମୁରା,ଡାଭମାଳ, ରେଢ଼ାଖୋଲ, ବାମୁର, ସରଗିପାଲି, ହଣ୍ଡପା, ବୋଇଣ୍ଡା, ଝାରପଡ଼ା ଷ୍ଟେସନ ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ):** 6,16,97,496.77,ବିଡ୍ ସିକ୍ୟୁରିଟି (ଟଙ୍କାରେ) : 4,58,500/- ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.11.01.2023 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନାଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର
PR-833/N/22-23

**OFFICE OF THE MUNICIPAL COUNCIL,RAYAGADA**
**QUOTATION CALL NOTICE**
Letter No.6102 Date:20.12.22
**No.C-2025:**Sealed quotations are invited from the Intending Firms/Agency/ Suppliers and Manufacturers for fitting and fixing total different light system from different location under rayagada Municipality area during the Chaiti Mahotsav 2023. The rate should be quoted including of all taxes/transportation and other charges as per specification given below. The quotation should be received at Development Section in Rayagada Municipality, Rayagada on or before 30.12.2022 at 05.30 P.M and same will be opened on dtd. 31.12.2022 at 11:30 A.M in the presence of the quotationer or their authorized representatives.The bid cost of Rs. 4000/- (Non-Refundable) in shape of Bank Draft/Bankers Cheque from any nationalized bank in favour of Executive Officer, Rayagada Municipality. The quotationer should rate the quote the rate both in figure and words. If any alternation or overriding made in the quotation it should be attested by the quotationer. The quotationer should submit the photocopy of Pan Card and G.S.T Registration Certificates, the light should be installed within Chaiti Mahotsav 2023 after received the work order.
The undersigned reserves all the rights to accept or reject any or all the quotations without assigning any reason thereof.
**Sd./-Executive Officer, Rayagada Municipality**
**OIPR-13150/11/0046/2223**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER SAMBALPUR (R&B) DIVISION NO. II, SAMBALPUR**
**E-mail - eesbprnbdivision2@gmail.com**
**Phone -0663-2410104**
**BID IDENTIFICATION No. SE / R and B / SBP II /14(online)/2022-23**
**E-procurement notice**
**No.3857** **Dated:17.12.22**
**No.B-1025:**The Executive Engineer, Sambalpur (R&B) Division No. II, Sambalpur on behalf of Governor of Odisha, invites Percentage Rate bids in Single Cover System in ONLINE MODE.
1. No. of work :- 12 (Twelve) Nos. of work (07 Nos. of Building & 05 Nos. of Road works)
2. Tender Cost :- Rs.6,000/- & Rs.4,000/-
3. Class of Contractor :- "B" "C" & "D" Class Contractors
4. Availability of bid document in the website. :- 18:00 Hours of 29.12.2022 to 17:00 Hours of 07.01.2023
5. Date of Opening of Tenders :- 11:30 Hours on dt.09.01. 2023
6. The Bidders have to participate in ONLINE bidding only. Further details can be seen from the Website www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only.
Sd./- Executive Engineer
OIPR-34136/11/0016/2223 Sambalpur (R&B) Division No.II

## ଯୁବକଙ୍କ ଉନ୍ମତ୍ତକାଣ୍ଡ, ଚିକିତ୍ସା ପାଇଁ ବୁର୍ଲା ପଠାଗଲା

ଲୋଇସିଂହା,୨୨।୧୨(ଡି.ଏନ.ଏ)

ଲୋଇସିଂହା ଥାନା ବଡଟିକା ଗ୍ରାମର ଜଣେ ଯୁବକ ଗୁରୁବାର ଗ୍ରାମରେ ଉନ୍ମତ୍ତକାଣ୍ଡ ଭିଆଇ ଥିଲେ। ସେ ହେଲେ ନୀଳାଞ୍ଚଳ ପଧାନ(୨୩)। ସେ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଇକ ପୋଡିଦେବା ସହ ୪ରୁ ୫ଜଣଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଲୋଇସିଂହା ପୋଲିସ ଉଦ୍ଧାର କରିଛି।

E-mail:ee_rwbdk2@yahoo.co.in.
**OFFICE OF THE SUPERINTENDING ENGINEER RURAL WORKS DIVISION-II, BHADRAK**
**"e" Procurement Notice for Road Work**
**Identification No.- Online Tender- 08/RWD/BDK-II/2022-23**
**Letter No.4790, Date: 20.12.2022**
**No.O-1500:**Name of the work :- TRIP Road. Total No. of work :- 01 No. of work. Estimated Cost :- Rs. 83.26 lakhs (Approximately). Eligible Class of Contractor:- ,'B', Class(of Odisha P.W.D.) or relevant Class of other licensing authorities (as per annexure). 5. Period of Completion :- 06 Calendar months for the work.6.Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of opening of Tender in O/O. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engieneer, Rural Works, Division-II, Bhadrak | 08 | 30.12.2022 at 4.00 PM | 10.01.2023 upto 4.00 P.M. | 09.01.2023 upto 3.00 P.M. | 11.01.2023 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in.
OIPR-25090/11/0014/2223 **Sd./- Superintending Engineer, R.W.Division-II, Bhadrak**

**ODISHA STATE CIVIL SUPPLIES CORPORATION LTD**
C/2, Nayapalli, Bhubaneswar-12, www.oscsc.in
CIN : U51211OR1980OSGC000894
Tel.No.0674-239539, Fax No.0674-2395291
**Tender No.18367/P-II/77/2021/PDS Date : 22.12.2022**
Managing Director Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1. | Name of the Work | Selection and appointment of handling & transport contractors for handling & transportation of Custom Milled Rice (CMR) from source district to recipient district through Rake in the State of Odisha |
| 2. | Availability of bid document in the portal | From 23.12.2022 |
| 3. | Last Date/Time for receipt of bids in the portal | dt.29.12.2022 upto 5.00PM |
| 4. | Date/Time of Opening of Technical Bid | dt.30.12.2022 upto 11.00AM. |
| 5. | Name and address of the Officer Inviting Tender | Managing Director, OSCSC Ltd., C/2 Nayapalli, Bhubaneswar. |

Tender Documents and other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** Amendments/corrigendum/ cancellation/retenders etc. If any shall be published only in above websites.
**By Order of Managing Director**
**Sd./- General Manager (PDS)**

**Forest Department Odisha**
**OFFICE OF THE DIVISIONAL FOREST OFFICER**
**JHARSUGUDA FOREST DIVISION**
**Email: dfo.jharsuguda@odisha.gov.in**
**Ph.- 06645- 295040**
**TENDER CALL NOTICE**
**Tender Call Notice No.216 Dated 21.12.2022**
Sub: Tender Call Notice for Construction of Civil Works at Jharsuguda Forest Division during the FY 2022-23.
Sealed tenders are invited from eligible contractors ('B', 'C' & 'D' Class Contractor) with valid licence for execution of Building and other work under the establishment of Jharsuguda Forest Division during the year 2022-23 so as to reach in the O/o the Divisional Forest Officer, Jharsuguda Forest Division **on or before 03.01.2023 upto 05.00 P.M. through Registered / Speed Post / Courier Service / By hand except from those contractors who have failed to carryout construction works after finalization of their Tenders as L1 and L2 bidders for a period three years from the date of assignment of works to them as L1 and L2 bidders and as such their tender papers in this Division will not be entertained and will be automatically rejected.**
The application form of tender containing Technical Bid & Financial Bid information and terms and conditions for construction of Civil works at Jharsuguda Forest Division can be downloaded from www.dfojharsuguda.org / www.jharsuguda.nic.in and also can be obtained from the Head Clerk, Office of the Divisional Forest Officer, Jharsuguda Forest Division, Jharsuguda from 21.12.2022 to 03.01.2023 during office hours on production of tender document cost. Tender document cost as mentioned in tender documents in shape of **Non-refundable Demand Draft from any State Bank of India only drawn in favour of "Divisional Forest Officer, Jharsuguda Forest Division"** in the sealed bid document should be submitted.
The **Technical Bids will be opened on 04.01.2023 at 11.00 A.M. & Financial Bid will be opened on 06.01.2023 at 11.00 A.M.** in presence of the bidder or his authorized representatives in the office of the undersigned. Final selection of the bidder shall be done on L1 basis based on quality of work. The undersigned reserves the right to reject any or all tender without assigning any reason thereof.
**Sd./- Divisional Forest Officer**
**Jharsuguda Forest Division**

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣିତ ଦିବସ ପାଳିତ

ରୁପ୍ରାରୋଡ,(ଡି.ଏନ.ଏ.): ନର୍ଲା ବ୍ଲକର ରୁପାରୋଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିସ୍ମିଲା ଖାନ ଯୁବ ସମ୍ମାନପ୍ରାପ୍ତ ମାଣ୍ଡେଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସର୍ବେଶ୍ୱର ଭୋଇ ଯୋଗଦେଇ ରାମାନୁଜମଙ୍କ ଜୀବନୀ ଉପରେ ଶିଶୁଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପବିତ୍ର ମୋହନ ଛୁରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ଗଣିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ନୂଆପଡ଼ା ଅଫିସ,୨୨।୧୨:** ନୂଆପଡ଼ା ଜିଲା ଖଡ଼ିଆଳ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଏଡିଜେ କୋର୍ଟ ଶୁଣାଣି କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି। ଗତ ୨୦୧୯ ଡିସେମ୍ବର ୨୫ରେ ଖଡ଼ିଆଳ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଖଡ଼ିଆଳ ପୋଲିସ ତଦନ୍ତ କରି ଅଭିଯୁକ୍ତ ଛତା ଗାଁର ଟଙ୍କଧର ଭୋଇଙ୍କୁ କୋର୍ଟ ଚାଲାଣ କରିଥିଲା। ଏହାକୁ ନେଇ କୋର୍ଟରେ ମାମଲା ବିଚାରାଧିନ ଥିଲା। ଏଡିଜେ ମିନାକ୍ଷୀ ଦାସ ୨୫ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଶୁଣାଣି କରିଛନ୍ତି। ଏଥିରେ ଅଭିଯୁକ୍ତ ଟଙ୍କଧରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅର୍ଥ ଦଣ୍ଡ ଅନାଦେୟ ହେଲେ ପୁଣି ଅଧିକା ବର୍ଷେ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ଏଡିଜେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ସରକାର ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କାର ସହାୟତା ରାଶି ଦେବେ ବୋଲି ସ୍ୱତନ୍ତ୍ର ପିପି ଘାସିରାମ ବାଗ ସୂଚନା ଦେଇଛନ୍ତି।

### କାଂସ୍ୟ ଓ ରୌପ୍ୟ ପଦକ ବିଜେତାଙ୍କୁ ସ୍ୱାଗତ

**ୱାକୋ ଇଣ୍ଡିଆ କିକ୍ ବକ୍ସିଂ ଓଡ଼ିଶା ରାଜ୍ୟ ଚାମ୍ପିୟନଶିପ୍**

**ତୁଣ୍ଡଲା,୨୨।୧୨(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ସାଇନ୍ସ ଗୁରୁକୁଳଠାରେ କିକ୍ ବକ୍ସିଂ ଚାମ୍ପିୟନଶିପ ଗତ ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ଗ୍ରାମର ଜଣାଶୁଣା ଖେଳାଳି ଧର୍ମପଦ ପଧାନ ଉତ୍ତମ ଖେଳ ପ୍ରଦର୍ଶନ କରି ରାଜ୍ୟରେ ୫୫ କିଲୋ ବର୍ଗରେ ଲାଇଟ କଣ୍ଟାକ୍ଟରେ ଦ୍ୱିତୀୟ ସ୍ଥାନ ଓ କିକ୍ ଲାଇଟରେ ତୃତୀୟ ସ୍ଥାନ ଅଧିକାର କରି ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି। ନିଜ ରାଜ୍ୟ ତଥା ଅଞ୍ଚଳରେ ସୁନାମ ଅର୍ଜନ କରିଥିବା ପଧାନଙ୍କୁ ଗୁରୁବାର ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିବା ଅବସରରେ ନିଜ ପଞ୍ଚାୟତ କାର୍ଯ୍ୟାଳୟଠାରେ କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ ଓଝୁ ଓ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଦାଶ, ସମିତି ସଭ୍ୟା ସୀତାୟ ସାହୁ ଏବଂ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ମଙ୍ଗଳ କାମନା କରିଥିଲେ। ବିଶ୍ୱ କିକ୍ ବକ୍ସିଂ ଓ କରାଟେ ଚମ୍ପିୟାନଶିପରେ କାଂସ୍ୟ ପଦକ ବିଜେତା ମାନସ ରଞ୍ଜନ ତାଣ୍ଡି ତାଙ୍କୁ ଖେଳ କିପରି ଭାବରେ ଖେଳାଯିବ ତାହା ଶିକ୍ଷା ଦେଇଥିଲେ। ସେ ସାଓଲିନ ମାର୍ଶଲ ଆର୍ଟ ଆଣ୍ଡ ଏକାଡେମୀ ତରଫରୁ ଖେଳିଥିବା କହିଛନ୍ତି। ଆଗାମୀ ଦିନରେ କିଭଳି ଆହୁରି ଉତ୍ତମ ଖେଳ ପ୍ରଦର୍ଶନ କରିବେ ସେନେଇ ଗ୍ରାମବାସୀ ଆଶାବାଦୀ ଅଛନ୍ତି।

### ଜୁନାଗଡ ସିଡିପିଓଙ୍କ ପରଲୋକ

**ଜୁନାଗଡ,୨୨।୧୨(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଆଇସିଡିଏସରେ



କାର୍ଯ୍ୟରତ ସିଡିପିଓ ସଂଯୁକ୍ତା ବେହେରା (୫୬)ଙ୍କ ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ପରଲୋକ ହୋଇଯାଇଛି। ଗତ କିଛି ଦିନ ହେଲା ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ରହି ଚିକିତ୍ସିତ ହେଉଥିଲେ। ଗୁରୁବାର ସକାଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ପରିବାରବର୍ଗ ହସପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୁନାଗଡ ବ୍ଲକରେ ୨୦୧୪ ମସିହା ଜାନୁୟାରୀ ମାସରୁ ସେ ସିଡିପିଓ ଭାବେ କାର୍ଯ୍ୟରତ ଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୦୧୬ ମସିହାରେ ଜିଲାସ୍ତରରେ ସେ ପୁରସ୍କୃତ ହୋଇଥିଲେ। ତାଙ୍କ ପରଲୋକ ଖବର ଶୁଣି ସ୍ଥାନୀୟ ଅଙ୍ଗନୱାଡି କର୍ମୀ,ସହାୟିକାଙ୍କ ସମେତ ବହୁ ମାନଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ସେହିପରି ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ନିଜ ଫେସବୁକ୍ ଏକାଉଣ୍ଟରେ ପୋଷ୍ଟ କରି ଶୋକ ପ୍ରକାଶ କରିଛନ୍ତି।

# ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନୀ

**ନୂଆପଡ଼ା ଅଫିସ,୨୨।୧୨**

ନୂଆପଡା ଶିକ୍ଷା ବିଭାଗ ତରଫରୁ ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନୀ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଫୁଲମଣୀ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଶିବ ପ୍ରସାଦ ବେହେରା ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର,ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଞ୍ଚାସୀନ ଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରି ସା ବିଜ୍ଞାନ ପ୍ରଦର୍ଶନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆମନ୍ତ୍ରିତ ଅତିଥିଗଣ ଶିଶୁ ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଜିଲାସ୍ତରୀୟ ବିଜ୍ଞାନ,



ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନୀରେ ମଞ୍ଚାସୀନ ଅତିଥି।

ଗଣିତ ଓ ପରିବେଶ ପ୍ରଦର୍ଶନୀରେ ୫ଟି ବ୍ଲକରୁ ୫୦ଟି ପ୍ରକଳ୍ପ ଓ ଜିଲାସ୍ତରୀୟ ପ୍ରକଳ୍ପ ପ୍ରତିଯୋଗିତାରେ ୨୭ଟି ମୋଟ ୭୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଧରମବନ୍ଧା ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ସୁରେଶ ଦାସ, ମହାମାୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦର୍ଲିମୁଣ୍ଡପା ଅଧ୍ୟାପକ ଶୁଭେନ୍ଦୁ କୁମାର ମେହେର, ନ୍ୟାଶନାଲ କଲେଜ ନୂଆପଡ଼ାର ଅଧ୍ୟାପକ କପିଳଦେବ ପାଣିଗ୍ରାହୀ ପ୍ରମୁଖ ବିଚାରକ ଭାବରେ ଯୋଗଦେଇ ଶିଶୁ ବୈଜ୍ଞାନିକମାନଙ୍କ ପ୍ରକଳ୍ପର ବିଚାର କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବରିଷ୍ଠ ଓ କନିଷ୍ଠ ବର୍ଗରେ ବିଜ୍ଞାନ ଜ୍ଞାନ ପରୀକ୍ଷା ସୁଶାନ୍ତ କୁମାର ଯୋଶୀ ଓ ଫାଲଗୁଣୀ ସାହୁ ପରିଚାଳନା କରିଥିଲେ। ବରିଷ୍ଠ ବର୍ଗରେ କୋମନା ବ୍ଲକର ଶକ୍ତିରଞ୍ଜନ ବିଶ୍ୱାଳ ଓ ଶାନ୍ତନୁ ଦୁରିଆ ଏବଂ କନିଷ୍ଠ ବର୍ଗରେ ସମୀର ରଣା ଓ ଐଶର୍ଯ୍ୟା ପାଣ୍ଡେ ନୂଆପଡା ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବିଜ୍ଞାନ ଜ୍ଞାନ ପରୀକ୍ଷାରେ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଜିଲା ମଙ୍ଗଳ ଅଧିକାରୀ ନନ୍ଦିକିଶୋର ତାଣ୍ଡି ମୁଖ୍ୟ ଅତିଥି, ଜିଲାପାଳ ପ୍ରତିନିଧି

**୧୦ଜଣ ରାଜ୍ୟସ୍ତରକୁ ମନୋନୀତ**

ନୂଆପଡା ପ୍ରିୟଦର୍ଶନୀ ମଲ୍ଲିକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀରେ ପୂର୍ଣ୍ଣିମା ରାଉତ, ଐଶର୍ଯ୍ୟା ପାଣ୍ଡେ, ରେଶମଲାଲ ସାହୁ, ପିୟୁଷ ରଣା, ବିଭୀଷିକା ଦାସ, ବିଶ୍ୱଜିତ ପଲେଇ, ବେଦବ୍ୟାସ ରଣା ୭ଜଣ ଓ ପ୍ରକଳ୍ପ ପ୍ରତିଯୋଗିତାରେ ପ୍ରଭାସ ରଞ୍ଜନ ସାହୁ, କୋଦଣ୍ଡ ଦାସ, ପରମେଶ୍ୱର ତାଣ୍ଡି ୩ଜଣ ମୋଟ ୧୦ ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଶଙ୍କର୍ଷଣ ପୁରୋହିତ ମଞ୍ଚ ପରିଚାଳନା କରିଥିବା ବେଳେ ରାମେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ ସ୍ୱାଗତ ସଙ୍ଗୀତ ପରିବେଷଣ କରା ଯାଇଥିଲା।

# ୮୦ ଏସ୍‌ଏଚ୍‌ଜିକୁ ୧.୮କୋଟି ଋଣ



ଅତିଥିଙ୍କ ଠାରୁ ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଦସ୍ୟା ଋଣ ମଞ୍ଜୁର ଚିଠି ଗ୍ରହଣ କରୁଛନ୍ତି।

**କର୍ଲାମୁଣ୍ଡା,୨୨।୧୨(ଡି.ଏନ.ଏ.)**

**ମିଶନ ଶକ୍ତି ଋଣ ମେଳା**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଆମ୍ବା ସଭାଗୃହଠାରେ ଗୁରୁବାର ମିଶନ ଶକ୍ତି ପକ୍ଷରୁ ଋଣମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ, କ ଜୋନ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ଓ ଖ ଜୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ,ବିଧାୟକ ପ୍ରତିନିଧି ଦୀନବନ୍ଧୁ ସାହୁ, ସିଡିପିଓ ଗିରିଜା ଗୁଡ଼ଲା,ଏଇ ସନ୍ଦୀପ କୁମାର ନାଏକ, ମିଶନ ଶକ୍ତି ବିପିସି ବିପିନ କୁମାର ବାରିକ, ମିଶନ ଶକ୍ତି ବ୍ଲକ ସଭାନେତ୍ରୀ ଜୟନ୍ତୀ ସାହୁ, ସମ୍ପାଦିକା ରୀନା ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ମିଶନ ଶକ୍ତି ଯୋଜନା ଉପରେ କହିବା ସହ ବ୍ୟାଙ୍କଗୁଡ଼ିକରୁ ଋଣ ନେଇ ଠିକ ଭାବେ କିପରି ପରିଚାଳନା କରାଯାଇପାରିବ ସେ ଦିଗରେ ଦଳଗୁଡିକ ଗୁରୁତ୍ୱ ଦେବାକୁ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ସମସ୍ତ ବ୍ୟାଙ୍କ ଅଧିକାରୀ ଯୋଗଦେଇ ବ୍ଲକର ୮୦ଟିସ୍ୱୟଂ ସହାୟକ ଗୋଷ୍ଠୀକୁ ୧କୋଟି ୮୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଆଇସିଡିଏସ ସୁପରଭାଇଜର, ସିଆରପି, ଏମବିକେ, ଫେଡେରେଶନ ଲିଡରମାନେ ସହଯୋଗ କରିଥିଲେ।

# ଧନୁଯାତ୍ରାର ସପ୍ତମ ସନ୍ଧ୍ୟା: ଅକ୍ରୂରଙ୍କୁ ଗୋପପୁର ପ୍ରେରଣ



ଚିନ୍ଦାଗୁଡ଼ା- ଦମାପଳାର ଧନୁଯାତ୍ରାର ସପ୍ତମ ରଜନୀରେ ଉପସ୍ଥିତ କଳାକାର ଓ ଅତିଥି।

**ଖଡ଼ିଆଳ,୨୨।୧୨(ଡି.ଏନ.ଏ.)**

ଖଡ଼ିଆଳ ବ୍ଲକର ଚିନ୍ଦାଗୁଡ଼ା- ଦମାପଳାର ଧନୁଯାତ୍ରାର ସପ୍ତମ ରଜନୀରେ ମଞ୍ଚସ୍ଥ ହେଲା ମହାରାଜା କଂସଙ୍କ ଧନୁଯାତ୍ରା ପାଇଁ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ ନାଟକ। କିପରି ଅକ୍ରୁର ଗୋପପୁର ଯାଇଥିଲେ ତାହା କଳାକାରମାନେ ଅତି ସୁନ୍ଦର ଅଭିନୟ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ ସଭାରେ ଅନୁଷ୍ଠାନର ସଭାପତି କ୍ଷେତ୍ରମୋହନ ଦୁରିଆ ଅଧ୍ୟକ୍ଷତା କରି ମଞ୍ଚ ପରିଚାଳନା କରିଥିଲେ। ସଭାରେ ରାଜ ଅତିଥି ଭାବରେ ସଇଁତଲା ଅଞ୍ଚଳର ବରିଷ୍ଠ ବିଜେଡି ନେତା ସର୍ବେଶ୍ୱର ମହାପାତ୍ର, ନୂଆପଡା ଜିଲା ବିଜେଡି ଉପସଭାପତି ମନୋଜ ଦୀପ, ଶିକ୍ଷାବିତ ବିଳାର ସିଂ ନାଗ, ସମାଜସେବୀ ରାଜେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ମଞ୍ଚର ଶୋଭାବର୍ଦ୍ଧନ କରିଥିଲେ। ଏହି ସଭାରେ ରାଜ ଅତିଥିମାନେ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହ ସାମୂହିକ ବିକାଶ କିପରି ହେବ ଭାଇଚାରା ବଜାୟ ରହିବ ସେ ଉପରେ ଆଲୋକପାତ କରିଥିଲେ। ଶେଷରେ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ହେମନ୍ତ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଧନୁଯାତ୍ରାର ଆବାହକ ଉଗ୍ରେସେନ ରଣା, ସୁନିଲ କୁମାର ମାଝୀ, ଜତୀନ୍ଦ୍ର ବିଶି, ଭୋଳାନାଥ ପଟେଲ, ସନ୍ତୋଷ କୁମାର ବିଶି, ଭକ୍ତରାମ ଦୁରିଆ, ପିଙ୍ଗଳ ମାଝୀ, ମହେନ୍ଦ୍ର ମାଝୀ, ଜିତେନ୍ଦ୍ର ରଣା, ଦେବାନନ୍ଦ ତାଣ୍ଡି, ଭୁବନେଶ୍ୱର ବିଶି, ଯୁକ୍ତ ତାଣ୍ଡି ମାଝୀ, ନୀଳମାଧବ ସରାଫ, ପଦ୍ମ ଚରଣ ହଂସ ପ୍ରମୁଖ ସହଯୋଗ କରିଥିଲେ।

## ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ କୋକସରା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

**କୋକସରା,୨୨।୧୨(ଡି.ଏନ.ଏ.)**

ଓଡିଶା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଆହ୍ୱାନକ୍ରମେ ଆକାଉଣ୍ଟସ ପରୀକ୍ଷାରେ ରହିଥିବା ନିୟମରେ ପରିବର୍ତ୍ତନ ଆଣିବାକୁ କୋକସରା ରାଜସ୍ୱ ଶାଖା ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓଡିଶା ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କୋକସରା ତହସିଲଦାର ଦେବବ୍ରତ କରାଟିଙ୍କ ଜରିଆରେ ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ର ଉପରେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କଲେ ପରବର୍ତ୍ତୀ କାର୍ଯ୍ୟକାରିଣୀ ବୈଠକରେ ସଂଘ ପକ୍ଷରୁ ଆଗକୁ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଉଛି। ଦାବିପତ୍ର ପ୍ରଦାନ ସମୟରେ କୋକସରା ତହସିଲ ରାଜସ୍ୱ ପର୍ଯ୍ୟବେକ୍ଷକ ଅଜୟ ରାଜ ଶିକା, ଗୋଟୋମୁଣ୍ଡା ରାଜସ୍ୱ ନିରୀକ୍ଷକ ଜିତେନ୍ଦ୍ର ନାଏକ, ଲଡୁଗାଁ ଆର୍.ଆଇ ମମତା ସାଏ, ଲଡୁଗାଁ ଏଆରଆଇ ବୈଷ୍ଣବ ଗୁରୁ, କୋକସରା ଆର.ଆଇ ଝମ୍ପିରାଣୀ ଦିଶାରୀ ଓ କାଶିବାହଲ ଆର.ଆଇ ରମଣୀ ରଞ୍ଜନ ପ୍ରଧାନୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଡୁମାଲ ସମାଜର ସାଙ୍ଗଠନିକ ବୈଠକ

**ବେଲପଡା, ୨୨।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲ ବେଲପଡା ବ୍ଲକ ଡୁମାଲ ସମାଜର ସାଙ୍ଗଠନିକ ବୈଠକ ସେମେଲପାଲି ଗ୍ରାମର ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଭାଗବତ ଦନ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କନ୍ଦର୍ପ ଦନ୍ତା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ସୁରେଶ ମହାକୁଡ ଯୋଗଦେଇ ସେବା ଓ ସହେଯାଗ ମନୋଭାବ ରଖିବା ପାଇଁ ଯୁବସମାଜକୁ ଆହ୍ୱାନ କରିଥିଲେ । ଡୁମାଲ ସମାଜର ଯୁବକମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟି ବଲାଙ୍ଗୀର ଜିଲା ମାହେଶ୍ୱରୀ ସେବା ସଂଗଠନର ଏକ ଶାଖା ସଂଗଠନ ହେବ ବୋଲି ସ୍ଥିର ହୋଇଥିଲା । ସଭାପତି ଭାବେ ପ୍ରଶାନ୍ତ ଡାଙ୍ଗ, ସମ୍ପାଦକ ଭାଗବତ ଦନ୍ତା, ଉପଦେଷ୍ଟାଭାବେ କେଶବ କ୍ଷେତି, ସୁରେଶ ଡାଙ୍ଗ, ସୁଶାନ୍ତ ମହାକୁଡ, ମୁକେଶ ବାରିକ, ରାଜେଶ ବାରିକ, ଦୁଃଖନାଶନ ଡାଙ୍ଗ, ଶିବ ଡାଙ୍ଗ, ଅଭିଜିତ କର୍ମୀଙ୍କୁ ମନୋନୀତ କରାଯାଇଥିଲା ।

# ମହିମା ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା





କ୍ରୀଡା ଉତ୍ସବରେ ଯୋଗଦେଇ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

**କୋକସରା,୨୨।୧୨(ଡି.ଏନ.ଏ.)**

କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ମହିମା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ତ୍ରିଦଶ ନାଏକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଶରତ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ବନମାଳୀ ବାଗ ଯୋଗଦେଇ କେବଳ ପାଠ ନୁହେଁ ଖେଳକୁଦରେ ମଧ୍ୟ ଭବିଷ୍ୟତ ଗଢିହେବ। ଗ୍ରାମାଞ୍ଚଳରେ ଅନେକ ଛାତ୍ରୀଛାତ୍ରଙ୍କ ଖେଳ ପ୍ରତି ଆଗ୍ରହ ରହିଛି ସେମାନଙ୍କୁ ଏହିପରି କ୍ରୀଡା ଉତ୍ସବ ଆଗକୁ ବଢିବାରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ଖେଳକୁଦରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ପୁରସ୍କୃତ କରାଯାଇଛି। ଖେଳ ଶିକ୍ଷକ ସମୀର ରଞ୍ଜନ ପଣ୍ଡା ସମସ୍ତ ଖେଳ ପରିଚାଳନା କରିଥିଲେ। ଶିକ୍ଷକ କୁମୁଦ ଚନ୍ଦ୍ର ଚଣ୍ଡି, ଦିଜରାଜ ପଣ୍ଡା, ଦିଲୀପ କୁମାର ଧରୁଆ, ଦିବ୍ୟ ରଞ୍ଜନ ମୁଣ୍ଡ, ଜ୍ଞାନ ରଞ୍ଜନ ମୁଣ୍ଡ, ସୁଧାକର ପୁରୋହିତଙ୍କ ସମେତ ସ୍କୁଲର କର୍ମଚାରୀ କ୍ରୀଡା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

**ଭବାନୀପାଟଣା,୨୨।୧୨(ସ୍ୱ.ପ୍ର.)**

କଳାହାଣ୍ଡି କଳାକାର ସଂଘ' ଭବାନୀପାଟଣା ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ଗୁରୁବାର ୧୨ତମ ଜାତୀୟ ନାଟକ ମହୋତ୍ସବ - ୨୦୨୨ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୌରପାଳିକା ଅଧ୍ୟକ୍ଷା ସଂଯୁକ୍ତା ବେହେରା ଏବଂ ଅତିଥି ଭାବେ କେସିଙ୍ଗା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ସର୍ଦ୍ଦାର ସୁରଜିତ୍ ସିଂହ, ଅଶ୍ୱିନୀ କୁମାର ସାହୁ, କଳାକାର ସଂଘ ସମ୍ପାଦକ ରିୟାଜ ଖାନ, କାହ୍ନୁ ଚରଣ ଗଉଡ, କଳାହାଣ୍ଡି କଳାକାର ସଂଘ ସଭାପତି ଅବଦୁଲ





ଜାତୀୟ ନାଟକ ମହୋତ୍ସବରେ ଉପସ୍ଥିତ ଅତିଥିଗଣ।

କାଦିର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଗଧେ କି ବାରାତ୍'। 'ପାଥ' ଅନୁଷ୍ଠାନ ଜାମସେଦପୁର ଦ୍ୱାରା ପ୍ରଦର୍ଶିତ ଏହି ନାଟକକୁ ମରାଠୀ ନାଟ୍ୟକାର ହରିଭାଇ ୱାଡଗାଓକର ରଚନା କରିଥିବା ବେଳେ ମହମ୍ମଦ ନିଜାମ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ରୁପେଶ କୁମାର, ସୁଷମା ପ୍ରାମାଣିକ, ଅମିତେଶ ସିଂହ, ବିବେକ ବିଶାଲ ସିଂହ, ରୋଶନ ଗଧି, ନେହା ତମଙ୍ଗ, ଆଶିଷ ପାଣ୍ଡେ, ବିକାଶ କର୍ମକାର, ଅଞ୍ଜଳି ରଜକ, ରୋଶନ କାଳିନ୍ଦୀ ପ୍ରମୁଖ ଅଭିନୟ କରିଥିଲେ। ଛବି ଦାଶ ସହ ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତ ପରିଚାଳନା କରିଥିଲେ ବିକାଶ କୁମାର। ଉଦ୍‌ଘାଟନୀ ସନ୍ଧ୍ୟାରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ମନୋଜ ଶର୍ମା। ଏଥିରେ ସମ୍ପାଦକ ରିୟାଜ ଖାନ, କୋଷାଧ୍ୟକ୍ଷ ରଣଜିତ ସିଂ, ଭୀମସେନ ସାହୁ, ଅବଦୁଲ୍ଲା ଖାନ, ଆଲୋକ କୁମାର ସାହୁ, ବାବୁଲାଲ ଶର୍ମା, ବିଭୁରଞ୍ଜନ ପଣ୍ଡା, ବିରଞ୍ଚି ନାରାୟଣ ମୁଣ୍ଡ, ଦେବାଶିଷ ତ୍ରିପାଠୀ, ଧାନାନନ୍ଦ ପଣ୍ଡା, ହିତେଶ ଭୋଇ, ଜୟ ଶଙ୍କର ପଣ୍ଡା, କାହ୍ନୁ ଚରଣ ଗଉଡ, ମହମ୍ମଦ ବୁରହାନ, ରଞ୍ଜିତ ସିଂ, ଅନିଲ ବୈଠାରୁ, ନିମାଇ ଚରଣ ପାଣି, ପଦ୍ମନାଭ କୁମ୍ଭାର, ପ୍ରବୀଣ କୁମାର ଅଗ୍ରୱାଲ, ପ୍ରଦୀପ ଡି. ମାଝୀ, ଉମାକାନ୍ତ ବାଗ, ରାମେଶ୍ୱର ତ୍ରିପାଠୀ, ସତ୍ୟନାରାୟଣ ମିଶ୍ର ପ୍ରମୁଖ ସହାୟତା କରିଥିଲେ।

# ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନିୟମିତତା ଅଭିଯୋଗ

**ନୂଆପଡ଼ା ଅଫିସ,୨୨।୧୨**

ନୂଆପଡା ସଦର ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନଂ.୧ ଓ ୨ ଶାଖାତୋରା, ଗଡତୋରରେ ଚାଲିଥିବା ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ସୂଚନା ମୁତାବକ ଗଡତୋର ୱାର୍ଡ ନମ୍ବର ୨ରେ ଶାଖାତୋରାର ପ୍ରିନ୍ସ ଏସଏଚ୍‌ଜି ଦ୍ୱାରା ପିଡିଏସ୍ ଚାଉଳ ବଣ୍ଟନ କରାଯାଉଛି। କିନ୍ତୁ ଉକ୍ତ ଏସ୍‌ଏଚ୍‌ଜି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବା ଅଧିକାରୀଙ୍କ ପ୍ରରୋଚନାରେ ମନମୁଖୀ କାରବାର ଚଳାଇ ଆସୁଛନ୍ତି। ଏପରି କି ଠିକ ସମୟରେ ଚାଉଳ,ଗହମ ନ ଦେବା ବୃଦ୍ଧାବୃଦ୍ଧମାନଙ୍କୁ ଘଣ୍ଟା ଘଣ୍ଟା ଲାଇନରେ ଛିଡା କରାଇବା ଓ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ମଧ୍ୟ ଅଭିଯୋଗ ହେଉଛି। ଫଳରେ ୱାର୍ଡ ନମ୍ବର ୨ର ବାସିନ୍ଦା ଏହାକୁ ନେଇ ଅତିଷ୍ଠ ହୋଇ ସାରିଲେଣି। ଫଳରେ ଏଠାକାର ହିତାଧିକାରୀମାନେ ଗୁରୁବାର ଜିଲା ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରି ନୂତନ ଏସଏଚ୍‌ଜି ନିଯୁକ୍ତ କରିବା ପାଇଁ ଆବେଦନ କରିବା ସହ ଉକ୍ତ ଅଭିଯୋଗପତ୍ରର ଏକକିତା ନକଲ ଜିଲାପାଳ ନୂଆପଡା, ନିର୍ବାହୀ ଅଧିକାରୀ ନୂଆପଡା, ବିଜ୍ଞାପିତ ପରିଷଦଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗପତ୍ର ପ୍ରଦାନ ସମୟରେ ୨ ନଂ.ୱାର୍ଡ କାଉନସିଲର ଟୋମାନ ମାଝି, କୂଳଦୀପ ସୁରଜ ପ୍ରମୁଖ ଉପସ୍ଥିତ ଥିଲେ।



ୱାର୍ଡବାସୀ ଦାବିପତ୍ର ଦେବା ପାଇଁ ଆସିଛନ୍ତି।

# କଳାହାଣ୍ଡିର ୨ କଳାକାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନିତ

**ଭବାନୀପାଟଣା,୨୨।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାର ୨ କଳାକାର ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସେମାନେ ହେଲେ ବିଶିଷ୍ଟ ଲୋକ ବାଦ୍ୟକାର ପ୍ରଦୀପ କୁମାର ସିଂହ ଓ ଯୁବ ଗୀତିକାର ନିଲାଞ୍ଚଳ ପାନ। ବାଦ୍ୟକାର ସିଂହ ୨୦୨୨ ବର୍ଷ ପାଇଁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ରେ ସମ୍ମାନିତ ହୋଇଥିବାରୁ କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଭବାନୀପାଟଣାସ୍ଥିତ ଓସୱାଳ ହଲଠାରେ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୩ ଉପଲକ୍ଷେ ସାଂସ୍କୃତିକ ଉପକମିଟିର ଏକ ବୈଠକରେ ଜିଲାପାଳ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ପିଡି ଡିଆରଡିଏ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ, ଧର୍ମଗଡ ଉପଜିଲାପାଳ ବେଦ ଭୂଷଣ, ସହ ଜିଲାପାଳ ଚିନ୍ମୟ କୁମାର ନାୟକ,ଜିଲା ସଂସ୍କୃତି ଅଧିକାରୀ ଅର୍ପିତା





ବିଶିଷ୍ଟ ଲୋକ ବାଦ୍ୟକାର ପ୍ରଦୀପ କୁମାର ସିଂହଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

ବେହେରା, ଭବାନୀପାଟଣା ସାଂସ୍କୃତିକ ଉପକମିଟିର ଅଧ୍ୟକ୍ଷ ଧାନାନନ୍ଦ ପଣ୍ଡା, ସଞ୍ଜୀବ କୁମାର ସିଂହ, ଧର୍ମଗଡ ମଞ୍ଚ ପରିଚାଳନା ଓ ସାଂସ୍କୃତିକ ଉପକମିଟିର ଅଧ୍ୟକ୍ଷ ଲିଙ୍ଗରାଜ ପାତ୍ର, ସଭ୍ୟ ସଞ୍ଜୀବ କୁମାର ମୁଣ୍ଡ, କୋର୍ କମିଟି ସଭ୍ୟ ତଥା ପ୍ରଣାମ କଳାହାଣ୍ଡି ଉପ କମିଟିର ଅଧ୍ୟକ୍ଷ ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯେ,କଳାହାଣ୍ଡିର ଏହି ୨ କଳାକାର ୨୦୨୨ ବର୍ଷ ପାଇଁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଗତ ୧୯ ତାରିଖ ଦିନ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯୁବ ବ୍ୟାପାର ମନ୍ତ୍ରୀ ତୁଷାର କାନ୍ତି ବେହେରା , ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଅତିରିକ୍ତ ଶାସନ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ, ଓଡ଼ିଶା ଭାଷା ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ ଦାସ, ଓଡିଶା ସଙ୍ଗୀତ ନାଟକ ଏକାଡେମୀର ଅଧ୍ୟକ୍ଷା ପଦ୍ମଶ୍ରୀ ଅରୁଣା ମହାନ୍ତି, ମନ୍ମଥ ଶତପଥୀ, ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥଙ୍କ ଉପସ୍ଥିତିରେ କଳାହାଣ୍ଡିର ବିଶିଷ୍ଟ ଲୋକ ବାଦ୍ୟକାର ପ୍ରଦୀପ କୁମାର ସିଂହ ଓ ଯୁବ ଗୀତିକାର ନିଲାଞ୍ଚଳ ପାନଙ୍କୁ ପୁରସ୍କୃତ କରାଯାଇଥିଲା। ଲୋକ ସଙ୍ଗୀତ ବାଦ୍ୟକାର ପ୍ରଦୀପ କୁମାର ସିଂହ ଭବାନୀପାଟଣାସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଜାତୀୟ ସ୍ତରରେ ବିଭିନ୍ନ ସ୍ଥାନରେ ଯୋଗଦେଇ ସୁନାମ ଅର୍ଜନ କରିବା ସହ ଅନ୍ତର୍ଜାତୀୟ ସ୍ତରରେ ଚାଇନା, ରୁଷିଆ, ଦୁବାଇରେ ବାଦ୍ୟକାର ଭାବେ ସୁନାମ ଅର୍ଜନ କରି କଳାହାଣ୍ଡି ଜିଲାର ଗୌରବ ବୃଦ୍ଧି କରିଛନ୍ତି। ୨୦୨୨ ବର୍ଷ ପାଇଁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ତାଙ୍କୁ ଦୁଇ ଲକ୍ଷ ଟଙ୍କାର ଚେକ୍ ସହ ମାନପତ୍ର ଓ ଉପଢୌକନ ଦିଆଯାଇ ପୁରସ୍କୃତ କରାଯାଇଥିଲା।

**ସମ୍ମାନିତ କଳାକାରଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ**

## ଖାରବନ୍ଧରେ ଚକ୍ଷୁ ଚିକିତ୍ସା ଶିବିର

ଖାରବନ୍ଧ,(ଡି.ଏନ.ଏ.): ଖାରବନ୍ଧ ବିନ୍ଧ୍ୟବାସିନୀ ଧର୍ମଶାଳାଠାରେ ଗୁରୁବାର ଏକ ମାଗଣା ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଖରିଆରରୋଡ୍ କୋକିଳାବେନ୍ ରସିକଲାଲ ଚାରିଟେବୁଲ ଟ୍ରଷ୍ଟ ଓ ସମ୍ବଲପୁର ଶଙ୍କର ନେତ୍ରାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି, ପଦ୍ମପୁର ବିଧାୟିକା ବର୍ଷାରାଣୀ ସିଂ ବରିହା ଏବଂ ବିଜେଡି ମୁଖପାତ୍ର ମହେନ୍ଦ୍ର ବଡ଼େଇ ସମ୍ମାନିତ ଅଥିତି ଭାବେ ଯୋଗଦାନ କରିଥିଲେ। ରୋଗୀ ମାନଙ୍କୁ ପରୀକ୍ଷା କରିବା ପରେ ଔଷଧ ଓ ଚଷମା ଆଦି ପ୍ରଦାନ କରାଯାଇଥିଲା। ଏହାସହ ମୋତିଆବିନ୍ଦୁ ରୋଗୀମାନଙ୍କୁ ଅସ୍ତ୍ରୋପଚାର ପାଇଁ ଟିଟିଲାଗଡ଼ ପଠାଯାଇଥିଲା।

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୨୨।୧୨(ସ୍ୱ.ପ୍ର.):** ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ଗୁରୁବାର ଏକ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଅବକାରୀ ବିଭାଗ କର୍ମଚାରୀମାନେ ୨୦୧୮ ମେ ମାସ ୨୯ ତାରିଖରେ ଆମ୍ବଝରି ଗ୍ରାମ ପଞ୍ଚାୟତର ସାନବବଡା ଗ୍ରାମରେ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଯେ ସେହି ଗ୍ରାମର ସୁବଳ ବେହେରାଙ୍କ ଘରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ରଖାଯାଇଛି । ଅବକାର କର୍ମଚାରୀମାନେ ସୁବଳଙ୍କ ଘର ଉପରେ ଚଢାଉ କରିଥିବା ବେଳେ ସେ ସେଠାରୁ ଖସି ପଳାଇଥିଲେ। ତାଙ୍କ ଘର ଭିତରେ ଥିବା ଗୋଟିଏ ବସ୍ତା ଓ ଘର ବାରଣ୍ଡାରେ ଥିବା ୩ ଗୋଟି ବସ୍ତାରୁ ୧୨୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଅବକାରୀ ବିଭାଗ ପକ୍ଷରୁ ଅଭିଯୁକ୍ତଙ୍କ ନାମରେ ଏକ ମାମଲା ରୁଜୁ ହେବା ସହ ପରବର୍ତ୍ତୀ ସମୟରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ମାମଲାଟି ସ୍ପେଶାଲ ଜଜ୍ଙ୍କ ଅଦାଲତରେ ୨ଏସିସି ୪/୧୮ ହୋଇ ବିଚାର ହୋଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟରେ ଫାଇନାଲ ଚାର୍ଜଶିଟ ଦେଇ ନ ପାରିବାରୁ ଅଭିଯୁକ୍ତ ଜାମିନ ପାଇଥିଲେ । ମାମଲାରେ ସରକାରଙ୍କ ପକ୍ଷରୁ ୫ ଜଣଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ଅଭାବରୁ ଅଭିଯୁକ୍ତ ସୁବଳଙ୍କୁ ଗୁରୁବାର ଦିନ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ଓକିଲ ରାଜୀବ କୁମାର ଦଲାଲା ପରିଚାଳନା କରୁଥିଲେ ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗଣିତ ଦିବସ ପାଳିତ

**ଡୁଙ୍ଗୁରିପାଲି, ୨୨।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ଗଣିତ ଦିବସ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକ ରାମାନୁଜମଙ୍କ ଭାରତୀୟ ଗଣିତର ମହତ୍ତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କ ଶ୍ରେଣୀ ଅନୁସାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପାଇଁ ଗୁଣନ ଖନ୍ଧା, ଚତୁର୍ଥ ଶ୍ରେଣୀ ପାଇଁ ଓଲଟା ସଂଖ୍ୟା ଗଣନ, ପଞ୍ଚମ, ଷଷ୍ଠ ଶ୍ରେଣୀ ପାଇଁ ଗଣିତ ପ୍ରଶ୍ନ ମଞ୍ଚ, ସପ୍ତମ ଶ୍ରେଣୀ ପାଇଁ ଗଣିତ ଚାର୍ଟ ପ୍ରସ୍ତୁତି, ଅଷ୍ଟମ ଶ୍ରେଣୀ ପାଇଁ ଦୈନନ୍ଦିନ ଜୀବନରେ ଗଣିତର ପ୍ରୟୋଗ, ନବମ ଶ୍ରେଣୀ ପାଇଁ ରାମାନୁଜମଙ୍କ ବିଷୟରେ ପ୍ରବନ୍ଧ ଲିଖନ ଓ ଦଶମ ଶ୍ରେଣୀ ପାଇଁ ଗଣିତ ପତ୍ରବଚନ କରାଯାଇଥିଲା । ଏହାପରେ ସମସ୍ତ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା

**ଡୁଙ୍ଗୁରିପାଲି,୨୨।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ତ୍ରିପୁର ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ଆଦର୍ଶ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଘନଶ୍ୟାମ ବିଶ୍ୱାଳ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବୈଶାଖୁ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମିନକେତନ ମେହେର ଅତିଥି ପରିଚୟ, ସଭା ପରିଚାଳନା ଆଶୁତୋଷ ମିଶ୍ର କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ନୂଆପଡ଼ା ଅଫିସ,୨୨।୧୨:** ନୂଆପଡ଼ା ଜିଲା ଖଡ଼ିଆଳ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଏଡିଜେ କୋର୍ଟ ଶୁଣାଣି କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି। ଗତ ୨୦୧୯ ଡିସେମ୍ବର ୨୫ରେ ଖଡ଼ିଆଳ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଖଡ଼ିଆଳ ପୋଲିସ ତଦନ୍ତ କରି ଅଭିଯୁକ୍ତ ଛତା ଗାଁର ଟଙ୍କଧର ଭୋଇଙ୍କୁ କୋର୍ଟ ଚାଲାଣ କରିଥିଲା। ଏହାକୁ ନେଇ କୋର୍ଟରେ ମାମଲା ବିଚାରାଧିନ ଥିଲା। ଏଡିଜେ ମିନାକ୍ଷୀ ଦାସ ୨୫ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଶୁଣାଣି କରିଛନ୍ତି।

# ସୁନା ବ୍ୟବସାୟ ଆଳରେ ସାଇବର କ୍ରାଇମ୍

- ସୁନା ଆଳରେ ନକଲି ଧାତୁ ଗୁଣ୍ଡ ଯୋଗାଉଥିଲେ
- ମହିଳାଙ୍କ ଏତଲା ପରେ ୨ ଅଭିଯୁକ୍ତ ଧରାପଡ଼ିଲେ

**ବରଗଡ଼ ଅଫିସ୍,୨୨।୧୨**

ସୁନା ବ୍ୟବସାୟ ଆଳ ଦେଖାଇ ବରଗଡ଼ରେ ଏକ ସାଇବର କ୍ରାଇମ ଘଟଣା ସାମ୍ନାକୁ ଆସିଛି। ନକଲି ସୁନା ଦେଇ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୮ ବାନ୍ଧୁଟିକ୍ରା ନିବାସୀ ପ୍ରତିମାରାଣୀ ପ୍ରଧାନଙ୍କଠାରୁ ୧୩ଲକ୍ଷ ୭୨ହଜାର ଟଙ୍କା ଠକେଇ ହୋଇଛି। ଏହି ଘଟଣାରେ ବରଗଡ଼ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଲେଶ୍ୱର ଜିଲାର ମନୋଜ କୁମାର ବେରା ଏବଂ ପରମାନନ୍ଦ ବିନ୍ଧାଣୀ। ବରଗଡ଼ ଟାଉନ ଥାନା ପୋଲିସ ସେମାନଙ୍କ ପାଖରୁ ଏକ କାର୍ (ନଂ.ଓଡ଼ି୨୨ବି/୨୧୯୫), ୩ମୋବାଇଲ, ୨ ଏଟିଏମ୍ କାର୍ଡ ଏବଂ ଅପମିଶ୍ରିତ ୮କି.ଗ୍ରା. ଧାତୁ ଗୁଣ୍ଡ ଆଦି ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଟାଉନ ଥାନାରେ ଦଫା ୪୨୦, ୪୧୯ ଆଇପିସିରେ ଏକ ମାମଲା (ନଂ.୭୯୭/୨୨) ରୁଜୁ ହୋଇଛି ।

ବରଗଡ଼ ଟାଉନ ଥାନାରେ ଗୁରୁବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଥାନାଧିକାରୀ ସତ୍ୟଜିତ କଣ୍ଡନକେଲ ସୂଚନା ଦେଇ କହିଥିଲେ, ଅଭିଯୋଗକାରିଣୀ ପ୍ରତିମା ଗତ ଅକ୍ଟୋବର ୨୧ତାରିଖରେ ବଡ଼ା ବିଜିନେସ୍ ନାମକ ଏକ ନକଲି ୱେବ୍‌ସାଇଟ୍‌ରୁ ଗୋଟିଏ ମୋବାଇଲ ନମ୍ବର ପାଇଥିଲେ। ସେହି ମୋବାଇଲ ନମ୍ବରରେ ସେ ଅଭିଯୁକ୍ତ ମନୋଜଙ୍କ ସହିତ ଯୋଗାଯୋଗ କରିଥିଲେ। ସେତେବେଳେ ମନୋଜ ପ୍ରତିମାଙ୍କୁ ନଗଦ ଟଙ୍କା ବିନିମୟରେ ଶସ୍ତାରେ ସୁନା ଯୋଗାଇ ଦେବାକୁ କହିଥିଲେ। ଏହି କ୍ରମରେ ଅଭିଯୁକ୍ତ ମନୋଜ ଏବଂ ପରମାନନ୍ଦ ସୁନା ବ୍ୟବସାୟ ଲାଇସେନ୍ସ ପାଇଁ ୨୨ହଜାର ଏବଂ ସୁନା ଯୋଗାଇ ଦେବାକୁ କହି ୧୩ଲକ୍ଷ ୫୦ହଜାର ଟଙ୍କା ପ୍ରତିମାଙ୍କଠାରୁ ନେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରତିମାଙ୍କୁ ସୁନା ବ୍ୟବସାୟ ପାଇଁ ଲାଇସେନ୍ସ ମିଳି ନ ଥିଲା। ଅନ୍ୟପଟେ ଅଭିଯୁକ୍ତମାନେ ସୁନା ଆଳରେ ଅନ୍ୟ ଧାତୁଗୁଣ୍ଡ ଯୋଗାଇଥିଲେ। ଏହା ଜାଣିବା ପରେ ପ୍ରତିମା ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବାଥିଲା। ତେବେ ଗିରଫ ଅଭିଯୁକ୍ତମାନେ ରାଜ୍ୟର ଅନ୍ୟ ଅଞ୍ଚଳରେ ଏଭଳି ଠକେଇ କରିଥିବା ସନ୍ଦେହ କରାଯାଉଛି। ସେ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ବରଗଡ଼ ଟାଉନ ଥାନା ଆଇଆଇସି କଣ୍ଡନକେଲ କହିଛନ୍ତି।


ଗିରଫ ୨ ଅଭିଯୁକ୍ତ।

# ସ୍ୱଚ୍ଛ ଭାରତ ଉପରେ ବକ୍ତୃତା ପ୍ରତିଯୋଗିତା



କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି।

**ବରପାଲି,୨୨।୧୨(ଡି.ଏନ.ଏ.)**

ବରଗଡ଼ ଜିଲା ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ସ୍ୱଚ୍ଛ ଭାରତ ସ୍ୱଚ୍ଛ ବିଦ୍ୟାଳୟ ଉପରେ ଏକ ବକ୍ତୃତା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବରପାଲି ଡାକ୍ତରଖାନାର ମୁଖ୍ୟ ଡାକ୍ତର ରାଜେଶ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କୁବେର ଚନ୍ଦ୍ର ଯୋଶୀ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମେହେର ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ସ୍ୱଚ୍ଛତା ପରିମଳ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତିଯୋଗିତାରେ ରୀନା ଦାଶ, ମନୋଜ କୁମାର ବଢେଇ, ଜଗବନ୍ଧୁ ସାହୁ ବିଚାରକ ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟାଶା ପଣ୍ଡା ପ୍ରଥମ, କନକ ସୁନା ଦ୍ୱିତୀୟ ଏବଂ ଜ୍ୟୋତି ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ତପନ ବିହାରୀ ପଟ୍ଟନାୟକ, କ୍ଷୀରୋଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବୟନିକାର ହସ୍ତତନ୍ତ ମେଳା ଉଦ୍‌ଘାଟିତ



ବରଗଡ଼ ଜିଲାପାଳ ବୟନିକାର ହସ୍ତତନ୍ତ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

**ବରଗଡ଼ ଅଫିସ୍,୨୨।୧୨**

ରାଜ୍ୟ ସରକାରଙ୍କ ବୟନିକା ପକ୍ଷରୁ ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମଠାରେ ପଞ୍ଚମ ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଏବଂ ଏସ୍‌ପି ସ୍ମିତ୍ ପି. ପରମାର ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ପରେ ଏକ ଫ୍ୟାଶନ ଶୋ ଆୟୋଜିତ ହୋଇଥିଲା। ଏହି ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା ୨୦୨୩ ଜାନୁୟାରୀ ୯ତାରିଖ ପର୍ଯ୍ୟନ୍ତ ଚାଲିବ।

ହସ୍ତତନ୍ତ ମେଳାରେ ୮୦ ଷ୍ଟଲ ଖୋଲାଯାଇଛି। ଏଥିମଧ୍ୟରୁ ୬୦ ଷ୍ଟଲ ଓଡ଼ିଶାର ବିଭିନ୍ନ ହସ୍ତତନ୍ତ ସଂସ୍ଥା ଓ ସମିତି ପାଇଁ ଉଦ୍ଦିଷ୍ଟ ରହିଛି। ବାକି ୨୦ ଷ୍ଟଲ ଅନ୍ୟ ରାଜ୍ୟର ଅଂଶଗ୍ରହଣକାରୀ ସଂସ୍ଥାଙ୍କୁ ଆବଣ୍ଟନ କରାଯାଇଛି। ମେଳାରେ ଉତ୍ତରପ୍ରଦେଶ, ଜମ୍ମୁ କଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ହରିଆଣା ଏବଂ ଓଡ଼ିଶାର ବିଭିନ୍ନ ସଂସ୍ଥା ଓ ସମିତି ଅଂଶଗ୍ରହଣ କରି ସେମାନଙ୍କ ବିଭିନ୍ନ ହସ୍ତତନ୍ତ ବସ୍ତ୍ର, ପରିଧାନକୁ ପ୍ରଦର୍ଶନ ସହ ବିକ୍ରି କରୁଛନ୍ତି। ଏହି ପ୍ରଦର୍ଶନୀରେ ଓଡ଼ିଶାର ବାନ୍ଧବସ୍ତ୍ର ସହିତ ପଶ୍ଚିମବଙ୍ଗର ଜାମଦାନୀ, ଟାଙ୍ଗାଇ, ଗୁଜୁରାଟର ପୋଟୋଲା, ଲକ୍ଷ୍ନୌର ଚିକେନକାରୀ, ଜମ୍ମୁ କଶ୍ମୀରର ପଶ୍ମିନା ସାଲ୍, ତାମିଲନାଡୁର କାଞ୍ଜିବରମ ପାଟଶାଢ଼ି, ଦିଲ୍ଲୀ ହରିଆଣାର ଫର୍ନିସିଂ ବସ୍ତ୍ର, ପଞ୍ଜାବର କମ୍ବଳ, କର୍ଣ୍ଣାଟକର ଶିଳ୍କ ଶାଢ଼ି ଆଦି ହସ୍ତତନ୍ତ ବସ୍ତ୍ର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ। ଏହି ମେଳା ପ୍ରତିଦିନ ଦିବା ୧୧ଟା ୩୦ମିନିଟ୍‌ରୁ ରାତି ୯ଟା ୩୦ମିନିଟ୍ ପର୍ଯ୍ୟନ୍ତ ଚାଲିବ। ମେଳାରେ ଓଡ଼ିଶାର ପ୍ରତ୍ୟେକ ଷ୍ଟଲରେ ପ୍ରତ୍ୟେକ ବସ୍ତ୍ର ଉପରେ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା କରାଯାଇଛି।

ଏଠାରେ ଦେଶର ସମସ୍ତ ରାଜ୍ୟର ହସ୍ତତନ୍ତ ବସ୍ତ୍ର ସହିତ ପାରମ୍ପରିକ ଖାଦ୍ୟ, ଖେଳକୁଦ, ପ୍ରତ୍ୟେକ ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ରହିଛି। ଏହି ମେଳାରେ ବହୁ ସଂଖ୍ୟାରେ ଆସି ସରକାରୀ ସୁବିଧାର ରିହାତିର ସହିତ ହସ୍ତତନ୍ତ ବସ୍ତ୍ର କ୍ରୟ କରି ବୁଣାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ବୟନିକା ତରଫରୁ ଅନୁରୋଧ କରାଯାଇଛି।

# ଧାନ ମଣ୍ଡି ସମସ୍ୟା ନେଇ ଉପଜିଲାପାଳଙ୍କୁ ଦାବିପତ୍ର

**ପଦ୍ମପୁର,୨୨।୧୨(ଡି.ଏନ.ଏ.)**

ପଦ୍ମପୁର ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଗୁରୁବାର ଉପଜିଲାପାଳଙ୍କୁ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ଉପକୂଳ ଓଡିଶାରେ ଧାନ ଅମଳ ପାଖାପାଖି ୮୦ % ଶେଷ ହୋଇଥିବା ସତ୍ତ୍ୱେ ଧାନ ମଣ୍ଡି ଏ ପର୍ଯ୍ୟନ୍ତ ଖୋଲାଯାଇନାହିଁ। କୃଷକ ରେଜିଷ୍ଟ୍ରେଶନରେ ଅନିୟମିତତା ଓ ପାତରଅନ୍ତର ବନ୍ଦ କରିବା, ସେଣ୍ଟ୍ରାଲ ଟୋକନ ନାମରେ ସରକାରୀ ପ୍ରାୟୋଜିତ ଭ୍ରଷ୍ଟାଚାର ଓ ଚାଷୀମାରଣ ନୀତି ବନ୍ଦ କରିବା, ଚାଷୀ ମୁଣ୍ଡପିଛା ସର୍ବାଧିକ ୬୦ କୁଇଣ୍ଟାଲ ଧାନ ବିକ୍ରି ନିଷ୍ପତ୍ତି ବନ୍ଦ କରି ବିକ୍ରି ସୀମାକୁ ବୃଦ୍ଧି କରିବା, ଧାନମଣ୍ଡିରେ କଟନି ଛଟନି ବନ୍ଦ, ଏମ୍‌ଏସ୍‌ପି ପାଇଁ ପ୍ରତି ବ୍ଲକ ଓ ଜିଲାରେ ଅଭିଯୋଗ ପ୍ରକୋଷ୍ଠ ଖୋଲିବା, ଧାନ ସଂଗ୍ରହ କରିବା ଲିମିଟ ଅଣଜଳସେଚିତ ଜମିରେ ୨୨ କୁଇଣ୍ଟାଲ ଓ ଜଳସେଚିତ ଜମିରେ ୨୮ କୁଇଣ୍ଟାଲ ଘୋଷଣା କରିବା, ବୋନସ କୁଇାଲ ପିଛା ୧୦୦ ଟଙ୍କା ପ୍ରଦାନ କରିବା ଆଦି ରହିଛି। ଏହି ସମସ୍ୟାକୁ ରାଜ୍ୟ ସରକାର ସମାଧାନ ପାଇଁ ବିହିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ କରିବା ସମୟରେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ପ୍ରୀତେଶ ବହିଦାର, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂହ ବରିହା, ଜିଲା ପରିଷଦ ସଭ୍ୟା ସ୍ୱରସ୍ୱତୀ ସାହୁ, ଜିଲା କୃଷକ ମୋର୍ଚ୍ଚା କୋର୍ଡିନେଟର ଯୋଗେନ୍ଦ୍ର ଭୋଇ, ଜିଲା କୃଷକ ମୋର୍ଚ୍ଚା ଉପ ସଭାପତି ମଦନ ମୋହନ ପଟେଲ, ଜଗଦଲପୁର ମଣ୍ଡଳ ସଭାପତି ହରେକୃଷ୍ଣ ପଟେଲ, ଦହିତା ମଣ୍ଡଳ ସଭାପତି କେତନ ମେହେର, କାଉନସିଲର କୁନାଲ ପାଣିଗ୍ରାହୀଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ପେନସନ କାର୍ଡ, ହରିଶ୍ଚନ୍ଦ୍ର ଯୋଜନା ସହାୟତା ରାଶି ବଣ୍ଟନ

**ବରପାଲି,୨୨।୧୨(ଡି.ଏନ.ଏ.)**

ବରଗଡ ଜିଲା ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ପରିସରରେ ଗୁରୁବାର ମଧୁବାବୁ ପେନସନ କାର୍ଡ ଓ ହରିଶ୍ଚନ୍ଦ୍ର ଯୋଜନାର ସହାୟତା ରାଶି ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ରାଷ୍ଟ୍ରମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରପାଲି ସହରର ଅସହାୟ ଲୋକମାନଙ୍କୁ ପେନସନ କାର୍ଡ ଓ ସହାୟତା ରାଶି ବଣ୍ଟନ କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଏନ୍‌ଏସି ଅଧକ୍ଷ ଦିନେଶ ଗହୀର, ୧୧ କାଉନସିଲର ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ବଲରାମ କଳାକାରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା


ଶ୍ରଦ୍ଧାଞ୍ଜଳି ସଭାରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟମାନେ।

**ବରଗଡ଼ ଅଫିସ, ୨୨।୧୨**

ବରଗଡ଼ ଗୋପପୁର (ଅମ୍ବାପାଲି) ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଶିଶୁ କଳାକାର (ବଳରାମ) ଶ୍ରେୟସ ପୂଜାରୀଙ୍କର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ ଜିଲାପାଳ ତଥା ଧନୁଯାତ୍ରା କମିଟି ସଭାପତି ମୋନିଷା ବାନାର୍ଜୀ, ଏସ୍‌ପି ସ୍ମିତ ପି. ପରମାର୍, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଉପଜିଲାପାଳ ଲଲାଟ ଲୁହା, ବରଗଡ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ପୌରାଧକ୍ଷା କଳ୍ପନା ମାଝୀ, ବରଗଡ ଧନୁଯାତ୍ରା କମିଟି ଆବାହକ ସୁରେଶ୍ୱର ଶତପଥୀ, ବରଗଡ ଓକିଲ ସଂଘ ସମ୍ପାଦକ ହରିହର ପ୍ରଧାନ, ଧନୁଯାତ୍ରାର ଗବେଷକ ଡଃ ରବିନାରାୟଣ ସାହୁ ପ୍ରମୁଖ ଯୋଗ ଦେଇ ଶ୍ରେୟସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ତାଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ। ତାଙ୍କ ଆତ୍ମାର ସଦଗତି ନିମନ୍ତେ ସମସ୍ତେ ନିରବ ପ୍ରାର୍ଥନା କରିଥିଲେ। କୋଶଲ ଟାଇମ୍ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅମ୍ବାପାଲି କାଉନସିଲର ଦୀପାଞ୍ଜଳି ବାଗ, ଆଇନଜୀବୀ ଲିପ୍‌ସିତ ମିଶ୍ର, କଣ୍ଠଶିଳ୍ପୀ ମୁଗ୍ଧା ଦାଶ, ସର୍ଦ୍ଦାର ପ୍ରିତମ ସିଂହ, ଆଇନଜୀବୀ ଈଶ୍ୱର ବାଗ, ରାଜକୁମାର ପଧାନ, ମହାଦେବ ବିର୍ତ୍ତିଆ, ହାଇସ୍କୁଲର ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥ, ଶିକ୍ଷୟିତ୍ରୀ ମିନତି ଦାଶ, ସୁରେଶ ମହାପାତ୍ର ଏବଂ ପଶ୍ଚିମ ଓଡିଶା କଳାକାର ସଂଘ ସଭାପତି ଦୟାନିଧି ପ୍ରଧାନ, ଧନୁଯାତ୍ରା କମିଟି ସଂସ୍କୃତି ବିଭାଗର ମୁଖ୍ୟ ଗୋପାଳକୃଷ୍ଣ ଦାଶ, ମାଧବୀ ବିର୍ତ୍ତିଆ ପ୍ରମୁଖ ଯୋଗଦାନ କରିଥିଲେ। କୋଶଲ ଟାଇମର ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭଲିବଲ, ଚେସ, ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

**ପଦ୍ମପୁର,୨୨।୧୨(ଡି.ଏନ.ଏ.)**

ରାଜବୋଡାସମ୍ବର ବ୍ଲକ ସ୍କୁଲ କ୍ରୀଡା ସଙ୍ଗଠନ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହାଇସ୍କୁଲରେ ବ୍ଲକସ୍ତରୀୟ ଭଲିବଲ, ଚେସ ଓ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜୟକୁମାର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରୀତମ ମେହେର, ଶାରୀରିକ ଶିକ୍ଷା ଶିକ୍ଷକ ବିଦେଶୀ ସାହୁ, ପ୍ରଧାନ ଶିକ୍ଷକ ତରଣୀସେନ ସାହୁ, ବ୍ଲକ କ୍ରୀଡ଼ା ସମ୍ପାଦକ ହରେକୃଷ୍ଣ ମେହେର ମଞ୍ଚାସୀନ ଅତିଥି ଥିଲେ। ଏହି ପ୍ରତିଯୋଗିତାରେ ସମୁଦାୟ ୧୧୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ କୃତି ପ୍ରତିଯୋଗୀ ଜିଲାସ୍ତରରେ ଆସନ୍ତା ଜାନୁୟାରୀ ୩ ତାରିଖରେ ଅଂଶଗ୍ରହଣ କରିବେ। ଶିକ୍ଷକ ପବିତ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ଚନ୍ଦ୍ରମଣି ସାହୁଙ୍କ ସମେତ ଅନ୍ୟ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଧାନ ମଣ୍ଡି ପରିଦର୍ଶନ କଲେ ଭାଜପା ପ୍ରତିନିଧି ଦଳ

**ଜାମଟିକ୍ରା,୨୨।୧୨(ଡି.ଏନ.ଏ.)**

ବରଗଡ ଜିଲା ଅତାବିରା ନିର୍ବାଚନ ମଣ୍ଡଳୀର ପତ୍ରାପାଲି ଏବଂ ଥୁଆପାଲି ଧାନମଣ୍ଡିକୁ ଭାଜପାର ଏକ ପ୍ରତିନିଧି ଦଳ ଗୁରୁବାର ପରିଦର୍ଶନ କରିଥିଲେ। ଏହି ପ୍ରତିନିଧି ଦଳରେ ଭାଜପା ଜିଲା ସାଧାରଣ ସମ୍ପାଦକ କୁଶ କୁମ୍ଭାର, ଜିଲା ସମ୍ପାଦକ ଯଶୋବନ୍ତ ସେଟ, ବିପିନ ଭୋସାଗର, ଉର୍ଲୁ ତାଣ୍ଡି, ମଣ୍ଡଳ ସଭାପତି ଭିମସେନ ମଲ୍ଲିକ, ଚନ୍ଦ୍ର ତାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ। ସେମାନେ ଚାଷୀ, ମାର୍କେଟ ଇନଚାର୍ଜ ଏବଂ ସୋସାଇଟି ସମ୍ପାଦକମାନଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ତେବେ ଟୋକନ ଅବ୍ୟବସ୍ଥା ଯୋଗୁ ସମସ୍ତ ମଣ୍ଡିରେ ଧାନ ଭରିରହିଛି। କଟନି ଛଟନି, ସୁତୁଲି ଅଖା କୌଣସି ଚାଷୀ ପାଉନାହାନ୍ତି ବୋଲି ମଣ୍ଡି ପରିଦର୍ଶନ କାଳରେ ଏହି ପ୍ରତିନିଧି ଦଳ ଜାଣିବାକୁ ପାଇଥିବା ସୂଚନା ଦେଇଛନ୍ତି। ସମସ୍ତ ବିଷୟ ଉପରିସ୍ଥ ଅଫିସରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରତିନିଧି ଦଳ ମତପ୍ରକାଶ କରିଥିଲେ।


ଧାନ ମଣ୍ଡିରେ ଭାଜପା ପ୍ରତିନିଧି।

# ଅତାବିରା ସରକାରୀ ବାଳିକା ହାଇସ୍କୁଲର ବାର୍ଷିକୋତ୍ସବ

**ଅତାବିରା, ୨୨।୧୨((ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁରେନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ଡଃ ନିଶିଥ କୁମାର ମହାପାତ୍ର ମୁଖ୍ୟବକ୍ତା, ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କାର୍ତ୍ତିକ ବାଗ, ତପନ ଦାଶ, ସ୍କୁଲ ପରିଚାଳନା କମିଟି ସଭାପତି ସଦାନନ୍ଦ ଛନ୍ଦ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାଏକ, ଅବସରପ୍ରାପ୍ତ ସ୍କୁଲ ଇନ୍ସପେକ୍ଟର ବନମାଳି ବରିହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସଚ୍ଚିଦାନନ୍ଦ ଧରୁଆ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଶିକ୍ଷୟିତ୍ରୀ ରୀନା ଚକ୍ରବର୍ତ୍ତୀ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗରୁ ମୋଟ ୧୧ଟି ପ୍ରତିଯୋଗିତା କରାଯାଇଥିଲା। ପ୍ରତି ବିଭାଗରୁ ପର୍ଯ୍ୟାୟ କ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୬୨ ଜଣ ଓ ପ୍ରତି କ୍ଷେତ୍ରରେ ଚାମ୍ପିୟନ ହୋଇଥିବା ଦଶମ ଶ୍ରେଣୀର ଛାତ୍ରୀ ପ୍ରିୟା ସାହୁ ଓ ସପ୍ତମ ଶ୍ରେଣୀର ଛାତ୍ରୀ ସାମିଆଁ ବନଛୋରଙ୍କୁ ଟ୍ରଫି ସହ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅତାବିରା ବ୍ଲକ ୟୁଜିଏଚ୍‌ଏସ୍ ରେଙ୍ଗାଲି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ତ୍ରିପାଠୀ, ଏହି ସ୍କୁଲରୁ ଅବସର ନେଇଥିବା ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶ ଓ ଶାନ୍ତନୁ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଚଗୀତରେ ମଞ୍ଚ ଦୁଲୁକି ଉଠିଥିଲା। ପୁଷ୍ପଲତା ନାଏକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ସହଯୋଗ କରିଥିଲେ। ଗୀତାଞ୍ଜଳି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### କୁତ୍ରା ଲ୍ୟାମ୍ପ୍ସ ମଣ୍ଡି ଉଦ୍‌ଘାଟିତ, ଆରମ୍ଭ ହେଲା ଧାନକିଣା

କୁତ୍ରା, ୨୨।୧୨(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ଲ୍ୟାମ୍ପସ ପକ୍ଷରୁ ଗୁରୁବାର ଧାନ ମଣ୍ଡି ଉଦ୍‌ଘାଟନ ସହ ଚାଷୀଙ୍କଠାରୁ ଧାନ କିଣା ଆରମ୍ଭ ହୋଇଛି। ଏହାର ଉଦ୍‌ଘାଟନ ଅବସରରେ ବିଶେଷ ଅତିଥି ଭାବେ ସରପଞ୍ଚ ଭୂବନ କୁଜୁର ଏବଂ ଲ୍ୟାମ୍ପ ସଭାପତି ମଙ୍ଗଳ କୁଜୁର ଉପସ୍ଥିତ ରହି ମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ତଥା ଧାନକ୍ରୟ ଦାୟିତ୍ୱରେ ଥିବା ବିଶ୍ୱମ୍ଭର ଅମାତ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସରକାରୀ ଭାବେ କୁନମୁରସ୍ଥିତ ଅଗ୍ରସେନ ରାଇସ ମିଲ ଏଠାରୁ ଧାନ କ୍ରୟ କରୁଛି। ଗୁରୁବାର ପ୍ରଥମ ଦିନରେ ୨ ଚାଷୀଙ୍କଠାରୁ ୭୩ କୁଇଣ୍ଟାଲ ଧାନ କିଣାଯାଇଥିଲା। ଚଳିତବର୍ଷ ସରକାରଙ୍କ ପକ୍ଷରୁ ଧାନଦର ପ୍ରତି କୁଇଣ୍ଟାଲ ୨୦୪୦ ଟଙ୍କା ରଖାଯାଇଛି। କୁତ୍ରା ଲ୍ୟାମ୍ପ ଅଧିନସ୍ଥ କୁତ୍ରାରେ ପ୍ରତି ଗୁରୁବାର ଏବଂ ଶୁକ୍ରବାର ତଥା ସିଆଲଯୋରରେ ସୋମବାର ଓ ମଙ୍ଗଳବାର ଚାଷୀଙ୍କଠାରୁ ଧାନ ସେମାନଙ୍କୁ ଦିଆଯାଇଥିବା ଟୋକନ ଅନୁସାରେ କିଣାଯିବ ବୋଲି ଲ୍ୟାମ୍ପ ସୂତ୍ରରୁ ପ୍ରକାଶ।

### ଭାଜପା ଜିଲା ପଦାଧିକାରୀଙ୍କ ବୈଠକ

ସୁନ୍ଦରଗଡ,୨୨।୧୨(ଡି.ଏନ.ଏ.): ଭାଜପା ସୁନ୍ଦରଗଡ଼ ସାଂଗଠନିକ ଜିଲା ପକ୍ଷରୁ ବୁଧବାର ଜିଲା ପଦାଧିକାରୀମାନଙ୍କ ଏକ ବୈଠକ ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଭୋଜପୁରସ୍ଥିତ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରାଜ୍ୟ ଉପସଭାନେତ୍ରୀ ସୁକେଶି ଓରାମ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ନରସିଂହ ମିଞ୍ଜ, ବରିଷ୍ଠ ନେତା ଭେଷଜ ରଥ, ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ଯଶବନ୍ତ ନାଏକ, ଅମୀର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଜିଲା ସଭାପତି ତଥା ତଳସରା ବିଧାୟକ ଭୋଇ ଚଳିତ ଡିସେମ୍ବର ୧୭ରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧକ୍ଷତାରେ ରାଜ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ହୋଇଥିବା ରାଜ୍ୟ ପଦାଧିକାରୀ ବୈଠକରେ ଡିସେମ୍ବର ୨୮ରୁ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମଣ୍ଡଳ ବୈଠକ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ସମସ୍ତ ମଣ୍ଡଳ କମିଟି ବୁଥ କମିଟି ଶକ୍ତିକେନ୍ଦ୍ର କମିଟି ମଣ୍ଡଳ ମୋର୍ଚ୍ଚା କମିଟିର ପୂର୍ଣ୍ଣାଙ୍ଗ କମିଟି ଗଠନ ପାଇଁ ଉପସ୍ଥିତ ନେତୃମଣ୍ଡଳୀ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରାଜ୍ୟ ଉପସଭାନେତ୍ରୀ ସୁକେଶି ଓରାମ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ନରସିଂହ ମିଞ୍ଜ ପ୍ରମୁଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହିତ ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରେ ମଜବୁତ କରିବାକୁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସମସ୍ତ ଜିଲାପଦାଧିକାରୀ, ଜିଲା ମୋର୍ଚ୍ଚା ସଭାପତି, ମଣ୍ଡଳ ସଭାପତି, ମଣ୍ଡଳ ସାଧାରଣ ସମ୍ପାଦକ, ମଣ୍ଡଳ କାର୍ଯ୍ୟକାରୀ ସଭାପତି, ଜିଲା ପରିଷଦ ପ୍ରାର୍ଥୀମାନେ ଉପସ୍ଥିତ ଥିଲେ।

# ପୌରାଞ୍ଚଳରେ ସରକାରୀ ଅର୍ଥର ଅପବ୍ୟୟ

**ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟାଙ୍କ ଖବରଦାତା ସମ୍ମିଳନୀ**

**ଅର୍ଥ ଅପବ୍ୟୟ ନେଇ ଅଭିଯୋଗ କଲେ ପୌର ଉପାଧକ୍ଷ ଓ ବିଧାୟକ**

ଦେବଗଡ଼,୨୨।୧୨(ଡି.ଏନ୍.ଏ.)

ଦେବଗଡ଼ ପୌରାଞ୍ଚଳରେ ସରକାରୀ ଅର୍ଥର ଅପବ୍ୟୟ କରାଯାଉଛି। ପୌରାଧକ୍ଷା ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ପକେଟ ଗରମ ପାଇଁ କାମ କରୁଛନ୍ତି। ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଉନ୍ନୟନ ନାମରେ ଏଣୁତେଣୁ କାର୍ଯ୍ୟକରି ସରକାରୀ ଅର୍ଥର ଅପବ୍ୟୟ କରାଯାଉଥିବାବେଳେ ପରିମଳ ପାଇଁ ବ୍ଲିଚିଂ ପାଉଡର, ଫିନାଇଲ କିମ୍ବା ମଶାତେଲ ଟିକିଏ ଛିଞ୍ଚା ଯାଉନାହିଁ। ଫଳରେ ପୌରାଞ୍ଚଳବାସୀଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଛି। ଏଭଳି ଅଭିଯୋଗ ଖୋଦ ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ (ଝୁନୁ) ଗୁରୁବାର ଦେବଗଡ ବିଧାୟକଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା କାଇନାତ କାଜି ୨ଦିନିଆ ଦେବଗଡ଼ ଗସ୍ତରେ ଆସିଥିବାବେଳେ ଗୁରୁବାର ସନ୍ଧ୍ୟାରେ ଦଳ ପକ୍ଷରୁ ବିଧାୟକଙ୍କ ବାସଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ


ଖବରଦାତା ସମ୍ମିଳନୀରେ ଦେବଗଡ଼ ଜିଲା ଭାଜପା ନେତା ଓ ବିଧାୟକ।

ଯୋଗଦେଇ ଗଣମାଧ୍ୟମ ସମ୍ମୁଖରେ ବିଭିନ୍ନ ପ୍ରସଙ୍ଗରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଦେବଗଡ଼ର ପର୍ଯ୍ୟଟନସ୍ଥଳୀ 'ପ୍ରଧାନପାଟ ଜଳ ପ୍ରପାତ' ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲେ ହେଁ ପୌର ପରିଷଦ କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାରେ ବିଫଳ ହୋଇଛି। ଏପରିକି ବ୍ୟାପକ ଅଞ୍ଚଳରେ 'ଡଷ୍ଟବିନ'ଟିଏ ମଧ୍ୟ ରଖାଯାଇ ନ ଥିବାରୁ ବାସୀଖାଦ୍ୟ ଏବଂ ଆବର୍ଜନା ସବୁ ଏଣେତେଣେ ବିଛିନ୍ନ ହୋଇ ପଡିଥିବା ସେ ଅଭିଯୋଗ କରି ପୌର କର୍ତ୍ତୃପକ୍ଷଙ୍କୁ କଡା ସମାଲୋଚନା କରିଥିଲେ। ଏହି ଅବସରରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ନିଜର ବକ୍ତବ୍ୟ ଉପସ୍ଥାପନ କରି ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ଅଭିଯୋଗ ଆଣିଥିଲେ। ଗତ ୧୭ ତାରିଖ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ହୋଇଥିବା ଜିଲା ଯୋଜନା କମିଟି ବୈଠକକୁ ବିଧାୟକ ଏବଂ ତାଙ୍କ ଦଳର ସମ୍ବଲପୁର ଲୋକସଭା ସଦସ୍ୟଙ୍କୁ ଜାଣିଶୁଣି ଡକାଯାଇ ନ ଥିବା ଦର୍ଶାଇ ଏଥିପାଇଁ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ସେ ଦେବଗଡ଼ ପୌରପରିଷଦରେ ଏକଛତ୍ରବାଦ ଚାଲିଥିବା ମଧ୍ୟ ଦର୍ଶାଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଦେବଗଡ଼ ଜିଲା ଭାଜପା ପ୍ରଭାରୀ (ମହିଳା ମୋର୍ଚ୍ଚା)ଆରତୀଲତା ବରାଡ, କାଉନସିଲର ସରୋଜିନୀ ମୁଣ୍ଡା, ଈତିଶ୍ରୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନଗର ମଣ୍ଡଳ ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ବରିଷ୍ଠ ନେତା ରମଣୀରଂଜନ ଆଚାର୍ଯ୍ୟ,ରାଜେନ୍ଦ୍ର କୁମାର ଆଚାର୍ଯ୍ୟ, ସୁଧିର କୁମାର ପାତ୍ର ଓ ପ୍ରତାପ କୁମାର ପଣ୍ଡାଙ୍କ ସମେତ ବହୁ ଭାଜପା ନେତା ଉପସ୍ଥିତ ଥିଲେ।

## ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ବିଜ୍ଞାନମେଳା

ସୁନ୍ଦରଗଡ଼,୨୨।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ବାର୍ଷିକ ବିଜ୍ଞାନ ମେଳା ଗତ ୨୧ ଓ ୨୨ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା:ସରୋଜ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ଗୁରୁବାର ଉଦ୍‌ଯାପନୀ ଦିବସରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଶ୍ରେଷ୍ଠ ପ୍ରକଳ୍ପର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜ୍ଞାନ, ଗଣିତ,ପରିବେଶ ଓ କଳା ସମ୍ବନ୍ଧୀୟ ପ୍ରକଳ୍ପମାନ ପ୍ରଦର୍ଶିତ ହୋଇଥିଲା। ମୋଟ ୨୨୩ଟି ବିଜ୍ଞାନ, ଗଣିତ ଓ ପରିବେଶ ପ୍ରକଳ୍ପ ସ୍ଥାନ ପାଇଥିଲାବେଳେ କଳା ପ୍ରଦର୍ଶନୀରେ ୧୪୧ଟି କଳାକୃତୀ ପ୍ରଦର୍ଶନ ହୋଇଥିଲା। ବିଦ୍ୟାଳୟର ଅଧକ୍ଷା ହରପ୍ରିୟା ପଟେଲ ସଭାପତିତ୍ୱ କରିଥିଲେ। ପରିଚାଳନା କମିଟିର ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ଟ୍ରଷ୍ଟି ବେଣୁମାଧବ ତ୍ରିପାଠୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରିୟଙ୍କା ଜେନା ମଞ୍ଚ ପରିଚାଳନା କରିଥିଲେ। ରାଜଲକ୍ଷ୍ମୀ ନାଏକ ଧନ୍ୟବାଦ ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପବ୍ଲିକ ସ୍କୁଲର ବିଜ୍ଞାନ ମେଳାରେ ଉପସ୍ଥିତ ଅତିଥି।

## ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ: ଅଂଶଗ୍ରହଣ କଲେ ୪୦ ନୃତ୍ୟଦଳ

କୁଆଁରମୁଣ୍ଡା,୨୨।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ପରିସରରେ ଗୁରୁବାର ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ବିଡ଼ିଓ ତୃପ୍ତି ବରେଇ,ଏଇଇ ଚୈତନ୍ୟ ହେମ୍ବ୍ରମ, ସରପଞ୍ଚ ରାଜେଶ ହାଁସଦା, ନରେଶ ସୁରିନ, ଦିଲ୍ଲୀପ ଏକା, ରୀନା ଓରାମ, ବାଡିଆ ଲାକ୍ରା, ଝୁବା ଟପୋ ପ୍ରମୁଖଙ୍କ ସହ କୁଆଁରମୁଣ୍ଡା 'ଖ' ଜୋନର ୯ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ମୋଟ ୪୦ଟି ପାରମ୍ପରିକ ନୃତ୍ୟଦଳ



କୁଆଁରମୁଣ୍ଡାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଅଂଶଗ୍ରହଣ କରି ଦଳଗତ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ବ୍ଲକ ଅଧକ୍ଷା ଜ୍ୟୋତି କେର୍କେଟା ଅତିଥି ଭାବେ ଯୋଗଦେଇ କୃତୀ ନୃତ୍ୟଦଳକୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ବିଭାଗ, ଓଡ଼ିଶା ଜୀବିକା ମିଶନ ସହାୟତାରେ ସମ୍ପାଦନା କରାଯାଇଛି ବୋଲି ସୂଚନା ମିଳିଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମାକ୍ସୱେଲ ଟପୋ, ଡ଼ିପିଏମ ପ୍ରସନ୍ନ ମୋଦି, ଦେବବ୍ରତ ଦାସ, ଭରତ ସାହୁ, ଓଏଲଏମ୍ ସଂଯୋଜିକା ରଶ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିଛନ୍ତି।

## ଛାତ୍ରୀଛାତ୍ରଙ୍କ ନୃତ୍ୟଗୀତ ମନମୋହିଲା




**ନିର୍ମଳା ଇଂରାଜୀ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ**

ରାଜଗାଙ୍ଗପୁର, ୨୨।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରସ୍ଥିତ ନିର୍ମଳା ଇଂରାଜୀ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ ବୁଧବାର ବହୁଆଡମ୍ବରରେ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ଲୋକନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ମୁଖ୍ୟ ଅତିଥି ଭାବେ ସିଷ୍ଟର ଟେରେସା ଡୁଙ୍ଗଡୁଙ୍ଗ ଓ ସମ୍ମାନିତ ଅତିଥି ଭାବେ ସିଷ୍ଟର ବେରନାଡେଟ, ରାଜଗାଙ୍ଗପୁର ପୌରାଧକ୍ଷା ମାଧୁରୀ ଲୁଗୁନ, ରାଜଗାଙ୍ଗପୁର ଥାନା ଅଧିକାରୀ ବିଭସ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳିତ କରି ଆନୁଷ୍ଠାନିକ ଭାବେ ଏହି ଉତ୍ସବକୁ ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଇଥିଲେ। କରୋନା ପାଇଁ ୨ବର୍ଷ ଧରି କୌଣସି ଉତ୍ସବ ହୋଇପାରି ନ ଥିବା ଯୋଗୁ ଶିକ୍ଷା, ଖେଳ, କୁଇଜ ତଥା ଅନ୍ୟ ବିଭିନ୍ନ ବର୍ଗରେ ପ୍ରତିଯୋଗିତା କରାଯାଇଥିଲା। ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟଗୀତ ସାଙ୍ଗକୁ ଏକାଙ୍କିକା 'ସର୍ବ ଧର୍ମ ଏକ' ଦର୍ଶକଙ୍କୁ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ବିଦ୍ୟାଳୟର ପ୍ରିନ୍ସିପାଲ ସିଷ୍ଟର ଉର୍ମିଳା ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଲିନା ମହାପାତ୍ର, ଅଞ୍ଜୁ ମହାନ୍ତି ଓ କେ.ଦିଲ୍ଲୀପ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଅନୁପମ ବରୁଆ, ମାୟାନନ୍ଦ ଝା ଓ ଅନ୍ୟ ସିଷ୍ଟର ତଥା ଶିକ୍ଷୟିତ୍ରୀ ଶିକ୍ଷକ ଉତ୍ସବ ପରିଚାଳନା କରିଥିଲେ।

## ୨ ବଳାତ୍କାରୀଙ୍କୁ ୧୦ ବର୍ଷ ଲେଖାଏଁ ଜେଲ୍

ସୁନ୍ଦରଗଡ଼,୨୨।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ପ୍ରିଜାଇଡିଂ ଅଫିସର ମହେନ୍ଦ୍ର କୁମାର ସୂତ୍ରଧର ଗୁରୁବାର ଦୁଇଟି ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ୨ଜଣ ଅଭିଯୁକ୍ତଙ୍କୁ ୧୦ବର୍ଷ ଲେଖାଏଁ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୭ ମସିହା ଡିସେମ୍ବର ୨୪ରେ ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ଘଟିଥିବା ପ୍ରଥମ ମାମଲାଟିର ଅଭିଯୁକ୍ତ ହେଲେ ସୁଶୀଲ ମୁଣ୍ଡା(୬୦)। ଘଟଣା ଦିନ ସନ୍ଧ୍ୟାରେ ଅଭିଯୁକ୍ତ ସୁଶୀଲ ୯ ବର୍ଷୀୟ ନାବାଳିକାଙ୍କୁ ଖାଇବାର ପ୍ରଲୋଭନ ଦେଖାଇ ଏକ ପାଳଗଦାରେ ବଳାତ୍କାର କରିଥିଲେ। ପରିବାର ଲୋକଙ୍କ ରିପୋର୍ଟ କ୍ରମେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତ ଏହି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ ସହ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଜେଲଦଣ୍ଡ ସକାଶେ ଅଦାଲତ ଆଦେଶ ଦେଇଛନ୍ତି। ସେହିପରି ହାତୀବାରୀ ଥାନା ଅଞ୍ଚଳରେ ଗତ ୨୦୧୩ ମସିହାରେ ଘଟିଥିବା ଅନ୍ୟ ଏକ ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତ ସୁଖଲେନ ମୁଣ୍ଡା (୨୯)ଙ୍କୁ ୧୦ ବର୍ଷ ଜେଲଦଣ୍ଡ ସହ ୧୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଉଭୟ ମାମଲାର ପୀଡିତାଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଆଦେଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପୋକ୍ସୋ ଅଦାଲତର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ଏହି ମାମଲା ଦୁଇଟିକୁ ପରିଚାଳନା କରିଥିଲେ।

## ଲାଞ୍ଚ ମାମଲାରେ ଅଭିଯୁକ୍ତ ଅଡିଟରଙ୍କୁ ୨ବର୍ଷ ଜେଲ

ସୁନ୍ଦରଗଡ଼, ୨୨।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ ରାଜଲକ୍ଷ୍ମୀ ପଟ୍ଟନାୟକ ଗୁରୁବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ଅଭିଯୁକ୍ତ ସୁନ୍ଦରଗଡ଼ ଜିଲା ଲୋକାଲ ଫଣ୍ଡର ପୂର୍ବତନ ଅଡିଟର ସୁଶୀଲ କୁମାର ମେହେରଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମେହେର ବର୍ତ୍ତମାନ ଝାରସୁଗୁଡା ଜିଲାରେ କାର୍ଯ୍ୟରତ। ମାମଲା ରାୟର ବିବରଣୀରୁ ପ୍ରକାଶ ଯେ, ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ବ୍ରାହ୍ମମରା ଗ୍ରାମର ଠିକାଦାର ଲମ୍ବୋଦର ପ୍ରଧାନଙ୍କୁ କେଲୋ ନାଲା ଏବଂ ବନ୍ଧବାହାଲ ନାଲା ଉପରେ ଚ୍ୟାକ୍‌ଡ୍ୟାମ ନିର୍ମାଣ କାର୍ଯ୍ୟର ସିକ୍ୟୁରିଟି ଜମା ଟଙ୍କା ୧ଲକ୍ଷ ୩୪ ହଜାର ଫେରସ୍ତ ସକାଶେ ଅଡିଟର ୨୩ହଜାର ଟଙ୍କା ଦାବି କରିଥିଲେ। ଏନେଇ ହଇରାଣ କରୁଥିବା ନେଇ ଠିକାଦାର ପ୍ରଧାନ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଏନେଇ ଅଭିଯୋଗ ଆଧାରରେ ଭିଜିଲାନ୍ସ ବିଭାଗ ପକ୍ଷରୁ ସମ୍ବଲପୁର ଭିଜିଲାନ୍ସ ଥାନାରେ କେଶ ନମ୍ବର ୫୮/ତା ୧୧।୧୨।୨୦୦୭ରେ ଏକ ମାମଲା ରୁଜୁକରି କରିଥିଲା। ଠିକାଦାରଙ୍କଠାରୁ ୨୩ହଜାର ଟଙ୍କା ଲାଞ୍ଚ ଆକାରରେ ନେଉଥିବା ବେଳେ ଭିଜିଲାନ୍ସ ଟିମ ଅଡିଟରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ସୁନ୍ଦରଗଡ଼ ଭିଜିଲାନ୍ସ ସ୍କ୍ୱାଡ୍ ଇନ୍ସପେକ୍ଟର ପରମେଶ୍ୱର କିଷାନ ଓ ରାଉରକେଲା ଭିଜିଲାନ୍ସ ସ୍କ୍ୱାଡ୍ ଇନ୍ସପେକ୍ଟର ଦାମୋଦର ମାଝୀ ମାମଲାର ତଦନ୍ତକାରୀ ଅଫିସର ଥିଲେ। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଗୌରମୋହନ ଦାସ ମାମଲାର ପରିଚାଳନା କରୁଥିଲେ।

## ବିଶ୍ୱକପ୍ ହକି ଉପଲକ୍ଷେ କ୍ରୀଡ଼ା ପ୍ରତିଯୋଗିତା

ଦେବଗଡ଼, ୨୨।୧୨(ଡି.ଏନ୍.ଏ.)

ରାଜ୍ୟରେ ପୁରୁଷ ହକି ବିଶ୍ୱକପ୍ –୨୦୨୩ ଉପଲକ୍ଷେ ଗୁରୁବାରଠାରୁ ଦେବଗଡ଼ ଜିଲାର ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ତିନି ବ୍ଲକର ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋ, ଜିଲା ଶିକ୍ଷା ଅଧିକାରୀ ସଚିତା ନନ୍ଦ ବେହେରା, ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୪୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାକୁ ଜିଲ୍ଲାର କ୍ରୀଡା ଶିକ୍ଷକମାନେ ପରିଚାଳନା କରିଥିଲେ। ଦୌଡ଼, ଫୁଟବଲ, ଖୋଖୋ, କବାଡି, ଲଙ୍ଗଜମ୍ପ, ସଟପୁଟ, ହାଇ ଜମ୍ପ, ଭଲିବଲ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବେଲୁଙ୍ଗ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଉପଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଭାରପ୍ରାପ୍ତ କ୍ରୀଡା ଅଧିକାରୀ କୈବଲ୍ୟ କର, ସହକାରୀ ଜିଲ୍ଲାପାଳ ସୁଶାନ୍ତ କୁମାର ନାୟକ ଓ ଜିଲ୍ଲା କ୍ରୀଡା ସମ୍ପାଦକ ଧୀରେନ ନୟକ ପ୍ରମୁଖ ଉପସ୍ଥିତ ଥିଲେ।


ଦେବଗଡ଼ରେ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀ।

## କୋଶଳ ସମାଜ ପକ୍ଷରୁ ଅସହାୟଙ୍କୁ ଶୀତବସ୍ତ୍ର, କମ୍ବଳ ବଣ୍ଟନ

ବଡ଼ଗାଁ, ୨୨।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଶଳ ସମାଜ ପକ୍ଷରୁ ଗୁରୁବାର ଅଞ୍ଚଳର ଅସହାୟ, ଦିବ୍ୟାଙ୍ଗ ଓ ପିଲାମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ବଡ଼ଗାଁ ବ୍ଲକର ତୁଡାଲଗା ସ୍ଥିତ ବାବା ମଠଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଶଳ ସମାଜର ମହା ସଚିବ ଦିଲ୍ଲୀପ କୁମାର ପଣ୍ଡା, ସମାଜସେବିକା ପ୍ରମିଳା ନାୟକ, ଅବସରପ୍ରାପ୍ତ ଡାକବିଭାଗ କର୍ମଚାରୀ ତଥା କୋଶଳ ସମାଜର ବରିଷ୍ଠ କର୍ମୀ ଉପେନ୍ଦ୍ର ରାଉତ, କୋଶଳ ସମାଜର ଜିଲା ମହିଳା ସଚିବ ହରିପ୍ରୀୟା ଭୋଇ, ମହିଳା ବ୍ଲକ ସଚିବ ଦୀପ୍ତିରାଣୀ ରାଉତରାୟ, କୁତ୍ରା ବ୍ଲକ ମହିଳା ସଚିବ ଲିଲିମା ପ୍ରଧାନ, ତୁଡାଲଗା ପଞ୍ଚାୟତ ସଚିବ ଗୀତା ଦେହୁରିଆ, ବଡ଼ଗାଁ ଥାନା ଏଏସ୍‌ଆଇ ଅରୂପାନନ୍ଦ ଦାସ, ଗଣମାଧ୍ୟମ ପ୍ରତିନିଧି ଅନୁପ ବିଶି, କ୍ଷେତ୍ରବାସୀ ପଣ୍ଡା, ଅଶୋକ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସମାଜସେବିକା ପ୍ରମିଳା ନାୟକ ତାଙ୍କ


ଶୀତବସ୍ତ୍ର ପାଇଥିବା ଅସହାୟ, ଦିବ୍ୟାଙ୍ଗ ଓ ପିଲାଙ୍କ ସହ କୋଶଳ ସମାଜ କର୍ମକର୍ତ୍ତା।

ବକ୍ତବ୍ୟରେ କହିଥିଲେ, ଆମ ସମାଜ ଅପସଂସ୍କୃତି ଆଡ଼କୁ ଗତି କରୁଛି। ସମାଜରେ ସଂସ୍କାର ଆଣିବା ଏକାନ୍ତ ଆବଶ୍ୟକ ହୋଇପଡିଛି। ଏଭଳି ପରିସ୍ଥିତିରେ କୋଶଳ ସମାଜ କର୍ମକର୍ତ୍ତା ମଦମୁକ୍ତ ସମାଜ ଗଠନ କରିବା ପାଇଁ ନେଉଥିବା ପଦକ୍ଷେପ ଓ ସମାଜସେବାକୁ ପ୍ରଶଂସା କରିଥିଲେ। କୋଶଳ ସମାଜର ମହାସଚିବ ଦିଲ୍ଲୀପ ପଣ୍ଡା ତାଙ୍କ ବକ୍ତବ୍ୟରେ କୋଶଳ ସମାଜର ଅର୍ଥ ବୁଝାଇଥିଲେ। ସମାଜସେବା ବର୍ଷସାରା କରିବାକୁ ଯୋଜନା ଥିବା ସୂଚନା ଦେଇ ଆଧ୍ୟାତ୍ମିକତାରେ ସେବାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସଭା ଶେଷ ହେଲା ପରେ ଅଞ୍ଚଳର ୬୦ ବୃଦ୍ଧାବୃଦ୍ଧ ଓ ପିଲାଙ୍କୁ ସିଉଟର ଏବଂ କମ୍ବଳ ଅତିଥି, କୋଶଳ ସମାଜ କର୍ମକର୍ତ୍ତାମାନେ ବଣ୍ଟନ କରିଥିଲେ।

## ଶ୍ରେଷ୍ଠ ୮ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

**ଦେବଗଡ଼ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା**

ଦେବଗଡ଼,୨୨।୧୨(ଡି.ଏନ.ଏ.)

ଦେବଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲଠାରେ ବୁଧବାର ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ମେଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଫିତାକାଟି ମେଳାକୁ ଉଦ୍‌ଘାଟନ କରିଥିଲେ। ଏହା ସହ ଆୟୋଜିତ ମେଳାରେ କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ମୁଖ୍ୟବକ୍ତା ଭାବେ ଦେବଗଡ଼ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସଞ୍ଜିବ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ବିନୋଦ ସିଂ, ଶକୁନ୍ତଳା ଟେଟେ ଓ ଜିଲା ବିଜ୍ଞାନ ନିରୀକ୍ଷକ ଦୁଃଖବନ୍ଧୁ ଭୁକ୍ତା ପ୍ରମୁଖ ମଞ୍ଚାସୀନ ରହି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ମେଳାରେ ଜିଲାର ତିଲେଇବଣି, ରିଆମାଳ ଏବଂ ବାରକୋଟ ବ୍ଲକରୁ ଚୟନ ହୋଇଥିବା ୪୨ଟି ପ୍ରକଳ୍ପ ଏବଂ ଇନ୍ସପାୟାର ବର୍ଗରେ ୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଦେବଗଡ଼ ମହାବିଦ୍ୟାଳୟର ରସାୟନ ବିଭାଗ ଅଧ୍ୟାପକ ଡକ୍ଟର ଦୀନେଶ ରାୟ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ମନୋରଞ୍ଜନ ମାରାଣ୍ଡି, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଗଣିତ ଅଧ୍ୟାପକ ଭରତ କୁମାର ବାଘ ପ୍ରମୁଖ ଯୋଗ ଦେଇଥିଲେ। ଏହି ମେଳାରୁ ଶ୍ରେଷ୍ଠ ବିବେଚିତ ହୋଇଥିବା ବାରକୋଟ ବ୍ଲକ ବମ୍ପରଡା ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁରଭୀ ପ୍ରଧାନ, ତିଲେଇବଣି ବ୍ଲକ ଛେପିଲିପାଲି ଗ୍ରାମ ପଞ୍ଚାୟତ ଧୋବଲିପଥର ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଶୋକ କୁମାର ସାମଲ, ରିଆମାଳ ବ୍ଲକ ତାରଙ୍ଗ ଗ୍ରାମ ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ବିଶ୍ୱନାଥ ସ୍ୱାଇଁ, ବାରକୋଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସୋନାଲିକା ସାହୁ, ରିଆମାଳ ବ୍ଲକର କୁଶଖଲିଆସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ର ସୁଧାଂଶୁ ଶେଖର ସାହୁ, ଦେବଗଡ଼ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ଛାତ୍ର ରାଜକୁମାର ମହାନ୍ତି, ତିଲେଇବଣି ବ୍ଲକ ଟାଇଁସର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ନେହା ସିଂ ପ୍ରମୁଖଙ୍କର ୭ଟି ପ୍ରକଳ୍ପ ଏବଂ ଇନ୍ସପେୟାର ବର୍ଗରେ ରିଆମାଳ ବ୍ଲକ କୁଣ୍ଢେଇଗୋଳା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରୀନାରାଣି ପ୍ରଧାନଙ୍କ ପ୍ରକଳ୍ପ ରାଜ୍ୟସ୍ତରୀୟ ମେଳା ପାଇଁ ମନୋନୀତ ହୋଇଥିଲା। ଅପରାହ୍ନରେ ସଭା ପ୍ରାରମ୍ଭରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ମେଳାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ,ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଡୋମିନିକ ଟପ୍ପୋ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ବିନୋଦ ସିଂ, ଶକୁନ୍ତଳା ଟେଟେ ଓ ଜିଲା ବିଜ୍ଞାନ ନିରୀକ୍ଷକ ଦୁଃଖବନ୍ଧୁ ଭୁକ୍ତା ପ୍ରମୁଖ ମଞ୍ଚାସୀନ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉଭୟ ଉଦ୍‌ଘାଟନୀ ଏବଂ ଉଦ୍‌ଯାପନୀ ଉତ୍ସବକୁ ସୁଗୁଡା କ୍ଲଷ୍ଟରର ସିଆରସିସି ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିଲେ। ରାଜା ବାସୁଦେବ ହାଇସ୍କୁଲର ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଉଁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ମାଧବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ସୁଗୁଡାସ୍ଥିତ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ମେଳା ପ୍ରଦର୍ଶନ ନିମନ୍ତେ ରିଆମାଳ ବ୍ଲକକୁ ଶ୍ରେଷ୍ଠ ବ୍ଲକ ଭାବେ ମାନ୍ୟତା ପ୍ରଦାନ କରାଯିବା ସହ ଅବସରପ୍ରାପ୍ତ ଜିଲା ବିଜ୍ଞାନ ନିରୀକ୍ଷକ ସୁଶୀଳ କୁମାର ପରିଡାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ସିଏନଆଇ ଚର୍ଚ୍ଚ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ଟିଟିଲାଗଡ,(ଡି.ଏନ.ଏ.): ଟିଟିଲାଗଡ଼ ସିଏନଆଇ ଚର୍ଚ୍ଚ ଆନୁକୂଲ୍ୟରେ ଖ୍ରୀଷ୍ଟମାସ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସିଏନଆଇ ଚର୍ଚ୍ଚ ଧର୍ମଯାଜକ ଆଚାର୍ଯ୍ୟ ଜ୍ୟୋତିରଞ୍ଜନ ପାଇକଙ୍କ ପୌରୋହିତ୍ୟରେ ପ୍ରାର୍ଥନା ସହ ସହସ୍ରାଧିକ ସଂଖ୍ୟାରେ ମଣ୍ଡଳୀ କର୍ମକର୍ତ୍ତା, ମହିଳା ସହାଭାଗିତା କର୍ମକର୍ତ୍ତା, ଉଦଯୋଗ ସମିତି କର୍ମକର୍ତ୍ତା, ସଣ୍ଡେ ସ୍କୁଲ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର କ୍ୟାଣ୍ଡେଲ ଧରି ଚର୍ଚ୍ଚରୁ ବାହାରି ସହର ପରିକ୍ରମା କରିଥିଲେ।



### ସଂକ୍ଷେପରେ

## ବ୍ଲକସ୍ତରୀୟ ଖେଳାଳି ଚୟନ ଶିବିର

ଟିଟିଲାଗଡ,୨୨।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକସ୍ତରୀୟ ଖେଳାଳି ଚୟନ ଶିବିର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି ଶିବିରରେ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଡିଏଭି ଇଣ୍ଡୋର ଷ୍ଟାଡିୟମ, ବିଜୁ ପଟ୍ଟନାୟକ ଷ୍ଟାଡୟମରେ ସମସ୍ତ ଖେଳକୁଦର ଆୟୋଜନ ହୋଇଥିଲା। କବାଡି, ଫୁଟବଲ, ଖୋଖୋ, ଭଲିବଲ ଓ ଦୌଡ଼କୁଦରେ ଜିଲ୍ଲା ସ୍ତରକୁ ଯିବା ପାଇଁ ଖେଳାଳି ଚୟନ ହୋଇଥିଲା। ଶେଷରେ ସମ୍ପାଦିକା ପଦ୍ମଜା ବହିଦାର ଓ ପୂର୍ବତନ ସମ୍ପାଦକ ଧବଳେଶ୍ୱର ଦଳବେହେରା ପତାକା ଅବତରଣ ପରେ ଚୟନ ଶିବିର ଉଦ୍‌ଯାପିତ ହୋଇଥିଲଶ। ବ୍ଲକ ସମ୍ପାଦିକା ପଦ୍ମଜା ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ, ପୌର ପରିଷଦ ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଭିରାମ ମାଝି ଅତିଥିଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଆଥଲେଟିକରେ ୨ଶହ, ବ୍ୟାଡ଼ମିଣ୍ଟନରେ ୫୬, କବାଡିରେ ୧୬୩, ଖୋଖୋରେ ୫୫, ଭଲିବଲରେ ୩୯ ଜଣ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ

ଖପ୍ରାଖୋଲ,୨୨।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଶିକ୍ଷକ ଜୁନେଶ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅଧକ୍ଷା ଦମୟନ୍ତୀ ମହାରଣା, ସମ୍ମାନିତ ଅତିଥି ଶିକ୍ଷକ ଜ୍ଞାନ ପ୍ରକାଶ ଭୋଇ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ମେଥ ରେସ, ଗଣିତ ପ୍ରଦର୍ଶନୀ ଏବଂ ଗଣିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଲିଙ୍କନ ପଧାନ ପ୍ରଥମ, ପ୍ରଜ୍ଞାନ ପଧାନ ଦ୍ୱିତୀୟ, ପ୍ରିୟାଂଶୁ ଦେବତା ତୃତୀୟ ସମେତ ଅନ୍ୟ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ରୟାଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦେଓଗାଁ,୨୨।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ଖେଳ ପଡିଆରେ ସିଲେଟକାନୀ ରୟାଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ପାକ୍ସ ସଭାପତି ଶୁଶିଲ କୁମାର ଚାନ୍ଦ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ରାଜପ୍ରତାପ ସିଂଦେଓ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନର ପ୍ରଥମ ମ୍ୟାଚ ନାଇକେନଶିରା ଓ ବଡଙ୍ଗୋମୁଣ୍ଡା ମଧରେ ଅନୁଷ୍ଠିତ ହୋଇଥିଲା। ୨-୦ ଗୋଲରେ ବଡଙ୍ଗୋମୁଣ୍ଡା ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ କରେଲଧୁଆ ଓ ଘୁଟିପାଲି ମଧରେ ହୋଇଥିଲା। ୧-୦ ଗୋଲରେ କରେଲଧୁଆ ବିଜୟୀ ହୋଇଛି।

## ଶାଗୁଆନ ଗଣ୍ଡି ଜବତ

ଦେଓଗାଁ,୨୨।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବନା ରେଞ୍ଜ ଅନ୍ତର୍ଗତ ରତନପୁର ନିକଟ ହରିଜନପଡା ନିକଟ ଏକ କ୍ଷେତରୁ ବନ ବିଭାଗ ଶାଗୁଆନ ଗଣ୍ଡି ଓ ପଟା ଜବତ କରିଛି। ଡିଏଫଓ ନୀତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଏସଇଏଫ ଜିତେନ୍ଦ୍ର ସାହୁ, ମୋବାଇଲ ଟିମ ଓ ଦେଓଗାଁ ରେଞ୍ଜର ଆଲୋକ କୁମାର ମାଝି ଚଢ଼ାଉ କରି କାଡଗଣ୍ଡି ଓ ପଟ୍ଟା ଜବତ କରଛି। ଘଟଣାସ୍ଥଳରୁ କାହାକୁ ଗିରଫ କରାଯାଇନାହିଁ।

## ଚାକିରି ନାଁରେ ଟଙ୍କା ନେବା ଘଟଣା: ଅଭିଯୁକ୍ତ ଗିରଫ

ଦେଓଗାଁ,୨୨।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ଭଞ୍ଜପଡାରେ ଯୁବତୀଙ୍କୁ ଚାକିରି କରାଇ ଦେବା ପ୍ରଲୋଭିତ କରି ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ କଳାହାଣ୍ଡି ଜିଲା ସାଲେପାଲି ଗ୍ରାମର କୃଷ୍ଣଚନ୍ଦ୍ର ରଣା। କୃଷ୍ଣଚନ୍ଦ୍ର ରଣା ଦେଓଗାଁ ଭଞ୍ଜପଡା ଆସି ଆଶାର ଆଲୋକ ଚାରିଟେବୁଲ ଫାଉଣ୍ଡେସନ ବରଗଡ ଜିଲା ଗୋଡଭଗା ବ୍ରାଞ୍ଚ ମ୍ୟାନେଜର ପରିଚୟ ଦେଇ ଜଣେ ଯୁବତୀଙ୍କଠୁ ମାଟ୍ରିକ ପରିଚୟ ପତ୍ର, ଆଧାର କାର୍ଡ, ବ୍ୟାଙ୍କ ପାସବୁକ, ସହ ୫୫୦୦ ଟଙ୍କା ଦେବାକୁ କହିଥିଲେ।ସନ୍ଦେହ କରି ଯୁବତୀଙ୍କ ବାପା ସମ୍ପୃକ୍ତ ବ୍ୟକ୍ତିଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ମଶାଲ ଯାତ୍ରାରେ ଦୁଲୁକିଲା ଦଣ୍ଡପାଟ

### ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ

ବେହେରା,୨୨।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟର କେନ୍ଦ୍ରସ୍ଥଳୀ ବେହେରା ଗ୍ରାମର ହାଇସ୍କୁଲ ପଡିଆଠାରେ ୫ମ ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ଗୁରୁବାର ଶୁଭାରମ୍ଭ ହୋଇଛି। ମଧ୍ୟାହ୍ନ ୧୨ଟାରେ ଉତ୍ସବ ପଡିଆ ମଧରେ ଦେବୀ ଦନ୍ତେଶ୍ୱରୀଙ୍କ ପୂଜାର୍ଚ୍ଚନା ପୂର୍ବକ ଏକ ଭବ୍ୟ ମଶାଲ ଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ସମିତି ସଭ୍ୟ କିଶୋର ଚନ୍ଦ୍ରନାଗ, ପୂର୍ବତନ ବ୍ଲକ ଅଧକ୍ଷ ବଳରାମ ପୂଝାରୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ତଥା ଦଣ୍ଡପାଟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ନଗର ପରିକ୍ରମାରେ ସାମିଲ ହୋଇଥିଲେ। ବିଗତ ୨ବର୍ଷ କରୋନା କଟକଣା ଯୋଗୁ ଧନୁଯାତ୍ରା ସମ୍ଭବ ହୋଇ ପାରି ନ ଥିବା ବେଳେ ଚଳିତବର୍ଷ ମହାଆଡମ୍ବର ସହିତ ହେଉଥିବାରୁ


ଗ୍ରାମବାସୀ ମଶାଲ ଧରି ନଗର ପରିକ୍ରମା କରୁଛନ୍ତି।

ଲୋକଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ପ୍ରଥମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ବିଜୁ ଜନତାଦଳ ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହ ଦେଓ କଂସଙ୍କ ଦରବାରରେ ହାଜିର ହୋଇ ଏହି ଅଞ୍ଚଳର ବିକାଶ ଦିଗରେ ନିଜକୁ ସମର୍ପଣ କରିଥିବା ପ୍ରକାଶ କରିଥିଲେ। ଏଥିସହ ଦଣ୍ଡପାଟର ଯୁବକମାନଙ୍କ କଠିନ ପରିଶ୍ରମ ତଥା ମାଟି ପ୍ରତି ରହିଥିବା ସେବା ମନୋଭାବକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବରେ ବେହେରା ସରପଞ୍ଚ ଗଇନ୍ତା,ସମିତିସଭ୍ୟ ନାଗ, ପାକ୍ସ ସଭାପତି ଟିକମନ ବାରିକ କଂସ ଦରବାରରେ ଉପସ୍ଥିତ ରହି ଦଣ୍ଡପାଟର କଳାସଂସ୍କୃତି ଉପରେ ମନ୍ତବ୍ୟ ରଖିଥିଲେ। ପ୍ରଥମ ସନ୍ଧ୍ୟାରେ କଂସଙ୍କ ରାଜାଭିଷେକ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜକ କମିଟିର ସଭାପତି ଭବେଶ ଗଇନ୍ତା, ସମ୍ପାଦକ ବିନ୍ଦୁସାର ବିଶଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ମହୋତ୍ସବ ଆସନ୍ତା ୨୮ ତାରିଖରେ ଉଦ୍‌ଯାପିତ ହେବ।

## ଛତିଶଗଡ଼ ଫରେଷ୍ଟ, ଖଡ଼ିଆଳ କେସିଏସ୍‌ଏ ଦଳ ବିଜୟୀ


କେସିଏସ୍‌ଏ କ୍ରିକେଟ ଟୁର୍ନାମେଣ୍ଟରେ ଅତିଥି ଓ ଖେଳାଳି।

### ତୃତୀୟ ଦିନରେ ସର୍ବଭାରତୀୟ କେସିଏସ୍‌ଏ କ୍ରିକେଟ ଟୁର୍ନାମେଣ୍ଟ

ଖଡ଼ିଆଳ,୨୨।୧୨(ଡି.ଏନ୍.ଏ.)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ପ୍ରତିବର୍ଷ ଭଳି ହୋଇ ଆସୁଥିବା ୨୦ତମ ସର୍ବ ଭାରତୀୟ କେସିଏସ୍‌ଏ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ଏଥିରେ ଛତିଶଗଡ଼ ଫରେଷ୍ଟ ଦଳ ଓ ଖଡ଼ିଆଳ କେସିଏସ୍‌ଏ ଦଳ ବିଜୟୀ ହୋଇଛି। ତୃତୀୟ ଦିନରେ ପ୍ରଥମ ମ୍ୟାଚ ଛତିଶଗଡ଼ ଫରେଷ୍ଟ ଓ ଆରଏସ୍‌କେ ଭିଲାଇ ମଧ୍ୟରେ ହୋଇଥିଲା। ଛତିଶଗଡ଼ ଫରେଷ୍ଟ ପ୍ରଥମେ ବ୍ୟାଟିଂ କରି ଆଠ ଉଇକେଟ ବିନିମୟରେ ୨୨୦ ରନ କରିଥିବାବେଳେ ଆର୍‌ଏସ୍‌କେ ଭିଲାଇ ୧୮ ଓଭରରେ ୧୮୧ ରନ କରି ୩୯ ରନରେ ପରାଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବ୍ଲକ ଅଧକ୍ଷ୍ୟା ପୁଷ୍ପାଞ୍ଜଳି ନନ୍ଦ, ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ଓ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ଖଡ଼ିଆଳ କେସିଏସ୍‌ଏ ଓ କଟକ ୟୁନିୟନ ମଧ୍ୟରେ ହୋଇଥିଲା। ଖଡ଼ିଆଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୨୧୮ ରନ କରିଥିବାବେଳେ କଟକ ୟୁନିୟନ ୧୮ ଓଭରରେ ଦଶ ଉଇକେଟରେ ୧୨୬ ରନ କରି ୯୨ ରନରେ ପରାଜିତ ହୋଇଥିଲା। ଖଡ଼ିଆଳର ଅମିତାଭ ପଟେଲ ୩୨ ବଲରେ ୬୬ ରନ ସଂଗ୍ରହ କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ପ୍ରତାପ ପାତ୍ର ଓ ବିଶ୍ୱଜିତ ପୁରୋହିତ। ଧାରା ବିବରଣୀ ପ୍ରଦାନ କରିଥିଲେ ବିଶ୍ୱଜିତ ପାଢ଼ୀ, ଆଶିଷ ତ୍ରିବେଦୀ, ଜିତେନ୍ଦ୍ର ନାଏକ ଟୁନା ଓ ସ୍କୋରର ରାକେଶ ସାହୁ (କଟକ) କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ଅତିଥି ବିଶିଷ୍ଟ ବ୍ୟବସାୟୀ ଡବୁ ଅଗ୍ରୱାଲ ଯୋଗ ଦେଇଥିଲେ। କେସିଏସ୍‌ଏ ଆୟୋଜନ କମିଟିର ସମ୍ପାଦକ ସନ୍ତୋଷ ପଟ୍ଟନାୟକ, ସଦସ୍ୟ ଟୁନା ନାଏକ, ଗୁଡୁ ପାଣିଗ୍ରାହୀ, ଅମିତାଭ ପଟେଲ, ନେତ୍ରାନନ୍ଦ ଶବର, ଶ୍ୟାମସୁନ୍ଦର ନାଗ, ସରୋଜ ପଣ୍ଡା, ସୁବୁ ଭୋଇ, ବିନୋଦ ଦୁରିଆ, ହରିହର ସାହୁ, ନନ୍ଦୁ ସାହୁ, ଅକ୍ଷୟ ପାଢ଼ୀ, ନିତିନ ପଟ୍ଟନାୟକ, ଫିରୋଜ ଖାନ, ଆଦିତ୍ୟ ମହାପାତ୍ର, ମନୋଜ ଦୀପ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଖଡ଼ିଆଳ କେସିଏସ୍‌ଏ ଓ ଛତିଶଗଡ଼ ଫରେଷ୍ଟ ମଧ୍ୟରେ ହେବ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ

### ଛାତ୍ରୀଙ୍କୁ ବଳାତ୍କାର ମାମଲା

ଭବାନୀପାଟଣା,୨୨।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଞ୍ଚଳର ଏକ ଏସଏସଡି ହାଇସ୍କୁଲର ଜଣେ ନାବାଳିକା ଛାତ୍ରୀଙ୍କୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳାତ୍କାର କରିବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଭବାନୀପାଟଣା ସ୍ୱତନ୍ତ୍ର ବିଚାରପତି(ପୋକ୍ସୋ) ଶୁଭଞ୍ଜନ ମହାନ୍ତି ୨୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏହି ମାମଲାରେ ଅଭିଯୁକ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନକୁଲ ଶବରଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, କୋକସରା ବ୍ଲକ ଅଞ୍ଚଳର ଏକ ଏସଏସଡି ହାଇସ୍କୁଲରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଉକ୍ତ ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକ ନକୁଲ କୋଠରୀକୁ ଡାକି ବଳାତ୍କାର କରିଥିଲେ। ଏ ନେଇ ଛାତ୍ରୀ ଜଣକ ଗତ ୨୦୧୨ ମସିହା ନଭେମ୍ବର ୨୫ ତାରିଖରେ କୋକସରା ଥାନାରେ ଅଭିଯୋଗ କରିଥିଲେ। ପରେ ଏହି ମାମଲା ଥାନାରୁ କୋର୍ଟକୁ ଆସିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ ପିପି ରୋହିତ କୁମାର ମିଶ୍ର ପରିଚାଳନା କରିଥିଲେ।

## ଗୋଳାବାରୁଦ କାରଖାନା ବିଦ୍ୟାଳୟର ବାର୍ଷିକ କ୍ରୀଡା

ସଇଁତଳା,୨୨।୧୨(ଡି.ଏନ.ଏ.)

ଆୟୁଧ ନିର୍ମାଣୀ ବିଦ୍ୟାଳୟ ବଡ଼ମାଳର ବିଂଶତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା କାରଖାନାସ୍ଥିତ ଷ୍ଟାଡ଼ିୟମରେ କ୍ରୀଡ଼ା ଶିକ୍ଷକ ରଞ୍ଜିତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାରଖାନାର ମହାପ୍ରବନ୍ଧକ ପ୍ରଦୀପ କୁମାର ଦାସ କ୍ରୀଡ଼ା ପତାକାକୁ ଉତ୍ତୋଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମହିଳା କଲ୍ୟାଣ ସମିତିସଭାପତି ଇପସିତା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ଏଜିଏମ ଏମ.ଡ଼ି. ସରୱର, ଡ଼ା. ଓ.ଏସ. ମୁଣ୍ଡେ, ଡ଼ିଜିଏମ ପ୍ରଭାସ ଭୋଇ, ମହିଳା କଲ୍ୟାଣ ସମିତି ଉପସଭାପତି ରସଫତ ସରୱର, ସମ୍ପାଦିକା ନିଳିମା ମୁଣ୍ଡେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟ ଅତିଥି ଦାସ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଶାରିରୀକ ଶିକ୍ଷାର ଆବଶ୍ୟକତା ବିଷୟରେ କହିଥିଲେ। ବିଦ୍ୟାଳୟ ପ୍ରିନ୍ସପାଲ ଶ୍ରବଣ କୁମାର ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲ। ଶିକ୍ଷକ ସରୋଜ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା, ରାଜମଣୀ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଝରଣୀରେ ମମିତା ମେହେରଙ୍କ ଜୟନ୍ତୀ ପାଳିତ



ଝରଣୀ ଗାଁରେ ମମିତା ମେହେରଙ୍କ ଜୟନ୍ତୀ ପାଳନ କରୁଛନ୍ତି ପରିବାର ଲୋକେ।

ବଲାଙ୍ଗୀର ଅଫିସ, ୨୨।୧୨

### ସ୍କୁଲ ପିଲାଙ୍କୁ ଖାତା, ପେନ୍, ମିଷ୍ଟାନ୍ନ ବଣ୍ଟନ

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅନ୍ତର୍ଗତ ଝରଣୀ ଗାଁରେ ଗୁରୁବାର ସନ୍ଧ୍ୟାରେ ମମିତା ମେହେରଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ମମିତାଙ୍କ ପରିବାର ଲୋକେ ସ୍ଥାନୀୟ ଲକ୍ଷ୍ମୀମନ୍ଦିର ପ୍ରାଙ୍ଗଣରେ ଏହାର ଆୟୋଜନ କରିଥିଲେ। ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ଗାଁର ଛୋଟ ସ୍କୁଲ ପିଲାଙ୍କୁ ଖାତା, ପେନ୍ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ମମିତାଙ୍କ ଏକ ବଡ ଫ୍ଲେକ୍ସ ଫଟୋ କରାଯାଇଥିଲା। ଏଥିରେ ତାଙ୍କ ମା' ତୁଳସୀ ମେହେର, ବାପା ସୂଚନ୍ଦ୍ର ମେହେର ଓ ପରିବାରର ଅନ୍ୟ ସଦସ୍ୟ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲରେ ମମିତା ଅଧକ୍ଷା ଭାବେ କାର୍ଯ୍ୟରତା ଥିଲେ। ଗତ ୨୦୨୧ ଅକ୍ଟୋବର ୮ ତାରିଖରେ ତାଙ୍କ ନିଜ ଗାଁ ଝରଣୀରୁ ମହାଲିଙ୍ଗ ଗଲାବେଳେ ସେ ନିଖୋଜ ହୋଇଯାଇଥିଲେ। ପରେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡିଥିଲା। ମମିତାଙ୍କୁ ହତ୍ୟା କରାଯିବା ପରେ ମହାଲିଙ୍ଗ ଗାଁରେ ନିର୍ମାଣାଧୀନ ଏକ ଷ୍ଟାଡିୟମରେ ପୋଡି ଦିଆଯାଇ ପୋତି ଦିଆଯାଇଥିଲା। ଏହି ହତ୍ୟା ମାମଲାରେ ମହାଲିଙ୍ଗ ଘରୋଇ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁଙ୍କୁ ଅଭିଯୁକ୍ତ ଭାବେ ଗିରଫ କରାଯାଇଥିଲା। ମମିତାଙ୍କ ଜନ୍ମଦିନର ଦୁଇଦିନ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କର କଣ୍ଟାବାଞ୍ଜି ସବ୍‌ଜେଲରେ ମୃତ୍ୟୁ ଘଟିଥିବାରୁ ଭଗବାନ ତାଙ୍କୁ ଉପଯୁକ୍ତ ଶାସ୍ତି ଦେଇଛନ୍ତି ବୋଲି ମମିତାଙ୍କ ମା' ତୁଳସୀ ମେହେର ଗଣମାଧ୍ୟମକୁ କହିଛନ୍ତି।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଗୁଡ଼ଭେଲା,୨୨।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଡାହିମାଳସ୍ଥିତ ମିନି ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଗୁରେଶ୍ୱର ଭୋଇ ମୁଖ୍ୟ ଅତିଥି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ୮ଟି ଫୁଟବଲ ଦଳ ଓ ୬ଟି ଖୋଖୋ ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଚୟନ ହୋଇଥିବା ଖେଳାଳିମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଗ୍ରାମ ପଞ୍ଚାୟତ ଅଧିକାରୀ ସାଗର ସାହୁ କହିଛନ୍ତି।

## ବାଳିକା ଆବାସିକ ବିଦ୍ୟାଳୟ ସର୍ଗିଫୁଲ ଡ୍ୟାନ୍ସ ପ୍ରତିଯୋଗିତାରେ ପ୍ରଥମ

ସଇଁତଳା,୨୨।୧୨(ଡି.ଏନ.ଏ.)

ଭୁବନେଶ୍ୱରସ୍ଥିତ ଆଦିବାସୀ ଖେଳ ପଡ଼ିଆଠାରେ ରାଜ୍ୟସ୍ତରୀୟ ସର୍ଗିଫୁଲ ଅନୁଷ୍ଠିତ ହୋଇଯାଇଛି। ସଇଁତଳା ବ୍ଲକ ସରକାରୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ନୃତ୍ୟପ୍ରତିଯୋଗୀତାରେ ଅଂଶଗ୍ରହଣ କରି ରାଜ୍ୟସ୍ତରରେ ପ୍ରଥମସ୍ଥାନ ହାସଲ କରିଛନ୍ତି। ପ୍ରତିଯୋଗୀତାରେ ଛାତ୍ରୀ ହିମାଦ୍ରୀ ମଲ୍ଲିକ, ମମତା ବିଶ୍ୱାଳ, ରଶ୍ମିତା ତାଣ୍ଡି, ସୀମା ନାଏକ, ଲିପସା ନାଗ, ଚିନ୍ମୟୀ ମହାନନ୍ଦ ଭାଗନେଇଥିଲେ। ଶିକ୍ଷୟତ୍ରୀ ସୁହାଷିନୀ ମିଶ୍ର ଓ କଳ୍ପନା ରାଉଳ ଗାଇଡ଼ ଭାବରେ ଦାୟିତ୍ୱ ବହନ କରିଥିଲେ। ରାଜ୍ଯସ୍ତରରେ ୫୦ଟି ବିଦ୍ୟାଳୟରୁ ଏହି ବିଦ୍ୟାଳୟ ୧୫ତମ ସ୍ଥାନ ଗ୍ରହଣ କରଛି। ବିଦ୍ୟାଳୟ ରାଜ୍ୟସ୍ତରରେ ସମ୍ମାନୀତ ହୋଇଥିବାରୁ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବିଡ଼ିଓ ଚନ୍ଦ୍ରମଣୀ ନାଗ ଶୁଭେଚ୍ଛା ଜଣାଇଛନ୍ତି।


ସର୍ଗିଫୁଲରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

## ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା

ଦେଓଗାଁ, ୨୨।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ମିନି ଷ୍ଟାଡିୟମଠାରେ ଗୁରୁବାର ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜରାସିଂହା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୀଣା ପଧାନଙ୍କ ପରିଚାଳନା ତଥା ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତା କ୍ରୀଡା ଶିବିରକୁ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ ଯୋଗଦେଇ ଉଦ୍ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ସ୍ଥାନୀୟ ସରପଞ୍ଚ କୁଶମଣି ମେହେର, ସମିତି ସଭ୍ୟ ଅମିତ ତ୍ରିପାଠୀ, ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଯୋଗଦେଇଥିଲେ। କ୍ଲଷ୍ଟରସ୍ତରରେ ମନୋନୀତ ବାଳକ ଓ ବାଳିକା ପ୍ରତିଯୋଗୀଙ୍କୁ ନେଇ ଫୁଟବଲ ଓ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ମହିଳା ହିଂସା ବିରୋଧରେ ସଚେତନତା ଶୋଭାଯାତ୍ରା

ଖପ୍ରାଖୋଲ,୨୨।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲିରେ ମହିଳାଙ୍କ ଉପରେ ହେଉଥିବା ହିଂସା ବିରୋଧରେ ସଚେତନତା ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସ୍ତରୀୟ ମହିଳା ସଙ୍ଗଠନ ତରଫରୁ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବାହାରି ଥିବା ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲ। ନାରୀ ନିର୍ଯାତନା, ଯୌନ ଶୋଷଣ, କନ୍ୟା ଭ୍ରୁଣ ହତ୍ୟା ବିରୋଧରେ ଶୋଭାଯାତ୍ରା ସମୟରେ ସ୍ଲୋଗାନଦିଆଯାଇଥିଲା। ଶୋଭାଯାତ୍ରାରେ ଏମବିକେ ଲୋଭାବତୀ ଧରୁଆ, ପଞ୍ଚାୟତ ସଭାପତି ବାସନ୍ତୀ ପଟେଲ, ସମ୍ପାଦିକା ଜୟନ୍ତୀ ଧରୁଆ, ସିଆର୍‌ପି ରୀମା ପ୍ରଧାନ, କମଳା ମଲ୍ଲିକ, ଅନୁସୟା ଭୋଇ, ଶୁଭ୍ରକାନ୍ତି ହୋତା ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।


ତେଲେନପାଲିରେ ବାହାରିଥିବ ମହିଳା ହିଂସା ବିରୋଧୀ ଶୋଭଯାତ୍ରା।

# ୩୪୨୫ ଶିଶୁ ରନ୍ଧାଖାଦ୍ୟରୁ ବଞ୍ଚିତ

### ୩୨ଦିନରେ ଅଙ୍ଗନୱାଡି କର୍ମୀଙ୍କ ଧାରଣା

ସଇଁତଳା, ୨୨।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଅଙ୍ଗନୱାଡ଼ି କର୍ମଚାରୀ ସଂଘ ତରଫରୁ ୮ ଦଫା ଦାବି ନେଇ ଅଙ୍ଗନୱାଡ଼ି କର୍ମଚାରୀମାନେ ଗତ ୩୨ଦିନ ହେଲା ଧାରଣା ଦେଉଛନ୍ତି। ଅଙ୍ଗନୱାଡ଼ି କର୍ମୀ ମଞ୍ଜୁ ରଣାଙ୍କ ନେତୃତ୍ୱରେ ଧାରଣା ଦିଆଯାଉଛି। ଏହି ଧାରଣା ଗୁରୁବାର ୩୨ ଦିନରେ ପହଞ୍ଚିଛି। ବ୍ଲକର ୩୪୨୫ ଶିଶୁମାନେ ରନ୍ଧାଖାଦ୍ୟରୁ ବଞ୍ଚିତ ରହିଛନ୍ତି। ଅଙ୍ଗନୱାଡ଼ି ତରଫରୁ


ଧାରଣାରେ ବସିଛନ୍ତି ଅଙ୍ଗନୱାଡ଼ି କର୍ମୀମାନେ।

ଗର୍ଭବତୀ ମହିଳାମାନଙ୍କୁ ଦିଆଯାଉଥିବା ଛତୁଆ, ଅଣ୍ଡା ତଥା ପୁଷ୍ଟିକର ଖାଦ୍ୟ ମିଳି ପାରୁନାହିଁ। ଅଙ୍ଗନୱାଡ଼ି କର୍ମୀଙ୍କ ଦାବିଅନୁସାରେ ୨୦୧୮ ମସିହାରେ ବହିଷ୍କୃତ ହୋଇଥିବା କର୍ମୀମାନଙ୍କୁ ପୁନଃ ନିଯୁକ୍ତି, ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ସହ ୧୮ ହଜାର ଟଙ୍କା ଦରମା, ସହାୟିକାଙ୍କୁ ୯ହଜାର ଟଙ୍କା ଦରମା, ଶିକ୍ଷାଗତ ଯୋଗ୍ୟତା ଆଧାରରେ ଶିକ୍ଷୟତ୍ରୀମାନଙ୍କ ଭଳି ସମାନ ଅଧିକାର ସହ ଶିକ୍ଷୟତ୍ରୀ ମାନ୍ୟତା ଓ ଯୋଗ୍ୟତା ଆକାରରେ ପଦୋନ୍ନତି ପ୍ରଦାନ କରାଯାଉ ବୋଲି ଦାବି ରହିଛି। ଅଙ୍ଗନୱାଡ଼ି କର୍ମୀଙ୍କ ଧାରଣା ଯୋଗୁଁ ବ୍ଲକ ଅଞ୍ଚଳର ୧୭୯ କେନ୍ଦ୍ର ବନ୍ଦ ରହିଛି।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୨ ବର୍ଷ କାରାଦଣ୍ଡ

■ ବିଦ୍ୟୁତ୍ ପୋଲ ଚୋରି ଘଟଣା

**ଅମରପାଲି,୨୨।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଏସ୍‌ଡିଜେମ କୋର୍ଟ ବିଦ୍ୟୁତ୍ ପୋଲ ଚୋରି ଘଟଣାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ବରଗଡ ଜିଲା ସଦର ହାଟପଦା ଅଞ୍ଚଳର ମୂଳ ନିବାସୀ ତଥା ଅତାବିରା ଥାନା ଲାଦେରପାଲିରେ ରହୁଥିବା ଅବଦୁଲ ଜାନି। ଅବଦୁଲ ବିଭିନ୍ନ ସ୍ଥାନରୁ ଲୁହା ବିଦ୍ୟୁତ୍ ଖୁଣ୍ଟ ଚୋରି କରି ପରେ କାଟି କବାଡିରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଉଲୁଣ୍ଡା ଥାନା ଅଞ୍ଚଳରୁ ଏହିପରି ଏକ ଚୋରି ବେଳେ ସେ ପୋଲିସ ହାତରେ ଧରା ପଡିଥିଲେ। ବୀରମହାରାଜପୁର ଏସ୍‌ଡିଜେଏମ ସଂଘମିତ୍ରା ବିଶ୍ୱାଳ କେସ ନମ୍ବର ୧୪୭/୨୧ରେ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି।

### ପ୍ରଜ୍ଞା ଭାରତୀ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ସୋନପୁର,୨୨।୧୨(ନି.ପ୍ର.):** ସୋନପୁର ପ୍ରଜ୍ଞା ଭାରତୀ ଆବାସିକ ବିଦ୍ୟାଳୟ ପକ୍ଷରୁ ନବମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଖେଳପଡିଆରେ ଆୟୋଜିତ କ୍ରୀଡା ଉତ୍ସବକୁ ବିଦ୍ୟୁତ୍ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁକୂଳ ଚନ୍ଦ୍ର ମହାନ୍ତି ଓ ସାମାଜିକକର୍ମୀ ଶ୍ରୀବନ୍ତ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁବର୍ଣ୍ଣପୁର ପୌର ପରିଷଦର ଅଧକ୍ଷା ତାମସୀ ତାମସ୍ମିତା ନାଏକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଜିଲା କ୍ରିକେଟ୍ ସଂଘର ସଭାପତି ରାମଶଙ୍କର ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ପୂଜାହାରୀ ସଭାରେ ଅଧକ୍ଷତା କରିଥିଲେ। ପ୍ରଧାନ ଶିକ୍ଷକ ରମେଶ ପ୍ରସାଦ ନାୟକଙ୍କ ସଂଯୋଜନାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜୁନିୟର ବିଭାଗରେ ଅଜିତ ଘୁଷୁରି, ସବଜୁନିୟର ବିଭାଗରେ ଓଁ ପ୍ରକାଶ ବାରିକ ଓ ଗୁରୁଦେବ ମେହେର ଏବଂ ସିନିଅର ବାଳିକା ବିଭାଗରେ ସ୍ୱପ୍ନାରାଣୀ ଭୋଇ ଓ ବାଳକ ବିଭାଗରେ ସ୍ୱୟମ କୁମାର ସାହୁ ଚାମ୍ପିୟନ ହୋଇଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ସୁଶାନ୍ତ କୁମାର ମଲ୍ଲିକ ଓ ସୋନପୁର ଇନଫିନିଟି ଏକାଡେମୀର କଲିମ ମହମ୍ମଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ।

### ପାଇକମାଳ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ କ୍ରୀଡ଼ୋତ୍ସବ

**ପାଇକମାଲ,୨୨।୧୨(ଡି.ଏନ.ଏ.):** ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ପାଇକମାଳ ବିଇଓ ଚୂଡ଼ାମଣି ବାରିକ ମୁଖ୍ୟ ଅତିଥି, ଏବିଇଓ ଶିବ ପ୍ରସାଦ ଯୋଶୀ, ଚକ୍ଷୁ ବିଶେଷଜ୍ଞ ସରୋଜ ସେଠ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଖେଳରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ପାଇକମାଳ ବିଇଓ କ୍ରୀଡ଼ା ପତାକା ଉତ୍ତୋଳନ କରି ଖେଳ ଆରମ୍ଭ ହୋଇଥିଲା। ଉକ୍ତ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ନାରାୟଣ ନାଏକ ଖେଳ ପରିଚାଳନା କରିଥିଲେ। ଶିକ୍ଷକ ନିରଞ୍ଜନ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦ଦିନ ଧରି ବୁଲିବ ସଚେତନତା ରଥ

## ଆଜି ଠାରୁ ସୁବର୍ଣ୍ଣପୁରରେ ହକି ମହୋତ୍ସବ

**ସୋନପୁର,୨୨।୧୨(ନି.ପ୍ର.)**



ହକି ବିଶ୍ୱକପ୍ ଅବସରରେ ଜିଲାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଜିଲାପାଳ ସୂଚନା ଦେଉଛନ୍ତି ।

ଓଡିଶାରେ ହକି ପୁରୁଷ ବିଶ୍ୱ କପ୍ ଆସନ୍ତା ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡିଶାର ଭୁବନେଶ୍ୱର ଓ ରାଉରକେଲାରେ ହକି ବିଶ୍ୱକପ୍ ଆୟୋଜନ ହେଉଥିବାରୁ ଜାତୀୟ ଖେଳ ହକିର କ୍ରେଜ୍ ବଢିଛି। ଏଥିପାଇଁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ହକି ପ୍ରତି ଜନସାଧାରଣଙ୍କ ଆଗ୍ରହ ସୃଷ୍ଟି ପାଇଁ ୨୩ ତାରିଖ ଠାରୁ ଏକ ସଚେତନତା ରଥ ଜିଲାର ୧୦୯ ପଞ୍ଚାୟତ ବୁଲିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଉଲୁଣ୍ଡା ବ୍ଲକର ଦକ୍ଷିଣପାଲିରେ ଏକ ପ୍ରଦର୍ଶନୀ ହକି ମ୍ୟାଚ୍‌ରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। ଦୀର୍ଘ ୨୦ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରୱଣେ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ହକି ସଂଘର ସଭାପତି ତଥା ଜାତୀୟ ହକି ଦଳର ପ୍ରାକ୍ତନ କ୍ୟାପଟେନ ପଦ୍ମଶ୍ରୀ ଦିଲ୍ଲିପ ତିର୍କି ସାମିଲ ହେବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସେହିପରି ହକି ବିଶ୍ୱକପ୍ ଉଦ୍‌ଘାଟନ ଅବସରରେ ଜିଲାସ୍ତରରେ ଉତ୍ସବ ଆୟୋଜନ ହେବ। ଲୋକପ୍ରତିନିଧି, କ୍ରୀଡାବିତ୍‌ଙ୍କୁ ନେଇ ରାଲି କରାଯିବ। କାର୍ଯ୍ୟକ୍ରମରେ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ, କାଉନସିଲର, ଜିଲା ପରିଷଦ ସଭ୍ୟଙ୍କୁ ସାମିଲ କରାଯିବ ବୋଲି ଜିଲାପାଳ କହିଛନ୍ତି। ସମ୍ମିଳନୀରେ ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ଓ ଜିଲା କ୍ରୀଡା ଅଧିକାରୀ ଅବିନାଶ ପୁରୋହିତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।

### ସୁବର୍ଣ୍ଣପୁର ହେଲା ହକିପୁର ଲେଖାକୁ ନେଇ ବିବାଦ

ଓଡିଶାରେ ପୁରୁଷ ହକି ବିଶ୍ୱକପ୍ ଆୟୋଜନକୁ ନେଇ ସମସ୍ତେ ଉତ୍ସାହିତ ଅଛନ୍ତି। ସୁବର୍ଣ୍ଣପୁର ଜିଲା ପ୍ରଶାସନ ହକି ପ୍ରତି ସଚେତନ ସୃଷ୍ଟି କରିବା ପାଇଁ ହକି ସଚେତନତା ରଥର ଶୁଭାରମ୍ଭ କରିବାକୁ ଯାଉଛି। ତେବେ ଏହି ରଥ ଓ ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ହେଲା ହକିପୁର ଲେଖାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ନାମ ଅନୁସାରେ ଜିଲାର ନାମ ସୁବର୍ଣ୍ଣପୁର ରଖାଯାଇଛି। କିନ୍ତୁ ହକି ବିଶ୍ୱକପ୍ ଭୁବନେଶ୍ୱର ଓ ରାଉରକେଲାରେ ହେବାକୁ ଥିବା ବେଳେ ସୁବର୍ଣ୍ଣପୁରକୁ ହକିପୁର ଲେଖାଯିବାକୁ ନେଇ ବୁଦ୍ଧିଜୀବୀ ଆପତ୍ତି ଉଠାଇଛନ୍ତି। ଗୁରୁବାର ସୋନପୁର ବ୍ଲକ କାର୍ଯ୍ୟାଳୟରେ ମିଶନ ଶକ୍ତି ଋଣ ମେଳା କାର୍ଯ୍ୟକ୍ରମରେ ମଞ୍ଚ ବ୍ୟାନରରେ ସୁବର୍ଣ୍ଣପୁର ହେଲା ହକିପୁର ଲେଖା ଯାଇଥିଲା। ଯାହାକୁ ଲୋକେ ବିରୋଧ କରିଛନ୍ତି । ସୋସିଆଲ ମିଡିଆରେ କିଛି ବୁଦ୍ଧିଜୀବୀ ଓ ଆଇନଜୀବୀ ପ୍ରଶାସନର ନାମକରଣକୁ ନେଇ ଆପତ୍ତି ଉଠାଇଛନ୍ତି। ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ ଓ ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଜିତେନ୍ଦ୍ର ପଟ୍ଟନାୟକ ଲେଖାକୁ ତୀବ୍ର ବିରୋଧ କରିବା ସହିତ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି ।

### ଜଳନ୍ଧରଙ୍କ ସ୍ୱର୍ଗପୁର ଆକ୍ରମଣ

**ଜଳନ୍ଧର ଦରବାରର ଦ୍ୱିତୀୟ ଦିବସ**

**ବିନିକା, ୨୨।୧୨(ଡି. ଏନ. ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଜାମପାଲିରେ ଚାଲିଥିବା ଜଳନ୍ଧର ରାଜର ବୁଧବାର ଥିଲା ଦ୍ୱିତୀୟ ଦିବସ। ଏହିଦିନର ନାଟ୍ୟାଭିନୟରେ ନାରଦଙ୍କ ପରାମର୍ଶ କ୍ରମେ ଜଳନ୍ଧର ସ୍ୱର୍ଗପୁର ଆକ୍ରମଣ କରିଥିଲେ। ଇନ୍ଦ୍ରଙ୍କୁ ପରାସ୍ତ କରି ସିନ୍ଧୁ ରାଜ୍ୟରେ ବନ୍ଦୀ କରିଥିଲେ ଜଳନ୍ଧର। ଦରବାରରେ ମୁଖ୍ୟ ଅତିଥି ଭାବେ ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧକ୍ଷ ଡ.ଧୀରେନ୍ଦ୍ର କୁମାର ନାୟକ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ସିଦ୍ଧାର୍ଥ ଜୁନିଅର କଲେଜ ଅଧକ୍ଷା ରେଖା ପ୍ରଧାନ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ପୋଡ, ଶ୍ରୀବତ୍ସ ପ୍ରଧାନ, ଲିଜା କଳିତା, ଦୀପା ସେଠ ଅତିଥିଭାବେ ଉପସ୍ଥିତ ଥିଲେ। ଯାତ୍ରା ଦେଖିବା ପାଇଁ ଆଖ ପାଖ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହୋଇଥିଲା।

# ସୋନପୁର କ୍ୱାର୍ଟର ଫାଇନାଲରେ


ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି।

**ଅମରପାଲି, ୨୨।୧୨(ଡି.ଏନ.ଏ.)**

**ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ହାଇସ୍କୁଲ ଖେଳ ପଡିଆରେ ଜେଜଏସସି ଆନୁକୂଲ୍ୟରେ ୨୬ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ସଭାପତି ସୁଧିର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି ଏବଂ ସ୍ଥାନୀୟ ସରପଞ୍ଚ ସୁର୍ଯ୍ୟ ନନ୍ଦ,ପୂର୍ବତନ ସରପଞ୍ଚ ସୁଜାତା ସାହୁ, କ୍ରୀଡାବିତ ଅମିତ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଆୟୋଜକ ଲୁତୁରପଙ୍କ ଏବଂ ଏସଡିସି ଏ ସୋନପୁର ମଧ୍ୟରେ ହୋଇଥିଲା। ମ୍ୟାଚ ୧୫-୧୫ ଏବଂ ୮-୮ ଓଭର ଫର୍ମାଟ ବିଶିଷ୍ଟ ହୋଇଥିଲା। ସୋନପୁର ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ୧୫ଓଭରରେ ୭ଉଇକେଟ ହରାଇ ୧୭୧ ରନ କରିଥିଲା। ଦଳର ସୁରଜ ମହାପାତ୍ର ୫୩ କରିଥିଲେ। ବିପକ୍ଷ ଦଳର ସତ୍ୟଜିତ ମହାକୁର ୩ଟି ଉଇକେଟ ନେଇଥିଲେ। ଜବାବରେ ଲୁତୁରପଙ୍କ ଦଳ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୮୫ରନ କରିଥିଲା। ସୋନପୁରର ରାକେଶ ସାହୁ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ସୋନପୁର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ଗୋଟିଏ ଉଇକେଟ ହରାଇ ସୁରଜ ମହାପାତ୍ରଙ୍କ ୫୪ରନ ସହାୟତାରେ ୧୦୪ରନ କରିଥିଲା। ଜବାବରେ ଲୁତୁରପଙ୍କ ଦଳ ମ୍ୟାକମିଲନ ମହାକୁରଙ୍କ ୨୪ରନ ସହାୟତାରେ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୬୨ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ସୋନପୁର ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବିଶିଷ୍ଟ ବ୍ୟବସାୟୀ କୁଶ କୁମାର ସାହୁ ମୁଖ୍ୟ ଅତିଥି, ପ୍ରୟାସ ସଙ୍ଗଠନ ସଭାପତି ରାଧେଶ୍ୟାମ ମିଶ୍ର ଓ ବୀରମହାରାଜପୁର ବ୍ଲକ ଆମ ଆଦମି ପାର୍ଟୀ ସଭାପତି ମାଧବ ମହାକୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସୋନପୁରର ସୁରଜ ମହାପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରିଥିଲେ। ଶୁକ୍ରବାର ସୋନପୁର ଓ ଭୁବନେଶ୍ୱର ସ୍ମାର୍ଟନ ମଧ୍ୟରେ ମ୍ୟାଚ ହେ। ବୋଲି ସୂଚନା ମିଳିଛି।

# ନଦୀରେ ଗାଧୋଇବା ବେଳେ ବୁଡ଼ିଗଲେ ଛାତ୍ରୀ

**ଅମରପାଲି,୨୨।୧୨(ଡି.ଏନ.ଏ.)**

■ ସ୍କୁଲ ପିକ୍‌ନିକ କରିବାକୁ ଯାଇଥିଲେ

■ ପୂର୍ବରୁ ମୃତକଙ୍କ ମା', ବାପାଙ୍କ ମୃତ୍ୟୁ ହୋଇଥିଲା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ କମଳପୁର ମହାନଦୀ ପଠାରେ ଗୁରୁବାର ଏକ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ପିକ୍‌ନିକ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ ମହାନଦୀରେ ଗାଧୋଉଥିବା ସମୟରେ ପାଣିରେ ବୁଡି ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତା ଉଫୁଲା ପଞ୍ଚାୟତ ଗୌଡକେଲା ଗ୍ରାମର ଶ୍ରୀଜିତା ଶୁଭଲକ୍ଷ୍ମୀ ମିଶ୍ର(୧୩) ବୋଲି ଜଣା ପଡିଛି। ସେ ବୀରମହାରାଜପୁର ଗଣପତି ଆଦର୍ଶ ଶିକ୍ଷାନିକେତନରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ଗୁରୁବାର ଉକ୍ତ ସ୍କୁଲର ଛାତ୍ରୀଛାତ୍ରମାନେ ସ୍କୁଲରୁ ନିକଟସ୍ଥ ମହାନଦୀକୁ ପିକ୍‌ନିକ କରିବାକୁ ଯାଇଥିଲେ। ମହାନଦୀ ପଠାରେ ଛାତ୍ରୀଛାତ୍ର ଖେଳକୁଦ କରିଥିଲେ। ରୋଷେଇ ଶେଷ ପରେ ସମସ୍ତେ ନଦୀକୁ ଗାଧୋଇ ଯିବାକୁ ଯାଇଥିଲେ। ଗାଧୋଉଥିବା ବେଳେ ଶୁଭଲକ୍ଷ୍ମି ବୁଡି ଯାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଶିକ୍ଷକମାନେ ଉଦ୍ଧାର କରି ବୀରମହାରାଜପୁର ଡାକ୍ତରଖାନା ଆଣିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାମତେ କିଛି ବର୍ଷ ପୂର୍ବେ ତାଙ୍କ ବାପା ପ୍ରମୋଦ ମିଶ୍ର ଢୁଙ୍ଗୁରିପାଲିଠାରେ ଟ୍ରେନ ଲାଇନରେ ଆତ୍ମହତ୍ୟା କରିଥିଲେ। ବାପାଙ୍କ ମୃତ୍ୟୁର କିଛି ମାସ ପରେ ତାଙ୍କ ମା' ଗାଧୁଆ ଘରେ ବେକରେ ଲୁଗାରେ ଫାଶ ଦେଇ ଆତ୍ମହତ୍ୟା କରିଥିଲେ। ଉଭୟଙ୍କ ମୃତ୍ୟୁ ପରେ ସେ ବୁଢିଆଇ ଏବଂ ବଡବାପାଙ୍କ ପାଖରେ ରହୁଥିଲେ। ବୀରମହାରାଜପୁର ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିନା ଥାନା ଅଧିକାରିଣୀ ଅନିତା କିଡୋ କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପରିଶ୍ରମ ଜରୁରୀ


ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ଅମରପାଲି,୨୨।୧୨(ଡି.ଏନ.ଏ)**

**ବାଗବର ୟୁପି ସ୍କୁଲର ବାର୍ଷିକ ଉତ୍ସବ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଉପାଧକ୍ଷ ନାରାୟଣ ଲୁହା,ବାଗବର ସରପଞ୍ଚ ନିରୂପମା ବର୍ଗତି, ସମିତିସଭ୍ୟା ବବିତା ବାଘ, ବରିଷ୍ଠ ସଦସ୍ୟ ପ୍ରମୋଦ ଦାଶ, ସ୍କୁଲ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ଦାଶ, ମୋ ସ୍କୁଲ ଅଭିଯାନ ସଭାପତି ମଦନ କର୍ଣ୍ଣ, ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ କଠିନ ପରିଶ୍ରମ ଜରୁରୀ ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମିନାକ୍ଷୀ ପ୍ରଧାନ, ଗୌରୀ କୁମୁରା ଓ ଇନ୍ଦ୍ରଜିତ ଦାଶ ପୁରସ୍କାର ବିତରଣ ଉତ୍ସବରେ ସହାୟତା କରିଥିଲେ। ପ୍ରଭୁଦତ୍ତ ବେଦୋକ୍ତା ମଞ୍ଚ ପରିଚାଳନା କରିଥିଲେ। ମିନାକ୍ଷୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ବିବରଣୀ ପ୍ରଦନ କରିଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀ ଶୁଭେନ୍ଦୁ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାନୁ ଭୋଇ ଓ ଅସ୍ମିତା ଭୋଇଙ୍କୁ ସ୍କୁଲର ଶ୍ରେଷ୍ଠ ଛାତ୍ରୀଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରୀଡ଼ା

**ଅମରପାଲି,୨୨।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜଲା ବୀରମହାରାଜପୁରସ୍ଥିତ ରାଣୀପୁର ଖେଳ ପଡିଆରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଦ୍ୱାଦଶ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଉଚ୍ଚ ଶିକ୍ଷା ପରାମର୍ଶଦାତା ଡ.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ସମ୍ପାଦକ ମନରଞ୍ଜନ ଦାଶ ସଭାରେ ପୌରୋହିତ୍ୟ କରିଥିଲେ। ଶିକ୍ଷାକେନ୍ଦ୍ର ଅଧକ୍ଷ ସୁଦାମ ଚରଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶହେ ମିଟର ଦୌଡ, ୨ଶହ ମିଟର ଦୌଡ, ୬ଶହ ମିଟର ଦୌଡ, ଲମ୍ଫଡିଆଁ, ଉଚ୍ଚ ଡିଆଁ, ଶଟପୁଟ ଥ୍ରୋ, ଡିସକସ ଥ୍ରୋ ଆଦି ପ୍ରତିଯୋଗୀତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଳିକା ବରିଷ୍ଠ ବିଭାଗରେ ସ୍ମୃତି କର୍ମୀ, ପାୟଲ ଭୋଇ, ବାଳକ ବରିଷ୍ଠ ବିଭାଗରେ ଅନିଲ ବାଦୀ, ଓମ ପ୍ରକାଶ ପ୍ରଧାନ ଏବଂ ବାଳିକା କନିଷ୍ଠରେ କରିନା ରାଣୀ ପ୍ରଧାନ, ଆଦ୍ୟାଶା ନନ୍ଦ ଏବଂ ବାଳକ କନିଷ୍ଠରେ ଓମ ପ୍ରକାଶ ମହାନନ୍ଦ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ।

# ଗାୟତ୍ରୀ ଆବାସିକ ଶିକ୍ଷାନୁଷ୍ଠାନରେ ଗଣିତ, ବିଜ୍ଞାନ ମେଳା

**ଅମରପାଲି,୨୨।୧୨(ଡି.ଏନ.ଏ.)**


ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଭଙ୍ଗାମୁଣ୍ଡାସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନଠାରେ ଚାଲିଥିବା ଗଣିତ ଓ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ କେନଝିରିଆପାଲି ଉଚ୍ଚ ବିଦ୍ୟାଳୟ ଗଣିତ ଶିକ୍ଷକ ଦୀନବନ୍ଧୁ ପଧାନ ମୁଖ୍ୟ ଅତିଥି, ବଲାଙ୍ଗୀରର ବିଭାଗ ପ୍ରଚାରକ ପ୍ରଣବ ନାଏକ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୧୦ଟି ପ୍ରକଳ୍ପକୁ ଚୟନ କରାଯାଇଥିଲା। ଏହି ଅବସରରେ ଗଣିତ ଓ ବିଜ୍ଞାନଭିତ୍ତିକ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ତିନୋଟି ବିଭାଗରେ ଅନୁଷ୍ଠିତ ହୋଇଥିଲା। ସର୍ବ କନିଷ୍ଠ ବିଭାଗରେ ବାବୁନା ମେହେର ପ୍ରଥମ, ଦିବ୍ୟଜ୍ୟୋତି ମିଶ୍ର ଦ୍ୱିତୀୟ ଏବଂ ପବିତ୍ର ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବିଭାଗରେ ପ୍ରୀତି କର୍ଣ୍ଣ ପ୍ରଥମ, ଆକାଂକ୍ଷା ପଧାନ ଦ୍ୱିତୀୟ ଏବଂ ଆୟୁଷ୍ମାନ ହୋତା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବିଭାଗରେ ଦିପ୍ତିମୟୀ ପଧାନ ପ୍ରଥମ, ପାୟଲ ଜଗଦଲା ଦ୍ୱିତୀୟ ଏବଂ ସୁନେଲି ମିର୍ଦ୍ଧା ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣରେ ଲକ୍ଷ୍ମଣ ମହାନ୍ତି ସହଯୋଗ କରିଥିଲେ। ଯୁଧିଷ୍ଠିର ଖମାରୀ ମଞ୍ଚ ପରିଚାଳନା କରିଥିଲେ।

# ଜୁନିୟର ରେଡ୍‌କ୍ରସକୁ ଲୋକାଭିମୁଖୀ କରିବାକୁ ଉଦ୍ୟମ

**ସୋନପୁର,୨୨।୧୨(ନି. ପ୍ର.)**


ବିଦ୍ୟାଳୟରେ ରେଡ୍‌କ୍ରସ ପକ୍ଷରୁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

ସୁବର୍ଣ୍ଣପୁର ଜିଲାରେ ଜୁନିୟର ରେଡ୍‌କ୍ରସକୁ ଲୋକାଭିମୁଖୀ କରିବା ପାଇଁ ପଦାଧିକାରୀଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରେଡ୍‌କ୍ରସର ମୂଳଲକ୍ଷ୍ୟର ପ୍ରସାର, ମାନବ ସେବା ଭାବ ଜାଗ୍ରତ କରିବା, ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ଓ ବିଶ୍ୱ ବନ୍ଧୁତ୍ୱ ସୃଷ୍ଟି କରିବା ଭଳି ବାର୍ତ୍ତା ପହଞ୍ଚା ଯାଉଛି। ଏହିକ୍ରମରେ ଜୁନିୟର ରେଡ୍‌କ୍ରସ ପଦାଧିକାରୀମାନେ ବିଭିନ୍ନ ବିଦ୍ୟାଳୟ ଗସ୍ତ କରି ଛାତ୍ରୀଛାତ୍ର ଶିକ୍ଷକ ତଥା ଜନସାଧାରଣଙ୍କୁ ସଚେତନ କରୁଛନ୍ତି। ଗୁରୁବାର ସୁବର୍ଣ୍ଣପୁର ଜିଲା ଜୁନିୟର ରେଡ୍‌କ୍ରସ ଅଫିସର ରବିନ୍ଦ୍ର ପଶାୟତ, ଉଲୁଣ୍ଡା ବ୍ଲକ ସଂଯୋଜକ ପ୍ରହଲ୍ଲାଦ ନାୟକ, ବରିଷ୍ଠ ପରାମର୍ଶଦାତା ପ୍ରସନ୍ନ ଶତପଥୀ ଓ ଯୁବ ପରାମର୍ଶଦାତା ହୃଷିକେଶ ଚାନ୍ଦ ଉଲୁଣ୍ଡା ବ୍ଲକର ପରମେଶ୍ୱରୀ ଉଚ୍ଚ ବିଦ୍ୟାଳୟ ବିଶିପଡ଼ା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମହଦା, କଳାପଥର ଉଚ୍ଚ ବିଦ୍ୟାଳୟ, ଉମାଦେବୀ ବିଦ୍ୟାପୀଠ କଦୋଦର ଏବଂ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜଉରାଭର୍ଡାରୋକୁ ଗସ୍ତ କରିଥିଲେ। ସମ୍ପୃକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟଙ୍କୁ ରେଡ୍‌କ୍ରସର ସାତୋଟି ମହାନ ନୀତି ବିଷୟରେ ସେମାନେ ସଚେତନ କରିଥିଲେ। ଛାତ୍ରୀଛାତ୍ରଙ୍କ ଜୀବନ କୌଶଳ ବିଷୟରେ ଶିକ୍ଷା ଦେବାକୁ ଯାଇ ସାଧାରଣ ଦୁର୍ଘଟଣାରେ କିପରି ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇ ମାନବ ଜୀବନ ବଞ୍ଚାଇ ପାରିବା ସେ ଉପରେ ପଦାଧିକାରୀମାନେ ତାଲିମ ଦେଇଥିଲେ। ୧୮ରୁ ୬୦ ବର୍ଷ ପର୍ଯ୍ୟନ୍ତ ବ୍ୟକ୍ତିମାନେ ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ଆଗେଇ ଆସନ୍ତୁ ବୋଲି ଶିକ୍ଷକ ଓ କମିଟି ସଭ୍ୟଙ୍କୁ ଅନୁରୋଧ କରିଥିଲେ। ପଶାୟତଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉକ୍ତ ପାଞ୍ଚଟି ବିଦ୍ୟାଳୟ ପ୍ରଧାନଶିକ୍ଷକ, ଜୁନିୟର ରେଡ୍‌କ୍ରସ ପରାମର୍ଶଦାତା, ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟ କମିଟି ସଭାପତିମାନେ ସାମିଲ ହୋଇଥିଲେ।

# ୧୫୨ ଏସ୍‌ଏଚ୍‌ଜିଙ୍କୁ ମିଳିଲା ୪.୫୩ କୋଟି

**ସୋନପୁର,୨୨।୧୨(ନି.ପ୍ର.)**

**ମିଶନ ଶକ୍ତିର ଋଣ ମେଳା**



ଜିଲାପାଳ ହରଡଖୋଲ ଗାଁର ଜୟ ଶ୍ରୀରାମ ଏସ୍‌ଏଚ୍‌ଜିକୁ ୬ ଲକ୍ଷ ଟଙ୍କାର ଋଣ ପ୍ରଦାନ କରୁଛନ୍ତି।

ମିଶନ ଶକ୍ତି ପକ୍ଷରୁ ସୋନପୁର ବ୍ଲକସ୍ତରୀୟ ଋଣ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ମେଳାରେ ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳାମାନେ ଋଣ ଟଙ୍କାକୁ ବିନିଯୋଗ କରି ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର ପଞ୍ଚାୟତ ସମିତି ଅଧକ୍ଷ ପ୍ରହଲ୍ଲାଦ କୁମାର ନାୟକ, ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ଏଲଡିଏମ ଜି କାମରାଜ ଦୋରା, ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ସୋନପୁର ଶାଖାର ମୁଖ୍ୟ ପରିଚାଳକ ଶରତ ଚନ୍ଦ୍ର ଦେହୁରୀ, ଡିପିଏମ ଓଏଲଏମ ଫ୍ରାନ୍‌ସିସ ବାର୍ଲା ଯୋଗ ଦେଇ ମହିଳାମାନେ ଋଣ ଟଙ୍କାକୁ ସଦ୍ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ପରିଚାଳକ ସୁବ୍ରତ ମେହେର ଓ ବ୍ଲକ ପ୍ରକଳ୍ପ ସଂଯୋଜକ ସୁବାସ ଚନ୍ଦ୍ର ବିଶି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ବ୍ଲକର ମୋଟ ୧୫୨ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ୪ କୋଟି ୫୩ ଲକ୍ଷ ଟଙ୍କାର ଋଣ ଦିଆ ଯାଇଥିଲା। ପ୍ରତି ଏଏଚ୍‌ଜି ପ୍ରତି ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍, ୟୁନିଅନ ବ୍ୟାଙ୍କ ଓ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ୩ରୁ ୬ଲକ୍ଷ ଟଙ୍କାର ଋଣ ମିଳିଛି। ନିର୍ଦ୍ଧାରିତ ସମୟରେ ଏହି ଋଣ ପରିଶୋଧ କଲେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆଦୌ ସୁଧ ଦେବାକୁ ପଡିବ ନାହିଁ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ବ୍ୟାଙ୍କ ମିତ୍ର, ସିଆରପିସିଏମ, ଏମବିକେ, ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଭାନେତ୍ରୀ ସମ୍ପାଦିକା, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଓ ଆଇସିଆଇସିଆଇ ବ୍ୟାଙ୍କର ପରିଚାଳକ ଉପସ୍ଥିତ ଥିଲେ।

## ଚୋରି ପାଇପ୍ ଜବତ, ୨ ଗିରଫ

ଝାରସୁଗୁଡ଼ା ଅଫିସ୍ : ଓପିଜିସିର ବନହରପାଲିସ୍ଥିତ ଇବ୍ ଥର୍ମାଲ ଅସ୍‌ପଣ୍ଡ ନିକଟରୁ ପୁରୁଣା ପାଇପ୍ ଚୋରି କରିବା ଅଭିଯୋଗରେ ପୋଲିସ୍ ୨ ଅଭିଯୁକ୍ତଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କର୍ପାବାହାଲ ଗ୍ରାମର ସୁରେନ୍ଦ୍ର ରୋହିଦାସ ଓ ମହିମାନଗରର ସିରାଜୁଲ୍ଲ ସେକ୍। ଏମାନଙ୍କ ନିକଟରୁ ପୋଲିସ୍ ଓଡି୨୩ଏ-୯୩୬୯ମହେନ୍ଦ୍ର ମାକ୍ସ ଗାଡି ସହ କେତେକ ପୁରୁଣା ପାଇପ୍ ଜବତ କରିଛି। ପ୍ରକଳ୍ପ ସୁରକ୍ଷା ଅଧିକାରୀ ମୁକେଶ ନାୟକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ବନହରପାଲି ଥାନା କେସ ନଂ୨୮୩/୨୨ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

# ସରକାରୀ ରାଜକୋଷ ଲୁଟ୍ ଯୋଜନା

■ ସହର ଚତୁଃପାର୍ଶ୍ୱରେ ନେକ୍‌ଲେସ ରାସ୍ତା ନିର୍ମାଣ
■ ୩ (ଏ ) ନୋଟିସ ସତ୍ତ୍ୱେ ଚାଲିଛି ଘର ନିର୍ମାଣ

ସମ୍ବଲପୁର,୨୨।୧୨(ବ୍ୟୁରୋ)

ଏନ୍ଏଚ୍ଏଆଇ ପକ୍ଷରୁ ସମ୍ବଲପୁର ସହର ଚତୁଃପାର୍ଶ୍ୱରେ ନେକଲେସ ରାସ୍ତା ନିର୍ମାଣ କରିବାକୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ୩ (ଏ) ନୋଟିସ ହେବା ପରେ ମଧ୍ୟ ଅଧିକ କ୍ଷତିପୂରଣ ପାଇବା ଆଶାରେ ଅଧିଗ୍ରହଣ ପାଇଁ ଚିହ୍ନଟ ହୋଇଥିବା ଜମି ଉପରେ ଘର ନିର୍ମାଣ ଚାଲିଛି। ପୂର୍ବରୁ ୫୫ନଂ ଜାତୀୟ ରାଜପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମୟରେ ବ୍ୟାପକ ଅର୍ଥ ଆତ୍ମସାତ୍ ହୋଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହା ପରେ ସମ୍ପୃକ୍ତ କମ୍ପାନୀ ୨୩ଲକ୍ଷ ଟଙ୍କା ସରକାରଙ୍କୁ ଫେରସ୍ତ କରିଥିଲା। ସେହିପରି କୋର୍ଟ ଆଳ ଦେଖାଇ ଅନେକ ଲୋକ ବେଆଇନ ଭାବେ ଘର ନିର୍ମାଣ କରି ଟଙ୍କା ହଡ଼ପ କରିଥିବା ନଜିର ରହିଛି। ଭୂଅର୍ଜନ ବିଭାଗ ବେଳ ଥାଉ ନିର୍ମାଣ କାମରେ ରୋକ ନ ଲଗାଇଲେ ସରକାରୀ ରାଜକୋଷ ଲୁଟ୍ ହେବା ଆଶଙ୍କା ରହିଥିବା ମାନେଶ୍ୱରର ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।


ମାନେଶ୍ୱର ଅଞ୍ଚଳରେ ଘର ନିର୍ମାଣ କାମ ଚାଲିଛି ।

ସେମାନଙ୍କ ଅଭିଯୋଗକ୍ରମେ, ସହରରେ ରାସ୍ତା ନିର୍ମାଣ ଲାଗି ଗତ ଜୁଲାଇ ମାସରୁ ଜମି ଅଧିଗ୍ରହଣ ପାଇଁ ଖବରକାଗଜ ଓ ବିଭିନ୍ନ ଗ୍ରାମକୁ ନୋଟିସ କରାଯାଇଛି। ଜମିର ପ୍ଲଟ ନମ୍ବର, ମୌଜା, ଖାତା ନମ୍ବର ସହ କେତେ ପରିମାଣ ଜମି ଅଧିଗ୍ରହଣ କରାଯିବ ତାହାର ସୂଚନା ଦିଆଯାଇଛି। କେତେକ ଜମି ମାଲିକଙ୍କୁ ମଧ୍ୟ ସ୍ୱତନ୍ତ୍ର ଭୂଅର୍ଜନ ବିଭାଗ ପକ୍ଷରୁ ନୋଟିସ୍ କରାଯାଇଛି। ଏହା ଜାଣିବା ପରେ ଜମି ମାଲିକମାନେ ଅଧିଗ୍ରହଣ ହେଉଥିବା ଜମି ଉପରେ ଘର ନିର୍ମାଣ କାମ ଆରମ୍ଭ କରିଦେଇଛନ୍ତି। ପଶ୍ଚିମ ବଙ୍ଗ, ବିହାରରୁ ଶ୍ରମିକ ଆଣି ଯୁଦ୍ଧକାଳୀନ ଭିତ୍ତିରେ ଘର ବାହାରପଟ କାମ କରୁଛନ୍ତି। ଅନେକ ଜମି ମାଲିକ ଘର କାମ ମଧ୍ୟ ଶେଷ କରିଛନ୍ତି। ସରକାରଙ୍କ ପାଖରୁ ଅଧିକ କ୍ଷତିପୂରଣ ରାଶି ମିଳିବା ଆଶାରେ ଏଭଳି ନିର୍ମାଣ କାମ କରୁଛନ୍ତି। ଏଥିରେ ଭୂଅର୍ଜନ ବିଭାଗର କେତେକ ଅସାଧୁ କର୍ମଚାରୀ ଓ ସ୍ଥାନୀୟ ଦଲାଲମାନଙ୍କ ସମ୍ପୃକ୍ତି ରହିଛି। ଏହାକୁ ନେଇ ଅଧିକାରୀଙ୍କ ପାଖରେ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଘର ନିର୍ମାଣ କରୁଥିବା ମାଲିକମାନେ ଧମକ ଦେଇ କହୁଛନ୍ତି, ବିଭାଗ ସହିତ କଥା ହୋଇ ନିର୍ମାଣ କରୁଛୁ, ଆମର କେହି କିଛି କରିପାରିବେ ନାହିଁ। ନିୟମ ଦୃଷ୍ଟିରୁ ଅଧିଗ୍ରହଣ ନୋଟିସ ପରେ ଉକ୍ତ ମୌଜାର ଜମି କିସମ ପରିବର୍ତ୍ତନ ହୋଇପାରେନାହିଁ। ଏହାସହ ଉକ୍ତ ଜମିରେ ନିର୍ମାଣ କାମରେ ରୋକ ଲଗାଯାଇଥାଏ। ଯଦି ଅତ୍ୟାବଶ୍ୟକ ଥିବ ତା'ହେଲେ ଜିଲାପାଳଙ୍କ ଅନୁମତିରେ ଘର ନିର୍ମାଣ କରାଯାଇଥାଏ। ହେଲେ ଏଠାରେ ନିୟମର ବ୍ୟତିକ୍ରମ ଦେଖାଦେଇଛି। ଏ ସମ୍ପର୍କରେ ଏନ୍ଏଚ୍ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ନାଗେଶ୍ୱର ରାଓ କହିଛନ୍ତି, ଅଧିଗ୍ରହଣ ହେବା ପୂର୍ବରୁ ଉକ୍ତ ଜମିର ଜିପିଏସ୍ ଓ ସରଜମିନ ତଦନ୍ତ କରି ଭିଡିଓଗ୍ରାଫି ଓ ଫଟୋଗ୍ରାଫ ରେକର୍ଡ କରାଯାଇଛି। ନୋଟିସ ଦିନପରେ ଯେଉଁ ଘରଗୁଡ଼ିକ ନିର୍ମାଣ କରାଯିବ ତାହା ସ୍ପଷ୍ଟଭାବେ ଜଣାପଡ଼ିଯିବ। ଏହାକୁ ରୋକିବା ପାଇଁ ଜିଲା ପ୍ରଶାସନକୁ ପୂର୍ବରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଭୂଅର୍ଜନ ଅଧିକାରୀ ସରୋଜ ମିଶ୍ର କହିଛନ୍ତି, ନୋଟିସ ପୂର୍ବରୁ ସମସ୍ତ ସର୍ଭେ ଶେଷ ହୋଇଛି। କାହାକୁ ଘର ତିଆରି କରିବାରେ ମନା ନାହିଁ, ହେଲେ ଟଙ୍କାଟିଏ ମଧ୍ୟ ଦିଆଯିବ ନାହିଁ ବୋଲି ରୋକଠୋକ କହିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ସହର ଚତୁଃପାର୍ଶ୍ୱରେ ଏନ୍ଏଚ୍ଏଆଇ ପକ୍ଷରୁ ନେକଲେସ ରୋଡ୍ ନିର୍ମାଣ କରାଯିବ। ଏହା ୫୩ନଂ. ଜାତୀୟ ରାଜପଥର ଗୋସାଳା, କଟାପାଲିରୁ ବାହାରି ମାନେଶ୍ୱର, ଜୟନ୍ତପୁର, କବରାପାଲି ଦେଇ ଶାସନ ନିକଟ ବିଜୁ ଏକ୍ସପ୍ରେସ ୱେକୁ ସଂଯୋଗ କରିବ। ଏଥିରେ ଦୁଇଟି ଜାତୀୟ ରାଜପଥ ଦେଇ ରାସ୍ତା ରହିଥିବା ବେଳେ ମହାନଦୀରେ ବ୍ରିଜ ଓ ରେଳ ବ୍ରିଜ ନିର୍ମାଣ ହେବ। ଏଥିପାଇଁ ଡ୍ରଇଂ ହୋଇ ଟେଣ୍ଡର କାମ ଶେଷ ହୋଇଛି। ଏହି ୪ଥାକିଆ ରାସ୍ତା ପାଇଁ ପ୍ରାୟ ୧୦୦୦କୋଟି ଟଙ୍କା ବ୍ୟୟ ଅଟକଳ ରହିଛି।

## ସଂକ୍ଷେପରେ

### ଘର ଛପର ପଡ଼ି ବୃଦ୍ଧଙ୍କ ମୃତ୍ୟୁ

କୁଚିଣ୍ଡା,୨୨।୧୨(ଡି.ଏନ.ଏ.): କୁଚିଣ୍ଡା ଏନ୍ଏସି ୱାର୍ଡ ନଂ୩ ବାନ୍ଧୁବାସରେ ଘର ଛପର ପଡିଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରନ୍ଦର ବାଘ(୬୨)। ପୁରନ୍ଦର ବିଲରୁ ଫେରି ଭାତ ଖାଇବାକୁ ବସିଥିବା ସମୟରେ କୌଣସି କାରଣରୁ ଘରର ପୁରୁଣା ଖପର ହଠାତ୍ ତାଙ୍କ ଉପରେ ପଡିଯାଇଥିଲା। ଫଳରେ ତାଙ୍କ ମୁଣ୍ଡ, ଦୁଇ ଗୋଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ମେଡିକାଲକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

କୁଚିଣ୍ଡା,୨୨।୧୨(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ମନ୍ତ୍ରୀମୁଣ୍ଡା ମିନି ଷ୍ଟାଡୟମରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବନେଶ୍ୱର କିଷାନ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର ଓ ଦିବ୍ୟରାଜ କିଷାନ, ବିଡିଓ ନିରଞ୍ଜନ ସା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ମହିଳା କବାଡି, ଫୁଟ୍‌ବଲ ଓ ହକିରେ ୫ ଗୋଟି ଲେଖାଏ ଦଳ ଭାଗ ନେଇଥିଲେ। ଫୁଟବଲରେ ହାଡିପାଲି ଜୋନ ଚାମ୍ପିୟନ ଓ ବକ୍ସମା ଜୋନ ରନର୍ସଅପ ହୋଇଥିଲା। ହକିରେ ତେଲିତିଲେଇମାଲ ଚାମ୍ପିୟନ ଓ କୁଚିଣ୍ଡା ଏନ୍ଏସି ରନର୍ସଅପ ହୋଇଥିଲା। ମହିଳା କବାଡିରେ କୁଚିଣ୍ଡା ଏନ୍ଏସି ଚାମ୍ପିୟନ ଓ ବାଉରିଗୋଡ଼ା କ୍ଲଷ୍ଟର୍ ରନର୍ସଅପ ହୋଇଥିଲା। ଏହି କ୍ରୀଡାକୁ ପିଇଟି ଉଦିତ ପ୍ରତାପ ଦେଓ, ଶ୍ରୀକାନ୍ତ ପଟେଲ, ସୌଭାଗ୍ୟ ପଟେଲ, ସାମୁଏଲ କେର୍କେଟା ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ଉପାଧକ୍ଷା ରଶ୍ମିତା ନାଏକ, ବିଡ଼ିଓ ନିରଞ୍ଜନ ସା, ଏବିଡ଼ିଓ ସହଦେବ ନନ୍ଦ, କୁଚିଣ୍ଡା ଆଇଆଇସି ଶୋଭାକର ସେଠ ପ୍ରମୁଖ ଉପସ୍ଥିତ ଥିଲେ ।

### ଶିଶୁ ମନ୍ଦିରରେ ଜାତୀୟ ଗଣିତ ଦିବସ

ନାକଟିଦେଉଳ,୨୨।୧୨(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ସରାପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକନାଥ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣିତ ସମ୍ବନ୍ଧରେ ବିବିଧ ପ୍ରତିଯୋଗିତା ହୋଇଥିଲା। ୩ଟି ବର୍ଗରେ ସମୁଦାୟ ୧୨ଟି ପ୍ରତିଯୋଗିତା ଆୟୋଜିତ ହୋଇଥିବାବେଳେ ୧୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ, ଆଚାର୍ଯ୍ୟ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଗଣିତ ଓ ଜ୍ୟାମିତିର କୌଶଳାତ୍ମକ ବିଷୟରେ ଆଲୋକପାତ କରିବା ସହ ରାମାନୁଜଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ପରେ ଆଚାର୍ଯ୍ୟ ସୁଶାନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ନାକଟିଦେଉଳ,୨୨।୧୨(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ସଦର ମିନି ଷ୍ଟାଡ଼ିୟମ ଓ ମହାବିଦ୍ୟାଳୟ ଖେଳପଡ଼ିଆରେ ଗୁରୁବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫୁଟ୍‌ବଲ ଖେଳରେ ୭ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ଡ଼ଙ୍ଗଚା ଓ ନାକଟିଦେଉଳ ପଞ୍ଚାୟତ ମଧ୍ୟରେ ହୋଇଥିବା ବେଳେ ଡ଼ଙ୍ଗଚା ଚାମ୍ପିୟନ ହୋଇଥିଲା। ହକି ପ୍ରତିଯୋଗିତାରେ ୬ଟି ଦଳ ଭାଗ ନେଇଥିବାବେଳେ ପାଣିମୁରା ଓ ଘୋଷରାମାଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପାଣିମୁରା ଦଳ ଚାମ୍ପିୟନ ହୋଇଥିଲା। ସେହିପରି କବାଡ଼ି ପ୍ରତିଯୋଗିତାରେ ୭ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ସାଲେଭଟା ଓ ସରାପାଲି ମଧ୍ୟରେ ହୋଇଥିବାବେଳେ ସାଲେଭଟା ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ବିଡିଓ ବିବେକାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ ମୁଖ୍ୟଅତିଥି, ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ସୁଧୀର କୁମାର ସାହୁ, ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ, ଜାତୀୟ ଭଲିବଲ ଖେଳାଳି ଚୈତନ୍ୟ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫିଦେଇ ପୁରସ୍କୃତ କରିଥିଲେ।

## ରବୀନ୍ଦ୍ର ରାଷ୍ଟ୍ରୀୟ ଖାଦାନ ମଜଦୁର ସଂଘ ଉପସଭାପତି

ଝାରସୁଗୁଡ଼ା ଅଫିସ,୨୨।୧୨

ରାଷ୍ଟ୍ରୀୟ ଖାଦାନ ମଜଦୁର ସଂଘର ୩୨ତମ ଅଧିବେଶନ ଗତ ୩ଦିନ ଧରି ପୁରୀରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବହୁ ଟ୍ରେଡ୍ ୟୁନିୟନ ଶ୍ରମିକ ସଙ୍ଗଠନ ଯୋଗଦେଇଥିଲେ। ଏହି ଅବସରରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଛି। ଝାଡଖଣ୍ଡର ବିଧାୟକ ଅନୁପ ସିଂହ ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାବେଳେ ଓଡ଼ିଶାରୁ ୨ଜଣ ଉପସଭାପତି ଓ ଜଣେ ସାଧାରଣ ସମ୍ପାଦକ ରହିଛନ୍ତି। ଓଡ଼ିଶାରୁ ଓସିଏମ୍ଏସ୍ ଶ୍ରମିକ ସଙ୍ଗଠନର ଉପସଭାପତି ରବିନ୍ଦ୍ର ପ୍ରସାଦ ଓ ପୂର୍ବତନ ବିଧାୟକ କିଶୋର ପଟେଲ ଏବଂ ସାଧାରଣ ସମ୍ପାଦକ ସୌଭାଗ୍ୟ ପ୍ରଧାନ ମନୋନୀତ ହୋଇଛନ୍ତି। ରାଷ୍ଟ୍ରୀୟ ସଂଘର ଉପସଭାପତି ଭାବେ ମନୋନୀତ ହୋଇଥିବା ଶ୍ରମିକନେତା ରବୀନ୍ଦ୍ର ପ୍ରସାଦ ପୂର୍ବରୁ ଏମ୍‌ସିଏଲ୍ କର୍ପୋରେଟ୍ ସେଫ୍ଟି ମେମ୍ବର ସାଙ୍ଗକୁ ଲଖନପୁର କୋଇଲା କ୍ଷେତ୍ର ଏରିଆ ସମ୍ପାଦକ ରହିଛନ୍ତି। ଏହି ଅବସରରେ ଓସିଏମ୍ଏସ୍ ଶ୍ରମିକ ସଂଗଠନ ତରଫରୁ ବନ୍ଧବାହାଲ ସଂଘ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ନବନିର୍ବାଚିତ ଉପସଭାପତି ପ୍ରସାଦଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ସ୍ଥାନୀୟ ସଙ୍ଗଠନର କର୍ମକର୍ତ୍ତାଙ୍କ ମଧ୍ୟରେ ବୁଲୁ ପାଣିଗ୍ରାହୀ, ଭୀମ ମହାନ୍ତି, ଲକ୍ଷ୍ମଣ ଭଞ୍ଜ, ରାଜେନ୍ଦ୍ର ପ୍ରଧାନ, ଟଙ୍କଧର ପ୍ରଧାନ, ପ୍ରମୋଦ ବେହେରା, ପ୍ରଶାନ୍ତ ବରାଡ, ଡି ମଣ୍ଡଳ, ସଞ୍ଜୀବ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ସଂଘରେ ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିଥିବାରୁ ଏହାକୁ କର୍ମଚାରୀଙ୍କ ସ୍ୱାର୍ଥରେ କିଭଳି ବିନିଯୋଗ କରିହେବ ଏ ଦିଗରେ ସେ ଚେଷ୍ଟା କରିବେ ପ୍ରସାଦ କହିଛନ୍ତି।

## ବୀର ବଜରଙ୍ଗ କ୍ଲବ ଫୁଟ୍‌ବଲ: ଜାମକାନି ଚାମ୍ପିୟନ

ଝାରସୁଗୁଡ଼ା ଅଫିସ/ବେଲପାହାଡ଼, ୨୧।୧୨

ବେଲପାହାଡ ମୁଟବାହାଲର ବୀର ବଜରଙ୍ଗ କ୍ଲବ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ଫୁଟ୍‌ବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଗ୍ରୀଣ୍ଡୋଲାକୁ ହରାଇ ଜାମକାନି ଦଳ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ମୋଟ ୧୬ଟି ଆଞ୍ଚଳିକ ଟିମ୍ ଭାଗ ନେଇଥିଲେ। ଫାଇନାଲ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ଜରିଆରେ ୪-୨ ଗୋଲରେ ଜାମକାନୀ ଦଳ ବିଜେତା ହୋଇଥିଲା। ବିଜେତା ଦଳକୁ ୧୫ ହଜାର ଟଙ୍କା ଅର୍ଥ ରାଶି ସହ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଦଳକୁ ୧୦ ହଜାର ଟଙ୍କା ସହ ରନର୍ସଅପ



ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଟ୍ରଫି ପ୍ରଦାନ କରାଯାଇଥିଲା। ନଗରପାଳ ନିମାଇଁ ଚରଣ ପଣ୍ଡା ମୁଖ୍ୟ ଅତିଥି ଓ ୱାର୍ଡ କାଉନ୍‌ସିଲର ବିଜୟ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ନବିନ ଦେଓ, ପରମେଶର ପ୍ରଧାନ ଓ ପଦ୍ମ ଭଏଁସା ଖେଳ ପରିଚାଳନା କରିଥିଲେ। କ୍ଲବ ସଦସ୍ୟ ମନୋଜ ପ୍ରଧାନ, ଦୁର୍ଯ୍ୟୋଧନ ଖର୍ସେଲ, ଧନଞ୍ଜୟ ପ୍ରଧାନ, କଳାକର ନାଗ, ମୁନୁ ଗୌଡ, ଅକାମ କିଷାନ ପ୍ରମୁଖ ସହଯୋଗ କରିଥିଲେ।

## ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ରେଢ଼ାଖୋଲ,୨୨।୧୨(ଡି.ଏନ.ଏ.)

ରେଢ଼ାଖୋଲ ସରସ୍ୱତୀ ବିଦ୍ୟାମନ୍ଦିରର ତ୍ରୟୋବିଂଶତମ ବାର୍ଷିକୋତ୍ସବ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହାବୀର ସିଂ ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଯୋଗ ବେଦାନ୍ତ ଗୁରୁକୁଳ ଆଶ୍ରମ ମହାସିନ୍ଧୁର ସ୍ୱାମୀ ଅଭୟ ଚୈତନ୍ୟ ମହାରାଜ ମୁଖ୍ୟଅତିଥି, ହେମନ୍ତ କୁମାର ଧର ମୁଖ୍ୟବକ୍ତା, ଏନ୍ଏସି ଅଧକ୍ଷ ଶିବରାମ ସାହୁ, ବିଇଓ ବିଜୟ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ କମିଟି ସମ୍ପାଦକ ପଞ୍ଚାନନ ଗଡନାୟକ ସ୍ୱାଗତ ଭାଷଣ ଓ ପ୍ରଧାନ ଆଚାର୍ଯ୍ୟ ଦିବବନ୍ଧୁ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆଚାର୍ଯ୍ୟ ବିପିନ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟା ଅନୀତା ରଥ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନକ୍‌ଆଉଟ୍ କ୍ରିକେଟ୍: ସିଂହେଇପାଲି ଚାମ୍ପିୟନ

ଝାରସୁଗୁଡ଼ା ଅଫିସ,୨୨।୧୨

ଲଖନପୁର ବ୍ଲକ୍ ତିଲିଆ ଗ୍ରାମପଞ୍ଚାୟତ ବଡସରୁଆ ଗ୍ରାମ ଖେଳପଡିଆରେ ବଜରଙ୍ଗୀ କ୍ଲବ୍ ଆନୁକୂଲ୍ୟରେ ୩ତମ ନକ୍‌ଆଉଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସିଂହେଇପାଲି ଓ ଚାରମାଲ ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ହୋଇଥିଲା। ଚାରମାଲ୍ ଦଳ ଟସ୍‌ଜିତି ସିଂହେଇପାଲି ଦଳକୁ ବ୍ୟାଟିଂପାଇଁ ଆମନ୍ତ୍ରଣ କରିଥିଲା। ଦଳ ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୮୦ରନ୍ କରିଥିଲା। ପ୍ରତିପକ୍ଷ ଚାରମାଲ ଦଳ ୩ ଉଇକେଟ୍ ହରାଇ ୭୯ରନ୍ କରି ପରାଜିତ ହୋଇଥିଲା । ଫଳରେ ସିଂହେଇପାଲି ଦଳ ଚାମ୍ପିୟନ ଘୋଷିତ ହୋଇଥିଲା। ବିଜୟୀ ଦଳର ସୌମ୍ୟରଞ୍ଜନ ସାହୁ ମ୍ୟାନ୍ ଅଫ୍ ଦି ସିରିଜ୍, ଅଜିତ ଭୋଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ନାରାୟଣ ମୁଣ୍ଡା ଓ କିରଣ ଡନସେନା ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ସଭାରେ ସାମାଜିକ କର୍ମୀ ହେମନ୍ତ ପ୍ରଧାନ ମୁଖ୍ୟଅତିଥି, ଡ. ସୌକତୁଲ୍ଲା ଖାନ ମୁଖ୍ୟବକ୍ତା ଓ ଭିକାରୀ ଚରଣ ବେରିହା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ୧୨ହଜାର ଟଙ୍କା ଓ ଉପବିଜେତା ଦଳକୁ ରନର୍ସ ଟ୍ରଫି ସହ ୮ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ବଜରଙ୍ଗୀ କ୍ଲବ୍ ସଭାପତି ତେଜରାମ ସାହୁ, ସମ୍ପାଦକ ବିକାଶ ମିଶ୍ର, ସୁବ୍ରତ କାଲୋ, ସରୋଜ ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ ।

## ବିଧାନସଭା ହାଉସ ସବ୍‌କମିଟିର ଝାରସୁଗୁଡ଼ା ଗସ୍ତ

ଝାରସୁଗୁଡ଼ା ଅଫିସ,୨୨।୧୨

ବିଧାନସଭା ହାଉସ ସବ୍‌କମିଟି ବୁଧବାର ୨ଦିନିଆ ଝାରସୁଗୁଡ଼ା ଜିଲା ଗସ୍ତ କରିଛନ୍ତି। କମିଟି ସଦସ୍ୟ ଏସ୍ଏମ୍‌ସି ପାୱାର ଜେନେରେସନ, ଓପିଜିସି ଓ ବେଦାନ୍ତ ଶିଳ୍ପାନୁଷ୍ଠାନ ପରିଦର୍ଶନ କରିଥିଲେ। ପରେ ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକରେ ଯୋଗଦେଇ ଜିଲାରେ ଜଳ, ବାୟୁ ଓ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଥିବା ନିର୍ଦ୍ଦେଶାବଳୀର କିଭଳି ସଠିକ ଅନୁପାଳନ କରାଯିବ ସେ ନେଇ ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। କମିଟି ଅଧକ୍ଷ ମୋହନ ଚରଣ ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଭ୍ୟ ନାଉରୀ ନାଏକ, ପ୍ରକାଶ ସୋରେନ ଓ ଡ. ସି ଏସ୍ ରାଜିନ ଏକ୍କା, ଜିଲାପାଳ ସରୋଜ କୁମାର ସାମଲ, ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ବର୍ଜ୍ୟ ଜଳର ଉପଯୁକ୍ତ ଟ୍ରିଟମେଣ୍ଟ, ଉଦ୍‌ବୃତ୍ତ ପ୍ରଦୂଷିତ ଜଳ କାରଖାନା ବାହାରକୁ ନ ଯିବା, ନିୟମ ଅନୁଯାୟୀ ଆନୁପାତିକ ବୃକ୍ଷରୋପଣ ଓ ପ୍ରଦୂଷଣ ମାତ୍ରା କମାଇବା ଉପରେ କମିଟି ଗୁରୁତ୍ୱାରୋପ କରିଥିଲା। ମିଳିତ ଉଦ୍ୟମ ଓ ସହଯୋଗୀ ମନୋଭାବ ନେଇ କାର୍ଯ୍ୟ କରିବାକୁ କମିଟି ପରାମର୍ଶ ଦେଇଛି। ପରିବେଶ ସୁରକ୍ଷା ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଜିଲାପାଳ ସାମଲ କମିଟିକୁ ଅବଗତ କରାଇଥିଲେ। ବୈଠକରେ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ଶିଳ୍ପାନୁଷ୍ଠାନ ଓ ରାଇସ୍‌ମିଲର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## କରୁଣାକର ସିଂ ନାଏକଙ୍କୁ ଶହୀଦ ମାନ୍ୟତା ଦାବି


ଭାଜପା କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୨୨।୧୨

ଶହୀଦ କରୁଣାକର ସିଂ ନାଏକଙ୍କ ୧୬୨ତମ ଆତ୍ମୋତ୍ସର୍ଗ ଦିବସ ପାଳନ ଅବସରରେ ଜିଲା ଭାଜପା ତରଫରୁ ଜିଲାପାଳ ସରୋଜ କୁମାର ସାମଲଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ କରୁଣାକର ସିଂ ନାଏକଙ୍କୁ ଶହୀଦ ମାନ୍ୟତା, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ, ସରକାରୀ ପାଠ୍ୟକ୍ରମରେ ତାଙ୍କର ଆତ୍ମଲିପି ସାମିଲ, କୋଲାବିରାସ୍ଥିତ ଜନ୍ମସ୍ଥାନକୁ ଐତିହାସିକ ସ୍ଥଳ ଘୋଷଣା, ଝାରସୁଗୁଡା-କୋଲାବିରା ରାସ୍ତାକୁ ତାଙ୍କ ନାମରେ ନାମିତ ଅନ୍ୟତମ। ଦାବିପତ୍ର ପ୍ରଦାନବେଳେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ପୁରୁଷୋତ୍ତମ ଥିରାନୀ, ସୁରଜ ତନ୍ତୀ, ରାଜେନ୍ଦ୍ର କୁମାର ଦାଶ, ବୈକୁଣ୍ଠ ଜଗତ, ସମରେନ୍ଦ୍ର ରାୟ, ନରୋତ୍ତମ କିଷାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ କବାଡ଼ି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ


ଜିଲାପାଳ ଅନନ୍ୟା ଦାସ କବାଡି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସମ୍ବଲପୁର,୨୨।୧୨(ବ୍ୟୁରୋ)

ଜାତୀୟ ସ୍ତରୀୟ କବାଡି ଖେଳାଳିଙ୍କୁ ଗୁରୁବାର ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସେମାନେ ହେଲେ ପ୍ରିୟଙ୍କା ପ୍ରଧାନ, ଲକ୍ଷ୍ମୀପ୍ରିୟା ପାଣ୍ଡେ ଓ ଅର୍ଜୁନ ମହାନନ୍ଦ। ଜିଲା କ୍ରୀଡ଼ା ସଂଘ କୋଷାଧକ୍ଷ ଉମାପତି ତ୍ରିପାଠୀ, କବାଡ଼ି ଖେଳାଳି ତଥା ସମ୍ବଲପୁର ଜିଲା ହାବିଲଦାର କନଷ୍ଟେବଳ ସଂଘ ସଭାପତି ରାମଦାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଗତ ୧୦ତାରିଖରେ କଟକଠାରେ ସବ୍‌ଜୁନିୟର ବାଳିକାବାଳକଙ୍କ କବାଡି ପ୍ରତିଭା ଚୟନ ଶିବିର ହୋଇଥିଲା। ଏଥିରେ ଜିଲାରୁ ୫ଜଣ ବାଳିକା ଓ ୫ଜଣ ବାଳକ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଜାତୀୟ ମ୍ୟାଚ ଖେଳିବାକୁ ପ୍ରିୟଙ୍କା, ଲକ୍ଷ୍ମୀପ୍ରିୟା ଓ ଅର୍ଜୁନ ମନୋନୀତ ହୋଇଛନ୍ତି। ଆସନ୍ତା ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ଝାଡଖଣ୍ଡ ଷ୍ଟିଲ ପ୍ଲାଣ୍ଟରେ ୩୨ତମ ଜାତୀୟ ସବ୍‌ଜୁନିୟର ଟୁର୍ନାମେଣ୍ଟ ହେବ। ଏଥିରେ ଓଡ଼ିଶା ଦଳ ମଧ୍ୟ ଭାଗ ନେବ।

## ଜଙ୍ଗଲରୁ ଝୁଲନ୍ତା ମୃତଦେହ ଜବତ

ରେଙ୍ଗାଲି,୨୨।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକୁଲି ଥାନା ଖିଣ୍ଡା ଛକ ଜଙ୍ଗଲ ମଧ୍ୟସ୍ଥ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଯୁବକଙ୍କ ଗୋଡ଼ ଦୁଇଟି ମାଟିରେ ଲାଗିଥିବାରୁ ସ୍ଥାନୀୟ ଲୋକେ ହତ୍ୟା ସନ୍ଦେହ କରିଛନ୍ତି । ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ମୃତକଙ୍କ ଘର ଝାଡଖଣ୍ଡ ରାଜ୍ୟର ବୋଲି ଜଣାପଡିଛି। କାମ ସନ୍ଧାନରେ ସେ ଖିଣ୍ଡା ଅଞ୍ଚଳରେ ବୁଲାବୁଲି କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ଜାତୀୟ ରାଜପଥରେ କେନାଲ ପାଣି

ସମ୍ବଲପୁର,୨୨।୧୨(ବ୍ୟୁରୋ)

୫୩ନଂ. ଜାତୀୟ ରାଜପଥର ସମ୍ବଲପୁର ସହର ମୁଖ୍ୟ ଛକ ଅଇଁଠାପାଲିରେ ଗୁରୁବାର ସକାଳେ ରାସ୍ତା ଉପରେ କେନାଲ ପାଣି ଚାଲୁଥିବା ଦେଖିବାକୁ ମିଳିଥିଲା। ଏହି ପାଣି ମନ୍ଦିର ତଳି ଅଞ୍ଚଳକୁ ପଶିଯାଇଥିଲା। ଏହା ଦେଖି ଲୋକମାନେ ଭୟଭୀତ ହୋଇଯାଇଥିଲେ। କିଛି ସମୟ ପରେ ଏହା କେନାଲ ପାଣି ବୋଲି ଜଣାପଡିଥିଲା। କେନାଲ ଜାମ ହୋଇଥିବାରୁ ପାଣି ପ୍ରବାହିତ ହୋଇ ନ ପାରି ତଳି ଅଞ୍ଚଳକୁ ପଶିଆସିଥିଲା। ଜଳସେଚନ ବିଭାଗ ପକ୍ଷରୁ କେନାଲ ସଫା କରାଯିବା ପରେ ପାଣି ପ୍ରବାହିତ ହୋଇ ପରିସ୍ଥିତି ସୁଧାର ଆସିଥିଲା। ସୂଚନା ଯୋଗ୍ୟ ରବିଚାଷ ପାଇଁ ହୀରାକୁଦ ଜଳଭଣ୍ଡାର ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀରେ ବୁଧବାର କେନାଲ ପାଣି ଛଡ ହୋଇଥିଲା। ହେଲେ ଅଇଁଠାପାଲି ନିକଟ କେନାଲରେ କୌଣସି କାରଣରୁ ଜାମ ହୋଇଥିବାରୁ ପାଣି ପ୍ରବାହିତ ହୋଇ ନ ପାରି ତଳି ଅଞ୍ଚଳକୁ ପ୍ରବେଶ କରିଥିବା ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଥିଲା ।


ଅଇଁଠାପାଲି ଛକ ତଳି ଅଞ୍ଚଳରେ ଜମିଥିବା ପାଣି ।

## ଖଣ୍ଡୋକଟା ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

କୁଚିଣ୍ଡା,୨୨।୧୨(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଖଣ୍ଡୋକାଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୯ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଲିଲୁ ପୃଷେଠଙ୍କ ଅଧକ୍ଷତାରେ ହୋଇଥିବା ଉତ୍ସବରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟଅତିଥି, ଜୀବନ ଚୈତନ୍ୟ ମହାରାଜ ମୁଖ୍ୟବକ୍ତା, ବ୍ଲକ ଉପାଧକ୍ଷା ରଶ୍ମିତା ନାଏକ, ସରପଞ୍ଚ କୁନି ସେଉଳ, ବିଦ୍ୟାଳୟ ସମ୍ପାଦକ ଯୋଗେନ୍ଦ୍ର ଭଇଁଷା, ସଭାପତି ରୁପଧର ସେଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥଲେ।

## ବିରୋଧ ସତ୍ତ୍ୱେ କଟିଲା ୨୮ଶହ ଗଛ

**ଏନ୍ଏଲ୍‌ସି କୋଇଲା ଖଣି ପ୍ରତିଷ୍ଠା ପ୍ରସଙ୍ଗ**

ଝାରସୁଗୁଡ଼ା ଅଫିସ,୨୨।୧୨

ଝାରସୁଗୁଡ଼ା ବ୍ଲକ୍ ପତ୍ରାପାଲି ନିକଟରେ ଏନ୍ଏଲ୍‌ସି କମ୍ପାନୀର ୨ୟ ଓ ୩ୟ କୋଇଲା ଖଣି ପ୍ରତିଷ୍ଠା ହେବାକୁ ଯାଉଛି। ବିରୋଧ ସତ୍ତ୍ୱେ କମ୍ପାନୀ ତରଫରୁ ଜିଲା ପ୍ରଶାସନ ଜରିଆରେ ଗୁରୁବାର ସଶସ୍ତ୍ର ପୋଲିସ୍ ଫୋର୍ସ ଧରି ଗଛ କାଟିବା ପାଇଁ ଗ୍ରାମରେ ପହଞ୍ଚିଥିଲେ। ହେଲେ ଗ୍ରାମବାସୀ ସାମୂହିକ ଭାବେ ବିରୋଧ କରିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ପରେ ଜିଲା ପ୍ରଶାସନ ଓ ବନ ବିଭାଗ ତରଫରୁ ଗ୍ରାମବାସୀଙ୍କ ସହିତ ଆଲୋଚନା ହୋଇଥିଲା। ଗ୍ରାମବାସୀଙ୍କ ବିଭିନ୍ନ ଦାବି ସମ୍ପର୍କରେ କମ୍ପାନୀ ସହିତ


ଗଛକଟାକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

ଆଲୋଚନା କରାଯାଇ ବିଚାର କରାଯିବ ବୋଲି କୁହାଯାଇଥିଲା । ତା'ପରେ ଗଛକଟା ଆରମ୍ଭ ହୋଇଥିଲା। ଏ ନେଇ ରେଞ୍ଜର ରମେଶ ଚନ୍ଦ୍ର ନାଥ କହିଛନ୍ତି, କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ୩୮ହେକ୍ଟର ଜମିରୁ ଗଛ କାଟିବା ପାଇଁ ଅନୁମତି ପାଇଛି। ପ୍ରଥମ ଦିନରେ ୩୨ହେକ୍ଟର ଜମିରୁ ୨୮ଶହ ୪୮ଗଛ କଟାଯାଇ ଓଡିଶା ଫରେଷ୍ଟ କର୍ପୋରେଶନରେ ରଖାଯାଇଛି। ଆଗାମୀ ଦିନରେ ଏହି ଗଛ କଟା ପ୍ରକ୍ରିୟା ଜାରି ରହିବ ବୋଲି ତହସିଲଦାର ବସନ୍ତ ହାତୀ କହିଛନ୍ତି। ଗଛ କଟାବେଳେ ମାଜିଷ୍ଟ୍ରେଟ୍ ଭାବେ ଡେପୁଟି କଲେକ୍ଟର ଦୁଷନ୍ତ ମହାନ୍ତି, ତହସିଲଦାର ହାତୀ, ରେଞ୍ଜର ନାଥ, ଡିଏମ୍ ଟଙ୍କଧର ବେହେରା, ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଆଇଆଇସି ସାବିତ୍ରୀ ବଳ, ଆଇଆଇସି ଅମିତାଭ ପଣ୍ଡା ପ୍ରମୁଖଙ୍କ ସମେତ ୫ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ ।

## ସଂକ୍ଷେପରେ

### ଅପହୃତ ନାବାଳିକାଙ୍କୁ ବିକ୍ରି ପରେ ବଳାତ୍କାର

**କୋର୍ବା,୨୨।୧୨:** ଛତିଶଗଡ଼ରୁ ଜଣେ ନାବାଳିକାଙ୍କୁ ଅପହରଣ କରି ତାଙ୍କୁ ହରିୟାଣାର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରାଯାଇଥିଲା। ଉକ୍ତ ବ୍ୟକ୍ତି ଜଣକ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୨ ମହିଳା ରହିଛନ୍ତି। ଗତ ଅକ୍ଟୋବର ୧୧ରେ ନାବାଳିକାଙ୍କୁ ଛତିଶଗଡ଼ କୋର୍ବା ଜିଲାରୁ ଅପହରଣ କରାଯାଇଥିଲା। ପୋଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ନିଖୋଜର ୨ ମାସ ପରେ ପୀଡ଼ିତାଙ୍କୁ ହରିୟାଣାର ସୋନିପତ୍‌ରୁ ଉଦ୍ଧାର କରାଯାଇଛି। ନାବାଳିକାଙ୍କୁ ଜଣେ ୩୫ ବର୍ଷୀୟ ବ୍ୟକ୍ତିଙ୍କୁ ବିକ୍ରି କରାଯାଇଥିଲା, ଯିଏ ତାଙ୍କୁ ଏକାଧିକ ଥର ବଳାତ୍କାର କରିଥିଲେ ବୋଲି ପୋଲିସ ଅଧିକାରୀ କହିଛନ୍ତି।

### ୫୦ ଲକ୍ଷ ପାଇଁ ପୁତୁରାଙ୍କୁ ଅପହରଣ ପରେ ହତ୍ୟା

**ମିରଟ,୨୨।୧୨:** ଉତ୍ତରପ୍ରଦେଶର ବାଗପତ ଜିଲାର କେକାଡା ଅନ୍ତର୍ଗତ ଫଖରପୁର ଗ୍ରାମରେ ଏକ ୬ ବର୍ଷର ଶିଶୁଙ୍କୁ ତାଙ୍କର ଜଣେ ଦୂର ସମ୍ପର୍କୀୟ ଦାଦା ଓ ତାଙ୍କର ୨ ସହଯୋଗୀ ଅପହରଣ କରିନେଇ ହତ୍ୟା କରିଛନ୍ତି। ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଏହି ପିଲାଟି ଗତ ୧୫ ତାରିକରେ ଟିଉଶନରୁ ଘରକୁ ଫେରୁଥିବାବେଳେ ନିଖୋଜ ହୋଇଯାଇଥିଲେ। ମଙ୍ଗଳବାର ରାତିରେ ଗାଁ ପାଖ ଆଖୁ କ୍ଷେତରୁ ତାଙ୍କ ମୃତଦେହ ମିଳିଛି। ୫୦ ଲକ୍ଷ ଟଙ୍କା ପାଇଁ ଅଭିଯୁକ୍ତମାନେ ଶିଶୁଟିକୁ ଅପହରଣ କରିଥିଲେ। ସେମାନେ ଶିଶୁକୁ ପଣବନ୍ଦୀ ରଖି ତାଙ୍କ ପରିବାରଠାରୁ ଟଙ୍କା ଆଦାୟ କରିବାକୁ ଚାହୁଁଥିଲେ। ତେବେ ପରିବାର ଲୋକେ ଥାନାରେ ଅଭିଯୋଗ କରିଦେବାରୁ ସେମାନେ ଅର୍ଥ ଦାବି କରିପାରି ନ ଥିଲେ। ଦାଦା ବିନୀତ ସିଂ(୨୫) ଏବଂ ତାଙ୍କ ସହଯୋଗୀ ଅକ୍ଷିତ ସିଂ ଓ ନୀରଜ ସିଂ ଓରଫ ଡାନିଙ୍କୁ ଗିରଫ କରାଯାଇଛି।

### ପାର୍ଥ ଚାଟାର୍ଜୀଙ୍କ ଜେଲ ମିଆଦ ୧୪ ଦିନ ବଢ଼ିଲା



**କୋଲକାତା,୨୨।୧୨:** ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ସମ୍ପୃକ୍ତ ପଶ୍ଚିମବଙ୍ଗର ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀ ଏବଂ ଅନ୍ୟ ୬ ଜଣଙ୍କ ବିଚାର ବିଭାଗୀୟ ହାଜତ ମିଆଦକୁ ସିବିଆଇ କୋର୍ଟ ଆଉ ୧୪ ଦିନ ବଢ଼ାଇ ଦେଇଛନ୍ତି। ସେମାନଙ୍କୁ ଆସନ୍ତା ଜାନୁୟାରୀ ୫ରେ ପୁଣିଥରେ କୋର୍ଟରେ ହାଜର କରାଯିବ। ସିବିଆଇ ଦାଖଲ କରିଥିବା ତଥ୍ୟ ପ୍ରମାଣକୁ ନେଇ ଚାଟାର୍ଜୀଙ୍କ ଓକିଲ ସେଲିମ୍ ରହମନ ପ୍ରଶ୍ନ ଉଠାଇବା ସହ ଦୀର୍ଘ ସମୟ ଯୁକ୍ତି କରିଥିଲେ। ୨୬/୧୧ ଆକ୍ରମଣକାରୀ ଆତଙ୍କବାଦୀ ଅଜମଲ କସବଙ୍କୁ ଯୁକ୍ତି ଉପସ୍ଥାପନର ସୁଯୋଗ ଦିଆଯାଇଥିଲା ଏବଂ ଉପଯୁକ୍ତ ତଦନ୍ତ ହୋଇଥିଲା। କିନ୍ତୁ ଶିକ୍ଷକ ନିଯୁକ୍ତି ମାମଲାରେ ସିବିଆଇ ଦୃଢ଼ ପ୍ରମାଣ ଓ ଦସ୍ତାବିଜ୍ ଦାଖଲ କରିବାରେ ବିଫଳ ହୋଇଥିବା ରହମନ କହିଥିଲେ। ଅଦାଲତ ଉଭୟ ପକ୍ଷଙ୍କୁ ଯୁକ୍ତି ଶୁଣିବା ପରେ ପାର୍ଥ ଓ ଅନ୍ୟ ୬ ଅଭିଯୁକ୍ତଙ୍କ ହାଜତ ମିଆଦ ଆଉ ୧୪ ଦିନ ବଢ଼ାଇଥିଲେ।

### ବିଦେଶ ଯାତ୍ରା ଆବେଦନ ଫେରାଇନେଲେ ଜ୍ୟାକ୍‌ଲିନ୍

**ନୂଆଦିଲ୍ଲୀ, ୨୨।୧୨:** ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍ ବିଦେଶ ଯାତ୍ରା ନେଇ ପଟିଆଲା ହାଉସ୍ କୋର୍ଟରେ କରିଥିବା ଆବେଦନକୁ ଫେରାଇ ନେଇଛନ୍ତି। ଗୁରୁବାର ଶୁଣାଣିବେଳେ ବିଚାରପତି ଉକ୍ତ ଆବେଦନର ବିରୋଧ କରିବା ସହ ପ୍ରତ୍ୟାହାର ପାଇଁ ଜ୍ୟାକ୍‌ଲିନ୍‌ଙ୍କୁ ପରାମର୍ଶ



ଦେଇଥିଲେ। ମା' ଅସୁସ୍ଥ ଥିବାରୁ ଜ୍ୟାକ୍‌ଲିନ ତାଙ୍କ ଜନ୍ମସ୍ଥାନ ବହରେନ୍‌କୁ ଡିସେମ୍ବର ୨୩ରୁ ଜାନୁୟାରୀ ୫ ପର୍ଯ୍ୟନ୍ତ ଯିବା ପାଇଁ ଏହି ଆବେଦନରେ ଉଲ୍ଲେଖ କରିଥିଲେ। ୨୦୦ କୋଟି ମନି ଲଣ୍ଡରିଂ ମାମଲାରେ ଜ୍ୟାକ୍‌ଲିନ୍‌ଙ୍କ ସମ୍ପୃକ୍ତି ଥିବାନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ତଦନ୍ତ ଜାରି ରହିଛି।

# କାନ୍ଦୁଛନ୍ତି ଆଫଗାନ୍ ଛାତ୍ରୀ

## ଉଚ୍ଚଶିକ୍ଷାରୁ ବଞ୍ଚିତ ନିଷ୍ପତ୍ତି ବିରୋଧରେ ବିକ୍ଷୋଭ

- ରାସ୍ତାକୁ ଓହ୍ଲାଇଲେ ଛାତ୍ରୀ
- ୟୁନିଭର୍ସିଟି ବାହାରେ କଡ଼ା ସୁରକ୍ଷା
- ଚିନ୍ତା ପ୍ରକଟ କଲା ଭାରତ



**କାବୁଲ, ୨୨।୧୨**

ଆଫଗାନିସ୍ତାନରେ ତାଲିବାନ ଶାସକ ଲୋକଙ୍କ ପାଇଁ ବୋଝ ସାଜିଛନ୍ତି। ବିଶେଷକରି ମହିଳା ଓ ଝିଅମାନଙ୍କ କ୍ଷେତ୍ରରେ ଏହି କଠୋରପନ୍ଥୀ ସରକାର ଅଧିକ କଡ଼ା ନିୟମ ଲାଗୁ କରି ସେମାନଙ୍କୁ ନିର୍ଯାତିତ କରିବାରେ ଲାଗିଛନ୍ତି। ଗତ ମଙ୍ଗଳବାର ଆଫଗାନ୍ ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ଝିଅମାନଙ୍କ ଉଚ୍ଚଶିକ୍ଷା ଉପରେ ନିଷେଧାଦେଶ ଜାରି କରିଥିଲା। ଏହି ନିଷ୍ପତ୍ତି ଅନେକ ଛାତ୍ରୀଙ୍କ ସ୍ୱପ୍ନକୁ ଭାଙ୍ଗି ଦେଇଛି। ତାଲିବାନ ସରକାରଙ୍କ ଘୋଷଣା ପରେ ଛାତ୍ରୀମାନେ କାନ୍ଦୁଥିବାବେଳର ଭିଡିଓ ସମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି।

ଗତବର୍ଷ ଅଗଷ୍ଟ ୧୫ରେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ କାବୁଲ ଦଖଲ କରିବା ପରଠୁ ଗୋଟିଏ ପରେ ଗୋଟିଏ କଟକଣା ଜାରି କରିବାରେ ଲାଗିଛି। ଏହି କ୍ରମରେ ତାଲିବାନ ଶାସକ ଝିଅଙ୍କ ଉଚ୍ଚଶିକ୍ଷା ନିଷିଦ୍ଧ କରିଛି। ଉକ୍ତ ନିଷ୍ପତ୍ତି ବିରୋଧରେ ଗୁରୁବାର ୟୁନିଭର୍ସିଟି ଛାତ୍ରୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। 'ଅଧିକାର ସମସ୍ତଙ୍କ ପାଇଁ ନଚେତ୍ କାହାପାଇଁ ନୁହେଁ' ସ୍ଲୋଗାନ ଦେଇ ସେମାନେ ପ୍ରତିବାଦ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ୟୁନିଭର୍ସିଟିଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପରବର୍ତ୍ତୀ ସମୟରେ ବିକ୍ଷୋଭରତ ଛାତ୍ରୀଙ୍କୁ ମହିଳା ପୋଲିସ ଗିରଫ କରିନେଇଥିଲା। ବୁଧବାର ଶତାଧିକ ହିଜାବପିନ୍ଧା ଛାତ୍ରୀ ଘଣ୍ଟା ଘଣ୍ଟା ଧରି ୟୁନିଭର୍ସିଟି ଫାଟକ ଆଗରେ ଛିଡ଼ାହୋଇ ରହିଥିଲେ। ସୁରକ୍ଷା ଗାର୍ଡ ସେମାନଙ୍କୁ ୟୁନିଭର୍ସିଟି ପରିସର ମଧ୍ୟକୁ ପ୍ରବେଶ ଅନୁମତି ଦେଇ ନ ଥିଲେ। ପରେ ଛାତ୍ରୀମାନେ ଫେସ୍‌ବୁକ୍ ଓ ଟୁଇଟର ଜରିଆରେ ଏହା ବିରୋଧରେ ପ୍ରତିବାଦ ଆରମ୍ଭ କରିଥିଲେ। ଏକ ଶ୍ରେଣୀଗୃହରେ ଛାତ୍ରୀମାନେ ବସି କାନ୍ଦୁଥିବାର ୨୩ ସେକେଣ୍ଡର ଭିଡିଓରେ ଦେଖିବାକୁ ମିଳିଛି। ଏ ନେଇ ହେରାତ ୟୁନିଭର୍ସିଟିର ଜର୍ନାଲିଜମ୍ ଛାତ୍ରୀ ୱାହିଦା ୱାହିଦ ଦୁରାନି କହିଛନ୍ତି, 'ଆଫଗାନ୍ ଝିଅମାନେ ମୃତଦେହ ପାଲଟି ଯାଇଛନ୍ତି। ସେମାନଙ୍କ ଆଖିରୁ ରକ୍ତର ଲୁହ ଝରୁଛି। ମହିଳାଙ୍କ ବିରୋଧରେ ତାଲିବାନ ସରକାର ନିଜର ସବୁ ବଳ ପ୍ରୟୋଗ କରିଦେଇଛି। ଆମେ ସେଦିନକୁ ଅପେକ୍ଷା କରିଛୁ, ଯେଉଁଦିନ ସରକାର ଘୋଷଣା କରିବେ ଯେ, ମହିଳା ଶ୍ୱାସକ୍ରିୟା କରିପାରିବେ ନାହିଁ।

ଆଫଗାନ୍ ଝିଅଙ୍କୁ ଉଚ୍ଚଶିକ୍ଷାରୁ ବଞ୍ଚିତ କରିବା ନେଇ ଗୁରୁବାର ଭାରତ ଚିନ୍ତା ପ୍ରକଟ କରିଛି। ତାଲିବାନ ସରକାର ପ୍ରତ୍ୟେକଙ୍କ ପାଇଁ ସମାନ ନିୟମ ଲାଗୁ କରିବା ଆବଶ୍ୟକ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି। ପୂର୍ବରୁ ଆମେରିକା, ଅଷ୍ଟ୍ରେଲିଆ, କାନାଡା, ଫ୍ରାନ୍ସ, ଜର୍ମାନ, ଜାପାନ ଓ ବ୍ରିଟେନ ତାଲିବାନୀ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି।



ଝିଅଙ୍କ ପାଇଁ ଉଚ୍ଚଶିକ୍ଷା ନିଷେଧ ବିରୋଧରେ କାବୁଲରେ ବିକ୍ଷୋଭ କରୁଥିବା ଛାତ୍ରୀ।

### ବିକିନି କିଲରଙ୍କୁ ମୁକ୍ତ କରିବାକୁ ମନାକଲା ଜେଲ



**ନୂଆଦିଲ୍ଲୀ,୨୨।୧୨**

ବିକିନି କିଲର ଭାବେ ପରିଚିତ ସିରିଏଲ୍ କିଲର ଚାର୍ଲସ ଶୋଭରାଜଙ୍କୁ ମୁକ୍ତ କରିଦେବା ଲାଗି ନେପାଳ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତାଙ୍କୁ ଛାଡ଼ିବା ଲାଗି ଜେଲ କର୍ତ୍ତୃପକ୍ଷ ମନା କରିଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଅସ୍ପଷ୍ଟ। କେଉଁ ମାମଲାରେ ତାଙ୍କୁ ମୁକ୍ତ କରାଯିବ, ତାହା ରାୟରେ ଉଲ୍ଲେଖ ନ ଥିବା ଜେଲ କର୍ତ୍ତୃପକ୍ଷ କହିଛନ୍ତି। ୭୮ ବର୍ଷୀୟ ଶୋଭରାଜଙ୍କୁ ମୁକ୍ତ କରିଦେବା ଲାଗି ବିଚାରପତି ସ୍ୱପ୍ନା ପ୍ରଧାନ ମାଲା ଏବଂ ତିଲ୍ ପ୍ରସାଦ ଶ୍ରେଷ୍ଠଙ୍କ ଖଣ୍ଡପୀଠ ବୁଧବାର ରାୟ ଦେଇଥିଲେ। ବହୁ ହତ୍ୟା, ଚୋରି ଓ ଠକେଇ ମାମଲାରେ ଜଡ଼ିତ ଶୋଭରାଜ ଜେଲରୁ ମୁକ୍ତି ପାଇଁ ଆବେଦନ କରିଥିଲେ। ତାଙ୍କ ବୟସାଧିକ୍ୟକୁ ବିଚାରକୁ ନେଇ ନେପାଳ ସୁପ୍ରିମକୋର୍ଟ ତାଙ୍କୁ ମୁକ୍ତ କରିଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ।

### ଚାଇନାରେ ଦିନକୁ ୧୦ ଲକ୍ଷ ସଂକ୍ରମଣ, ୫ ହଜାର ମୃତ୍ୟୁ ହୋଇପାରେ

**ବେଜିଂ,୨୨।୧୨**

ଚାଇନାରେ କୋଭିଡ୍ ସଂକ୍ରମଣ ଭୟଙ୍କର ରୂପ ନେଇଛି। ସେଠାରେ ଦୈନିକ ସଂକ୍ରମଣ ୧୦ ଲକ୍ଷ ଏବଂ ୨୪ ଘଣ୍ଟାରେ ୫,୦୦୦ ମୃତ୍ୟୁ ଘଟିପାରେ ବୋଲି ଆଶଙ୍କା କରାଯାଉଛି। ଏପରିକି ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଏହି ଦେଶରେ ସ୍ଥିତି ଆହୁରି ସାଂଘାତିକ ହୋଇପାରେ ବୋଲି ଏକ ନୂଆ ବିଶ୍ଳେଷଣରୁ ଜଣାପଡ଼ିଛି। ଜାନୁୟାରୀ ବେଳକୁ ଦୈନିକ ସଂକ୍ରମଣ ୩୭ ଲକ୍ଷରେ ପହଞ୍ଚିବ ବୋଲି ଲଣ୍ଡନର ଗବେଷଣା ସଂସ୍ଥା ଏୟାରଫିନିଟି ଲିମିଟେଡ୍ କହିଛି। ମାର୍ଚ୍ଚ ବେଳକୁ ଦୈନିକ ସଂକ୍ରମଣ ୪୨ ଲକ୍ଷରେ ପହଞ୍ଚିବ ବୋଲି ଏହି ଗ୍ରୁପ୍ ଆକଳନ କରିଛି। ତେବେ ବୁଧବାର ୨,୯୬୬ ନୂଆ ମାମଲା ଚିହ୍ନଟ ହେବା ସହ ଚଳିତ ମାସରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି। ବିଭିନ୍ନ ସହରରେ ଚିକିତ୍ସା ପାଇଁ ହସ୍ପିଟାଲରେ ଜାଗା ନ ଥିବାବେଳେ ସରକାର ତଥ୍ୟ ଲୁଚାଉଛନ୍ତି।

## ଇସ୍ରାଏଲ୍‌ରେ ନୂଆ ସରକାର ଗଢ଼ିଲେ ନେତାନ୍ୟାହୁ

**ଜେରୁଜେଲମ୍,୨୨।୧୨**

ଇସ୍ରାଏଲ୍‌ର ବରିଷ୍ଠ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ନୂଆ ସରକାର ଗଢ଼ିବାରେ ସଫଳ ହୋଇଛନ୍ତି। ଏ ସମ୍ପର୍କରେ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସେ ବୁଧବାର ରାଷ୍ଟ୍ରପତି ଆଇଜାକ୍ ହେର୍‌ଜୋଗ୍‌ଙ୍କ ସହ ସରକାର ଗଠନ ନେଇ ଆଲୋଚନା କରିଥିଲେ। ଗତ ନଭେମ୍ବରରେ ଅନୁଷ୍ଠିତ ନିର୍ବାଚନରେ ଦକ୍ଷିଣପନ୍ଥୀ ରକ୍ଷଣଶୀଳ ଲିକୁଡ୍ ପାର୍ଟି ନେତା ନେତାନ୍ୟାହୁ ସଂଖ୍ୟାଗରିଷ୍ଠ ଆସନରେ ବିଜୟୀ ହୋଇଥିଲେ। ଧର୍ମୀୟ ଜିଓନିଜମ୍ ପାର୍ଟି ନେତା ଇତ୍‌ମାର ବେନ୍-



ବେଞ୍ଜାମିନ୍ ନେତାନ୍ୟାହୁ

ଗ୍ୱିର୍‌ଙ୍କୁ ଜନସୁରକ୍ଷା ମନ୍ତ୍ରୀ କରାଯାଇଛି। ଇସ୍ରାଏଲ୍ ପୋଲିସ ତାଙ୍କ ନିୟନ୍ତ୍ରଣରେ ରହିବ। ନେତାନ୍ୟାହୁ ୧୯୯୬ରୁ ୧୯୯୯ ଏବଂ ୨୦୦୯ରୁ ୨୦୨୧ ପର୍ଯ୍ୟନ୍ତ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ଥିଲେ। ସରକାର ଗଢ଼ିବା ଲାଗି ଧାର୍ଯ୍ୟ ସମୟସୀମା ଶେଷ ହେବା ପୂର୍ବରୁ ସେ ରାଷ୍ଟ୍ରପତିଙ୍କୁ ନୂଆ ମନ୍ତ୍ରିମଣ୍ଡଳର ତାଲିକା ପ୍ରଦାନ କରିଛନ୍ତି। ଇସ୍ରାଏଲ୍‌ର ୭୪ ବର୍ଷର ଇତିହାସରେ ନେତାନ୍ୟାହୁ ସରକାର ସବୁଠୁ ଦକ୍ଷିଣପନ୍ଥୀ ସରକାର ହେବା ଆଶା କରାଯାଉଛି। କିଛି ସପ୍ତାହର ବୁଝାମଣା ପରେ ସହଯୋଗୀ ଦଳଗୁଡ଼ିକ ସହ ଲିକୁଡ୍ ପାର୍ଟି କ୍ଷମତା ବଦଳ ପାଇଁ ରାଜି ହୋଇଥିଲା। ତେବେ ଏନେଇ ବୃତ୍ତାନ୍ତ ଡିଲ୍‌ର ଆବଶ୍ୟକତା ରହିଛି। ଆସନ୍ତା ସପ୍ତାହରେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ବୋଲି ନେତାନ୍ୟାହୁ କହିଛନ୍ତି।

## କର୍ଣ୍ଣାଟକ ବିଧାନସଭାରେ ସଂକଳ୍ପ ଗୃହୀତ

**ବେଙ୍ଗାଲୁରୁ,୨୨।୧୨**

ମହାରାଷ୍ଟ୍ର ସହ ସୀମା ବିବାଦ ବିରୋଧରେ ଗୁରୁବାର କର୍ଣ୍ଣାଟକ ବିଧାନସଭାରେ ସଂକଳ୍ପ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ରାଜ୍ୟର ସ୍ୱାର୍ଥକୁ ରକ୍ଷା କରିବା ଲାଗି ଏଥିରେ ପ୍ରତିଜ୍ଞା କରାଯାଇଛି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ପ୍ରସ୍ତାବ ଆଣିଥିବାବେଳେ ଧ୍ୱନିମତରେ ଏହା ଗୃହୀତ ହୋଇଥିଲା। ମହାରାଷ୍ଟ୍ର ଦ୍ୱାରା ସୀମାରେ ବିବାଦ ସୃଷ୍ଟି କରାଯାଉଥିବାରୁ ଏହାକୁ ନିନ୍ଦା କରାଯାଇଛି। କର୍ଣ୍ଣାଟକର ଭୂମି, ଜଳ, ଭାଷା ଏବଂ କନ୍ନଡମାନଙ୍କ ସ୍ୱାର୍ଥ ସହ କଦାବି ସାଲିସ କରାଯିବ ନାହିଁ ବୋଲି ପ୍ରସ୍ତାବରେ ଉଲ୍ଲେଖ ରହିଛି। ଯଦି ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥରେ ବାଧା

**ସୀମା ବିବାଦ**

ସୃଷ୍ଟି ହୁଏ, ତେବେ ଏହାର ସୁରକ୍ଷା ଲାଗି ଦଳମତ ନିର୍ବିଶେଷରେ ସାମ୍ବିଧାନିକ ଓ ଆଇନଗତ ପଦକ୍ଷେପ ନିଆଯିବ ବୋଲି ବିଧାୟକମାନେ ସଂକଳ୍ପ କରିଥିଲେ। ଏହା ପୂର୍ବରୁ ବିଧାନସଭାରେ ସୀମା ବିବାଦ ପ୍ରସଙ୍ଗ ଉପରେ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ଇଞ୍ଚେ ଜମି ଯିବାକୁ ଦିଆଯିବ ନାହିଁ, ଏହା କର୍ଣ୍ଣାଟକ ଜନସାଧାରଣଙ୍କ ଇଚ୍ଛା। ଏହାର ସୁରକ୍ଷା ପାଇଁ ଆମେ ସବୁକିଛି କରିବାକୁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୀମାକୁ ନେଇ ବିବାଦ ସୃଷ୍ଟି କରୁଥିବା ଶିବସେନା ଉଦ୍ଧବ ଗୋଷ୍ଠୀକୁ ସମାଲୋଚନା କରିଥିଲେ।



ଆମେରିକା କଂଗ୍ରେସର ମିଳିତ ବୈଠକରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଷ୍ଟାଣ୍ଡିଂ ଓଭେଶନ୍ ଦିଆଯାଉଛି।

## ଆମେ ଶାନ୍ତି ଚାହୁଁ: ଜେଲେନ୍‌ସ୍କି

**ୱାଶିଂଟନ୍, ୨୨।୧୨:** ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ୧୦ ମାସରୁ ଊର୍ଦ୍ଧ୍ୱ ଦିନ ବିତିଯାଇଥିବାବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ବୁଧବାର ଆମେରିକା ଗସ୍ତ କରିଛନ୍ତି। ଜେଲେନ୍‌ସ୍କି ଆମେରିକା କଂଗ୍ରେସକୁ ସମ୍ବୋଧିତ କରି କହିଛନ୍ତି, ଆମେ ଶାନ୍ତି ଚାହୁଁ। ଶାନ୍ତି ପ୍ରତିଷ୍ଠା ଲାଗି ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଛି। ଯୁଦ୍ଧକୁ ବନ୍ଦ କରିବା ଦିଗରେ ୟୁକ୍ରେନ୍ ସମସ୍ତ ଚେଷ୍ଟା କରୁଛି। ଶାନ୍ତି ପ୍ରତିଷ୍ଠା ପାଇଁ ରୁଷିଆ ପକ୍ଷରୁ କୌଣସି ପଦକ୍ଷେପ ନିଆଯିବା କଥା ଭାବିବା ବୋକାମି ବୋଲି ସେ କହିଛନ୍ତି। ଏହି ଅବସରରେ ଆମେରିକା କଂଗ୍ରେସ ସଦସ୍ୟ ଜେଲେନ୍‌ସ୍କିଙ୍କ ପାଇଁ ୨ ମିନିଟ୍ ଷ୍ଟାଣ୍ଡିଂ ଓଭେଶନ୍ ଦେଇଥିଲେ।

## ଅଜ୍ଞାତ ବ୍ୟକ୍ତିଙ୍କ ଚାନ୍ଦା ସୀମା ହ୍ରାସ ପ୍ରସ୍ତାବ ବିଚାରାଧୀନ

**ନୂଆଦିଲ୍ଲୀ,୨୨।୧୨**

ନାମ ଗୋପନ ରଖି ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ପ୍ରଦାନ ନିମନ୍ତେ ନିର୍ବାଚନ କମିଶନ (ଇସି)ଙ୍କ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ରହିଛି। ଗୁରୁବାର କେନ୍ଦ୍ର ପକ୍ଷରୁ ଏନେଇ ରାଜ୍ୟ ସଭାକୁ ଅବଗତ କରାଯାଇଛି। ତେବେ ଏନେଇ ସବୁ ରାଜନୈତିକ ଦଳଙ୍କ ପରାମର୍ଶ ନିଆଯାଉଛି କି ପ୍ରଶ୍ନରେ ଆଇନ ମନ୍ତ୍ରୀ କିରେନ ରିଜିଜୁ ମନା କରିଥିଲେ। ଅଜ୍ଞାତ ସୂତ୍ରରୁ ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ପରିମାଣ ୨୦ ହଜାରରୁ ୨ ହଜାର ଟଙ୍କାକୁ ହ୍ରାସ କରିବା ଏବଂ ନଗଦ ଚାନ୍ଦା ସୀମା ୨୦ ପ୍ରତିଶତ ବା ସର୍ବାଧିକ ୨୦ କୋଟି ଟଙ୍କା ରଖିବା ଲାଗି ଇସି ଗତ ସେପ୍ଟେମ୍ବରରେ ପ୍ରସ୍ତାବ ଦେଇଥିଲେ। ନିର୍ବାଚନରୁ କଳାଧନକୁ ଦୂରେଇ ରଖିବା ଲାଗି ଇସି ଏଭଳି ପ୍ରସ୍ତାବ ଦେଇଥିଲେ।

## ଏଲ୍‌ଏସିରେ ହେବ ୨୨ ମୋବାଇଲ ଟାୱାର

**ତୱାଙ୍ଗ, ୨୨।୧୨:** ଅରୁଣାଚଳ ପ୍ରଦେଶର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟରେ ମୋବାଇଲ୍ କନେକ୍ଟିଭିଟିକୁ ଆହୁରି ସୁଦୃଢ଼ କରିବା ଲାଗି କେନ୍ଦ୍ର ସରକାର ଅଗାମୀ ଦିନରେ ୨୨ ମୋବାଇଲ ଟାୱାର ସ୍ଥାପନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିମଧ୍ୟରୁ ୧୮ଟି ବିଏସ୍‌ଏନ୍‌ଏଲ୍ ଟାୱାର ଏବଂ ୪ଟି ଏୟାରଟେଲ ଟାୱାର ରହିବ। ସୀମାରେ ସୈନ୍ୟଙ୍କ ପାଇଁ ହାଡେଲ ପ୍ରୋଜେକ୍ଟ କରିବାକୁ ଯୋଜନା ରଖିଥିବା ତୱାଙ୍ଗର ଡେପୁଟି କମିଶନର କେସାଙ୍ଗ ନଗୁରୁପ ଡାମୋ କହିଛନ୍ତି। ଏଲ୍‌ଏସି ନିକଟରେ ଚାଇନାର ଅମାନିଆ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

# ରାଜ୍ୟ ସଭାରେ ଗୃହକାର୍ଯ୍ୟ ବର୍ଜନ କଲେ ବିରୋଧୀ

## ଭାରତ-ଚାଇନା ସୀମା ବିବାଦ ଉପରେ ଆଲୋଚନା ଦାବି

- ଲୋକ ସଭା ଦିନକ ପାଇଁ ମୁଲତବୀ

**ନୂଆଦିଲ୍ଲୀ,୨୨।୧୨(ପି.ଟି.)**

ରାଜ୍ୟ ସଭାରେ ଭାରତ-ଚାଇନା ସୀମା ବିବାଦ ଉପରେ ଆଲୋଚନା ଦାବି କରି ଗୁରୁବାର ବିରୋଧୀ ଦଳଗୁଡ଼ିକ ସରକାରଙ୍କ ଉପରେ ଆକ୍ରମଣ କରିଥିଲେ। ଫଳରେ ଗୃହକାର୍ଯ୍ୟ ଆରମ୍ଭ ହେବାଠାରୁ ଉତ୍ତେଜନା ଓ ହଟ୍ଟଗୋଳ ଲାଗିରହିଥିଲା। ଆଲୋଚନା ପାଇଁ ଅନୁମତି ନ ମିଳିବାରୁ ବିରୋଧୀମାନେ ଗୃହକାର୍ଯ୍ୟ ବର୍ଜନ କରିଥିଲେ। ଏଥିସହିତ ବିହାର ସମ୍ପର୍କରେ ଅପମାନଜନକ ମନ୍ତବ୍ୟ ପାଇଁ ଗୃହର ନେତା ପୀୟୂଷ ଗୋୟଲ କ୍ଷମା ମାଗନ୍ତୁ ବୋଲି ବିରୋଧୀ ଦାବି କରିଥିଲେ। ତେବେ କାହାକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି କହି ଗୋୟଲ ତାଙ୍କ ମନ୍ତବ୍ୟକୁ ଫେରାଇ ନେଇଛନ୍ତି। ସେ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଭୁଲ୍ ପାଇଁ ଚାଇନା ଭାରତର ୩୮,୦୦୦ ବର୍ଗ କିଲୋମିଟର ଅକ୍ତିଆର କରିଥିବାବେଳେ ପାକିସ୍ତାନ କଶ୍ମୀରର ଗୋଟିଏ ଅଂଶକୁ ନିଜ ଦଖଲକୁ ନେଇଥିଲା। ଚାଇନା ଦୂତାବାସରୁ ରାଜୀବ ଗାନ୍ଧୀ ଫାଉଣ୍ଡେଶନ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଚାନ୍ଦା ପାଇଛି। ସୀମା ବିବାଦ ସମସ୍ୟା କଂଗ୍ରେସ ସମୟର ବୋଲି ଗୋୟଲ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟରେ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଥିଲେ।

ଲୋକ ସଭାରେ ମଧ୍ୟ ସୀମା ବିବାଦ ପ୍ରସଙ୍ଗକୁ ନେଇ ଅଚଳାବସ୍ଥା ଦେଖାଦେଇଥିଲା। ଫଳରେ ଗୃହକାର୍ଯ୍ୟକୁ



ଦିନକ ପାଇଁ ମୁଲତବୀ ରଖାଯାଇଛି। ପୂର୍ବାହ୍ନରେ ୪ ଥର ମୁଲତବୀ ପରେ ଅପରାହ୍ନ ୪ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ସୀମା ବିବାଦ ଉପରେ ଆଲୋଚନା ଦାବିରେ ବିରୋଧୀ ଅଡ଼ିବସିବା ସହ ହଟ୍ଟଗୋଳ ଜାରି ରଖିଥିଲେ। କାର୍ଯ୍ୟ ଚାଲି ନ ପାରିବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା ରମା ଦେବୀ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ପୂର୍ବରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କୋଭିଡ୍ ସ୍ଥିତି ଏବଂ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ।

# ମୂର୍ତ୍ତି ଚୋରି ରାକେଟ ସକ୍ରିୟ, ଅଚିନ୍ତାରେ ପୋଲିସ

■ ବର୍ଷକରେ ଚୋରି ହେଲାଣି ୫୦ରୁ ଅଧିକ ମୂଲ୍ୟବାନ୍ ମୂର୍ତ୍ତି
■ ନାମକୁମାତ୍ର 'ପୋଲିସ ସର୍କୁଲାର ଅର୍ଡର'

ସତ୍ୟଜିତ୍ ରାଉତ
ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)

ଓଡ଼ିଶାର ବିଭିନ୍ନ ପୁରାତନ ମନ୍ଦିରରେ ଅଷ୍ଟଧାତୁରେ ନିର୍ମିତ ପ୍ରାଚୀନ ମୂର୍ତ୍ତି ପୂଜା ପାଉଛନ୍ତି। ଲୋକମାନେ ତାଙ୍କ ଆରାଧ୍ୟ ଦେବଦେବୀଙ୍କୁ ପୂଜା କରୁଥିବା ବେଳେ ଏଗୁଡ଼ିକ ଐତିହ୍ୟ ଓ ସଂସ୍କୃତିକୁ ଅଧିକ ସମୃଦ୍ଧ କରୁଛି। ହେଲେ ଏହି ବହୁମୂଲ୍ୟ ଅଷ୍ଟଧାତୁ ବିଗ୍ରହ ଉପରେ ଲୋଲୁପ ଦୃଷ୍ଟି ପକାଉଛନ୍ତି ଅନ୍ତର୍ଜାତୀୟ ଚୋର ରାକେଟ। ବିଭିନ୍ନ ସମୟରେ ମନ୍ଦିରଗୁଡ଼ିକରୁ ମୂଲ୍ୟବାନ ଅଷ୍ଟଧାତୁ ମୂର୍ତ୍ତି ଚୋରି ହେଉଛି। ହାତ ଗଣତି ଘଟଣାରେ ପୋଲିସ ଏହାର କିଛି ସ୍ଥାନୀୟ ଏଜେଣ୍ଟଙ୍କୁ ଧରୁଥିବାବେଳେ ରାକେଟର ମୁଖ୍ୟ ପାଖରେ ପହଞ୍ଚିପାରୁନାହିଁ। ଚୋରି ମୂର୍ତ୍ତିସବୁକୁ ଏଜେଣ୍ଟ ଦ୍ୱାରା ଆମେରିକା, ଇଂଲଣ୍ଡ, ଫ୍ରାନ୍ସ ଆଦି ଦେଶରେ କୋଟି କୋଟି ଟଙ୍କାରେ ବିକ୍ରି କରାଯାଉଛି।

ଗୋଟିଏ ପରେ ଗୋଟିଏ ମନ୍ଦିରରୁ ମୂର୍ତ୍ତି ଚୋରି ଏବେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା କାକରୁଦ୍ରପୁର ଚମ୍ପେଶ୍ୱର ମନ୍ଦିରରୁ ୨ଟି ପ୍ରାଚୀନ ଅଷ୍ଟଧାତୁ ଓ ରୁପା ସାମଗ୍ରୀ ଚୋରି ହେବା ଅଧିକ ଚର୍ଚ୍ଚା ସୃଷ୍ଟି କରିଛି। କେବଳ ସେତିକି ନୁହଁ ଗତ ଫେବୃୟାରୀ ମାସରୁ ଏପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ମନ୍ଦିରରୁ ୫୦ରୁ ଅଧିକ ଅଷ୍ଟଧାତୁ ମୂର୍ତ୍ତି ଚୋରି ହେଲାଣି। ହେଲେ ରାଜ୍ୟ ପୋଲିସ ଅଚିନ୍ତାରେ ଶୋଇଥିବା ଦେଖାଯାଉଛି। ଫେବୃୟାରୀ ୨ରେ ବାଲକାଟି ବାଲୁଙ୍କେଶ୍ୱର ମନ୍ଦିରରୁ ଚନ୍ଦ୍ରଶେଖର ଓ ମା' ପାର୍ବତୀଙ୍କ ମୂର୍ତ୍ତି ଚୋରି ହୋଇଥିଲା। ପ୍ରତାପରୁଦ୍ରସ୍ଥିତ ଆଖଣ୍ଡଳେଶ୍ୱର ମନ୍ଦିରରୁ ଏପ୍ରିଲ ୨୮ରେ ଚନ୍ଦ୍ରଶେଖରଙ୍କ ମୂର୍ତ୍ତି ସମେତ ୩ଟି ପାର୍ବତୀଙ୍କ ମୂର୍ତ୍ତି ଏବଂ ଗୋଟିଏ ଆଣ୍ଠୁଆ ଗୋପାଳ ମୂର୍ତ୍ତି ଚୋରି କରିନେଇଥିଲେ ଦୁର୍ବୃତ୍ତ। ସେହିଦିନ ସ୍ଥାନୀୟ କେନ୍ଦୁବିଲ୍ୱ ଅଞ୍ଚଳର ନୃସିଂହନାଥ ମନ୍ଦିରରୁ ୧୦ଟି ଅଷ୍ଟଧାତୁ ମୂର୍ତ୍ତି ଏବଂ ଏହାର ୮ଦିନ ପରେ ବାଲିଅନ୍ତା ଥାନା ମା' ଟଙ୍କପାଣି ମନ୍ଦିର୍‌ରୁ ୭ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। କେବଳ ରାଜଧାନୀ ଉପକଣ୍ଠ ନୁହେଁ ଜୁନ ୩ରେ ପୁରୀ ଜିଲା ପିପିଲିସ୍ଥିତ ଶ୍ରୀଲକ୍ଷ୍ମୀନୃସିଂହଙ୍କ ମନ୍ଦିରରୁ ମଧ୍ୟ ୧୫ଟି ପ୍ରାଚୀନ ଅଷ୍ଟଧାତୁ ମୂର୍ତ୍ତି ମଧ୍ୟ ଚୋରି ହୋଇଥିଲା। ଗତ ନଭେମ୍ବର ୧୨ରେ ଯାଜପୁର ଜିଲା ଧର୍ମଶାଳା ଥାନା ପାଟପୁରସ୍ଥିତ ବଳଦେବଜୀଉ ମନ୍ଦିରରୁ ୬ ଅଷ୍ଟଧାତୁ ଚୋରି କରିନେଇଥିଲେ ଦୁର୍ବୃତ୍ତ।

୧୯୭୦ ସମୟରେ ରାଜ୍ୟର ବିଭିନ୍ନ ମନ୍ଦିରରୁ ବହୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ବଡ଼ ପ୍ରସଙ୍ଗ ହୋଇଥିଲା। ୧୯୬୫ରେ ୩, ୧୯୬୬ରେ ୭, ୧୯୬୭ରେ ୫, ୧୯୬୮ରେ ୧୨, ୧୯୬୯ରେ ୧୮ ଏବଂ ୧୯୭୦ରେ ୩୫ଟି ମୂର୍ତ୍ତି ଚୋରି ଘଟଣା ପରେ ବିଧାନସଭା ଓ ଲୋକ ସଭାରେ ବିରୋଧୀ ଦଳ ସରକାରଙ୍କୁ ଦୋଷ ଦେବା ସହ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ କରିଥିଲେ। ଏନେଇ ଓଡ଼ିଶା ପୋଲିସ ପକ୍ଷରୁ (ପୋଲିସ ସର୍କୁଲାର ଅର୍ଡର ନଂ.୧୯୯) ଜାରି କରାଯାଇଥିଲା। ସର୍କୁଲାର ଅନୁଯାୟୀ ମୂର୍ତ୍ତି ଚୋରି ମାମଲାରେ ୧୧ଟି ନିର୍ଦ୍ଦେଶାବଳୀକୁ କଠୋର ଭାବେ ପାଳନ କରାଯିବାକୁ କୁହାଯାଇଥିଲା। ମୂର୍ତ୍ତି ଚୋରି ମାମଲାରେ ଥାନା ପକ୍ଷରୁ ତୁରନ୍ତ କ୍ରାଇମବ୍ରାଞ୍ଚକୁ ଜଣାଯିବ। ଏହି ମାମଲାରେ ଅଭିଯୁକ୍ତ ଧରାପଡ଼ିବା ପରେ କ୍ରାଇମବ୍ରାଞ୍ଚ ତାଙ୍କୁ ଜେରା କରିବ। ମାମଲାରେ ଇନ୍‌ସ୍ପେକ୍ଟର ଓ ଗେଜେଟେଡ ଅଧିକାରୀ ତଦାରଖ କରିବେ। ଅଭିଯୁକ୍ତମାନଙ୍କୁ ଜାମିନରେ ନେଉଥିବା ବ୍ୟକ୍ତିମାନଙ୍କୁ ପୁଙ୍ଖାନୁପୁଙ୍ଖ ପଚରାଉଚରା କରାଯିବ। ଜଣାଶୁଣା ଅପରାଧୀଙ୍କ ଗତିବିଧି ଉପରେ ଯାଞ୍ଚ କରାଯିବା ଲାଗି ନିର୍ଦ୍ଦେଶାବଳୀ ରହିଥିଲା। ହେଲେ ଏବେ ଏହି ନିର୍ଦ୍ଦେଶାବଳୀ ନାମକୁ ମାତ୍ର ବୋଲି କୁହାଯାଉଛି। ଥାନା ପକ୍ଷରୁ ଏହି ଘଟଣାକୁ ହାଲୁକା ଭାବେ ନିଆଯାଉଥିବାବେଳେ କ୍ରାଇମବ୍ରାଞ୍ଚ ମଧ୍ୟ ସମାନ ନୀତି ଆପଣାଇଛି। ଫଳରେ ବାରମ୍ବାର ମୂର୍ତ୍ତି, ଅଳଙ୍କାର ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି ହେଉଥିବାରୁ ଧର୍ମ-ସଂସ୍କୃତି ପୀଠ, କୀର୍ତ୍ତିରାଜି ଆଦି ଆକର୍ଷଣ ହରାଉଛି।

ଏନେଇ ପୂର୍ବତନ ପୋଲିସ ଡିଜି ତଥା ଇନ୍‌ଟାକ୍ ରାଜ୍ୟ ଆବାହକ ଅମିୟ ଭୂଷଣ ତ୍ରିପାଠୀ କହିଛନ୍ତି, ଓଡ଼ିଶାରେ ମୂର୍ତ୍ତି ଚୋରି ସଂଖ୍ୟା ଚିନ୍ତାଜନକ ରହିଛି। ଏପରିକି ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟର ସଂଖ୍ୟା ଅଧିକ। ଏହାକୁ ନେଇ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କୁ ଆମେ ଅବଗତ କରାଉଛୁ। କ୍ରାଇମବ୍ରାଞ୍ଚର ମୂର୍ତ୍ତି ଚୋରି ପାଇଁ ଏକ ସ୍ୱତନ୍ତ୍ର ସେଲ୍ ରହିଛି। କ୍ରାଇମ୍‌ବ୍ରାଞ୍ଚ ଏଦିଗରେ ତଦନ୍ତ କରିବା ସହ ବିଭିନ୍ନ ଇଣ୍ଟରପୋଲ ସହ ଯୋଗାଯୋଗ କରିବା କଥା। ଏପରି କି ସେଲ୍‌କୁ ଅଧିକ ଚଳଚଞ୍ଚଳ କରିବା କଥା। ତେବେ ଓଡ଼ିଶାରେ ଯେତିକି ମୂର୍ତ୍ତି ଚୋରି ହେଉଛି, ସେଥିରୁ ଉଦ୍ଧାର ସଂଖ୍ୟା ବହୁତ କମ୍। ପୋଲିସ ଏଦିଗରେ ଆହୁରି ସଚେତନ ହେବା ଦରକାର ବୋଲି ଅମିୟ କହିଛନ୍ତି।

# ବର୍ଷର ସବୁଠାରୁ ଛୋଟ ଦିନ, ବଡ଼ ରାତି

■ ଶୁକ୍ରବାରଠାରୁ ଦିନ ବଢ଼ିବ
■ ମାର୍ଚ୍ଚ ୨୧ରେ ଦିନ ଓ ରାତି ସମାନ

ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)

୨୦୨୨ ବର୍ଷ ଶେଷ ହେବାକୁ ଯାଉଥିବାବେଳେ ଗୁରୁବାର ଥିଲା ବର୍ଷର ସବୁଠାରୁ ଛୋଟ ଦିନ ଓ ବଡ଼ ରାତି। ଭୁବନେଶ୍ୱରରେ ଦିନର ଦୈର୍ଘ୍ୟ ବା ଲମ୍ବ ୧୦ଘଣ୍ଟା ୫୪ ମିନିଟ୍ ଥିବାବେଳେ ରାତିର ଲମ୍ବ ୧୩ଘଣ୍ଟା ୬ ମିନିଟ୍ ରହିଥିଲା। ଶୁକ୍ରବାରଠାରୁ ଦିନ ଲମ୍ବରେ କିଛି ସେକେଣ୍ଡର ବୃଦ୍ଧି ଘଟିବ। ଏହାପରେ ପ୍ରତିଦିନ ଦିନର ଲମ୍ବ ବଢି ବଢି ମାର୍ଚ୍ଚ ୨୧ରେ ଦିନ ଓ ରାତିର ସମୟ ସମାନ ଅର୍ଥାତ୍ ୧୨ ଘଣ୍ଟା ଲେଖାଏ ରହିବ ବୋଲି ପଠାଣି ସାମନ୍ତ ପ୍ଲାନେଟୋରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ସେହିପରି ଡିସେମ୍ବର ୨୨ ଅର୍ଥାତ୍ ଗୁରୁବାର ଓଡ଼ିଶାର ସୁନ୍ଦରଗଡ଼ ଏବଂ ମାଲକାନଗିରିଠାରେ ଦିନର ଲମ୍ବ ଯଥାକ୍ରମେ ୧୦ଘଣ୍ଟା ୪୭ ମିନିଟ୍ ଓ ୧୧ଘଣ୍ଟା ୦୧ ମିନିଟ୍ ରହିଥିଲା। ଦିଲ୍ଲୀ ଓ କନ୍ୟାକୁମାରୀଠାରେ ଦିନର ଲମ୍ବ ଯଥାକ୍ରମେ ୧୦ଘଣ୍ଟା ୧୯ ମିନିଟ୍ ଓ ୧୧ଘଣ୍ଟା ୩୯ ମିନିଟ୍ ରହିଥିଲା। ୨୩ ତାରିଖ ଅର୍ଥାତ୍ ଶୁକ୍ରବାରଠାରୁ ଏସବୁ ଅଞ୍ଚଳରେ ଦିନ ଲମ୍ବରେ କିଛି ସେକେଣ୍ଡର ଫରକ୍ ରହିବ। ପ୍ରତିବର୍ଷ ଡିସେମ୍ବର ୨୧ କିମ୍ବା ୨୨ରେ ଉତ୍ତର ଗୋଲାର୍ଦ୍ଧରେ ଶୀତଋତୁର ପ୍ରଥମଦିନ ଆରମ୍ଭ ହୋଇଥାଏ। ଏହି ଦିନଟି ଉତ୍ତର ଗୋଲାର୍ଦ୍ଧରେ ବର୍ଷର 'ସବୁଠାରୁ ଛୋଟ ଦିନ' ହୋଇଥାଏ। ଜ୍ୟୋତିର୍ବିଜ୍ଞାନୀଙ୍କ ମତରେ ବର୍ଷର ଏହି ଛୋଟ ଦିନରୁ ଶୀତଦିନ ଆରମ୍ଭ ହୁଏ। ଧୀରେ ଧୀରେ ଦିନଗୁଡ଼ିକ ଅଧିକରୁ ଅଧିକ ଲମ୍ବା ହୁଏ। ମାର୍ଚ୍ଚ ମାସ ବସନ୍ତର ଆଗମନକୁ ସୂଚାଇଥାଏ। ସେତେବେଳେ ଦିନ ଓ ରାତିର ଅବଧି ପାଖାପାଖି ସମାନ ହୁଏ। ମେରୁ ଅଞ୍ଚଳର ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ବର୍ଷସାରା ଦିନର ଦୈର୍ଘ୍ୟରେ ବଡ଼ ପାର୍ଥକ୍ୟ ଅନୁଭୂତ ହୁଏ। ସେଠାରେ ଶୀତଋତୁରେ ଦିନଗୁଡ଼ିକ ଅତ୍ୟନ୍ତ ଛୋଟ ହୋଇଥାଏ।



# 'ବିଭିନ୍ନ ଯୋଜନାର ଆଭିମୁଖ୍ୟ ନେଇ ୩୧ ସୁଦ୍ଧା ପୁସ୍ତିକା ପ୍ରସ୍ତୁତ କର'

ଗ୍ରାମ୍ୟ ଉନ୍ନୟନ ବିଭାଗ ଯୋଜନାର ସମୀକ୍ଷା ବୈଠକ

ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)

ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଗୁରୁବାର ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା, ବିଜୁ ସେତୁ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, କୋଠାବାଡ଼ି, ଜିଲା ଖଣିଜ ପାଣ୍ଠି, ଓମ୍ବାଡ୍‌ସି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଅନ୍ୟାନ୍ୟ ଯୋଜନାର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ମୋ ସରକାର ଓ ଜନଶୁଣାଣିର ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଛି । ସମସ୍ତ ଡିଭିଜନର ଦାୟିତ୍ୱରେ ଥିବା ଅଧିକାରୀମାନେ ବିଭିନ୍ନ ଯୋଜନାର ସଫଳ କାହାଣୀ ସହିତ ଭିଡିଓଗ୍ରାଫି ଏବଂ ଜନସାଧାରଣଙ୍କ ମତାମତ ଓ ଯୋଜନା ନେଇ ସେମାନଙ୍କ ଆଭିମୁଖ୍ୟ ବାବଦରେ ଏକ ପୁସ୍ତିକା ୩୧ ତାରିଖ ସୁଦ୍ଧା ଦାଖଲ କରିବା ପାଇଁ ସଚିବ ସଞ୍ଜୟ ସିଂ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ଡିଭିଜନ୍‌ର କାର୍ଯ୍ୟ ସମ୍ପାଦନରେ ଉନ୍ନତି ପରିଲକ୍ଷିତ ନ ହୋଇଛି ସେମାନଙ୍କ ବିରୋଧରେ ଆସନ୍ତା ବୈଠକରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରମୁଖ ଶାସନ ସଚିବ କହିଛନ୍ତି । ରାଜ୍ୟର ସମସ୍ତ ୬୦ ଡିଭିଜନ୍ ଓ ୧୩ ସର୍କଲ ଇଞ୍ଜିନିୟରିଂ ସଂସ୍ଥାର ମୁଖ୍ୟଯନ୍ତ୍ରୀଙ୍କ ସହ ପ୍ରମୁଖ ଶାସନ ସଚିବ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ସ୍ୱତନ୍ତ୍ର ଶାସନ ସଚିବ ସୁଦର୍ଶନ ପରିଡ଼ା, ବିଜୟ ପ୍ରଧାନ, ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ସାମଲଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଭିଜିଲାନ୍ସ ଜାଲରେ ବରିଷ୍ଠ ରାଜସ୍ୱ ସହାୟକ

■ ଜମି କିସମ ପରିବର୍ତ୍ତନ ପାଇଁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ

ପୁରୀ ଅଫିସ, ୨୨।୧୨

ପୁରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଜିତୁ ରଞ୍ଜନ ଛାଟୋଇ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଗୁରୁବାର ଛାଟୋଇ ଚନ୍ଦନପୁରର ଜଣେ ବ୍ୟକ୍ତିଙ୍କଠାରୁ ଜମି କିସମ ପରିବର୍ତ୍ତନ ପାଇଁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଛନ୍ତି। ଏ ନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ. ୪୧/୨୨) ରୁଜୁ ହୋଇ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, କିଛି ଦିନ ତଳେ ଛାଟୋଇ ଡେଲାଙ୍ଗରୁ ବଦଳି ହୋଇ ପୁରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବରିଷ୍ଠ ରାଜସ୍ୱ ସହାୟକ ଭାବେ ଯୋଗଦେଇଥିଲେ। ସେ ଚନ୍ଦନପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଚାଷଜମିକୁ ଘରବାରି ଜମିରେ ପରିବର୍ତ୍ତନ କରିବା ପାଇଁ ୫୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ସମ୍ପୃକ୍ତ ବ୍ୟକ୍ତି ଭିଜିଲାନ୍ସକୁ ଜଣାଇଥିଲେ। ପୂର୍ବ ଯୋଜନା ଅନୁଯାୟୀ ଗୁରୁବାର ସମ୍ପୃକ୍ତ ବ୍ୟକ୍ତି ନିଜ କାର୍ଯ୍ୟ ନିମନ୍ତେ ୫୦ ହଜାର ଟଙ୍କା ଦେବାବେଳେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ଛାଟୋଇଙ୍କୁ ଗିରଫ କରିଥିଲା। ରାସାୟନିକ ପଦାର୍ଥରେ ଛାଟୋଇଙ୍କ ହାତ ଧୋଇବାରୁ ସେ ଉକ୍ତ ଲାଞ୍ଚ ଟଙ୍କା ନେଇଥିବା ଜଣାପଡ଼ିଥିଲା। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମାମଲା ରୁଜୁ କରାଯାଇଥିଲା। ଏହାପରେ ଛାଟୋଇଙ୍କ ଘର ସମେତ ଦୁଇଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିବା ଜଣାପଡ଼ିଛି।


ଜିତୁ ରଞ୍ଜନ ଛାଟୋଇ

# ଖଣ୍ଡେ ଶାଢ଼ି, ହଜାରେ ଟଙ୍କା ବଦଳରେ ଯାଆଁଳା ଶିଶୁ ବିକ୍ରି

ଦାରିଦ୍ର୍ୟର ବିକଳ ଚିତ୍ର

ମୋରଡ଼ା, ୨୨।୧୨ (ଡି.ଏନ୍.ଏ.)

ଦାରିଦ୍ର୍ୟର ତାଡ଼ନାରେ ଜଣେ ଆଦିବାସୀ ମହିଳା ହଜାରେ ଟଙ୍କା ଆଉ ଖଣ୍ଡେ ଶାଢ଼ି ବଦଳରେ ନବଜାତ ଯାଆଁଳା ଶିଶୁଙ୍କୁ ଦୁଇ ବ୍ୟକ୍ତିଙ୍କୁ ବିକିଦେବା ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଭାଲିଆଡିହା ପଞ୍ଚାୟତର ଡାକୋଇ ଅମଣନାମା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ମହିଳା ଜଣକ ଗତ ୮ ତାରିଖରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଯାଆଁଳା ସନ୍ତାନ (ଗୋଟିଏ ଝିଅ ଏବଂ ଗୋଟିଏ ପୁଅ ) ଜନ୍ମ ଦେଇଥିଲେ। ୯ ତାରିଖରେ ଡାକ୍ତରଖାନାରୁ ଡିସଚାର୍ଜ ହୋଇଥିଲେ। କିନ୍ତୁ ଘରକୁ ଫେରିବା ବେଳକୁ ତାଙ୍କ କୋଳରେ ପିଲା ନ ଥିଲେ। ଅସ୍ତିଆ ଏବଂ କାଠପାଳ ଅଞ୍ଚଳର ଦୁଇ ବ୍ୟକ୍ତିଙ୍କୁ ସେ ତାଙ୍କ ପିଲାଙ୍କୁ ବିକ୍ରି କରି ଦେଇଥିବା ଉକ୍ତ ଗ୍ରାମର ଅଙ୍ଗନୱାଡି କର୍ମୀ ଲକ୍ଷ୍ମୀ ମୁର୍ମୁ କହିଛନ୍ତି। ପିଲା ବିକ୍ରି ବାବଦରେ ସେ ହଜାରେ ଟଙ୍କା ଏବଂ ଖଣ୍ଡେ ଶାଢ଼ି ଆଣିଥିବା କଥା ଅଙ୍ଗନୱାଡି କର୍ମୀଙ୍କୁ ଜଣାଇଥିବା ସୂଚନା ମିଳିଛି। ତେବେ ବୁଧବାର ରାତିରେ ଏନେଇ ଗାଁରେ ଏକ ବୈଠକ ବସି ଦୁଇ ପିଲାଙ୍କୁ ଫେରାଇ ଆଣିବାକୁ ସମ୍ପୃକ୍ତ ମହିଳାଙ୍କୁ କୁହାଯାଇଥିଲା। ତେବେ ଦାରିଦ୍ର୍ୟ ଯୋଗୁ ଦୁଇ ପିଲାଙ୍କୁ ପାଳିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ମହିଳା ଜଣକ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମାନସିକ ବିକୃତି ଯୋଗୁ ମହିଳାଙ୍କ ସ୍ୱାମୀ କିଛି ଦିନ ହେବ ଘରୁ କେଉଁଆଡ଼େ ପଳାଇ ଯାଇଛନ୍ତି। ତାଙ୍କ ନିଖୋଜ ସମ୍ପର୍କରେ ପରିବାର ଲୋକେ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ପାରିନାହିଁ।

ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER
MAYURBHANJ LIFT IRRIGATION DIVISION, BARIPADA
Telephone No: 06792-252734, (E-mail:olicbpd@ymail.com)
Corrigendum Call Notice
No.5048 OLIC/2022-23 Dated 21.12.22
No.CAD-4221:Due to some unavoidable circumstances this Office E. Tender Call Notice No- 4691 Dt. 11.11.2022 published in the Odiya News Paper Dharitri & Odisha Bhaskar and English News Paper New Indian Express on Dt. 15.11.2022 is here by cancelled.
Sd./- (Er. Banshidhar Singh)
Executive Engineer, M.L.I. Division, Baripada
OIPR-32215/11/0006/2223

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4212 OSIC GST No. 21AAACO2101M1Z1
TENDER CALL NOTICE
Tender Notice No.5941/OSIC/MKT Dt.21.12.2022
The Odisha Small Industries Corporation Ltd., Cuttack invites sealed bids from experienced Distributors/ Dealers/Manufacturers for procurement and supply of Student Table & student Chair to different ICDS projects of Mayurbhanj District. The detailed schedules, terms and conditions of the tender document along with technical specification of items & quantity of requirement can be downloaded from OSIC www.osicltd.in Any corrigendum/changes/modifications will appear in OSIC Ltd. website: www.osicltd.in only and all the tenderers are to refer to above website.
By order of MD
Sd/-Manager(Mktg)
OIPR-14073/11/0129/2223

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4211 OSIC GST No. 21AAACO2101M1Z1
TENDER CALL NOTICE
Tender Notice No.5933/RE/OSIC Dt.21.12.2022
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 2 nos. of works i.e. (i)"Infrastructure and Up-gradation in different blocks of Veterinary Dispensary in the District of Rayagada & Infrastructure Up-gradation of District Veterinary Hospital (DVH) & modular Operation Theater at Rayagada" (ii) "Construction of Children's Park at Ravenshaw University, Cuttack". Tender details can be downloaded from the OSIC website www.osicltd.in Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.
Sd/-
GENERAL MANAGER(O)
OIPR-14073/11/0128/2223

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4225 OSIC GST No. 21AAACO2101M1Z1
TENDER CALL NOTICE
Tender Notice No.5943/OSIC/MKT Dt.21.12.2022
The Odisha Small Industries Corporation Ltd., Cuttack invites sealed bids from experienced Distributors /Dealers/ Manufacturers for procurement and supply of Mink Blankets to the SSD Hostels of Mayurbhanj District, Odisha. The detailed schedules, terms and conditions of the tender document along with quantity of requirement can be downloaded from OSIC www.osicltd.in Any corrigendum/changes/modifications will appear in OSIC Ltd. website: www.osicltd.in only and all the tenderers are to refer to above website.
By order of MD
Sd/-Manager(Mktg)
OIPR-14073/11/0131/2223

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
Tender Call Notice No.BBSR/ELECT/E-4382/22-23/2614, Dt.20.12.22
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
No.CAD-4214: Name of the Work: Providing LED Street lighting in the road and lawn inside newly constructed buildings of EMC Park, Infocity-II, Janla, Khordha.

| Procurement Officer | Bid Identification No. | Availability of Tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No.BBSR/ ELECT/ e-16/22-23 | 27.12.2022 at 17.00 Hrs. | 03.01.2023 at 12.00 Hrs. |

Further details can be seen from the e-Procurement portal: www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-Procurement portal as well as in IDCO website.
Sd./- Divisional Head (Elect.)
IDCO, Bhubaneswar
OIPR-14003/11/0235/2223

GOVERNMENT OF ODISHA No.C-2060
OFFICE OF THE SUPERINTENDING ENGINEER
P.H. DIVISION, SAMBALPUR
Phone No.(0663) 2412135, Email ID:eephdsbp@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SEPHSBP-17/2022-23 Dt. 21.12.2022
01. Name of the Work : 2 nos Work.
02. Type of Bid : Two Bid System
03. Estimated Cost : Rs. 52.17 lakh to Rs. 75.58 lakhs
04. Period of Completion : 4 (Four) to 6 (Six) Calendar Months
05. Date & Time of availability of bid document in the portal : From 11.00 AM of dt. 26.12.2022 to 5.00 PM of 09.01.2023
06. Last date / time of receipt of bids in the portal : 5.00PM of 09.01.2023.
07. Date & Time of opening of technical bids : At 11.30 AM of 10.01.2023.
08. Name and Address of the Officer Inviting Bid : Executive Engineer, P.H. Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001.
Further details can be seen from the web site http://tenders.ori.nic.in or www.tendersorissa.gov.in
Sd./- Executive Engineer,
P.H.Division, Sambalpur
OIPR-13026/11/0017/2223

E-mail ID:serwcbaripada@gmail.com,
Ph.No.06792-261343/261344,Gangraj, Baripada
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
"e" Procurement Notice for Road Works
Identification No.- Online Tender- Road N.C.B.No.255 for 2022-23
Letter No.4399/ Date:21.12.22
No.O-1506:Name of the work :- Improvement of ODR to Pahadpur Road in the District of Mayurbhanj under improvement of Existing RD Roads for the year 2022-23.2.Total No. of Work:01 No. (One). 3. Estimated Cost: Rs.389.18 Lakhs (Approximately). 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of opening of Tender in O/O. C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No.255 | Dt.29.12.2022 at 11.00 AM | Dt.13.01.2023 upto 5.00 P.M. | Dt.12.01.2023 upto 5.00 P.M. | Dt.16.01.2023 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in.
• Any Corrigendum/ Addendum will be displayed in the above e_tender website only.
OIPR-25181/11/0054/2223 Sd./- Chief Construction Engineer, R.W.Circle, Baripada

BHUBANESWAR DEVELOPMENT AUTHORITY
AKASH SHOVA BUILDING, SACHIVALAYA MARG, BHUBANESWAR - 751001
Visit us at: http://www.bdabbsr.in
INVITATIONS FOR BIDS (IFB)
Bid Identification No. 1554 Dated. 22.12.2022
No.CAD-4222:1.Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover system conforming to the Detailed Tender Call Notice (DTCN) from Electrical Contractors having valid H.T. license registered under Government of Odisha, having PAN and valid EPF & ESI registration No., GST Certificate for the item of works as indicated in the table below.

| Sl. No. | Name of Work | Estimated Cost (in Rs.) | EMD | Cost of Tender Paper | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Providing power supply to the new path-way at Madhusudan Park, Bhubaneswar. | 23,59,153.00 | Bid Security Declaration | 6000.00+ 18% GST | 30 (Thirty) Days |

2.The Bid documents will be available in the website: https://tendersodisha.gov.in from 27.12.2022 at 10.30 Hours. Any addendum / corrigendum / cancellation of tender can also be seen in the said website. 3.Bids shall be received only "On line" on or before 06.01.2023 up to 17.00 Hours. The bidder must possess compatible Digital Signature Certificate (DSC) of Class-II or Class-III. 4.Other details can be seen in the bidding documents.5.The authority reserves the right to cancel any or all bids without assigning any reason.6. Any addendum / corrigendum / cancellation shall only be uploaded in the website: https://tendersodisha.gov.in.
OIPR-13033/11/0421/2223 Sd./- Executive Engineer, Division-IV, BDA, BBSR

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଉପସାଧାରଣ ପରିଚାଳକ (ବିଦ୍ୟୁତ) ଙ୍କ କାର୍ଯ୍ୟାଳୟ
ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ, ଝାରସୁଗୁଡ଼ା
CIN-U40102OR2004SGC007553
Lifeline of Odisha
No. CAD-4224
ବିଜ୍ଞପ୍ତି
ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ, ୨୨୦ କେ.ଭି ବୁଢ଼ୀପଦର-ତରକେରା ଲାଇନର ଟାୱାର ନଂ-୨୮୩ ରୁ ୨୨୦/୧୩୨/୩୩ କେ.ଭି. ଗ୍ରୀଡ୍ ସବଷ୍ଟେସନ, କୁଆଁରମୁଣ୍ଡା ପର୍ଯ୍ୟନ୍ତ ଯାଇଥିବା ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ୨୨୦ କେ.ଭି. ଲିଲୋ ଲାଇନର ଟାୱାର ନଂ-୧ ଠାରୁ ଟାୱାର ନଂ-୬୬ ର ନିର୍ମାଣ କାର୍ଯ୍ୟ ସରିଯାଇଅଛି ! ଏହି ଲାଇନ୍ ମାଣ୍ଡିଆ କୁଦର, ଭାଲୁ ପତରା , ଚିକଟମାଟି, ସର୍ଲା, ମଲିକପାଲି, ଚାନ୍ଦିପୋଷ, ସରଣ୍ଡା ପୋଷ, ପଦ୍ମପୁର, ସରଣ୍ଡା ମାଲ ଏବଂ କୁଆଁରମୁଣ୍ଡା ଗ୍ରାମଦେଇ ଯାଇଅଛି ! ଉକ୍ତ ଲାଇନ୍‌ରେ ଆସନ୍ତା ତା.୨୫.୧୨.୨୦୨୨ ରିଖ ଠାରୁ ଯେକୌଣସି ଦିନ ବିଦ୍ୟୁତ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ।
ଏଣୁ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ଧାରା ୧୯୫୬ ଅର୍ନ୍ତଗତ ଧାରା ୭୯,୮୦, ୮୨(କ) ଅନୁଯାଇ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଂଟ ଉଠାଇବା, ଟାୱାରରେ ଚଢିବା କିମ୍ବା ଗୋରୁଗାଈ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି । ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ।
ସ୍ୱା/-ଉପସାଧାରଣ ପରିଚାଳକ(ବିଦ୍ୟୁତ)
OIPR-04011/11/0142/2223 FIPR-58/2022-23 ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ଝାରସୁଗୁଡ଼ା

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR
Tender Call Notice No.BBSR/ELECT-II/E-56/22-23/3529, Dt.19.12.22
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
No.CAD-4213: Name of the Work:Supply, Installation, Testing & Commissioning of 01 No.750 KVA,11/0.433 KV, outdoor Transformer as stand by for Power Supply to Krushi Bhawan, Bhubaneswar.

| Procurement Officer | Bid Identification No. | Availability of Tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.-II), IDCO, IDCO Tower, Janpath, Bhubaneswar | Bid ID No.BBSR/ ELECT-II/ e-02/22-23 | 28.12.2022 at 17.00 Hrs. | 06.01.2023 at 17.00 Hrs. |

Further details can be seen from the e-Procurement portal: www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-Procurement portal as well as in IDCO website.
Sd./- Divisional Head (Elect-II)
IDCO, Bhubaneswar
OIPR-14003/11/0234/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଭୂମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସଂରକ୍ଷଣ ଦାବିରେ କର୍ନାଟକରେ ବିଶାଳ ଲିଙ୍ଗାୟତ ରାଲି

**ବେଲଗାଭି,୨୨।୧୨**

ଶିକ୍ଷା ଏବଂ ସରକାରୀ ନିଯୁକ୍ତିରେ ସ୍ଥାନ ସଂରକ୍ଷଣ ଦାବି କରି କର୍ନାଟକର ପଞ୍ଚମଶାଲି ଲିଙ୍ଗାୟତ ସମ୍ପ୍ରଦାୟର ଲକ୍ଷାଧିକ ଲୋକ ଗୁରୁବାର ବିକ୍ଷୋଭ ରାଲି କରିଥିଲେ। ରାଜ୍ୟ ଜନସଂଖ୍ୟାର ପାଖାପାଖି ୧୮ ପ୍ରତିଶତ ହେଉଛନ୍ତି ଲିଙ୍ଗାୟତ। ପଞ୍ଚମଶାଲି ଲିଙ୍ଗାୟତ ଏହାର ଏକ ଉପଜାତି। ଭାଜପା ବିଧାୟକ ବସନାଗୌଡ଼ ପାଟିଲଙ୍କ ନେତୃତ୍ୱରେ ସେମାନଙ୍କର ବିଶାଳ ରାଲି ବେଲଗାଭିର ସୁବର୍ଣ୍ଣ ସୌଧରୁ ଆରମ୍ଭ ହୋଇଥିଲା। ଲିଙ୍ଗାୟତ ସମ୍ପ୍ରଦାୟର ୬୦ ପ୍ରତିଶତ ପଞ୍ଚମଶାଲି ଲିଙ୍ଗାୟତ ହୋଇଥିଲେ ମଧ୍ୟ ସେମାନଙ୍କୁ ଉପଯୁକ୍ତ ରାଜନୈତିକ ପ୍ରତିନିଧିତ୍ୱ ମିଳିନାହିଁ। କିତ୍ତୁର କର୍ନାଟକ ଅଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ ଆସନକୁ ପ୍ରଭାବିତ କରିବା କ୍ଷମତା ସେମାନଙ୍କର ରହିଛି ବୋଲି ଦାବି ବିକ୍ଷୋଭକାରୀମାନେ ଦାବି କରିଥିଲେ। ଓବିସିର ୩ବି ବର୍ଗରେ ସେମାନଙ୍କୁ ମାତ୍ର ୫ ପ୍ରତିଶତ ସଂରକ୍ଷଣ ମିଳିଛି। ଏହାକୁ ୨ଏ ବର୍ଗକୁ ଆଣି ୧୫ ପ୍ରତିଶତ ସଂରକ୍ଷଣ ଯୋଗାଇଦେବାକୁ ସେମାନେ ଦାବି କରିଥିଲେ।

ଆସନ୍ତା ବର୍ଷ କର୍ନାଟକ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ସଂରକ୍ଷଣ ଦାବି ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ଚିନ୍ତା ବଢ଼ାଇ ଦେଇଛି। ଓବିସିର ବିଭିନ୍ନ ସମ୍ପ୍ରଦାୟ ସଂରକ୍ଷଣ କୋଟା ବଢ଼ାଇବାକୁ ଦାବି କରୁଛନ୍ତି। ସଂରକ୍ଷଣ ବଢ଼ାଇବା ପାଇଁ ଗତ ମଙ୍ଗଳବାର ସରକାର ବିଧାନସଭାରେ ଏକ ବିଲ୍ ଆଗତ କରିଥିଲେ। ଏଥିରେ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷଣ ୧୫ରୁ ୧୭ ପ୍ରତିଶତକୁ ବଢ଼ାଇବା ସହ ଅନୁସୂଚିତ ଜନଜାତିଙ୍କ ଲାଗି ୩ରୁ ୭ ପ୍ରତିଶତ ବଢ଼ାଇବା ପ୍ରସ୍ତାବ ରହିଛି। ଏହା ସୁପ୍ରିମକୋର୍ଟଙ୍କ ସର୍ବାଧିକ ୫୦ ପ୍ରତିଶତ ସଂରକ୍ଷଣ ସୀମା ନିୟମର ଉଲ୍ଲଂଘନ କରୁଛି। କର୍ନାଟକ ସ୍ଥାୟୀ ପଛୁଆ ବର୍ଗ କମିଶନ ଗୁରୁବାର ସରକାରଙ୍କ ନିକଟରେ ବହୁପ୍ରତୀକ୍ଷିତ ଅନ୍ତରୀଣ ରିପୋର୍ଟ ଦାଖଲ କରିଛି।






# ଆଦିତ୍ୟ ଠାକ୍‌ରେଙ୍କ ନାର୍କୋ ଟେଷ୍ଟ କରାଯାଉ: ଭାଜପା ବିଧାୟକ

**ମୁମ୍ବାଇ,୨୨।୧୨**

ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଶିବସେନା(ଉଦ୍ଧବ ବାଲାସାହେବ ଠାକରେ) ନେତା ଆଦିତ୍ୟ ଠାକ୍‌ରେଙ୍କ ନାର୍କୋ ଟେଷ୍ଟ କରାଇବା ଲାଗି ଦାବି କରିଛନ୍ତି ରାଜ୍ୟ ଭାଜପା ବିଧାୟକ ନୀତେଶ ରାଣେ। ବଲିଉଡ୍‌ର ବହୁଚର୍ଚ୍ଚିତ ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ମୃତ୍ୟୁ ଏବଂ ତାଙ୍କ ମ୍ୟାନେଜର ଦିଶା ସାଲିଆନଙ୍କ ଆତ୍ମହତ୍ୟା ଘଟଣାରେ ଆଦିତ୍ୟଙ୍କ ସମ୍ପୃକ୍ତି ଥିବା ନେଇ ଶିନ୍ଦେ ଗୋଷ୍ଠୀର ଲୋକ ସଭା ଏମ୍‌ପି ରାହୁଲ ଶେୱାଲେ ଅଭିଯୋଗ ଆଣିବା ପରିପ୍ରେକ୍ଷୀରେ ରାଣେ ଏଭଳି ଦାବି ଉଠାଇଛନ୍ତି। ରାଜ୍ୟ ବିଧାନ ଭବନ ପରିସରରେ ଗୁରୁବାର ଗଣମାଧ୍ୟମ ଆଗରେ ରାଣେ କହିଛନ୍ତି ଏହି ଘଟଣାରେ ଆଦିତ୍ୟଙ୍କ ନାମକୁ କାହିଁକି ବାଦ ଦିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଦୀର୍ଘଦିନ ଠାକ୍‌ରେ ପରିବାରର ନିକଟତର ଥିବା ଏମ୍‌ପି ଶେୱାଲେ ଏଭଳି ଅଭିଯୋଗ ଆଣିଥିବାରୁ ଏହି ଘଟଣାର ଯଥେଷ୍ଟ ଗୁରୁତ୍ୱ ରହିଛି। ଆଦିତ୍ୟଙ୍କ ନାର୍କୋ ଟେଷ୍ଟ କରାଗଲେ ସୁଶାନ୍ତଙ୍କ ମୃତ୍ୟୁ ଓ ଦିଶାଙ୍କ ଆତ୍ମହତ୍ୟା ଘଟଣାର ସତ ପଦାକୁ ଆସିବ ବୋଲି ସେ କହିଛନ୍ତି। ତେବେ ଦିଶାଙ୍କ ଆତ୍ମହତ୍ୟା ଘଟଣାରେ ଆଦିତ୍ୟଙ୍କ ସମ୍ପୃକ୍ତି ଅଭିଯୋଗ ଆଣି ଭାଜପା ଓ ଶିନ୍ଦେ ଗୋଷ୍ଠୀର ଶିବସେନା ବିଧାୟକ ବିଧାନଭବନରେ ଗୁରୁବାର ତଦନ୍ତ ଦାବି କରିଥିଲେ। ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏହି ଘଟଣାର ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଏହି ଘଟଣାରେ ପୂର୍ବତନ ମନ୍ତ୍ରୀ ଆଦିତ୍ୟ କହିଛନ୍ତି ଦୁର୍ନୀତିଗ୍ରସ୍ତ ମୁଖ୍ୟମନ୍ତ୍ରୀଙ୍କୁ ବଞ୍ଚାଇବା ଲାଗି ମୋ ନାଁରେ ଏଭଳି ଅଭିଯୋଗ ଅଣାଯାଇଛି।


ଆଦିତ୍ୟ ଠାକ୍‌ରେ

### ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ମୃତ୍ୟୁ ଓ ମ୍ୟାନେଜର ଦିଶା ସାଲିଆନ୍‌ଙ୍କ ଆତ୍ମହତ୍ୟା ଘଟଣା

# ଓଡ଼ିଶାକୁ ରାଜପଥ ଚିନ୍ତା

## କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିଲା ବିଜେଡି ସଂସଦୀୟ ଟିମ୍

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ରାଜ୍ୟରେ ଅନେକ ଜାତୀୟ ରାଜପଥ ପ୍ରକଳ୍ପ ଦୀର୍ଘଦିନ ଧରି ପଡ଼ିରହିଛି। ସେଗୁଡ଼ିକର କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲୁଛି। ଏହାକୁ ନେଇ ଚିନ୍ତାପ୍ରକଟ କରିବା ସହ ରାଜପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ଓଡ଼ିଶା ଦେଇ ଯାଇଥିବା ରାଜପଥ ରକ୍ଷଣାବେକ୍ଷଣ ଏବଂ ନୂଆ ରାଜପଥ ଘୋଷଣା କରିବାକୁ ଓଡ଼ିଶା ସରକାର କେନ୍ଦ୍ର ନିକଟରେ ଦାବି କରିଛନ୍ତି। ଏ ନେଇ ବିଜେଡି ସଂସଦୀୟ ଟିମ୍ ଗୁରୁବାର କେନ୍ଦ୍ର ସଡ଼କ ପରିବହନ, ଜାତୀୟ ରାଜପଥ ରାଷ୍ଟ୍ରମନ୍ତ୍ରୀ ଜେନେରାଲ(ଅବସରପ୍ରାପ୍ତ) ଭି.କେ. ସିଂଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଓଡ଼ିଶା ଦେଶର କୃଷି, ଶିଳ୍ପ ଓ ଭିତ୍ତିଭୂମି ହବ୍ ରୂପେ ଦ୍ରୁତ ଭାବେ ରୂପାନ୍ତରିତ ହେଉଛି। ରାଜ୍ୟରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ(ଏଫ୍‌ଡିଆଇ) ବଢ଼ିବା ସହିତ ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ, କୃଷିଭିତ୍ତିକ ବ୍ୟବସାୟ ଓ କୃଷି ଉତ୍ପାଦନ ପାଇଁ ଓଡ଼ିଶା ଭିତ୍ତିଭୂମି ଅଭିବୃଦ୍ଧି ଆବଶ୍ୟକ କରୁଛି। ରାଜ୍ୟର ବିକାଶରେ ଜାତୀୟ ରାଜପଥ ମୁଖ୍ୟ ଭୂମିକା ଗ୍ରହଣ କରିଛି। ରାଜ୍ୟରେ ଅନେକ ଜାତୀୟ ରାଜପଥ ପ୍ରକଳ୍ପ ପଡ଼ିରହିଛି କିମ୍ବା କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲୁଛି। କଟକ-ସମ୍ବଲପୁର ଜାତୀୟ ରାଜପଥ କାର୍ଯ୍ୟ ଅତିମାତ୍ରାରେ ବିଳମ୍ବ ହୋଇଛି। ଏହି ରାଜପଥ ପଶ୍ଚିମ ଓଡ଼ିଶା ଏବଂ ଉପକୂଳ ଓଡ଼ିଶାର ଜୀବନରେଖା। ଏହି ରାଜପଥ କାର୍ଯ୍ୟ ଶେଷ ହେଉ ନ ଥିବାରୁ ମହିଳା, ଶିଶୁ, ବୃଦ୍ଧ, ସାଧାରଣ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ରାଜପଥ ନିର୍ମାଣ ଶେଷ କରିବାକୁ ବିଜେଡି ଟିମ୍ ଦାବି କରିଛି। ସେହିପରି ରାଜମୁଣ୍ଡା-ବାରକୋଟ ରାଜପଥ ରାଉରକେଲା ଇସ୍ପାତ ସହରର ଜୀବନରେଖା। ଆସନ୍ତା ଜାନୁୟାରୀରେ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହା ପୂର୍ବରୁ ରାଜପଥ ନିର୍ମାଣ କାର୍ଯ୍ୟ ଶେଷ ହେବା ଅତ୍ୟନ୍ତ ଜରୁରୀ । ସେହିପରି ଓଡ଼ିଶା ଦେଇ ଯାଇଥିବା ରାଜପଥଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି କରାଯାଉ ନ ଥିବାରୁ ଅନେକ ସ୍ଥାନରେ ରାସ୍ତା ଅତ୍ୟନ୍ତ ଖରାପ ଅବସ୍ଥାରେ ରହିଛି। ସେଗୁଡ଼ିକର ତୁରନ୍ତ ମରାମତି ଆବଶ୍ୟକ ହୋଇପଡ଼ିଛି। ସେହିପରି ବହୁ ବର୍ଷ ବିତିଯିବା ପରେ ମଧ୍ୟ ଉପକୂଳ ରାଜପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏସବୁ ରାଜପଥକୁ ତ୍ୱରାନ୍ୱିତ କରିବା ସହ ଘୋଷଣା କରାଯାଇଥିବା ପଲାସା-ପାରଳାଖେମୁଣ୍ଡି, ରାମନାଗୁଡ଼ା-ବିଷମକଟକ, ମୁନିଗୁଡା-ଭବାନୀପାଟଣା, ଖରିଆର-ବଙ୍ଗମୁଣ୍ଡା, ପାଟଣାଗଡ଼-ପଦ୍ମପୁର ରାଜପଥ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଦାବି କରାଯାଇଛି। ସେହିପରି ନୂଆକରି ଘୋଷଣା କରାଯାଇଥିବା ରାଜପଥଗୁଡ଼ିକ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଜେଡି ସଂସଦୀୟ ଟିମ୍ କେନ୍ଦ୍ରମନ୍ତ୍ରୀ ଭି.କେ. ସିଂଙ୍କୁ ଅନୁରୋଧ କରିଛନ୍ତି।


ଜାତୀୟ ରାଜପଥ ରାଷ୍ଟ୍ରମନ୍ତ୍ରୀ ଭି.କେ. ସିଂହଙ୍କୁ ଗୁରୁବାର ବିଜେଡି ସଂସଦୀୟ ଟିମ ଦାବି ପତ୍ର ପ୍ରଦାନ କରୁଛନ୍ତି।

# ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

## ଗୋବିନ୍ଦ ସାହୁ ଆତ୍ମହତ୍ୟା ଘଟଣାର ତଦନ୍ତ ଏସ୍‌ଆଇଟି ଦ୍ୱାରା ହେଉ

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ମମିତା ମେହେର ମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଜେଲ ଭିତରେ ରହସ୍ୟଜନକ ମୃତ୍ୟୁ ଘଟଣା ସମ୍ପ୍ରତି ଚର୍ଚ୍ଚାର ବିଷୟ ପାଲଟିଛି। ମମିତା ମୃତ୍ୟୁ ଘଟଣାରେ ଗୋବିନ୍ଦ ସାହୁଙ୍କ ସମ୍ପୃକ୍ତିକୁ ନେଇ ପୋଲିସ ତାଙ୍କୁ ଗିରଫକରି ବିଚାରବିଭାଗୀୟ ହାଜତକୁ ପଠାଇଦେଇଥିଲା। କୋର୍ଟରେ ସାକ୍ଷ୍ୟ ପ୍ରଦାନ କରିବାର ଗୋଟିଏ ଦିନ ପୂର୍ବରୁ ଗୋବିନ୍ଦଙ୍କ ଆତ୍ମହତ୍ୟା ଘଟଣାକୁ ଆହୁରି ସନ୍ଦେହ ଭିତରକୁ ଟାଣିନେଇଛି। ତାଙ୍କ ମୃତ୍ୟୁ ଆତ୍ମହତ୍ୟାଜନିତ କିମ୍ବା ତାଙ୍କୁ ହତ୍ୟା କରାଯାଇଛି ସେନେଇ ସତ୍ୟାସତ୍ୟ ପ୍ରକାଶ ପାଇଁ ଗୁରୁବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଏକ ପ୍ରତିନିଧିଦଳ ରାଜ୍ୟପାଳଙ୍କୁ ଭେଟିଛନ୍ତି। ରାଜ୍ୟପାଳଙ୍କୁ ଏନେଇ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯାଇଛି। ରାଜ୍ୟପାଳ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ଉଚ୍ଚନ୍ୟାୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଆଇଟି ଦ୍ୱାରା ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି। ଏଥିସହ ମମିତା ମେହେର ହତ୍ୟା ଘଟଣାର ପୁନଃ ତଦନ୍ତ କରିବାକୁ ରାଜ୍ୟପାଳ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି କଂଗ୍ରେସ ପ୍ରତିନିଧି ଦଳ ପକ୍ଷରୁ ଅନୁରୋଧ କରାଯାଇଛି। ଏହାସହ କଂଗ୍ରେସ ପ୍ରତିନିଧି ଦଳ ଗୋବିନ୍ଦ ସାହୁ ହତ୍ୟା ଘଟଣାରେ ତାଙ୍କ ସ୍ତ୍ରୀ ଦେଇଥିବା ଏତଲାକୁ ଭିତ୍ତିକରି ମାମଲା ରୁଜୁ କରିବା ସହ ନିରପେକ୍ଷ ଭାବେ ଏସ୍‌ଆଇଟି ତଦନ୍ତ ଦାବି ଦୋହରାଇଛନ୍ତି।


କଂଗ୍ରେସ ପ୍ରତିନିଧି ଦଳ ଗୁରୁବାର ରାଜ୍ୟପାଳଙ୍କୁ ଭେଟି ଫେରୁଛନ୍ତି।


# Classified Everyday 0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot ମିଳୁଛି। 9439832956, 9438056978. D-74164

ଜମିବିକ୍ରି: କୋରାପୁଟ ଜିଲ୍ଲା ଦଶମନ୍ତପୁର ତହସିଲ ଅନ୍ତର୍ଗତ ଚାଉଳକନ୍ତି ମୌଜାରେ ୮.୬୧ ଏକର (ପୂରାପ୍ଲଟ) ଚାଷଜମି ବିକ୍ରିହେବ। ସ୍ଥିରମୂଲ୍ୟ ୨୬ଲକ୍ଷ ଟଙ୍କା। ଯୋଗାଯୋଗ- ୬୩୭୦୯୬୪୧୮୦. ଧ-୨୩୧୭

ମାତ୍ର ଟ. 11,40,000/-ରେ ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। 9348152874. D-74169

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74170

ରବିଟକିଜ ଛକରୁ ମାତ୍ର 6 କିଲୋମିଟର ଦୂର ବାଙ୍କୁଆଳରେ 1500sqft. land ଉପରେ 2100sqft. Duplex ମାତ୍ର 79 ଲକ୍ଷ। Installment ଓ Bank Loan ସୁବିଧା ଅଛି। 9438220432, 8144658008. D-2316

NH side plot (Gharabari, boundary wall). Nakhara to Niali road, Cuttack. 8249851363. D-74607

ଭୁବନେଶ୍ୱର ରବି-ଟକିଜ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-2309

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

New Cancer Hospital ନାଇଜର ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73669

Yellowzone gharabari plot for sale, 2000sqft. (13Nos) at Mouza-Sankarpur, Ghatikia, Khandagiri in front of Tata Ariana, Vipul Garden backside, Bhubaneswar. Govt. road connected Internal Road-30ft. & road side Plantation. Immediately possession then registration. Water & Electricity available. NH-5 to 1KM. sqft.-2000/-. Ph- 8114744495, 8328943165. D-2273

**AFFIDAVIT**

I, Chhabilata Mallik, W/o- Pramod Kumar Jena, residing at type-3/12, Old A.G. Colony, Unit-4, Bhubaneswar have changed my name from Chhabilata Malik to Chhabilata Mallik for all intents and purposes. D-2314

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ସପ୍ତମ ଜନ୍ମଦିନ ଶୁଭେଚ୍ଛା**


ପ୍ରଜ୍ଞା ପ୍ରିୟଦର୍ଶିନୀ ମହାପାତ୍ର (ଭୂମି)
କେନ୍ଦୁବିଲ୍ୱ (ଖୋର୍ଦ୍ଧା)
ଆଜି ତୋର ସପ୍ତମ ଜନ୍ମବାର୍ଷିକ ଅବସରରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋତେ ଦୀର୍ଘାୟୁ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ। ବର୍ଷର ପ୍ରତିଟି ମୁହୂର୍ତ୍ତ ତୋର ମଙ୍ଗଳମୟ ହେଉ।
ଶୁଭେଚ୍ଛା ସହ: ବାବା, ମାମା, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୨୬୯




Newly open full body massage ladies and gents. 8327740003, 8093860513. D-74616

Asribadda Panchakarma herbal SPA Kesarimall, Bhubaneswar. Contact: 8926173473. D-74612

Relax, Refresh your Body, Mind at Saikrupa Spa with best therapies. 8984068077. D-2230

# CLASSIFIED DISPLAY

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ। 2% ସୁଧ, 40% ରିହାତି। ମହିଳାଙ୍କ ପାଇଁ ବିଶେଷ ରିହାତି। ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ମୋବାଇଲ ଟାୱାର**
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ 4G/5G ମୋବାଇଲ ଟାୱାର ଲଗାନ୍ତୁ।
* ଅଗ୍ରିମ 70 ଲକ୍ଷ
* ଭଡ଼ା- 50,000/-
* 01 ଚାକିରି
24 ଘଣ୍ଟାରେ ସର୍ଭେ କରାନ୍ତୁ।
ରେଜିଷ୍ଟ୍ରେଶନ୍ ଫିସ୍- 2850/-
ଏଜେଣ୍ଟ ଆମନ୍ତ୍ରିତ
Helpline:- 08901421291

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳୀ

✓ ଉର୍ମିଳା ତ୍ରିପାଠୀ
ଡି.ଏଲ୍-୨୧, ଭି.ଏସ୍.ଏସ୍. ନଗର ଭୁବନେଶ୍ୱର
ଆବିର୍ଭାବ : ୨୪.୦୫.୧୯୪୪
ତିରୋଧାନ: ୦୨.୦୧.୨୦୨୨
ତୁମ ସ୍ମୃତି ଆମ ହୃଦୟରେ ସର୍ବଦା ଅମଳିନ ରହିବ।
ଶୋକ ସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୨୩୧୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

✓ଗୋବିନ୍ଦ ଚନ୍ଦ୍ର ଶତପଥୀ
ସ୍ଥାନ: ଗଙ୍ଗା ଯମୁନା ରୋଡ୍, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୦୫।୦୫।୧୯୪୭
ତିରୋଧାନ: ୧୪।୧୨।୨୦୨୨
ଆକସ୍ମିକ ଭାବେ ତୁମର ଚାଲିଯିବା ଆଜିକୁ ଦଶ ଦିନ ହୋଇଗଲା । ତୁମର ଶୂନ୍ୟସ୍ଥାନ ଅପୂରଣୀୟ ରହିବ । ଯେଉଁ ସ୍ନେହ, ମମତା, ତ୍ୟାଗ, ସ୍ୱାଭିମାନ, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ତୁମ ପାଖରେ ଥିଲା ତାହା ଆମକୁ ଦିଗ୍‌ଦର୍ଶନ ଦେବ । ତୁମ ଅମର ଆତ୍ମାର ସଦ୍‌ଗତି କାମନା କରି ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ, ତୁମର ଆତ୍ମା ଦିବ୍ୟତ୍ୱ ଲାଭ କରୁ ।
ଶୋକସନ୍ତପ୍ତ: ତୁମ ପରିବାରବର୍ଗ, ବିଦ୍ୟୁତ୍ ପ୍ରଭା (ପତ୍ନୀ), ସଞ୍ଜୟ, ସୁମନ, ମିତା, ସିତୁ, ସିଦ୍ଧାନ୍ତ, ଆଦି, ଆୟାନ
ଧ-୨୩୧୯


# ବିଜେଡି ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)**

ଆସନ୍ତା ୨୬ ତାରିଖରେ ପୁରୀଠାରେ ହେବାକୁ ଥିବା ବିଜେଡିର ପ୍ରତିଷ୍ଠା ଦିବସକୁ ସୁରୁଖୁରୁରେ ପାଳନ କରିବା ପାଇଁ ବିଜୁ ଛାତ୍ର, ଯୁବ ଓ ମହିଳା ଜନତା ଦଳ ପକ୍ଷରୁ ଗୁରୁବାର ଭର୍ଚୁଆଲ ପ୍ରସ୍ତୁତି ବୈଠକ ହୋଇଛି। ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ଯୁବ, ଛାତ୍ର ଓ ମହିଳା ଜନତା ଦଳର କର୍ମକର୍ତ୍ତାଙ୍କୁ ଉପସ୍ଥିତ ରହିବା ସହ ଗତ ୨୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର ପ୍ରତ୍ୟେକ ଜନସାଧାରଣଙ୍କୁ କିପରି ସେବା ଯୋଗାଇ ଆସିଛନ୍ତି ଏବଂ ଓଡ଼ିଶା ବିକାଶର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ତାହା ଉପରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ଏଥିସହିତ ପ୍ରତିଷ୍ଠା ଦିବସର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହିତ ସମସ୍ତ ଯୁବ, ଛାତ୍ର ଓ ମହିଳା ଜନତା ଦଳର କର୍ମକର୍ତ୍ତାଙ୍କୁ ଉପସ୍ଥିତ ରହିବା ନିମନ୍ତେ ଅନୁରୋଧ କରାଯାଇଥିଲା। ଏହି ବୈଠକକୁ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ଓ ଛାତ୍ର ବ୍ୟାପାର) ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାପତି ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ପରିଚାଳନା କରିଥିଲେ। ଏହି ବୈଠକରେ ବିଜୁ ଛାତ୍ର, ଯୁବ ଓ ମହିଳା ଜନତା ଦଳର ସମସ୍ତ ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା ସଭାପତି, ବ୍ଲକ ଏବଂ ମ୍ୟୁନିସିପାଲିଟି ସଭାପତି ଏବଂ ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଯୋଡ଼ିହେଲା ଯୁବତୀଙ୍କ କଟାହାତ

## ଭୁବନେଶ୍ୱର ଏମ୍‌ସକୁ ଆଉ ଏକ ସଫଳତା

ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)

ପ୍ଲାଷ୍ଟିକ ସର୍ଜରି କ୍ଷେତ୍ରରେ ଭୁବନେଶ୍ୱର ଏମ୍‌ସକୁ ମିଳିଛି ଆଉ ଏକ ସଫଳତା। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ୧୦ ଘଣ୍ଟାର ଅପରେଶନ ପରେ ଜଣେ ଯୁବତୀଙ୍କ ସମ୍ପୂର୍ଣ୍ଣ କଟା ହାତକୁ ଯୋଡିବାରେ ସକ୍ଷମ ହୋଇଛନ୍ତି। ଡିସେମ୍ବର ୯ ତାରିଖ ଅପରାହ୍ନ ପ୍ରାୟ ୪ଟା ବେଳେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସାମନ୍ତରାପୁର ଗାଁରେ ମେଶିନରେ ଧାନକଟା ଯାଉଥିଲା। ଧାନ କଟା ମେଶିନ ପାଖରେ ୨୫ ବର୍ଷୀୟା ବର୍ଷା ସାହୁ ଛିଡ଼ା ହୋଇଥିଲେ। ହଠାତ୍ ବର୍ଷାଙ୍କ ଓଢ଼ଣି ମେଶିନରେ ଗୁଡ଼େଇ ହୋଇ ଯାଇଥିଲା। କିଛିଭାବିବା ଆଗରୁ ତାଙ୍କ ବାମ ହାତ ମେଶିନ୍ ଭିତରକୁ ଟାଣି ହୋଇ ଯାଇଥିଲା। ମେଶିନ୍‌ରେ ହାତ କଟିଯାଇ ୫୦ ମିଟର ଦୂରରେ ଛିଟିକି ପଡ଼ିଥିଲା। ପରିବାର ଲୋକେ କଟାହାତ ସହ ବର୍ଷାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ସରକାରୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ସେଠାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ପଠା ଯାଇଥିଲା। ଶରୀରରୁ ହାତ ଅଲଗା ହୋଇଯାଇଥିବାରୁ ଏମ୍ସ ଡାକ୍ତର ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିଲେ। ସଙ୍ଗେ ସଙ୍ଗେ ଅପରେଶନ ପାଇଁ ଟିମ୍ ଗଠନ କରାଯାଇ ରାତି ପ୍ରାୟ ୧୧.୩୦ରେ ଅପରେଶନ ଆରମ୍ଭ ହୋଇଥିଲା। ପୂରା ରାତି ଅପରେଶନ ଚାଲି ସକାଳ ୮ଟାରେ ଅପରେଶନ ସଫଳ ହୋଇଥିଲା। ଏବେ ସେ ସୁସ୍ଥ ଅଛନ୍ତି।

ଏ ସମ୍ପର୍କରେ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ଡା. ସଞ୍ଜୟ କୁମାର ଗିରି କହିଛନ୍ତି, ଅପରେଶନ ବହୁତ ଆହ୍ୱାନପୂର୍ଣ୍ଣ ଥିଲା। ସ୍ଥାନୀୟ ଡାକ୍ତରଖାନାର ଡାକ୍ତର କଟାହାତକୁ ପ୍ରିଜର୍ଭ କରି ପଠାଇଥିବାରୁ ଅପରେଶନ ସହଜ ହୋଇଥିଲା। ବର୍ଷାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ୩ରୁ ୪ ମାସ ସମୟ ଲାଗିବ ବୋଲି ଡାକ୍ତର କହିଛନ୍ତି। ସେହିପରି ବର୍ଷା କହିଛନ୍ତି, ହାତ ପୁଣି ଥରେ ଯୋଡ଼ି ହୋଇ ପାରିବ ବୋଲି ଭାବି ନ ଥିଲି। ବଞ୍ଚିବା ଲାଗି ମୋହ ଛାଡ଼ି ଦେଇଥିଲି। କିନ୍ତୁ ଦ୍ୱିତୀୟ ଭଗବାନ ଭାବେ ଡାକ୍ତରମାନେ ମୋତେ ନୂଆ ଜୀବନ ଦେଇଛନ୍ତି। ଡା. ସଞ୍ଜୟ ଗିରିଙ୍କ ନେତୃତ୍ୱରେ ଅପରେଶନ ହୋଇଥିବାବେଳେ ଟିମ୍‌ରେ ପ୍ଲାଷ୍ଟିକ ସର୍ଜରି ବିଭାଗର ଡା. ଶାନ୍ତନୁ ସୁବା, ଡା. ପ୍ରିୟଙ୍କା ପନ୍ତ, ଡା. ଆକାଂକ୍ଷା ରାଜପୁତ, ଡା. ବିଷ୍ଣୁ, ଆନାସ୍ଥେସିଆ ବିଭାଗ ଡା. ଜୟନ୍ତ ମିତ୍ର, ଡା. ହୃଷୀକେଶ, ଡା. ଶୈଳଜା, ଅର୍ଥପେଡିକ ବିଭାଗର ଡା. ନିଖିଳ ଓ ଡା. ମନୋଜ ପ୍ରମୁଖ ସାମିଲ ହୋଇଥିଲେ।



ଆହତ ବର୍ଷାଙ୍କ ସହ ଅସ୍ତ୍ରୋପଚାର କରିଥିବା ଏମ୍‌ସର ଡାକ୍ତରୀ ଟିମ୍।

କଣ୍ଟାବାଞ୍ଜି ସବ୍‌ଜେଲରେ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଘଟଣା

# ଜେଲରେ କ୍ରାଇମବ୍ରାଞ୍ଚ ଆଇଜିଙ୍କ ଛାନ୍‌ଭିନ୍

**ବଲାଙ୍ଗୀର ଅଫିସ, ୨୨।୧୨:** କଣ୍ଟାବାଞ୍ଜି ସବ୍‌ଜେଲରେ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚ ନେଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱାଧୀନ ୧୧ଜଣିଆ ତଦନ୍ତକାରୀ ଦଳ ବୁଧବାର କଣ୍ଟାବାଞ୍ଜିରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହି ତଦନ୍ତକାରୀ ଟିମ୍‌ରେ ଫରେନସିକ୍ ଏବଂ ସାଇବର ଏକ୍ସପର୍ଟ ରହିଥିବା ସୂଚନା ଦିଆଯାଇଥିଲା। ଗୁରୁବାର କ୍ରାଇମବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଅପରାହ୍ନ ପ୍ରାୟ ୧ଟାରେ କଣ୍ଟାବାଞ୍ଜି ସବ୍‌ଜେଲରେ ପହଞ୍ଚିଥିଲେ। ଜେଲ ଭିତରକୁ ପ୍ରବେଶର ପ୍ରାୟ ୪ ଘଣ୍ଟା ପରେ ସେ ବାହାରକୁ ବାହାରିଥିଲେ। ଗଣମାଧ୍ୟମକୁ ଅଧିକ ସୂଚନା ଦେଇ ନ ଥିଲେ ମଧ୍ୟ ଏକ ବୃହତ୍ ଟିମ୍ ଘଟଣାର ତଦନ୍ତ କରୁଛନ୍ତି। ଉକ୍ତ ଟିମ୍‌ରେ ଏକ୍ସପର୍ଟମାନେ ରହିଛନ୍ତି ଏବଂ ଘଟଣାର ସବୁଦିଗକୁ ନେଇ ତଦନ୍ତ କରାଯାଉଛି ବୋଲି ସେ କହିଥିଲେ। ତେବେ ନିର୍ଦ୍ଦିଷ୍ଟ ଭାବେ କ'ଣ ତଦନ୍ତ କରାଯାଉଛି ଏବଂ ଏ ଯାଏ ହୋଇଥିବା ତଦନ୍ତରୁ କ'ଣ ମିଳିଛି ସେନେଇ ସେ କିଛି କହି ନ ଥିଲେ।

ତେବେ ଜେଲ ଭିତରେ ଗୋବିନ୍ଦ ରହୁଥିବା ସାଧାରଣ ସେଲରେ ଯେଉଁ ସାଥୀ ଅନ୍ତେବାସୀମାନେ ରହୁଥିଲେ, ସେମାନଙ୍କୁ ଜେରା କରାଯାଇଛି। ଏଥିସହ କିଭଳି ପରିସ୍ଥିତିରେ ଜେଲ ଭିତରେ ଗୋବିନ୍ଦ ଆତ୍ମହତ୍ୟା କରିବାକୁ ସୁଯୋଗ ପାଇଲେ ସେ ଦିଗରେ ମଧ୍ୟ ତଦନ୍ତ କରାଯାଉଥିବା ପଡିଛି।

---

## OFFICE OF THE MUNICIPAL COUNCIL, DHENKANAL

DHENKANAL (ODISHA), PIN - 759001
Tel. No. 06762-224401 (O), Fax No.: 06762-223355
E-mail: dhenkanalm.hud@gamil.com

No. 3933 Date: 20.12.2022

### QUOTATION CALL NOTICE

No. C-2052: Sealed quotations in the prescribed quotation paper are invited from the registered firm for **"supply and Installation of Netaji Statue (including base) with Horse riding at Women's College Chhack in Dhenkanal Municipality"**. The rate should be quoted inclusive of all taxes, cost conveyance and fixing.

1. The cost of each Quotation Paper - Rs.5,000.00 (Non refundable)
2. Start Date of Sale of Quotation Paper - 21.12.2022
3. Last Date of Sale of Quotation Paper - 02.01.2023
4. Last Date of receipt of Quotation Paper - 02.01.2023 at 1.00 P.M.
5. Date of Opening of Sealed Quotation - 02.01.2023 at 4.00 P.M.

The quotation will be opened in the presence of the quotationers or their authorized agents. The quotationers should deposit EMD @ 1% of the total quoted price in shape of Bank Draft/Bankers Cheque drawn in **favour of Executive Officer, Dhenkanal Municipality**. The quotation with enclosures will be received only through Speed Post/Regd. Post by the undersigned in the schedule date and time and not be accepted in any means beyond the date and time. Any postal delay will not be considered. The quotation paper will be availabla in the office Dhenkanal Municipality during the office hours (except holidays) till Dt.02.01.2023 (upto 1.00 P.M.) and may download from the Dhenkanal website i.e. **dhenkanalmunicipality.com**.

The authorized reserves the right to reject any or all the quotations without assigning any reason thereof.

**Sd./- Executive Officer**
**Dhenkanal Municipality**

OIPR-13146/11/0036/2223

---

## OFFICE OF THE ROURKELA MUNICIPAL CORPORATION

UDITNAGAR, ROURKELA, ODISHA - 769012
E-mail ID: rourkelamunicipality@gmail.com

No. 16756 Date: 21.12.2022

### QUOTATION CALL NOTICE FOR SUPPLY OF DUSTBINS / LITTER BINS

No. C-2048: Quotations are invited from the Authorized Supplier/Firm/Manufacturer/Agency for Supply of Different Sizes of Dustbins/Litter Bins under Rourkela Municipal Corporation. The bidder should quote the rate in their letter head as per the prescribed format (Annexure - ii) on or before 27.12.2022 by 1.00 P.M. to the Commissioner, Rourkela Municipal Corporation, Rourkela superscribing as **"Quotation for Supply of Litter Bins"** and should submit their quotation through Speed Post/Registered Post/Courier or by hand. The quotation should be accompanied with the photocopies of valid GST Registration Certificate, PAN Card, Paper cost of Rs.4,480/- including GST (Non refundable) and Security deposit of Rs.50,000/- (Refundable) in shape of DD separately drawn in favour of Commissioner, Rourkela Municipal Corporation payable at Rourkela.

The bidders are also to submit the brand details and illustrative design of the item along with the Technical Bid. Bidders must quote the product as per specification provided in the NIT. The rate is valid for one year and the selected agency has to supply all the items within 07 days including installation from the date of issuance of Supply Order. The requirement of items may increase or decrease while placing of work order not below or more of 25%.

The complete quotation document may be downloaded from RMC website: **www.rmc.nic.in**.

Authority reserves the right to accept any or all the quotations or negotiate with more than one agency without assigning any reason thereof.

**Sd./- Commissioner**
**Rourkela Municipal Corporation**

OIPR-13131/11/0157/2223

---

## OFFICE OF THE ANGUL MUNICIPALITY, ANGUL

**"e" Procurement Notice**

**Bid Identification No.- EO/AGLM-11/2022-23**

No.C-2027

e-mail ID - angulmunicipality@gmail.com

**Tender Call Notice No. 7044** **Date: 20.12.2022**

| | | | |
|---|---|---|---|
| 1. | Name of Works | : | Civil Works & others |
| 2. | No. of works | : | 02 Nos. |
| 3. | Bid Value | : | Rs.10.65 to 19.83 lakhs |
| 4. | Period of completion | : | 02 months |

**Date and Time Schedule:**

| Start | End | Opening |
|---|---|---|
| 10.00 A.M. on 22.12.2022 | 5.00 P.M. on 31.12.2022 | 11.00 A.M. on 02.01.2023 |

Tender details can be seen from the procurement portal: **www.tendersodisha.gov.in**

**Sd./- G.S. Mallick**
**Executive Officer, Angul Municipality**

OIPR-13085/11/0039/2223

---

## ପୌର ପରିଷଦ, ହିଞ୍ଜିଳିକାଟୁ
## HINJILICUT MUNICIPAL COUNCIL

ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍: ୭୬୧୧୦୨, ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି: ୧୮୦୦୧୨୩୦୦୪୫୬୭
At: Hinjilicut, Dist.- Ganjam, PIN - 761102, Contact: 06811-280025, Toll Free No. 1800 123 004 567
E-mail: hinjilicutmunicipality@gmail.com, hinjilimunicipality@gmail.com
facebook: Hinjilicut Municipality, Tweeter: Hinjilicutmunicipality

No. 8011/2022 Date: 20.12.2022

### CORRIGENDUM

**To Expression of Interest (EOI) for Management of Ward Offices by Mission Shakti Group (MSGs) during the year 2023-24 vide Letter No. 7832, Dt.03.12.2022**

No. C-2035: As per the Order of Govt. in H & U.D. Department (during VC on 20.12.2022) the last date for submission of application (as published in Expression of Interest (EOI) vide Letter No. 7832, Dt.03.12.2022) has been extended upto 25.12.2022 on working days only. All other terms & condition remain unchanged.

**Sd./- Executive Officer, Hinjilicut Municipality**

OIPR-13105/11/0031/2223

---

## NOTICE

**No.C-2023:** Sri Deepak Kumar Singh At- Infront of Hanuman Mandir, Main Road Ward No.09, Po- Brajrajnagar, Dist- Jharsuguda who is registered as a "C" Class Contractor vide Regd No. 789VG284 of 2019-20 & Order No. 402 dt. 04.02.2020 under S..E. P.H. Circle, Sambalpur and his Registration Certificate is here by cancelled as per his written request.

This notice is requested to be published for information of all Govt. Deptt/ Offices where they have executed the work. If any Govt. dues/ Materials are outstanding against the contractor which are due to be recovered, may please be reported to the undersigned within 30 (thirty)days from the date of publication of this notice for recovery/ adjustment to Govt. accounts.

In case no report from any office/ Deptt. are received within the stipulated period i.e. 30 days from the date of publication of this notice. If any Govt. dues/ materials detected by any office beyond the stipulated time, it will be their responsibility for the lapses what so ever.

**Sd./- Additional Chief Engineer**

OIPR-13018/11/0011/2223 **P.H.Circle, Sambalpur**

---

## GOVERNMENT OF ODISHA
## "e" PROCUREMENT NOTICE
## OFFICE OF THE NOTIFIED AREA COUNCIL, BALLIGUDA

**Tender Call Notice**

**No. 2481 Date 19.12.2022**

**E-mail: eonacballiguda@yahoo.in**

**Bid Identification No. EO_BLG.N_01_2022-23**

**No. C-2031:-** The Executive Officer, NAC, Balliguda, Dist- Kandhamal inviting percentage rate bid in online mode for the works as detailed in the table from eligible contractors for civil work as detailed in the table below.

| | | |
|---|---|---|
| 1. | Name of Work | As per DTCN |
| 2. | No. of work | 11 |
| 3. | Tender Cost | Rs.7.00 Lakh each |
| 4. | Class of Contractor | D & C or equivalent |
| 5. | Period & time of completion | 2 (Two) Calendar Months |
| 6. | Available of Bid Document in the Website | From Dt.**23.12.2022**, 11.30 AM to Dt.**02.01.2023** Up to 12.30 PM |
| 7. | Date of opening of Bid | Dt.**04.01.2023** at 11.30 AM |
| 8. | The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website. | |

OIPR-13097/11/0017/2223 **Sd./- Executive Officer, NAC, Balliguda**

---

## ODISHA SPACE APPLICATIONS CENTRE (ORSAC)

**Dept. of Science & Technology, Govt. of Odisha, Bhubaneswar-751023**

### Expression of Interest No.15/2022

**CAD-4203:** Genuinely interested and duly registered Startup firms of Odisha under "Make in Odisha" Initiatives and only who are involved or wish to get involved in open-source tools and technology based GNSS and DGNSS Survey Products and Service Manufacturing facility in Odisha, are requested to contact Odisha Space Applications Centre (ORSAC) for the following services:

1. Technical advice and mentoring by the ORSAC's Team of Scientists and Engineers.
2. GNSS / DGNSS Survey Equipment Products and Service Conceptualization and Design.
3. Manufacturing of Prototypes Products and Golden Samples.
4. Technical Validation and Testing of Products and Services as per intended Spec and SOP.
5. Live Product and Service Technical Demonstration to interested users. For Application and other details, please visit us at www.orsac.gov.in

**Sd./- CHIEF EXECUTIVE**
**OIPR-28007/11/0011/2223**

---

## Bhubaneswar Municipal Corporation

*Progress through Partnership for better Bhubaneswar*

**Notice No. 59018** **Date: 19.12.2022**

**Corrigendum - 1: Extension of Submission Date**

**Auction Sale Notice for Package of/Individual Parking Lots in BMC Area**

No. C-2057: In reference to the Auction Sale Notice for Parking of/Individual Parking Lots in BMC Area, Tender No. 54783 dated 23.11.2022, the Scheduled Date of Submission of Tender paper is 21.12.2022, has been extended to 03.01.2023 (upto 4.00 P.M.). Subsequently, the date for opening of Tender Paper is rescheduled to be held on 03.01.2023 (@ 5.00 P.M.):

The last date of sale of tender paper is also extended to 02.01.2023 (During office hour). The details of the tender and any chagnes in the same are available in BMC/Zone Office Notice boards and BMC Website: **http://bmc.gov.in**.

**Sd./- Deputy Commissioner (Revenue)**
**Bhubaneswar Municipal Corporation**

OIPR-13002/11/0189/2223

---

## ODISHA SPACE APPLICATIONS CENTRE (ORSAC)

**Dept. of Science & Technology, Govt. of Odisha, Bhubaneswar-751023**

### Tender Notice No. 16/2022

**CAD-4202:** On behalf of DLR&S, Odisha, R &DM Dept, Govt. of Odisha, ORSAC, Bhubaneswar invites sealed Tenders from the Vendors/Firms having working experience in the Geo-spatial Mapping of Cadastral Plots from the ortho-rectified High-Resolution Satellite Imagery (HRSI)/ Aerial Imagery and Survey using DGPS/ETS for "Selection of Vendors/ Agencies to generate new cadastral maps/layers and Record of Rights (ROR) for un-surveyed villages of the State of Odisha using High-Definition Satellite Ortho Imagery, digitized old cadastral maps of the adjoining villages available GIS Cadastral Layers and filed survey using DGPS/ETS. For details Please visit Website http://www.odisha.gov.in and ORSAC website http://www.orsac.gov.in or ORSAC office for the tender papers.

**Sd./- CHIEF EXECUTIVE**
**OIPR-28007/11/0009/2223**

---

GOVERNMENT OF ODISHA
OFFICE OF THE DEPUTY DIRECTOR, GEOLOGY,
GROUND WATER DEVELOPMENT DIVISION, BHAWANIPATNA
AT/PO-PARAMANANDAPUR, DIST- KALAHANDI, PIN-766002, PH/FAX NO.06670-232836
e-mail:srgeologistbhawanipatna@gmail.com
NATIONAL COMPETITIVE BIDDING THROUGH e-Procurement
Identification No.10/GWBPTN/CHHATA/2022-23

### e-Procurement Notice

**No.A-903:** Name of the Work : Different works under GWD Division, Bhawanipatna. Total No. of works : 02 (Two). Estimated Cost :Approx. Rs.6.80 Lakhs to 11.78 Lakhs. Class of Contractor: C & D Class Contractor. Period of Completion: 01 Calendar Month.

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & Time of opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Deputy Director, Geology, Ground Water Development Division, Bhawanipatna | 10/GWBPTN/ CHHATA/ 2022-23 and 11/ GWBPTN/ AR/ 2022-23 | 02 (TWO) | 26.12.2022 | 04.1.2023 | 04.01.2023 |

For details can be seen from the Government website www.tendersorissa.gov.in.

OIPR-32470/11/0005/2223 **Sd./- Deputy Director, Geology**

---

GOVERNMENT OF ODISHA
DEPARTMENT OF WATER RESOURCES
Email id :- seeccuttack@gmail.com

## OFFICE OF THE ADDITIONAL CHIEF ENGINEER EASTERN CIRCLE-I, CANTONMENT ROAD, CUTTACK

**No.A-906:** **'e' Procurement Notice NO.ACE, EC-I/11 of 2022-23 (On-line)**

| | | | |
|---|---|---|---|
| 1 | Name of Work | : | Improvement to Devi left embankment from RD 44.900 Km to RD 52.360 Km & RD 54.765 Km to RD 58.000 Km. Bid Identification No. ACE, EC-I JID 05 of 2022-23. |
| 2 | Total No. of Package | : | 01 No. Package |
| 3 | Tender Paper Cost (Non-refundable) | : | Rs.10,000.00 (Online payment) |
| 4 | Bid Security | : | "Bid Security Declaration" is to be furnished as per Finance Department Office Memorandum N0.8484/F dated 05-04.2022. The bids without "Bid Security Declaration" will be summarily rejected. |

5. Bid details are as follows:

| Procurement Officer | Bid Identification No. | Tender Amount (Rs. in Lakh) (Approx.) | Class of Contractor | Period of Completion | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|---|---|---|
| | | | | | From | To | |
| Additional Chief Engineer, Eastern Circle-I,Cuttack | ACE, EC-I JID 05 of 2022-23 | 800 | 'A' & 'Special' | 9 (Nine) Calendar Months | 28.12.2022 at 10.00 hrs. | 12.01.2023 upto 17.30 hrs. | 13.01.2023 at 11.30 hrs. |

Other terms and conditions can be seen from the Govt. website www.tendersodisha.gov.in.
All corrigendum/cancellation of tender if any, will only be uploaded in the above website.

OIPR-32370/11/0013/2223 **Sd./- Additional Chief Engineer, Eastern Circle-I, Cuttack**

---

## GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH

No. O-1486

**AT/PO- SANKARA, SUNDARGARH-770020, E-mail address-serw_sundargarh@yahoo.com**

**No. Tender Online - RWCCESNG-23 of 2022-23, Letter No.3270/Dtd 19.12.2022**

### e-Procurement NOTICE

**1. Type of the Work :-** Road (Improvement to Existing R.D. roads). **2. Class of Contractor :-** As specified in the Column-6 of the Annexure. **3. Time of Completion:-** As specified in the Column-5 of the Annexure. **4. Detail Projects:-** As per Annexure attached. **5. Estimated Cost:-** As specified in the Column-4 of the Annexure. **6. Other details:-**

| Procurement Officer | Bid Identification No. | Availability of tender On-line for bidding | | Last Date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 23 of 2022-23 | 27.12.2022 10.00 A.M. | 12.01.2023 5.00 PM | 11.01.2023 5.00 PM | 13.01.2022 10.00 AM | Will be intimated separately |

**Further details can be seen from the website: www.tendersodisha.gov.in**

**OIPR-25133/11/0030/2223** Sd./- Chief Construction Engineer, Rural Works Circle, Sundargarh

---

## Government of Odisha
## Housing & Urban Development Department

**3rd Floor, Kharavel Bhavan, Keshari Nagar, Bhubaneswar, Dist: Khurda, PIN -751001.**

### Corrigendum-1

**to Notice Inviting RFP, No. 01/HUD(SAN), Dated: 19.11.2022**

**File No. HUD-SANT-POLICY-013-2022**

**No.C-2021:** In partial modifications to the e-procurement Notice No. 01/HUD (SAN) dt. 19-11-2022, [2022_HUDD_83818_1 and 2022_HUDD_83816_1], published in the 'Times of India' and The 'Dharitri', on dt. 25.11.2022, and subsequent to queries raised in the pre-bid conference held on dt. 09.12.2022 and 14.12.2022, this corrigendum is hereby issued to the "Request for Proposal" with reorganised Tender Schedule along with Calendar of Events as follows. The details of the corrigendum can be downloaded from the official website https://tendersodisha.gov.in.

| Sl. No. | Name of the Work | Bid Security | Cost of Document | Period of completion |
|---|---|---|---|---|
| 1 | 2 | 3 | 4 | 5 |
| 2 | Biomining of Legacy Waste Dumpsites in Package-II (Puri ULB) (Approx. Quantity: 1.50 Lakh Metric Ton, in toto.) | Bid Security Declaration to be submitted. | Rs. 10,000.00 (Rupees ten thousand) only. | 287 days |

**8. Critical Dates:**

| Sl. No. | Description | Critical Dates |
|---|---|---|
| (i) | Period of availability of bid documents on-line : | From 9.00 Hrs. of 02.12.2022 to 17.00 Hrs. of 02.01.2023. |
| (ii) | Last date and time for submission of Pre-Proposal Query : | 17.00 Hrs. of 08.12.2022 |
| (iii) | Pre-Proposal Meeting : | 15.00 Hrs. of 09.12.2022 & 14.12.2022 |
| (iv) | Issue of Pre-Proposal Clarification online : | 09.00 Hrs. of 20.12.2022 |
| (v) | Last date & time of submission of Proposal on-line : | 17.00 Hrs. of 10.01.2023 |
| (vi) | Date & time of opening of Technical Bid : | 11.30 Hrs. of 11.01.2023. |
| (vii) | Opening of Financial Bid : | To be intimated on-line in due course |

All other Terms and Conditions in the RFP remain unaltered.

**Sd./- Chief Engineer-cum-Addl.Secretary,**
**OIPR-13001/11/0041/2223** **Housing & Urban Development Deptt. Govt. of Odisha**

---

## OFFICE OF THE NOTIFIED AREA COUNCIL, BHUBAN

E-Mail: bhubann.hud@nic.in

**Letter No. 3215** **Date: 19.12.2022**

### QUOTATION CALL NOTICE

No. C-2043: Sealed quotations are invited from the intending Suppliers/Dealers for supplying of Branded Ladies Bicycle of BSA/AVON/HERO make with standard specifications along with Carrier, Chain Cover and Basket including stickering 8 × 8 inches durable and water proofing quality. The last date of sale of quotation paper is 21.12.2022 upto 5.00 P.M. The last date of receipt of quotation is 22.12.2022 at 12.00 Noon and the same will be opened at 4.00 P.M. on the same day i.e. on 22.12.2022 in presence of quotationer or their authorized agent. They should submit the photo copy of the GST Registration Certificate, PAN Card, Dealer Certificate along with the quotation. The cost of quotation paper is Rs.1000.00 (Rupees one thousand) (non-refundable) in shape of Cash. The applicant should attach original Municipal Money Receipt of paper cost along with the quotation. The quotation received after due date and time shall not be entertained.

The details of items, terms and condition of the quotation will be available in the Office of the undersigned during office hour on all working days w.e.f. from date of publication of this quotation.

The undersigned reserves the right to accept or reject any or all the quotation without assigning reason thereof.

**Sd./- Executive Officer, Bhuban NAC**

OIPR-13224/11/0001/2223

---

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**

**No. O-1492** **Bid Identification No. Online Tender / 63-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 63-2022-23/BPR | Road Works under Completion of Incomplete Road for the year 2022-23 | 01 No. | Rs.240.67 Lakhs | "B" Class & "A" Class as applicable | 03 (Three) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 63-2022-23/BPR | 23.12.2022 at 10.00 A.M. | 06.01.2023 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha, But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0100/2223 **Sd./- Chief Construction Engineer, R.W. Circle, Berhampur**

---

See Career Appointment on every Wednesday & Saturday

ଧରିତ୍ରୀ
DHARITRI
Friday, December 23/2022

**ହ୍ରାସ ପାଉଛି ଇପିଏଫ୍‌ଓ ସଦସ୍ୟ ସଂଖ୍ୟା**

**ନୂଆଦିଲ୍ଲୀ:** ଗତ କିଛି ମାସ ହେବ କ୍ରମାଗତ ଭାବେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ରେ ସଦସ୍ୟଙ୍କ ସଂଖ୍ୟା ହ୍ରାସ ପାଉଛି। ଏପରିକି ଚଳିତ ବର୍ଷ ଅକ୍ଟୋବରରେ ୭,୨୭,୮୯୯ ନୂଆ ସଦସ୍ୟ ଇପିଏଫ୍‌ଓରେ ଯୋଡ଼ି ହୋଇଥିବା ବେଳେ ୨୦୨୨ ସେପ୍ଟେମ୍ବର ତୁଳନାରେ ଏହା ପ୍ରାୟ ୨୬% (୨୫.୯%) କମ୍ ବୋଲି ଜଣାପଡ଼ିଛି। ସେହିଭଳି କ୍ରମାଗତ ୩ୟ ମାସ ଲାଗି ନୂଆ ସଦସ୍ୟ ସଂଖ୍ୟା ହ୍ରାସ ପାଉଛି। ୨୦୨୨ ଅଗଷ୍ଟରେ ଏହି ସଂଖ୍ୟା ୯.୪ % ଏବଂ ସେପ୍ଟେମ୍ବରରେ ୬.୧% ହ୍ରାସ ଘଟିଥିଲା। ସେହିପରି ୨୦୨୧ ମେ ୨୦୨୧ ରେ ଶେଷ ଥର ପାଇଁ ଇପିଏଫ୍‌ଓରେ ୬,୪୯,୬୧୮ ସଂଖ୍ୟକ ନୂଆ ସଦସ୍ୟ ଯୋଡ଼ି ହୋଇଥିଲେ।



# ମେଟ୍ରୋ ଏଜିର ଇଣ୍ଡିଆ ବ୍ୟବସାୟକୁ ଅଧିଗ୍ରହଣ କରିବ ଆର୍‌ଆର୍‌ଏଲ୍

**ନୂଆଦିଲ୍ଲୀ,୬।୧୨**

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍‌ଆଇଏଲ୍) ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ରିଲାଏନ୍ସ ରିଟେଲ ଲିମିଟେଡ୍ (ଆର୍‌ଆର୍‌ଏଲ୍) ଆଉ ଏକ ଜାତୀୟସ୍ତରର ବ୍ରାଣ୍ଡକୁ ଅଧିଗ୍ରହଣ କରିବାକୁ ଯାଉଛି। ବିଶେଷକରି ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟିକ ସଂସ୍ଥା ତଥା ମେଟ୍ରୋ ଏଜି ଗ୍ରୁପ୍‌ର ଅନ୍ୟତମ ସଂସ୍ଥା ମେଟ୍ରୋ କ୍ୟାଶ୍ ଆଣ୍ଡ୍ କ୍ୟାରି ଇଣ୍ଡିଆକୁ ଆର୍‌ଆର୍‌ଏଲ୍ ଅଧିଗ୍ରହଣ କରିପାରେ ବୋଲି ଜଣାପଡ଼ିଛି। ଏପରିକି ଉକ୍ତ କମ୍ପାନୀର ୧୦୦% ଅଂଶଧନ କ୍ରୟ କରିବା ପାଇଁ ଆର୍‌ଆର୍‌ଏଲ୍ ଏକ ରାଜିନାମା ସ୍ୱାକ୍ଷର କରିଥିବା ବେଳେ ଉକ୍ତ କମ୍ପାନୀର ଭାରତ ବ୍ୟବସାୟକୁ ପ୍ରାୟ ୨୮୫୦ କୋଟି ଟଙ୍କାରେ ଆର୍‌ଆର୍‌ଏଲ୍ ଅଧିଗ୍ରହଣ କରିବ ବୋଲି ଜଣାପଡ଼ିଛି। ସେହିଭଳି ୨୦୦୩ରେ ଉକ୍ତ କମ୍ପାନୀ ଭାରତ ବଜାରରେ ତା'ର ବ୍ୟବସାୟ ଆରମ୍ଭ କରିଥିଲା। ଏପରିକି ଦେଶର ୨୧ଟି ସହରରେ ୩୦ରୁ ଅଧିକ ବୃହତ୍ ଷ୍ଟୋର ଏବଂ ୩୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରୁଥିବା ମେଟ୍ରୋ ଇଣ୍ଡିଆ ଖୁବ୍‌ଶୀଘ୍ର ଆର୍‌ଆର୍‌ଏଲ୍ ସହ ଯୋଡ଼ିହୋଇଯିବ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷରେ ମେଟ୍ରୋ ଏଜିର ଏହି ହୋଲ୍‌ସେଲ ଡିଭିଜନ ଉଭୟ ଗ୍ରାହକ ଏବଂ ବ୍ୟବସାୟୀଙ୍କୁ ଉତ୍ତମ ସୁବିଧା ଯୋଗାଇଥାଏ। ହେଲେ ବର୍ତ୍ତମାନ ରିଲାଏନ୍ସ ଗ୍ରୁପ୍ ଭାରତରେ ତା'ର ପରିଚାଳନାକୁ ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ଅଧିଗ୍ରହଣ କରିବାକୁ ଯାଉଛି। ଫଳରେ ରିଲାଏନ୍ସ ରିଟେଲ ଆହୁରି ଶକ୍ତିଶାଳୀ ସାଙ୍ଗକୁ ମେଟ୍ରୋ ଇଣ୍ଡିଆର ହୋଲସେଲ ଷ୍ଟୋରର ପରିଚାଳନା ଭାର ଗ୍ରହଣ କରିବ। ବିଶେଷ କରି ୨୦୨୨ ସେପ୍ଟେମ୍ବର ମାସରେ ମେଟ୍ରୋ ଇଣ୍ଡିଆ ୭୭୦୦ କୋଟିର କାରବାର କରିଥିଲା, ଯାହା ଭାରତ ବଜାରର କମ୍ପାନୀର ପ୍ରବେଶର ସବୁଠୁ ଭଲ ପ୍ରଦର୍ଶନ ରହିଥିଲା। ଏହି ଅଧିଗ୍ରହଣ ପରେ ରିଲାଏନ୍ସ ରିଟେଲ ଷ୍ଟୋରର ସଂଖ୍ୟା ବଢ଼ାଇବ ତଥା ଉପଭୋକ୍ତାଙ୍କୁ ଉତ୍ତମ ସେବା ଯୋଗାଇବ ବୋଲି ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡର ନିର୍ଦ୍ଦେଶିକା ଇଶା ଅମ୍ବାନୀ ମତପ୍ରକାଶ କରିଛନ୍ତି। ସେହିପରି ମେଟ୍ରୋ ଇଣ୍ଡିଆର ଅଧିଗ୍ରହଣ ଛୋଟ ବ୍ୟବସାୟୀ ଏବଂ ଉଦ୍ୟମ ସହ କମ୍ପାନୀର ଏକ ଭିନ୍ନ ମଡେଲ କରିବା ପାଇଁ ଆମର ନୂଆ ବ୍ୟବସାୟିକ ପଲିସିର ଅନୁରୂପ ମେଟ୍ରୋ ଇଣ୍ଡିଆ ଭାରତୀୟ ବି୨ବି ବଜାରରେ ଅଗ୍ରଣୀ ସେବା ଯୋଗାଇବା ସହ କମ୍ପାନୀର ବ୍ୟବସାୟକୁ ଆହୁରି ମଜବୁତ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ମେଟ୍ରୋ ଏଜିର ସିଇଓ ଡ଼. ଷ୍ଟିଫେନ ଗେବ୍ରେଲ କହିଛନ୍ତି ରିଲାଏନ୍ସ ଉକ୍ତ ବ୍ୟବସାୟକୁ ସଫଳତାପୂର୍ବକ ଚଳାଇବ ବୋଲି ଗେବ୍ରେଲ ମତପ୍ରକାଶ କରିଛନ୍ତି।




# ଖସିଲା ଶେୟାର ବଜାର କାରବାର

**ନୂଆଦିଲ୍ଲୀ,୨୨।୧୨**

କ୍ରମାଗତ ୩ୟ ଦିନ ଲାଗି ଷ୍ଟକ୍ ବଜାର କାରବାର ହ୍ରାସ ପାଇଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସ (ଷ୍ଟକ୍ ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୪୧ (୨୪୧.୦୨) ପଏଣ୍ଟ ଖସି ୬୧,୮୨୬ (୬୧,୮୨୬.୨୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୭୨ (୭୧.୭୫) ପଏଣ୍ଟ ହ୍ରାସ ଘଟି ୧୮,୧୨୭ (୧୮,୧୨୭.୩୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଓ ନିଷ୍ପତ୍ତି କାରଣରୁ ଭାରତୀୟ ଶେୟାର ବଜାରର କାରବାର ପ୍ରଭାବିତ ହେଉଥିବା ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# ବିଓଏମ୍‌ର ୩୯ତମ ଶାଖା ଉଦ୍‌ଘାଟିତ



**ଭୁବନେଶ୍ୱର,୨୨।୧୨**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ର ୩୯ତମ ଶାଖା ନିକଟରେ କନ୍ଧମାଳ ଜିଲାର ଫୁଲବାଣୀଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉପଜିଲାପାଳ ବସନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଏମ୍‌ର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ବିନୟ କୁମାର, ଶାଖା ପ୍ରବନ୍ଧକ ଅବିନାଶ ସାମଲଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବିନୟ କୁମାର କହିଥିଲେ, ଦେଶରେ ଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ବ୍ୟବସାୟିକ ଅଭିବୃଦ୍ଧି ଦୃଷ୍ଟିକୋଣରୁ ବିଓଏମ୍ ସର୍ବୋତ୍ତମ ବୋଲି ବିନୟ ମତପ୍ରକାଶ କରିଥିଲେ। ଏପରିକି ବ୍ୟାଙ୍କ ସର୍ବଦା ଦେଶର ଜନସାଧାରଣଙ୍କର ଉନ୍ନତି ଓ ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ ରହିବା ସହ ସମାଜର ପ୍ରତ୍ୟେକ କ୍ଷେତ୍ରରେ ନିଜ ବ୍ୟବସାୟକୁ ବିସ୍ତାରିତ କରି ରଖିପାରିଛି। ସେହିଭଳି ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଆଉ ୧୨ଟି ନୂତନ ଶାଖା ଖୋଲାଯିବା ଯୋଜନା ରହିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି କନ୍ଧମାଳ ଜିଲାରେ ବ୍ୟାଙ୍କର ନୂତନ ଶାଖା ଖୋଲିଥିବାରୁ ବ୍ୟାଙ୍କ ଅଧିକାରୀମାନଙ୍କୁ ଉପଜିଲାପାଳ ସାହୁ ଅଭିନନ୍ଦନ ଜଣାଇଥିଲେ।

# ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ 'ସ୍ଲାସ୍'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୨।୧୨**

ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ୭ରୁ ୧୪ ବର୍ଷ ବୟସର ପିଲାଙ୍କ ପାଇଁ ଏକ ସର୍ବଭାରତୀୟ କଳା, ହସ୍ତକଳା ଓ ସାହିତ୍ୟ ପ୍ରତିଯୋଗିତା 'ସ୍ଲାସ୍' ର ଶୁଭାରମ୍ଭ କରାଯାଇଛି। ବିଶେଷକରି ପରିବେଶ ସଂରକ୍ଷଣ ଉପରେ ପିଲାମାନଙ୍କୁ ସଚେତନ କରାଇବା ଲାଗି ଚଳିତ ବର୍ଷ ପ୍ରତିଯୋଗିତାର ଦୁଇଟି ବିଷୟବସ୍ତୁ ଯଥା ୭ରୁ୧୦ ବର୍ଷର ପିଲାମାନଙ୍କ ପାଇଁ 'ଏଭରଗ୍ରିନ୍ ଇଣ୍ଡିଆ' ଏବଂ ୧୧ରୁ୧୪ ବର୍ଷର ପିଲାମାନଙ୍କ ପାଇଁ 'ଭାରତ ୨୦୩୦' ଶୀର୍ଷକ ବିଷୟବସ୍ତୁ ରଖାଯାଇଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ମୁଖ୍ୟ ମାର୍କେଟିଂ ଅଧିକାରୀ ଅନୁପ ମନୋହର କହିଛନ୍ତି, ସ୍ଲାସ୍ ବିଷୟରେ ଘୋଷଣାକରି ଆମେ ଅତ୍ୟନ୍ତ ଆନନ୍ଦିତ। ଉକ୍ତ ପ୍ରତିଯୋଗିତା ଜରିଆରେ ପିଲାମାନଙ୍କ ଚିନ୍ତାଧାରାକୁ ବନ୍ଧନମୁକ୍ତ କରିବା ଆମର ଲକ୍ଷ୍ୟ। ବିଶେଷକରି ଆମ ଦୁନିଆକୁ କିଭଳି ସୁରକ୍ଷା ଦେଇପାରିବା, ତାହା ଜଣାଇବା ଲାଗି କଳାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରି ସେମାନଙ୍କ ମଧ୍ୟରେ ଦୀର୍ଘମିଆଦୀ ମୂଲ୍ୟବୋଧ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷ ଆମେ ଅନ୍‌ଲାଇନ ପ୍ଲାଟ୍‌ଫର୍ମ କ୍ଷେତ୍ର ଭିତ୍ତିକ କାର୍ଯ୍ୟକ୍ରମ ଏବଂ ସ୍କୁଲରେ ପ୍ରତିଯୋଗିତା ଭଳି ବିବିଧ ବିକଳ୍ପ ପ୍ରଦାନ କରୁଛୁ ଯାହା ସାରା ଦେଶର ପିଲାମାନଙ୍କୁ ସେମାନଙ୍କ ଚିନ୍ତାଧାରାକୁ ଉପସ୍ଥାପନ କରିବା ଲାଗି ସମାନ ସୁଯୋଗ ପାଇପାରିବେ। ଅତୀତରେ ଉକ୍ତ କାର୍ଯ୍ୟକ୍ରମ ପାଇଁ ଆମେ ବିପୁଳ ସମର୍ଥନ ହାସଲ କରିଥିଲୁ। ତେଣୁ ଚଳିତ ବର୍ଷ ଏହାକୁ ଆଉ ୫୦୦ଟି ସ୍କୁଲକୁ ସମ୍ପ୍ରସାରିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଉକ୍ତ ପ୍ରତିଯୋଗିତାରେ ସିନିୟର ଓ ଜୁନିୟର ବର୍ଗର ଶ୍ରେଷ୍ଠ ୩ ବିଜେତାଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଏବଂ ୩ ରନର୍ସ ଅପ୍‌ଙ୍କୁ ୫୦ହଜାର ଟଙ୍କା ଲେଖାଏଁ ପୁରସ୍କାର ମିଳିବ। ବିଜେତା ସ୍କୁଲକୁ ଟ୍ରଫି ବି ଦିଆଯିବ। ବିଜେତାଙ୍କ ନାମ ୨୦୨୩ ମାର୍ଚ୍ଚରେ ଘୋଷଣା କରାଯିବ।

# ଜୀ-ସାର୍ଥକର 'ନୂଆବର୍ଷ ଭେଟି'




**ଭୁବନେଶ୍ୱର,୨୨।୧୨**

ରାଜ୍ୟର ପ୍ରମୁଖ ଘରୋଇ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକ ପକ୍ଷରୁ ନୂଆବର୍ଷ ଅବସରରେ ୨୪ଘଣ୍ଟିଆ ନନ୍‌ଷ୍ଟପ୍ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ। ଏପରିକି ଦର୍ଶକଙ୍କ ପାଇଁ ନୂଆ ବର୍ଷରେ ଭିନ୍ନ ଧରଣର ମନୋରଞ୍ଜନ ଭେଟି ଦିଆଯିବ ବୋଲି ଜଣାପଡ଼ିଛି। ବିଶେଷକରି ୨୦୨୩ର ପ୍ରଥମ ଦିନରେ ଜୀ ସାର୍ଥକ ବିଭିନ୍ନ କାର୍ଯ୍ୟକ୍ରମର ପ୍ରସାରଣ ସହ ସମ୍ପୂର୍ଣ୍ଣ ୨୪ ଘଣ୍ଟା ପାଇଁ ସ୍ୱତନ୍ତ୍ର ଦର୍ଶକଙ୍କୁ ବାନ୍ଧି ରଖିବ ବୋଲି କୁହାଯାଉଛି। ସେହିଭଳି ୩୧ ଡିସେମ୍ବର ରାତି ୧୦.୩୦ ରୁ ୧ ଜାନୁୟରୀ ୧୦ଟା ୩୦ ପର୍ଯ୍ୟନ୍ତ ପୂରା ୨୪ ଘଣ୍ଟା ଦର୍ଶକଙ୍କୁ ମିଳିବ ମନୋରଞ୍ଜନର ସମ୍ଭାର। ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଡିସେମ୍ବର ୩୧ ରାତି ୧୦ଟା ୩୦ରୁ ୨ଟା ପର୍ଯ୍ୟନ୍ତ ଜୀ ସାର୍ଥକର ଏକ୍ସକ୍ଲୁସିଭ ପ୍ରୋଗ୍ରାମ ହାପି ନ୍ୟୁ ଇୟର ସହ ରାତି ୨ଟାରୁ ଭୋର୍ ୪ଟା ୩୦ପର୍ଯ୍ୟନ୍ତ ଫ୍ଲାସ୍ ବ୍ୟାକ୍ ୨୦୨୨ ଏବଂ ଭୋର୍ ୪ଟା ୩୦ରୁ ୫ଟା ପର୍ଯ୍ୟନ୍ତ ବିଷ୍ଣୁ ସହସ୍ର ନାମ ପ୍ରସାରଣ ହେବ। ସେହିଭଳି ୧ ତାରିଖ ସକାଳ ୫ଟାରୁ ଦିନ ୮ଟା ସୁପରହିଟ୍ ଚଳଚ୍ଚିତ୍ର 'ଭୋଳା ଶଙ୍କର ଥିଲେ ଡର କାହାକୁ', ସକାଳ ୮ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଚଳଚ୍ଚିତ୍ର 'ପାରି କରିବେ ଭୋଳାଶଙ୍କର', ଦିନ ୧୧ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଚଳଚ୍ଚିତ୍ର 'ତୁ ମୋର ସାଥିରେ' ଏବଂ ଦିନ ୨ଟାରୁ ୫ ଟା ପର୍ଯ୍ୟନ୍ତ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର ଟିକି ପ୍ରସାରିତ ହେବ। ସେହିପରି ସନ୍ଧ୍ୟା ୫ଟା ରୁ ୬ ଟା ପର୍ଯ୍ୟନ୍ତ ଲୋକପ୍ରିୟ ରିଆଲିଟି ଶୋ ଦିଦି ନମ୍ବର ୱାନ୍‌ର ନୂଆ ବର୍ଷ ସ୍ୱତନ୍ତ୍ର ସହ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସ୍ୱର ଓ ସଙ୍ଗୀତର ଧମାକା 'ସା ରେ ଗା ମା ପା'ର ନନ୍‌ଷ୍ଟପ୍ ମନୋରଞ୍ଜନ ସହ ଗ୍ରାଣ୍ଡ ଫିନାଲେ ଓ ରାତି ୧୦ଟା ରୁ ୧୦ ଟା ୩୦ ପର୍ଯ୍ୟନ୍ତ ସା ରେ ଗା ମା ପା ଏକ୍ସଟ୍ରାସଟ୍ ଭଳି ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇ ରହିବାକୁ ଜୀ ସାର୍ଥକ ପକ୍ଷରୁ କୁହାଯାଇଛି।

# 'ରସ୍‌ନା ହେଲ୍‌ଦି ଡେ'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୨।୧୨**

ଦେଶର ପ୍ରମୁଖ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ 'ରସ୍‌ନା'ର ନୂତନ ବ୍ରାଣ୍ଡ୍ 'ରାସ୍‌ନା ହେଲ୍‌ଦି ଡେ' ପକ୍ଷରୁ ବିଭିନ୍ନ ବର୍ଗର ନୂତନ ଉତ୍ପାଦ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବଲିଉଡ୍ ଅଭିନେତ୍ରୀ ମନ୍ଦିରା ବେଦୀ ଓ ସୋନାଲି ବେନ୍ଦ୍ରେଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ ସ୍ୱତନ୍ତ୍ର ଅଭିଯାନରେ ବ୍ରାଣ୍ଡର ୪ ନୂଆ ଉତ୍ପାଦ ୧୦୦% ପ୍ରାକୃତିକ ଓ ଶୁଦ୍ଧ ମହୁ, ସୁପର ହେଲ୍‌ଦି ଭେଜି ଓଭରଲୋଡ୍ କୁକି ସୁପ, ଚକୋ ସ୍ପ୍ରେଡ୍ ଓ ପ୍ରୋଟିନ ଭିଟା ଭଳି ନୂତନ ଉତ୍ପାଦର ପ୍ରଚାର ଓ ପ୍ରସାର କରାଯାଉଛି। ଏ ସମ୍ପର୍କରେ ରସ୍‌ନା ଗ୍ରୁପ୍‌ର ଚେୟାରମ୍ୟାନ ପିରୁଜ ଖମ୍ବାଟା କହିଛନ୍ତି, ଭାରତରେ ସ୍ୱାସ୍ଥ୍ୟ ଉତ୍ପାଦର ଚାହିଦା ବଢୁଥିବାରୁ ଏହାକୁ ପୂରଣ କରିବା ପାଇଁ ଆମେ 'ରସ୍‌ନା ହେଲ୍‌ଦି ଡେ' ଉତ୍ପାଦର ଆରମ୍ଭ କରିଛୁ। ଏକ ଉନ୍ନତ, ଭିନ୍ନ ଓ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପ୍ରସ୍ତାବ ସହ ଆମେ ସୁଲଭ ମୂଲ୍ୟରେ ଏହାକୁ ଆରମ୍ଭ କରିଛୁ, ଯାହା ପୁଷ୍ଟିକର ଉପାଦାନରେ ନିର୍ମିତ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ରସ୍‌ନା ପ୍ରା.ଲି.ର ନିର୍ଦ୍ଦେଶକ ଅରିଜିନ ଖମ୍ବାଟା କହିଛନ୍ତି, ରସ୍‌ନା ଏକ ଜଣାଶୁଣା ନାମ, ଯାହାକୁ ସେଲିବ୍ରିଟି ମନ୍ଦିରା ବେଦୀ ଓ ସୋନାଲି ବେନ୍ଦ୍ରେଙ୍କ ଭଳି ସୋସିଆଲ ମିଡିଆର ପ୍ରଭାବଶାଳୀ ବ୍ୟକ୍ତି ଆମକୁ ସହାୟତାର ହାତ ବଢ଼ାଇଛନ୍ତି।




## ଫୁରସତ

# ଓସ୍କାର ଦୌଡ଼ରେ 'ନାଟୁ ନାଟୁ'

**ୱାଶିଂଟନ୍**

ଆସନ୍ତା ବର୍ଷ ଓସ୍କାର ପୁରସ୍କାର ଦୌଡ଼ରେ ସାମିଲ ହୋଇଛି ଏସ୍‌ଏସ୍ ରାଜମୌଲିଙ୍କ ଫିଲ୍ମ 'ଆର୍‌ଆର୍‌ଆର୍'ର 'ନାଟୁ ନାଟୁ' ଗୀତ। ଅରିଜିନାଲ ସଙ୍ଗ୍ କାଟାଗୋରିରେ ଏହାକୁ ମନୋନୀତ କରାଯାଇଛି। ୧୦ ବର୍ଗର ଶର୍ଟଲିଷ୍ଟ ତାଲିକା ବୁଧବାର ରାତିରେ ଓସ୍କାର ପକ୍ଷରୁ ଘୋଷଣା ହୋଇଛି। ଗୁଜରାଟୀ ଭାଷା 'ଛେଲୋ ଶୋ'କୁ ଜାତୀୟସ୍ତରୀୟ ଫିଚର୍ ଫିଲ୍ମ ବର୍ଗରେ ତାଲିକାଭୁକ୍ତ କରାଯାଇଛି। ଏଥିସହ ଭାରତର ୨ଟି ଡକ୍ୟୁମେଣ୍ଟାରି ଫିଚର ଫିଲ୍ମ ବର୍ଗରେ 'ଅଲ୍ ଦ୍ୟାଟ୍‌ବ୍ରିଦ୍‌ସ' ଏବଂ 'ଦି ଏଲିଫ୍ୟାଣ୍ଟ ହ୍ୱିସ୍‌ପରର୍ସ' ତାଲିକାଭୁକ୍ତ ହୋଇଛି। ଆସନ୍ତା ଜାନୁୟାରୀ ୨୪ରେ ଏକାଡେମୀ ପୁରସ୍କାର ପାଇଁ ନାମ ଘୋଷଣା କରାଯିବ। ଛେଲୋ ଶୋ' ଜାତୀୟସ୍ତରୀୟ ଫିଚର ଫିଲ୍ମ ବର୍ଗରେ ଅନ୍ୟ ୧୪ଟି ଫିଲ୍ମ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ। ତେବେ ହିନ୍ଦୀ, ତାମିଲ, ତେଲୁଗୁ ଫିଲ୍ମ ସାରା ବିଶ୍ୱରେ ମୁକ୍ତିଲାଭ କରିଥିବାବେଳେ ଆର୍‌ଆର୍‌ଆର୍ ବିଭିନ୍ନ ଓସ୍କାର ବର୍ଗରେ ବିଚାର ପାଇଁ ନିଜକୁ ଦଖଲ କରିଛି। ଏଥିସହ ଏହା ଗୋଲ୍ଡେନ ଗ୍ଲୋବ୍ସରେ ଅଣଇଂଲିଶ ଏବଂ ଶ୍ରେଷ୍ଠ ଅରିଜିନାଲ୍ ଗୀତ ଭାବେ ପୁରସ୍କାର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛି। ୯୫ତମ ଏକାଡେମୀ ପୁରସ୍କାର ଆସନ୍ତା ବର୍ଷ ମାର୍ଚ୍ଚ ୧୨ରେ ଲସ୍ ଏଞ୍ଜେଲ୍ସର ଡଲି ରଙ୍ଗମଞ୍ଚରେ ଆୟୋଜିତ ହେବାକୁ ଯାଉଛି।




# ଶ୍ରେଷ୍ଠ ଅଭିନେତା ଅଭିଷେକ

**ମୁମ୍ବାଇ:** ଚଳିତ ବର୍ଷର ଫିଲ୍ମ ଫେୟାର ଓଟିଟି ଆୱାର୍ଡସ୍ ଘୋଷଣା ହୋଇଛି। ତୁଷାର ଜଲୋଟାଙ୍କ ଦ୍ୱାରା ନିର୍ଦ୍ଦେଶିତ ଅଭିଷେକ ବଚ୍ଚନଙ୍କ ଫିଲ୍ମ 'ଦଶ୍‌ଭି'କୁ ଓଟିଟିର ବେଷ୍ଟ ଫିଲ୍ମ ଆୱାର୍ଡ ମିଳିଛି। ବଲିଉଡ୍‌ର ଶ୍ରେଷ୍ଠ ଅଭିନେତା ଭାବେ ଅଭିଷେକ ବଚ୍ଚନଙ୍କୁ ସମ୍ମାନୀତ ହୋଇଛନ୍ତି। ତାଙ୍କର ଏହି ସଫଳତାକୁ ନେଇ ବାପା ବିଗ୍ ବି ଅମିତାଭ ବଚ୍ଚନ ଶୁଭକାମନା ଜଣାଇଛନ୍ତି। ସେ ଟୁଇଟରରେ ଲେଖିଛନ୍ତି, ତୁମେ ମୋର ଗର୍ବ, ତୁମେ ତୁମର କଥା ପ୍ରମାଣ କରିଛ। ତୁମକୁ ପରିହାସ କରାଯାଇଥିଲେ ମଧ୍ୟ ତୁମେ କାହାକୁ ପ୍ରତ୍ୟୁତ୍ତର ନ ଦେଇ ଚୁପ୍ ରହି ତୁମେ ତୁମ ଗୁଣକୁ ପ୍ରଦର୍ଶନ କଲ। ତୁମେ ସର୍ବଦା ଶ୍ରେଷ୍ଠ ହୋଇ ରହିବ। ଫିଲ୍ମଟି ଚଳିତ ବର୍ଷ ୭ ଏପ୍ରିଲରେ ରିଲିଜ୍ ହୋଇଥିଲା। ସିନେମାରେ ଅଭିଷେକ୍‌ଙ୍କ ସମେତ ୟାମି ଗୌତମ, ସଚ୍ଚିନ୍ ଶ୍ରଫ୍, ନିମରତ୍ କୋର୍ ପ୍ରମୁଖଙ୍କୁ ଦେଖିବାକୁ ମିଳିଛି। ସେହିପରି ବେଷ୍ଟ ସପୋର୍ଟିଙ୍ଗ ଆକ୍ଟର ୱାବ ଓରିଜିନାଲ୍ ଫିଲ୍ମର ପୁରସ୍କାର ଅନିଲ କପୁରଙ୍କୁ ଦିଆଯାଇଛି। ଆୱାର୍ଡ ଶୋ'ରେ ରବିନା ଟଣ୍ଡନ, ଦିୟା ମିର୍ଜା, ଜାକି ଶ୍ରଫ, ଜରିନ୍ ଖାଁ, ରଶ୍ମି ଦଶାଇ, ନିନା କୁଲକର୍ନି ପ୍ରମୁଖ ଉପସ୍ଥିତ ଥିଲେ। ସବୁଠାରୁ ଲୋକପ୍ରିୟ ଓଟିଟି ସିରିଜ୍‌ରୁ ଗୋଟିଏ ପଞ୍ଚାୟତ ସିଜନ୍-୨ ମଧ୍ୟ ପୁରସ୍କାର ହାତେଇଛି। ଏଥିପାଇଁ ଜିତେନ୍ଦ୍ର କୁମାରଙ୍କୁ ବେଷ୍ଟ ଆକ୍ଟର, ନିନା ଗୁପ୍ତାଙ୍କୁ ସପୋର୍ଟ ଆକ୍‌ଟ୍ରେସ୍, ରଘୁବୀର ଯାଦବଙ୍କୁ ସପୋର୍ଟ ଆକ୍ଟର ଭାବେ ଆୱାର୍ଡ ମିଳିଛି।



# ପୁରୁଣା ଚପଲରେ କଳାକୃତି

**ଆବୁଜା**

ନିକଟରେ ନାଇଜେରିଆର ଜଣେ କଳାକାର ତାଙ୍କ କଳାକୃତିକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ଆଫ୍ରିକା ନ୍ୟୁଜ୍ ଏଜେନ୍ସି ନିକଟରେ ନାଇଜେରିଆର ଜଣେ କଳାକାରଙ୍କ ସହ ଜଡ଼ିତ ଏକ ଭିଡିଓ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଶେୟାର କରିଛି। ସେଥିରେ କୋନ୍‌ବାୟେ ଏବିପାଡେ ୟୁଗେନେ ନାମକ ଜଣେ କଳାକାର ଅଳିଆଗଦାରୁ ବହୁତ ସାରା ପୁରୁଣା ଚପଲ ସଂଗ୍ରହ କରି ଘରକୁ ଆଣିଥିଲେ। ସମସ୍ତ ଚପଲକୁ ସଫାକରି ସେଥିରେ ଅନେକ ମଣିଷଙ୍କ ଚିତ୍ର କରିଥିବା ଦେଖିବାକୁ ମିଳିଛି, ଯାହା ସମସ୍ତଙ୍କୁ ଚକିତ କରିଛି। ରଙ୍ଗବେରଙ୍ଗ ଚପଲରେ ଚିତ୍ରଟି ଅତ୍ୟନ୍ତ ଆକର୍ଷଣୀୟ ଦେଖାଯାଉଛି।



# କୃଷକଙ୍କ ବିକାଶରେ ଦେଶର ଉନ୍ନତି

କୃଷକ ହେଉଛନ୍ତି ଦେଶର ଆର୍ଥିକ ମେରୁଦଣ୍ଡ। କୃଷକଙ୍କ ବିକାଶରେ ଦେଶର ବିକାଶ ସମ୍ଭବ ହୋଇ ପାରିଥାଏ। ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଡିସେମ୍ବର ୨୩ରେ ଭାରତ କିଷାନ ଦିବସ ପାଳନ କରାଯାଇଥାଏ। କୃଷକମାନେ ଦେଶର ଅର୍ଥନୀତିର ଏକ ପ୍ରମୁଖ ଶକ୍ତି ଅଟନ୍ତି ଏବଂ ସେମାନଙ୍କୁ ସମ୍ମାନ ପ୍ରଦାନ କରିବା ଜରୁରୀ। ଏହି ଦିନ ଭାରତରେ ପଞ୍ଚମ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ଜନ୍ମ ଉତ୍ସବ ମଧ୍ୟ ପାଳନ କରାଯାଇଥାଏ। ସେ ସରକାର ଗଠନ କରିବା ପୂର୍ବରୁ କୃଷକ ଭାବରେ ନିଜର ଜୀବନ ଆରମ୍ଭ କରିଥିଲେ। ଏହି ଦିନ କୃଷକମାନଙ୍କର ମହତ୍ତ୍ୱ ଏବଂ ଦେଶର ସାମଗ୍ରିକ ସାମାଜିକ ଏବଂ ଅର୍ଥନୈତିକ ବିକାଶରେ ସେମାନଙ୍କର ମୂଲ୍ୟବାନ ଅବଦାନ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଥାଏ। ଭାରତ ମୁଖ୍ୟତଃ ଏକ କୃଷିଭିତ୍ତିକ ଦେଶ। ଦେଶର ଅର୍ଥନୀତି ତଥା ଭାରତର ନାଗରିକମାନେ ଦେଶର ବିକାଶକୁ ବଜାୟ ରଖିବା ପାଇଁ କୃଷକମାନଙ୍କ ଉପରେ ଅଧିକ ନିର୍ଭର କରିଥାନ୍ତି। ଚୌଧୁରୀ ଚରଣ ସିଂଙ୍କ କାର୍ଯ୍ୟକାଳ ୧୯୭୯ରୁ ୧୯୮୦ ପର୍ଯ୍ୟନ୍ତ ଥିଲା। ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ସ୍ୱଳ୍ପସମୟ ମଧ୍ୟରେ ସେ ଭାରତୀୟ କୃଷକଙ୍କ କଲ୍ୟାଣ ତଥା ଉନ୍ନତି ପାଇଁ ଚେଷ୍ଟା କରିଥିଲେ। କୃଷକଙ୍କ ସାମାଜିକ ସ୍ଥିତିକୁ ବଢ଼ାଇବା ପାଇଁ ଅନେକ ଯୋଜନା ଆରମ୍ଭ କରାଯାଇଥିଲା। କୃଷକଙ୍କଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟ ହେବା ପର୍ଯ୍ୟନ୍ତ ତାଙ୍କର ଆଦର୍ଶ କାର୍ଯ୍ୟ ଏବଂ ଯାତ୍ରା ପାଇଁ ଭାରତ ସରକାର ୨୦୦୧ ମସିହାରେ ସିଂଙ୍କ ଜନ୍ମ ବାର୍ଷିକୀକୁ କିଷାନ ଦିବସ ରୂପେ ପାଳନ କରିବାକୁ ସ୍ଥିର କରିଥିଲେ। ଏହି ଦିବସ ଅବସରରେ ସରକାର ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି କୃଷକଙ୍କୁ ସମର୍ଥନ କରି ବିଜେତାମାନଙ୍କୁ ପୁରସ୍କୃତ କରିଥାନ୍ତି।




ଫିଫା ବିଶ୍ୱକପ ଚାମ୍ପିୟନ ଆର୍ଜେଣ୍ଟିନା ଦଳ

## ସ୍ମରଣୀୟ ବିଶ୍ୱକପ୍

# ମେସି ମ୍ୟାଜିକ୍

**ବିଦାୟ ବେଳାରେ କ୍ରୀଡ଼ାବର୍ଷ ୨୦୨୨ । ଏହି ବର୍ଷ ଆୟୋଜିତ ହୋଇଛି ଫିଫା ବିଶ୍ୱକପ୍, ଟି୨୦ ବିଶ୍ୱକପ୍ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପରି ବଡ଼ ପ୍ରତିଯୋଗିତା । ଏକାଧିକ କାରଣ ପାଇଁ ସ୍ମରଣୀୟ ଥିଲା ଫିଫା ବିଶ୍ୱକପ । ଆର୍ଜେଣ୍ଟିନା ତୃତୀୟଥର ପାଇଁ ଟାଇଟଲ ଜିତିଥିବାବେଳେ ସାକାର ହୋଇଥିଲା ଲିଓନେଲ ମେସିଙ୍କ ସ୍ୱପ୍ନ । ଇଂଲଣ୍ଡ ଜିତିଥିଲା ଟି୨୦ ବିଶ୍ୱକପ୍ । ଅଚନ୍ତ ଶରଥ କମଲ ପାଇଥିଲେ ଖେଳରତ୍ନ ପୁରସ୍କାର । ରୋଜର ଫେଡେରର, ସେବାଷ୍ଟିଆନ ଭେଟେଲ, ମିଥାଲି ରାଜ୍‌ଙ୍କ ପରି ତାରକା ଅବସର ନେଇଥିବାବେଳେ ଶେନ୍ ୱର୍ନ ଓ ଆଣ୍ଡ୍ର୍ୟୁ ସାଇମଣ୍ଡସ୍‌ଙ୍କ ପରଲୋକ କ୍ରୀଡ଼ା ଜଗତକୁ ସ୍ତବ୍ଧ କରିଥିଲା ।**

## ଆର୍ଜେଣ୍ଟିନା ବିଶ୍ୱ ବିଜୟୀ

୨୦୨୨ ଥିଲା ଫିଫା ବିଶ୍ୱକପ୍‌ର ବର୍ଷ । କାତାରରେ ଅନୁଷ୍ଠିତ ଏହି ଫୁଟ୍‌ବଲ ମହାକୁମ୍ଭ ଅନେକ କାରଣରୁ ସ୍ମରଣୀୟ ହୋଇଯାଇଥିଲା । ଆରବ ଜଗତରେ ଏହା ଥିଲା ସର୍ବପ୍ରଥମ ଫିଫା ବିଶ୍ୱକପ୍ । ଦୀର୍ଘବର୍ଷ ବ୍ୟବଧାନରେ ଆର୍ଜେଣ୍ଟିନା ତୃତୀୟଥର ପାଇଁ ଟାଇଟଲ ବିଜେତା ହୋଇଥିବାବେଳେ କ୍ୟାରିୟର ସାୟାହ୍ନରେ ନିଜର ସ୍ୱପ୍ନ ସାକାର କରିଥିବା ପ୍ଲେ-ମେକର ଲିଓନେଲ ମେସି ଶ୍ରେଷ୍ଠ ଖେଳାଳି ମଧ୍ୟ ବିବେଚିତ ହୋଇଥିଲେ । ପୂର୍ବ ସଂସ୍କରଣର ଚାମ୍ପିୟନ ଫ୍ରାନ୍ସ ଏଥର ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲା । ଏହି ଦଳର ତାରକା ଖେଳାଳି କିଲିଆନ ଏମ୍‌ବାପେ ଟପ୍ ସ୍କୋରର ଭାବେ ଗୋଲ୍ଡେନ୍ ବୁଟ୍ ପାଇଥିଲେ । ପ୍ରତିଯୋଗିତାରେ ନିଜ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ବିସ୍ମିତ କରିଥିଲା ମରକ୍କୋ । ପ୍ରଥମ ଆଫ୍ରିକୀୟ ଦଳ ଭାବେ ମରକ୍କୋ କୌଣସି ଫିଫା ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଥିଲା । ବେଲ୍‌ଜିୟମ, ସ୍ପେନ୍ ଓ ପର୍ତ୍ତୁଗାଲ ପରି ଶକ୍ତିଶାଳୀ ଦଳକୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିବା ମରକ୍କୋ ୪ର୍ଥ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଥିଲା । ସାଉଦି ଆରବ, ଜାପାନ ଓ ଦକ୍ଷିଣ କୋରିଆ ଆଦି ଏସୀୟ ଦଳଗୁଡ଼ିକ ମଧ୍ୟ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ।

## ଖେଳରତ୍ନ ଅଚନ୍ତ ଶରଥ

ଏହି ବର୍ଷ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଥିଲେ ଭେଟେରାନ ଟେବୁଲ ଟେନିସ୍ ତାରକା ଅଚନ୍ତ ଶରଥ କମଲ । ୨୬ ଜଣ ଆଥ୍‌ଲେଟଙ୍କୁ ଅର୍ଜୁନ ପୁରସ୍କାର ମିଳିଥିବା ବେଳେ ଏକମାତ୍ର ଶରଥ ପାଇଥିଲେ ଭାରତୀୟ କ୍ରୀଡ଼ାର ଏହି ସର୍ବୋଚ୍ଚ ପୁରସ୍କାର । ଶରଥ ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪ଟି ପଦକ ବିଜୟୀ ହୋଇଥିଲେ । ଏଥିରେ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସାମିଲ ଥିଲା । ଏହା ବ୍ୟତୀତ ସେ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ ।


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଖେଳରତ୍ନ ପୁରସ୍କାର ଗ୍ରହଣ କରୁଛନ୍ତି ଅଚନ୍ତ ଶରଥ କମଲ


ଭିନି ରମଣଙ୍କ ସହ ଗ୍ଲେନ୍ ମ୍ୟାକ୍ସୱେଲ

## ବିବାହ ଓ ବିଚ୍ଛେଦ

୨୦୨୨ରେ କେତେକ କ୍ରୀଡ଼ାବିତ୍ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବାବେଳେ କିଛି ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । ଭାରତୀୟ କ୍ରିକେଟର ଦୀପକ ଚହର ତାଙ୍କ ପ୍ରେମିକା ଜୟା ଭରଦ୍ୱାଜଙ୍କ ହାତ ଧରିଥିବାବେଳେ ଅଷ୍ଟ୍ରେଲିଆ କ୍ରିକେଟର ଗ୍ଲେନ୍ ମ୍ୟାକ୍ସୱେଲ ପ୍ରେମିକା ଭିନି ରମଣଙ୍କୁ ବିବାହ କରିଥିଲେ । ଟୁର୍ ଡି ଫ୍ରାନ୍ସ ବିଜେତା ଲାନ୍ସ ଆର୍ମଷ୍ଟ୍ରଙ୍ଗ ମଧ୍ୟ ବିବାହ କରିଥିଲେ । ଫୁଟ୍‌ବଲ ଓ ମନୋରଞ୍ଜନ ଦୁନିଆର ସୁପରଷ୍ଟାର ଦମ୍ପତି ଜେରାର୍ଡ ପିକ୍ୟୁ ଓ ଶାକିରା କିନ୍ତୁ ଦୀର୍ଘ ୧୪ ବର୍ଷ ପରେ ଅଲଗା ହୋଇଥିଲେ ।

## ନୂଆ ଦାୟିତ୍ୱ

ପୂର୍ବତନ ଗୋଲ୍‌କିପର ତଥା ଭାଜପା ନେତା କଲ୍ୟାଣ ଚୌବେ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନର ସଭାପତି ନିର୍ବାଚିତ ହୋଇଥିଲେ । ନିର୍ବାଚନରେ ପୂର୍ବତନ ଭାରତୀୟ ଅଧିନାୟକ ବାଇଚୁଙ୍ଗ ଭୂଟିଆଙ୍କୁ ୩୨-୧ରେ ପରାସ୍ତ କରିଥିଲେ ଚୌବେ । ବିଶ୍ୱର ସବୁଠାରୁ ଧନୀ କ୍ରିକେଟ୍ ବୋର୍ଡ 'ବିସିସିଆଇ'ର ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ରୋଜର ବିନ୍ନି । ସୌରଭ ଗାଙ୍ଗୁଲିଙ୍କ ଉତ୍ତରାଧିକାରୀ ଭାବରେ ୧୯୮୩ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ବିନ୍ନି ୩୬ତମ ବିସିସିଆଇ ସଭାପତି ରୂପେ ନିର୍ବାଚିତ ହୋଇଥିଲେ ।

## ଚର୍ଚ୍ଚାରେ କୋହଲି, ଜୋକୋଭିଚ୍

ଏହି ବର୍ଷ ଚର୍ଚ୍ଚାରେ ରହିଥିଲେ ଭାରତର ସଫଳତମ ଟେଷ୍ଟ ଅଧିନାୟକ ବିରାଟ କୋହଲି ଓ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟେନିସ୍ ତାରକା ନୋଭାକ ଜୋକୋଭିଚ୍ । କୋହଲିଙ୍କୁ ପ୍ରଥମେ ଟେଷ୍ଟ ଦଳର ଅଧିନାୟକ ପଦରୁ ହଟାଯାଇଥିଲା ଏବଂ ପରେ ୩ଟି ଯାକ ଫର୍ମାଟ୍‌ର ଅଧିନାୟକ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଥିଲା । ଏହାକୁ କୋହଲିଙ୍କ ପ୍ରଶଂସକମାନେ ସହଜରେ ଗ୍ରହଣ କରିପାରି ନ ଥିଲେ । ତେବେ ଏସିଆ କପ୍ ଟି୨୦ରେ ଆଫଗାନିସ୍ତାନ ବିପକ୍ଷରେ ଶତକ ହାସଲ କରିବା ସହିତ କୋହଲି ୧୦୨୨ ଦିନ ପ୍ରତୀକ୍ଷାର ଅନ୍ତ ଘଟାଇଥିଲେ । ସମାଲୋଚକଙ୍କ ମୁହଁ ବନ୍ଦ କରିବା ସହିତ ୨୦୨୨ ଟି୨୦ ବିଶ୍ୱକପ୍‌ରେ ସର୍ବାଧିକ ରନ୍ ସ୍କୋର କରିଥିଲେ । ସର୍ବୀୟ ଟେନିସ୍ ତାରକା ନୋଭାକ୍ ଜୋକୋଭିଚ କିନ୍ତୁ ଭିନ୍ନ କାରଣ ପାଇଁ ଚର୍ଚ୍ଚାରେ ରହିଥିଲେ । କୋଭିଡ୍ ଟିକା ନେଇ ନ ଥିବାରୁ ସେ ୨୦୨୨ରେ ୨ଟି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିପାରି ନ ଥିଲେ । ସିଜନ ପ୍ରାରମ୍ଭ ଅଷ୍ଟ୍ରେଲିଆନ ଓପନ୍‌ରୁ ଏହି ନାଟକ ଆରମ୍ଭ ହୋଇଥିଲା । ଅଷ୍ଟ୍ରେଲିଆର କୋଭିଡ୍ ଟିକା ନିୟମରେ ବଳିପଡ଼ିଯାଇଥିଲେ ଜୋକୋଭିଚ୍ । ସେଠାକାର ସରକାର ତାଙ୍କ ଭିଜା ବାତିଲ ସହ ଦେଶରୁ ବିଦା କରିଥିଲେ । ସେ କେବଳ ୱିମ୍ବଲଡନ ଓପନ୍‌ରେ ଅଂଶଗ୍ରହଣ କରିଥିଲେ ।


ନୋଭାକ ଜୋକୋଭିଚ୍

## ଭାରତୀୟ ବ୍ୟାଡ୍‌ମିଣ୍ଟନରେ ସ୍ୱର୍ଣ୍ଣିମ ଅଧ୍ୟାୟ

ବର୍ଷ ୨୦୨୨ରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ସଫଳତାର ଶିଖର ଛୁଇଁଥିଲା । ପ୍ରଥମଥର ପାଇଁ ଥୋମାସ୍ କପ୍ ଚାମ୍ପିୟନ ହୋଇଥିଲା ଭାରତୀୟ ପୁରୁଷ ଦଳ । ୧୪ଥର ଚାମ୍ପିୟନ୍ ଇଣ୍ଡୋନେସିଆକୁ ଫାଇନାଲରେ ୩-୦ରେ ପରାସ୍ତ କରିଥିଲା । କିଡ଼ାମ୍ବୀ ଶ୍ରୀକାନ୍ତ, ଲକ୍ଷ୍ୟ ସେନ୍ ଓ ଚିରାଗ ସେଟ୍ଟୀ ଏବଂ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ରେ ଭାରତକୁ ବ୍ୟାଡ୍‌ମିଣ୍ଟନରୁ ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ମିଳିଥିଲା ।

- ଫେବୃୟାରୀରେ ଚାଇନାରେ ଅନୁଷ୍ଠିତ ହୋଇଥିଲା ୱିଣ୍ଟର ଅଲିମ୍ପିକ୍ସ । ଏଥିସହ ପ୍ରଥମ ସହରଭାବେ ବେଜିଂ ଗ୍ରୀଷ୍ମକାଳୀନ ଓ ୱିଣ୍ଟର ଅଲିମ୍ପିକ୍ସ ଆୟୋଜନ କରି ରେକର୍ଡର ଅଧିକାରୀ ହୋଇଥିଲା ।
- ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ୮ମ ସଂସ୍କରଣରେ ଇଂଲଣ୍ଡ ଚାମ୍ପିୟନ ଓ ପାକିସ୍ତାନ ରନରଅପ୍ ହୋଇଥିଲା ।
- ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ୍ ଦଳ ଏସିଆ କପ୍ ଓ ଦିନିକିଆ ବିଶ୍ୱକପ୍ ଜିତିଥିଲା ।
- ସ୍ମୃତି ମନ୍ଧାନାଙ୍କୁ ଆଇସିସି ମହିଳା କ୍ରିକେଟର ଅଫ୍ ଦ ଇୟର ପୁରସ୍କାର ।
- ୨୦୨୨ରେ ସ୍ପେନ୍‌ର ରାଫାଲ୍ ନାଡାଲ ଅଷ୍ଟ୍ରେଲିଆନ୍ ଓପନ୍ ଓ ଫ୍ରେଞ୍ଚ ଓପନ୍, ନୋଭାକ୍ ଜୋକୋଭିଚ୍ ୱିମ୍ବଲଡନ୍ ଏବଂ କାର୍ଲୋସ୍ ଅଲକାରାଜ୍ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ହାସଲ କରିଥିଲେ । ମହିଳା ବର୍ଗରେ ପୋଲାଣ୍ଡର ଇଗା ସ୍ୱିଟେକ୍ ଫ୍ରେଞ୍ଚ ଓପନ, ୟୁଏସ୍ ଓପନ୍,ଏଲେନା ରିବାକିନା ଫ୍ରେଞ୍ଚ ଓପନ୍ ଏବଂ ଆସ୍‌ଲେ ବାର୍ଟି ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିଲେ ।
- ପି.ଆର. ଶ୍ରୀଜେଶଙ୍କୁ ୱାର୍ଲ୍ଡ ଗେମ୍ ଆଥ୍‌ଲେଟ ଅଫ୍ ଦ ଇୟର ସମ୍ମାନ ।

## ଅବସର ନେଲେ ଫେଡେରର

ବିଦାୟୀ ବର୍ଷରେ ଅନେକ ଦିଗ୍‌ଗଜ ଖେଳାଳି ନିଜ ପେସାଦାର କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ସେମାନଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିଛନ୍ତି ଟେନିସ୍‌ର ମହାନାୟକ ରୋଜର ଫେଡେରର । ସେପ୍ଟେମ୍ବରରେ ଅନୁଷ୍ଠିତ ଲାଭର କପ୍ ଖେଳି ସେ ଅବସର ନେଇଛନ୍ତି । ଏହି ତାଲିକାରେ ସାମିଲ ହୋଇଥିଲେ ବିଶ୍ୱର ପୂର୍ବତନ ଏକ ନମ୍ବର ମହିଳା ଖେଳାଳି ଆସଲେ ବାର୍ଟି । ସେ ମାତ୍ର ୨୫ ବର୍ଷ ବୟସରେ ଟେନିସ୍‌କୁ ଅଲ୍‌ବିଦା ଜଣାଇଥିଲେ । ପୂର୍ବତନ ଫର୍ମୁଲା ୱାନ୍ ଚାମ୍ପିୟନ ସେବାଷ୍ଟିଆନ ଭେଟେଲ ମଧ୍ୟ ନିଜ କ୍ୟାରିୟରରେ ଟାଣିଥିଲେ ପୂର୍ଣ୍ଣଚ୍ଛେଦ । ଭାରତୀୟ କ୍ରିକେଟରଙ୍କ ମଧ୍ୟରେ ୬ ବିଶ୍ୱକପ ଖେଳିଥିବା ମିଥାଲି ରାଜ୍, ଝୁଲଣ ଗୋସ୍ୱାମୀ, ସୁରେଶ ରାଇନା, ରବିନ୍ ଉତ୍ଥପ୍ପା ଓ ଏସ୍. ଶ୍ରୀସନ୍ଥ ଏଥିରେ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂଲଣ୍ଡର ପ୍ରଥମ ବିଶ୍ୱକପ୍ ବିଜୟୀ ଅଧିନାୟକ ଇଓନ ମୋର୍ଗାନ ନିଜ କ୍ରିକେଟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ ।




ରୋଜର ଫେଡେରର

## ପରପାରିରେ ୱର୍ନ

୨୦୨୨ରେ ଅନେକ କ୍ରୀଡ଼ାବିତ୍‌ଙ୍କ ଅକାଳ ବିୟୋଗ ଘଟିଥିଲା । ସ୍ପିନ୍ ଯାଦୁଗର ଶେନ୍ ୱର୍ନ ଏହା ମଧ୍ୟରୁ ଅନ୍ୟତମ । ୫୨ ବର୍ଷ ବୟସରେ ସେ ହୃଦ୍‌ଘାତରେ ମୃତ୍ୟୁ ବରଣ କରିଥିଲେ । ଅଷ୍ଟ୍ରେଲିଆର ଆଉ ଜଣେ କ୍ରିକେଟର ଆଣ୍ଡ୍ର୍ୟୁ ସାଇମଣ୍ଡସ୍ ମଧ୍ୟ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ଦୁଇଜଣ ପୂର୍ବତନ ଏଲିଟ ପ୍ୟାନେଲ ଅମ୍ପାୟର ରୁଡି କର୍ଜନ ଓ ଅସଦ ରୌଫ୍ ମଧ୍ୟ ହୃଦ୍‌ଘାତରେ ପରଲୋକ ଗମନ କରିଥିଲେ ।


ଥୋମାସ୍ କପ୍ ଚାମ୍ପିୟନ ଭାରତୀୟ ଦଳ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୨୩/୨୦୨୨ Sambalpur, Friday, December 23/ 2022

# ବାଂଲାଦେଶ ୨୨୭ରେ ସୀମିତ

**ଢାକା ଟେଷ୍ଟ**

ମୀରପୁର,୨୨।୧୨

ଗୁରୁବାର ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ମାତ୍ର ୨୨୭ ରନରେ ଅଲଆଉଟ ହୋଇଛି ବାଂଲାଦେଶ। ଉମେଶ ଯାଦବ ଓ ରବିଚନ୍ଦ୍ରନ ଅଶ୍ୱିନ ୪ଟି ଲେଖାଏ ଉଇକେଟ ନେଇ ଘରୋଇ ଦଳର ବିପର୍ଯ୍ୟୟ ଘଟାଇଥିଲେ। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭାରତ ବିନା କ୍ଷତିରେ ୧୯ ରନ ସଂଗ୍ରହ କରିଛି। ଶେର ଏ ବାଙ୍ଗଲା ଷ୍ଟାଡିୟମରେ ଟସ୍ ଜିତି ବାଂଲାଦେଶ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ବାଂଲାଦେଶର ସମସ୍ତ ବ୍ୟାଟରଙ୍କୁ ଭଲ ଆରମ୍ଭ ମିଳିଥିଲେ ହେଁ ଏହାକୁ ବଡ ସ୍କୋରରେ ରୂପାନ୍ତରିତ କରିବାରେ ବିଫଳ ହୋଇଥିଲେ। ମୋମିନୁଲ୍ ହକ୍ ଘରୋଇ ଦଳ ପକ୍ଷରୁ ଟପ୍ ସ୍କୋରର(୮୪ ରନ) ରହିଥିଲେ। ୧୫୭ ବଲ ଖେଳି ସେ ୧୨ ଚୌକା ଓ ୧ ଛକା ମାରିଥିଲେ। ଜାକିର ହସନ(୧୫) ଓ ନଜମୋଲ ହସନ ଶନ୍ତୋ(୨୪) ପ୍ରଥମ ଉଇକେଟରେ ୩୯ ରନ୍ ଯୋଡିଥିଲେ। ତେବେ ୩ ବଲ ମଧ୍ୟରେ ଉଭୟ ଖେଳାଳି ଆଉଟ ହେବା ସହିତ ଦଳ ସଙ୍କଟରେ ପଡିଥିଲା। ପରବର୍ତ୍ତୀ ବ୍ୟାଟରଙ୍କ ମଧ୍ୟରେ ଶାକିବ୍ ଅଲ ହସନ ୧୬, ମୁଶଫିକର ରହିମ ୨୬, ଲିଟନ୍ ଦାସ ୨୫ ଓ ମେହିଦୀ ହସନ ମିରାଜ ୧୫ ଭଲ ଆରମ୍ଭ ପାଇଥିଲେ ହେଁ ବଡ ସ୍କୋର କରିପାରି ନ ଥିଲେ। ଭାରତୀୟ ବୋଲର ନିୟମିତ ବ୍ୟବଧାନରେ ଉଇକେଟ ଅକ୍ତିଆର କରିବା ସହିତ ବାଂଲାଦେଶର ରନ ହାରକୁ ନିୟନ୍ତ୍ରଣରେ ରଖିଥିଲେ। ଏକଦା ୨୧୩/୫ ରହିଥିବା ବାଂଲାଦେଶ ପରବର୍ତ୍ତୀ ୫ ଉଇକେଟ ମାତ୍ର ୧୪ ରନରେ ହରାଇଥିଲା। ଭାରତ ପକ୍ଷରୁ ଉମେଶ ଯାଦବ ନିଜ ଅନ୍ତିମ ସ୍ପେଲରେ ଘାତକ ବୋଲିଂ କରିଥିଲେ। ଉମେଶ ୨୫ ରନରେ ୪ ଉଇକେଟ ନେଇଥିବା ବେଳେ ଅଶ୍ୱିନ ୭୧ ରନରେ ୪ ଉଇକେଟ ନେଇଥିଲେ। ପ୍ରତ୍ୟାବର୍ତ୍ତନ କରିଥିବା ଜୟଦେବ ଉନାଡକଟ ଅନ୍ୟ ୨ ଉଇକେଟ ନେଇଥିଲେ। ଭାରତ ଇନିଂସରେ ମାତ୍ର ୮ ଓଭର ଖେଳ ସମ୍ଭବ ହୋଇଥିବା ବେଳେ ଦଳ ବିନା ଉଇକେଟରେ ୧୯ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଶୁବମାନ ଗିଲ୍ ୧୪ ଓ ଲୋକେଶ ରାହୁଲ ୩ ରନ୍‌ରେ ବ୍ୟାଟିଂ କରୁଛନ୍ତି।


ଉମେଶ ଯାଦବ-୪/୨୫।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୭୩.୫ ଓଭରରେ ୨୨୭/୧୦( ମୋମିନୁଲ ହକ୍-୮୪, ମୁଶଫିକର ରହିମ-୨୬, ଲିଟନ୍ ଦାସ-୨୫, ଉମେଶ ଯାଦବ-୪/୨୫, ରବିଚନ୍ଦ୍ରନ ଅଶ୍ୱିନ-୪/୭୧, ଜୟଦେବ ଉନାଡକଟ-୨/୫୦)। ଭାରତ ୮ ଓଭରରେ ୧୯/୦ଣ (ଶୁବମାନ ଗିଲ୍-୧୪, ଲୋକେଶ ରାହୁଲ-୩)।

## ୧୧୮ ମ୍ୟାଚ୍ ପରେ ଫେରିଲେ ଉନାଡକଟ

ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଜୟଦେବ ଉନାଡକଟ ଏକ ଅଲୋଡା ରେକର୍ଡ ନିଜ ନାମରେ କରିଛନ୍ତି। ଦୀର୍ଘ ୧୧୮ ମ୍ୟାଚ ପରେ ସେ ଭାରତୀୟ ଦଳକୁ ଫେରିଛନ୍ତି। ଡିସେମ୍ବର ୧୬, ୨୦୧୦ରେ ଦକ୍ଷିଣ ଆଫ୍ରିକାର ସେଞ୍ଚୁରିଆନରେ ସେ ଟେଷ୍ଟ ପଦାର୍ପଣ କରିଥିଲେ। ଏହାପରେ ସେ ଦଳରୁ ବାଦ୍ ପଡିଥିବା ବେଳେ ବିଶ୍ୱ କ୍ରିକେଟରେ ଖେଳା ଯାଇଛି ୧୧୮ ଟେଷ୍ଟ। ଏହି ମାମଲାରେ ଗ୍ୟାରେଥ୍ ବାଟି ୧୪୨ ଟେଷ୍ଟ ପରେ ଇଂଲଣ୍ଡ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମହମ୍ମଦ ଶାମିଙ୍କ ବଦଳ ଖେଳାଳି ଭାବରେ ଭାରତୀୟ ଦଳରେ ସାମିଲ ହୋଇଥିଲେ ଉନାଡକଟ। ଦ୍ୱିତୀୟ ଟେଷ୍ଟରେ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବା ସହିତ ଦୁଇ ଉଇକେଟ ଅକ୍ତିଆର କରିଛନ୍ତି। ଓପନର ଜାକିର ହସନ ଓ ଉଇକେଟ କିପର ମୁସଫିକର ରହିମଙ୍କୁ ସେ ଆଉଟ କରିଥିଲେ। ବିଜୟ ହଜାରେ ଟ୍ରଫିରେ ୧୦ ମ୍ୟାଚରୁ ୧୯ ଉଇକେଟ ନେଇ ଉନାଡକଟ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ୯୬ ପ୍ରଥମ ଶ୍ରେଣୀ ମ୍ୟାଚରେ ସେ ୩୫୩ ଉଇକେଟ ନେଇଛନ୍ତି।

# ତୃତୀୟ ଦିନରେ କିଟ୍‌କୁ ୨ ବ୍ରୋଞ୍ଜ

**ଉତ୍ତର ପୂର୍ବାଞ୍ଚଳ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ୍ସ**

ଭୁବନେଶ୍ୱର, ୨୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଉତ୍ତର ପୂର୍ବାଞ୍ଚଳ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଆୟୋଜକ ଦଳର ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଗୁରୁବାର ଦ୍ୱିତୀୟ ଦିବସରେ କିଟ୍ ପ୍ରତିଯୋଗୀଙ୍କୁ ୨ଟି ବ୍ରୋଞ୍ଜ ପଦକ ମିଳିଛି। ଶଟପୁଟରେ ବନମ ଶର୍ମା ଓ ୧୧୦ ମିଟର ବାଧାଦୌଡରେ ଦୁଇଟି ଯାକ ପଦକ ମିଳିଛି। ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଓ ଦ୍ୟୁତୀ ଚାନ୍ଦ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ୨୫୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରୁ ୨୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅନୁମୋଦନକ୍ରମେ ଏହି ପ୍ରତିଯୋଗିତା କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଛି।



କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଉତ୍ତର ପୂର୍ବାଞ୍ଚଳ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଚାମ୍ପିୟନଶିପର କୃତି ପ୍ରତିଯୋଗୀଙ୍କୁ ଗୁରୁବାର ପୁରସ୍କୃତ କରିବା ଅବସରରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଦୂତୀ ଚାନ୍ଦ।

# ପରାଜୟ ଆଶଙ୍କାରେ ଓଡ଼ିଶା

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୨୨।୧୨ (କ୍ରୀଡ଼ା ପ୍ରତିନିଧି)

ଡେରାଡୁନରେ ଚାଲିଥିବା ଉତ୍ତରାଖଣ୍ଡ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ପରାଜୟ ଆଶଙ୍କାରେ ପଡ଼ିଛି। ପ୍ରଥମ ଇନିଂସରେ ଓଡ଼ିଶା ୨୧୩ ରନ କରିଥିବାବେଳେ ଉତ୍ତରାଖଣ୍ଡ ୪୭୭ ରନକରି ୨୬୪ ରନରେ ଅଗ୍ରଣୀଲାଭ କରିଥିଲା। ଦ୍ୱିତୀୟ ଇନିଂସରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଗୁରୁବାର ତୃତୀୟ ଦିବସ ଶେଷ ବେଳକୁ ୪ ଉଇକେଟ ହରାଇ ୯୭ ରନ କରିଛି। ଶାନ୍ତନୁ ମିଶ୍ର ଓ ନାଇଟ ୱାଚମ୍ୟାନ ଶୁଭମ୍ ନାୟକ ଖାତା ଖୋଲିପାରି ନ ଥିବାବେଳେ ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୩ ଓ ବିପ୍ଳବ ସାମନ୍ତରାୟ ୯ ରନ କରି ଆଉଟ ହୋଇଛନ୍ତି। ଓପନର ଅନୁରାଗ ଷଡ଼ଙ୍ଗୀ ୫୯ ଓ କାର୍ତ୍ତିକ ବିଶ୍ୱାଳ ୪ ରନକରି ଅପରାଜିତ ରହିଛନ୍ତି। ଉତ୍ତରାଖଣ୍ଡ ବୋଲର ମୟଙ୍କ ମିଶ୍ର ୨ଟି ଏବଂ ଦୀପକ ଧପୋଲା ଓ ଆକାଶ ମାଧ୍ୱାଲ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଶୁକ୍ରବାର ମ୍ୟାଚର ଶେଷ ଦିବସ ହୋଇଥିବାବେଳେ ଓଡ଼ିଶା ଆହୁରି ୧୬୭ ରନ ପଛରେ ରହିଛି।

### ଜିୱନଜୋତଙ୍କ ଦ୍ୱିଶତକ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୩୦୮/୩ରୁ ଖେଳ ଆରମ୍ଭ କରିଥିବା ଉତ୍ତରାଖଣ୍ଡ ତୃତୀୟ ଦିବସରେ ଆଉ ୧୬୯ ରନ ଯୋଗକରି ଅବଶିଷ୍ଟ ୭ଟି ଉଇକେଟ ହରାଇଥିଲା। ଅଧିନାୟକ ସ୍ୱପ୍ନିଲ ସିଂ ଦ୍ୱିଶତକ ହାସଲ କରି ଉତ୍ତରାଖଣ୍ଡକୁ ମଜଭୁତ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ସେ ୩୬୩ଟି ବଲ୍‌ର ସମ୍ମୁଖୀନ ହୋଇ ୩୫ ଚୌକା ସହାୟତାରେ ୨୧୮ ରନ ସ୍କୋର କରିଥିଲେ। ସ୍ୱପ୍ନିଲ ସିଂ ୬୫ ଓ ଆଦିତ୍ୟ ତାରେ ୫୭ ରନର ଯୋଗଦାନ ଦେଇଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ପ୍ରଧାନ ସର୍ବାଧିକ ୩ଟି, ଶୁଭମ୍ ନାୟକ ଓ ଅଭିଷେକ ରାଉତ ୨ଟି ଲେଖାଏ ଏବଂ ବିପ୍ଳବ ସାମନ୍ତରାୟ ଓ ସୌରଭ କନୋଜିଆ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୧୩। ଉତ୍ତରାଖଣ୍ଡ ପ୍ରଥମ ଇନିଂସ: ୪୭୭/ଅଲ୍‌ଆଉଟ (ଜିୱନଜୋତ ସିଂ-୨୧୮, ସ୍ୱପ୍ନିଲ ସିଂ-୬୫, ଆଦିତ୍ୟ ତାରେ-୫୭, ସୂର୍ଯ୍ୟକାନ୍ତ ପ୍ରଧାନ -୩/୯୦, ଶୁଭମ୍ ନାୟକ-୨/୭୯, ଅଭିଷେକ ରାଉତ-୨/୩୩, ବିପ୍ଳବ ସାମନ୍ତରାୟ-୧/୫୨, ସୌରଭ କନୋଜିଆ-୧୨୧)। ଓଡ଼ିଶା ଦ୍ୱିତୀୟ ଇନିଂସ: ୯୭/୪ (ଅନୁରାଗ ଷଡ଼ଙ୍ଗୀ-୫୯*, ମୟଙ୍କ ମିଶ୍ର-୨/୨୯, ଦୀପକ ଧପୋଲା-୧/୮, ଆକାଶ ମାଧ୍ୱାଲ-୧/୨୧)।

# ଜାତୀୟ ସବ୍‌ଜୁନିୟର ରଗ୍‌ବୀ: ଓଡ଼ିଶା ବାଳିକାଙ୍କୁ ରୌପ୍ୟ


ଜାତୀୟ ସବ୍‌ଜୁନିୟର ମହିଳା ରଗ୍‌ବୀ ଚାମ୍ପିୟନଶିପର ରୌପ୍ୟ ବିଜୟୀ ଓଡ଼ିଶା ବାଳିକା ଦଳ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଜାତୀୟ ସବ୍‌ଜୁନିୟର ମହିଳା ରଗ୍‌ବୀ ଚାମ୍ପିୟନଶିପରେ ଓଡ଼ିଶା ବାଳିକା ଦଳକୁ ମିଳିଛି ରୌପ୍ୟ ପଦକ। ଗୁଜରାଟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଥିଲା। ଫାଇନାଲରେ ଓଡ଼ିଶା ବାଳିକା ଦଳ ବିହାର ନିକଟରୁ ୨୦-୦ରେ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଏହା ପୂର୍ବରୁ ଓଡ଼ିଶା ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗକୁ ଯଥାକ୍ରମେ ୧୦-୦ ଓ ୧୦-୫ରେ ପରାସ୍ତ କରିଥିଲା। ଅନ୍ୟ ପକ୍ଷରେ ଓଡ଼ିଶା ବାଳକ ଦଳ କ୍ୱାର୍ଟର ଫାଇନାଲରେ କେରଳ ନିକଟରୁ ୫-୦ରେ ପରାସ୍ତ ହୋଇଥିଲା। ଦଳର ଏହି ସଫଳତା ପାଇଁ ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ଶୁଭେଚ୍ଛା ଜଣାଇବା ସହିତ କ୍ରୀଡା ଓ ଯୁବ ସେବା ବ୍ୟାପାର ବିଭାଗକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଟ୍ରେନ୍ ଟିକଟ ଉପଲବ୍ଧ ନଥିବା ବେଳେ ଶେଷ ମୁହୂର୍ତ୍ତରେ କ୍ରୀଡା ଓ ଯୁବ ସେବା ବ୍ୟାପାର ପକ୍ଷରୁ ବିମାନ ଟିକଟ ବ୍ୟବସ୍ଥା କରାଯାଇଥିଲା।

## ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା: ଆର୍ଯ୍ୟନ ମନୋନୀତ

**ଭୁବନେଶ୍ୱର, ୨୨।୧୨ (କ୍ରୀଡ଼ା ପ୍ରତିନିଧି):** ମେଘାଳୟରେ ହେବାକୁଥିବା ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ପାଇଁ ଗୁରୁବାର ଘୋଷିତ ଉତ୍କଳ ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ ଦଳରେ ଅନ୍ତର୍ଜାତୀୟ ଅଭିଜ୍ଞତା ସମ୍ପନ୍ନ ଆର୍ଯ୍ୟନ ବ୍ରାହ୍ମିନ ସ୍ଥାନ ପାଇଛନ୍ତି। ସମ୍ପ୍ରତି ବିଜୁ ପଟ୍ଟନାୟକ ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟରେ ଅର୍ଥଶାସ୍ତ୍ର ସମ୍ମାନର ପ୍ରଥମ ବର୍ଷ କଳା ଛାତ୍ର ଆର୍ଯ୍ୟନ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଫଳ ସ୍ୱରୂପ ତାଙ୍କୁ ୧୨ ଜଣିଆ ଦଳରେ ସାମିଲ କରାଯାଇଛି। ଓଡିଶାର ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ୍ ତେହେରାନରେ ଅନୁଷ୍ଠିତ ଏସିଆନ ବିଚ୍ ହ୍ୟାଣ୍ଡବଲ ଏବଂ ବାହାରିନରେ ଏସିଆନ ଯୁବ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# ସେମିରେ ଇଷ୍ଟକୋଷ୍ଟ ରେଲୱେ

ସୋର, ୨୨।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲ ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡି ନବୋଦୟ ପଡ଼ିଆଠାରେ ଚାଲିଥିବା ୨୪ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ରଟୁ କ୍ଲବ, ରାଞ୍ଚିକୁ ହରାଇ ଇଷ୍ଟକୋଷ୍ଟ ରେଲୱେ, ଖୋର୍ଦ୍ଧା ଦ୍ୱିତୀୟ ସେମିଫାଇନାଲରେ ପ୍ରବେଶ କରିଛି। ରଟୁ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭର ଖେଳି ୯ ଉଇକେଟ ହରାଇ ୧୮୭ ରନ୍ ସଂଗ୍ରହ କରିଥିଲା। ଦଳର ବ୍ୟାଟ୍ସମ୍ୟାନ ଆଦିତ୍ୟ ଆନନ୍ଦ ୩୯ଟି ବଲ ଖେଳି ୩୪ ରନ ଏବଂ ରାଜା ବାବୁ ୨୭ ବଲରୁ ୩୨ ରନ ସଂଗ୍ରହ କରିଥିବା ବେଳେ ଇଷ୍ଟକୋଷ୍ଟ ରେଲୱେ ଟିମ୍‌ର ବୋଲର ରାକେଶ ମହାନ୍ତି ୬ ଓଭର ବୋଲିଂ କରି ୩୧ ରନରେ ୫ଟି ଉଇକେଟ ଅକ୍ତିଆର କରି ରଟୁ କ୍ଲବର ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଏହାର ଜବାବରେ ଇଷ୍ଟକୋଷ୍ଟ ରେଲୱେ ୨୪ ଓଭରରେ ୬ ଉଇକେଟ ହରାଇ ୧୮୯ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରାଘବ ରାଜନ ୬୯ଟି ବଲରୁ ୮୨ ରନ ଏବଂ ଅଭିଷେକ ଯାଦବ ୩୧ ବଲରୁ ୫୬ ରନ ସଂଗ୍ରହ କରିଥିଲେ। ରାକେଶ ମହାନ୍ତି ୬ ଓଭର ବୋଲିଂ କରି ୩୧ ରନ୍ ଦେଇ ୫ଟି ଉଇକେଟ ଅକ୍ତିଆର କରିଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ରାକେଶ ମହାନ୍ତିଙ୍କୁ ଅତିଥି ଭାବେ ସାମାଜିକ କର୍ମୀ ଜନ୍ମେଜୟ ବିନ୍ଧାଣୀ ପୁରସ୍କାର ପ୍ରଦାନ କରିଥିଲେ।

# ଦକ୍ଷିଣ କୋରିଆ-ଓଡ଼ିଶା ଜୁନିୟର ହକି ଦଳର ଅଭ୍ୟାସ ମ୍ୟାଚ୍ ଆଜି

ରାଉରକେଲା ଅଫିସ,୨୨।୧୨

ବିଶ୍ୱକପ୍ ପୁରୁଷ ହକି ମ୍ୟାଚ୍ ଯେତେ ପାଖେଇ ଆସୁଛି ରାଉରକେଲା ସହରରେ ହକି କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ସେତେ ଉତ୍ସାହ ବଢ଼ିବାରେ ଲାଗିଛି । ଏହି ବିଶ୍ୱକପ୍ ମ୍ୟାଚ୍ ପାଇଁ ନିବନିର୍ମିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ଗୁରୁବାରଠାରୁ ଅଭ୍ୟାସ ମ୍ୟାଚ୍ ଆରମ୍ଭ ହୋଇଛି। ଭାରତ ଜୁନିୟର ଦଳ ସହ ସେଲ୍ ହକି ଏକାଡେମୀ ମଧ୍ୟରେ ସନ୍ଧ୍ୟା ୭ଟାରେ ଏକ ଅଭ୍ୟାସ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଦକ୍ଷିଣ କୋରିଆ ଜୁନିୟର ଓ ଭାରତ ଜୁନିୟର ଦଳ ବୁଧବାର ରାତି ୮ଟାରେ ରାଉରକେଲାର ଏକ ଘରୋଇ ହୋଟେଲରେ ପହଞ୍ଚିଥିଲେ। ଗୁରୁବାର ରାଉରକେଲା ସୁପର ସ୍ପେଶାଲିଟି ହସ୍ପିଟାଲରେ ଉଭୟ ଦଳର ଖେଳାଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସନ୍ଧ୍ୟା ୬ଟାରେ ଦୁଇ ଦଳର ଖେଳାଳିମାନେ ବସ୍ ଯୋଗେ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ପହଞ୍ଚିବା ପରେ ଷ୍ଟାଡିୟମ୍‌ରେ ଥିବା ଆଷ୍ଟ୍ରୋ ଟର୍ଫ ପଡିଆରେ ଅଭ୍ୟାସ କରିଥିଲେ। ଶୁକ୍ରବାର ଓଡିଶା ହକି ଦଳ ଓ ଦକ୍ଷିଣ କୋରିଆ ଜୁନିୟର ଦଳ ମଧ୍ୟରେ ଅଭ୍ୟାସ ମ୍ୟାଚ୍ ଖେଳାଯିବ। ଖେଳକୁ ଏଫ୍‌ଆଇଏଚ୍ ପରିଚାଳନା କରିବ। ଅନ୍ୟପକ୍ଷେ ଅଫ୍‌ଲାଇନ୍ ଟିକେଟ ପାଇଁ ବିର୍ସାମୁଣ୍ଡା ଷ୍ଟାଡିୟମର ୨ ଓ ୬ ନମ୍ବର କାଉଣ୍ଟର ଖୋଲାଯାଇଛି। କାଉଣ୍ଟରରେ ଜାନୁଆରୀ ୧୩ରେ ହେବାକୁ ଥିବା ଭାରତ-ସ୍ପେନ ଏବଂ ୧୫ରେ ଭାରତ-ଇଂଲଣ୍ଡ ମଧ୍ୟରେ ହେବାକୁଥିବା ମ୍ୟାଚ୍‌ର ଟିକେଟ ମିଳୁ ନ ଥିବାରୁ ଅଧିକାଂଶ କ୍ରୀଡାପ୍ରେମୀ ନିରାଶ ହୋଇଛନ୍ତି। ତଥାପି ହକି ବିଶ୍ୱକପ୍ ଦେଖିବା ପାଇଁ ଟିକେଟ କାଉଣ୍ଟରରେ ପ୍ରତିଦିନ ଭିଡ଼ ଦେଖିବାକୁ ମିଳୁଛି। ୨୪ ତାରିଖରେ ଦକ୍ଷିଣ କୋରିଆ ସହ ଭାରତ ଦଳ ମଧ୍ୟରେ ଅଭ୍ୟାସ ମ୍ୟାଚ୍ ହେବ।

# ଦିବାରାତ୍ର କ୍ରିକେଟ: ଲିଟିଲ ଷ୍ଟାର ଚାମ୍ପିୟନ



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଝାରସୁଗୁଡ଼ା ଲିଟିଲ ଷ୍ଟାର ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୨୨।୧୨ (କ୍ରୀଡ଼ା ପ୍ରତିନିଧି):** ବନଦୁର୍ଗା କଲ୍‌ଚରାଲ ୟୁଥ୍ ଆସୋସିଏଶନ ଏବଂ ଜେନ୍-ନେଷ୍ଟ ୟୁଥ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୬ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ କଟକର ରକ୍‌ଷ୍ଟାର ଦଳକୁ ୫୨ ରନରେ ହରାଇ ଝାରସୁଗୁଡ଼ାର ଲିଟିଲ ଷ୍ଟାର ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ମୋଟ ୧୮ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ଯାତ୍ରା ଦଳ ପ୍ରଯୋଜକ କବିରାଜ ସ୍ୱାଇଁ, ବିଶିଷ୍ଟ କ୍ରିକେଟ କୋଚ୍ କ୍ଷୀରୋଦ ବେହେରା, କର୍ପୋରେଟର ଭରତ ଲେଙ୍କା, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ଶ୍ରୀଧର ବେହେରା, ପୁଷ୍ପା ରାଉତ, ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଲିଟିଲ ଷ୍ଟାର ଦଳକୁ ଟ୍ରଫି ସହ ୮୦,୦୦୦ ଏବଂ ରନରଅପ୍ ରକ୍‌ଷ୍ଟାର ଦଳକୁ ୫୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ